ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୬/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Thursday, January 6/2022 | ★★★★★★

୪୮ଶ ଭାଗ ୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଆଶା ସଞ୍ଚାର କଲେ ଏଲଗାର**

ଭାରତ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ୪୬ ରନରେ ଅପରାଜିତ ରହି ଦକ୍ଷିଣ ଆଫ୍ରିକା ପାଇଁ ବିଜୟ ଆଶା ସଞ୍ଚାର କରିଛନ୍ତି ଅଧିନାୟକ ଡିନ୍ ଏଲଗାର।

୦୮

୦୭

**୧୦୦ କୋଟିର ମାଲିକାଣୀ ଦୀପିକା**

୩୬ ବର୍ଷ ବୟସରେ ପାଦ ଥାପିଥିବା ବଲିଉଡ୍‌ର ଡିମ୍ପଲ ଗର୍ଲ ଦୀପିକା ପାଦୁକୋନ୍ ଶହେ କୋଟିର ମାଲିକାଣୀ।



# ବ୍ୟାପିଲା ଓମିକ୍ରନ୍, ଆଉ ୨୪ ଚିହ୍ନଟ

- ୫ ବିଦେଶ ଫେରନ୍ତା, ୧୯ ସ୍ଥାନୀୟ ସଂକ୍ରମିତ
- ବାଲେଶ୍ୱରରୁ ସର୍ବାଧିକ ୭ଜଣ
- ତାମିଲନାଡ଼ୁ ପଳାଇଛନ୍ତି ଜଣେ ଆକ୍ରାନ୍ତ

ଭୁବନେଶ୍ୱର, ୫।୧(ବ୍ୟୁରୋ)



ସାରା ଦେଶରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ି ଚାଲିଛି। ଓଡ଼ିଶାରେ ମଧ କରୋନାର ଏହି ନୂଆ ଭାରିଆଣ୍ଟ ବ୍ୟାପିବାରେ ଲାଗିଛି। ବୁଧବାର ରାଜ୍ୟରୁ ଆଉ ୨୪ ନୂଆ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍) ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦିଆଯାଇଛି। ଏହାକୁ ମିଶାଇ ରାଜ୍ୟରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୬୧ରେ ପହଞ୍ଚିଛି। ପୂର୍ବରୁ ରାଜ୍ୟରେ ଏହି ସଂଖ୍ୟା ୩୭ ଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚିହ୍ନଟ ହୋଇଥିବା ନୂଆ ଓମିକ୍ରନ ଆକ୍ରାନ୍ତଙ୍କ ମଧ୍ୟରେ ଅଧିକାଂଶ ସ୍ଥାନୀୟ ସଂକ୍ରମିତ। କମ୍ୟୁନିଟିରେ ଏହି ଭାରିଆଣ୍ଟ ରହିଥିବାରୁ ବହୁ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହେଉଥିବା ସ୍ୱାସ୍ଥ୍ୟ ବିଭାଗ କହିଛି।

ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ମୋଟ ୨୧୮ ନମୁନାର ଜିନୋମ ସିକ୍ୱେନ୍ସିଂ କରାଯାଇଥିଲା। ୨୪ଟିରେ ଓମିକ୍ରନ୍ ଭାରିଆଣ୍ଟ ମିଳିଛି। ଏମାନଙ୍କ ମଧ୍ୟରେ ୫ଜଣ ମହିଳା ଓ ୧୮ଜଣ ପୁରୁଷ ରହିଛନ୍ତି। ସମସ୍ତ ଆକ୍ରାନ୍ତଙ୍କ ବୟସ ୧୯ରୁ ୬୫ବର୍ଷ ମଧ୍ୟରେ ହେବ। ସେହିପରି ୫ ଜଣଙ୍କ ବିଦେଶ ଲିଙ୍କ୍ ରହିଥିବା ବେଳେ ବାକି ୧୯ ଜଣ ସ୍ଥାନୀୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | କ୍ଲାଇମେଟ୍ ଫାଇନାନ୍ସ

# ସ୍କୁଲ ବନ୍ଦ, ପରୀକ୍ଷା ଚାଲିବ

ଭୁବନେଶ୍ୱର, ୫।୧(ବ୍ୟୁରୋ)

କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ବେଗରେ ବୃଦ୍ଧି ପାଇବାରେ ଲାଗିଛି। ଦିନକୁ ଦିନ ସଂକ୍ରମଣ ବଢ଼ିଚାଲିଥିବାରୁ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଏହାକୁ କିପରି ନିୟନ୍ତ୍ରଣରେ ରଖାଯାଇ ପାରିବ ସେ ନେଇ ସରକାର ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଜାନୁୟାରୀ ମାସ ପାଇଁ ଗାଇଡ୍‌ଲାଇନ ଜାରି ହୋଇଥିଲେ ମଧ ଓମିକ୍ରନ୍ ସଂକ୍ରମଣକୁ ଦେଖି କଟକଣାକୁ ଆହୁରି କଡ଼ାକଡ଼ି କରାଯାଇଛି। ବୁଧବାର ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ନୂଆ ଗାଇଡ୍‌ଲାଇନ ଜାରି କରାଯାଇଛି। ସଂକ୍ରମଣ ବୃଦ୍ଧି ପାଉଥିବାରୁ ରାଜ୍ୟର ସମସ୍ତ ସହରାଞ୍ଚଳରେ ରାତି ୧୦ଟା ପରିବର୍ତ୍ତେ ୯ଟାରୁ ନାଇଟ୍ କର୍ଫ୍ୟୁ ଲାଗୁ ହେବ। ଜାନୁୟାରୀ ୭ରୁ ଫେବୃୟାରୀ ୧ ତାରିଖ ଯାଏ ଏହି କଟକଣା ଲାଗୁ ହେବ। ସଂକ୍ରମଣ ବଢୁଥିବାରୁ ରାଜ୍ୟର ସମସ୍ତ ସ୍କୁଲ, କଲେଜରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ କ୍ଲାସ୍ ବନ୍ଦ ରହିବ। କିନ୍ତୁ ଅନ୍‌ଲାଇନ ପାଠପଢ଼ା ଚାଲୁ ରହିବ।



**ସହରାଞ୍ଚଳରେ ରାତି ୯ରୁ ସକାଳ ୫ ନାଇଟ୍ କର୍ଫ୍ୟୁ**

ତେବେ ମାଟ୍ରିକ ଆସେସ୍‌ମେଣ୍ଟ ପରୀକ୍ଷା ଚାଲୁ ରହିବ ବୋଲି ଏସ୍‌ଆର୍‌ସି ପ୍ରଦୀପ କୁମାର ଜେନା ଏହି ସୂଚନା ଦେଇଛନ୍ତି। ତେବେ ଦଶମ,ଦ୍ୱାଦଶ ପିଲାଙ୍କ ପାଇଁ ଛୋଟ ଛୋଟ ବ୍ୟାଚ୍ ଡାଉଟ୍ କ୍ଲିୟରିଂ କ୍ଲାସ୍ ହୋଇପାରିବ। ରାଜ୍ୟରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିବ। ଏ ନେଇ ସମ୍ପୃକ୍ତ ବିଭାଗ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) ଜାରି କରିବେ।

ବାହାଘର, ବ୍ରତଘର ଓ ଶୁଦ୍ଧିକ୍ରିୟା ପାଇଁ ମଧ କଟକଣା କରାଯାଇଛି। ବାହାଘର ଓ ବ୍ରତଘରରେ ସର୍ବାଧିକ ୧୦୦ଲୋକ ଉପସ୍ଥିତ ରହିପାରିବେ। ସେହିପରି ଶୁଦ୍ଧିକାର୍ଯ୍ୟ ପାଇଁ ୫୦ ଜଣଙ୍କୁ ଅନୁମତି ମିଳିଛି। ଏହାଛଡ଼ା ବାହାଘର ଶୋଭାଯାତ୍ରାରେ ସର୍ବାଧିକ ୩୦ ଜଣଙ୍କୁ ଅନୁମତି ଦିଆଯାଇଛି। ତେବେ ବାହାଘର ଏବଂ ରିସେପ୍‌ଶନ ଛଡ଼ା ଅନ୍ୟ କାର୍ଯ୍ୟକ୍ରମକୁ ଅନୁମତି ନାହିଁ, ଯେପରି କି ହଳଦୀ, ମେହେନ୍ଦି ଭଳି କାର୍ଯ୍ୟକ୍ରମ ଆଦିକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ଦୋକାନ, ବଜାର, ମଲ୍‌ଗୁଡ଼ିକ ସକାଳ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ। ଯଦି କୌଣସି ମଲ୍‌ରେ ଭିଡ଼ ହେବ, ତା'ହେଲେ ଏଥିପାଇଁ ଦୋକାନ ମାଲିକ ଦାୟୀ ହେବେ। ଆଉ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ଦୋକାନକୁ ୭ଦିନ ଯାଏ ବନ୍ଦ କରାଯିବ ବୋଲି ଏସ୍‌ଆରସି କହିଛନ୍ତି। କେବଳ ଦୁଇଟି ଡୋଜ୍ ଟିକା ନେଇଥିବା ବ୍ୟକ୍ତିମାନେ ଶପିଂ ମଲ୍‌କୁ ଯାଇପାରିବେ। ୧୦୦ ଫୁଟ୍ ହଲ୍‌କୁ ଏକା ସମୟରେ ମାତ୍ର ୪ ଜଣ ଯାଇପାରିବେ। ସେହିପରି ରାଜନୈତିକ, ତାଲିମ କାର୍ଯ୍ୟକ୍ରମରେ ସର୍ବାଧିକ ୧୦୦ ଲୋକଙ୍କୁ ଅନୁମତି ଦିଆଯାଇଛି। ଇନ୍‌ଡୋର ହଲ୍‌ରେ କୌଣସି କାର୍ଯ୍ୟକ୍ରମ ହେଉଥିଲେ, ସେଥିରେ ୫୦% ଦର୍ଶକ ଉପସ୍ଥିତ ରହିପାରିବେ। ପର୍ଯ୍ୟଟନ ସ୍ଥାନଗୁଡ଼ିକରେ ପିକ୍‌ନିକ୍‌କୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିବା ବେଳେ କୌଣସି ହୋଟେଲ ଓ ପାର୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ପାରିବ ନାହିଁ। ସ୍କୁଲ କିମ୍ବା କଲେଜର ପିକ୍‌ନିକ୍, ଏକ୍ସକର୍ସନ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ମେଳା, ପ୍ରଦର୍ଶନୀ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ନନ୍ଦନକାନନ, ବଟାନିକାଲ ପାର୍କ ପାଇଁ ଅନ୍‌ଲାଇନ ଟିକେଟ ବାଧ୍ୟତାମୂଳକ କରାଯାଇଛି। ହୋଟେଲ, ବାର୍ ରାତି ୯ଟା ଯାଏ ଖୋଲା ରହିବ। ତେବେ ଏହାକୁ ୫୦% କ୍ଷମତାରେ ଚଲାଇବାକୁ ☞ପୃଷ୍ଠା-୪

**କରୋନା ଗାଇଡ୍‌ଲାଇନ୍**

- ୫୦%ରେ ଚାଲିବ ହୋଟେଲ, ରେଷ୍ଟୁରାଣ୍ଟ
- ବିବାହ, ବ୍ରତ ପାଇଁ ୧୦୦, ଶୁଦ୍ଧିକାର୍ଯ୍ୟ ପାଇଁ ୫୦ ଜଣଙ୍କୁ ଅନୁମତି
- ଅଙ୍ଗନୱାଡି କେନ୍ଦ୍ର ବନ୍ଦ




# ଅନ୍‌ଲାଇନରେ ନିଲାମ ବିଜ୍ଞାପନ


ଶବାନା ଆଜ୍‌ମୀ

## ବୁଲ୍ଲି ବାଈ ଝଡ଼

ପ୍ରଥମେ ସୁଲ୍ଲି ଡିଲ୍ସ ଏବେ ବୁଲ୍ଲି ବାଈ ଆପ୍। ଗତ ବର୍ଷ ସୁଲ୍ଲି ଡିଲ୍ସ ଆପ୍ ନିଷିଦ୍ଧ ହେବା ପରେ ବୁଲ୍ଲି ବାଈ ଆପ୍ଲିକେଶନକୁ ନେଇ ସଦ୍ୟ ବିବାଦ ମୁଣ୍ଡ ଟେକିଛି। ଏଥିରେ ମୁସଲମାନ ସମ୍ପ୍ରଦାୟର ମହିଳାଙ୍କୁ ନିଲାମ କରାଯିବା ସମ୍ପର୍କିତ ବିଜ୍ଞାପନକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି। ଆପ୍‌ରେ କଶ୍ମୀରର ଖବରଦାତା କ୍ୱାରାତୁଲେନ୍ ରେହବର୍, ଜଣାଶୁଣା ଅଭିନେତ୍ରୀ ଶବାନା ଆଜ୍‌ମୀ, ଦିଲ୍ଲୀ ହାଇକୋର୍ଟର ଜଣେ ବିଚାରପତିଙ୍କ ସ୍ତ୍ରୀ, ପୂର୍ବତନ ଖବରଦାତା ହିବା ବେଗ୍, ନୂଆଦିଲ୍ଲୀର ଜର୍ନାଲିଷ୍ଟ ଇସ୍‌ମତ୍ ଅରା, ମୁମ୍ବାଇର ଆଇନଜୀବୀ ଫତିମା ଜୋହ୍‌ରା ଖାନ୍, କଳାକାର ସମେୟାଙ୍କ ଫଟୋ ନିଲାମ ପାଇଁ ଅପ୍‌ଲୋଡ୍ କରାଯାଇଥିଲା। ଦୁର୍ବୃତ୍ତମାନେ ନୋବେଲ ଶାନ୍ତି ନୋବେଲ ପୁରସ୍କାର ବିଜୟିନୀ ପାକିସ୍ତାନର ମାଲାଲା ୟୁସଫଜାଇଙ୍କ ଫଟୋ ମଧ୍ୟ ଏଥିରେ ଶେୟାର କରିଥିଲେ। ଏ ବାବଦରେ ଜଣେ ଖବରଦାତାଙ୍କ ସମେତ କେତେଜଣ ମୁସଲମାନ ମହିଳା ଅଭିଯୋଗ ଆଣିବା ପରେ ଘଟଣା ସାମ୍ନାକୁ ଆସିଛି। ଏଥିରେ ପୋଲିସ ଜଣେ ୧୮ ବର୍ଷୀୟା ଯୁବତୀ ଏବଂ ୨ ଛାତ୍ରଙ୍କୁ ଗିରଫ କରିଛି। ମାମଲାରେ ଜଡ଼ିତ ଅନ୍ୟମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି।


ମାଲାଲା ୟୁସଫଜାଇ

## ଆପ୍‌ରେ କ'ଣ ଅଛି

ଓପନ ସୋର୍ସ ଡେଭେଲପର କମ୍ୟୁନିଟି ପ୍ଲାଟଫର୍ମ ଗିଟ୍‌ହବ୍‌ରେ 'ବୁଲ୍ଲି ବାଈ' ନାମରେ ଏକ ଆପ୍ଲିକେଶନ ଲଞ୍ଚ କରାଯାଇଥିଲା। ଗତ ଡିସେମ୍ବର ୩୧ରେ ଏହି ଆପ୍ଲିକେଶନକୁ ସେଟ୍‌ଅପ୍ କରାଯାଇଥିବା ଜଣାଯାଇଛି। ଏକ ଅଜଣା ଗୋଷ୍ଠୀ ଗିଟ୍‌ହବ୍ ପ୍ଲାଟଫର୍ମରେ ଏହାର କୋଡ୍ ହୋଷ୍ଟ କରିଥିଲେ। ଏହି ଆପ୍ ଗତ ବର୍ଷ ବିବାଦକୁ ଆସିଥିବା 'ସୁଲ୍ଲି ଡିଲ୍ସ' ଆପ୍ଲିକେଶନ ଭଳି। ଏଥିରେ ୟୁଜର୍ସମାନଙ୍କୁ ଜଣେ 'ସୁଲ୍ଲି' (ମହିଳାଙ୍କ ପ୍ରତି ଉଚ୍ଚାରଣ କରାଯାଉଥିବା ଏକ ଅପମାନଜନକ ଶବ୍ଦ) ଅଫର କରାଯାଉଥିଲା। ବୁଲ୍ଲି ବାଈ ଆପ୍ ଖୋଲିବା ପରେ ସମାନ ଢଙ୍ଗରେ ଏହାର ବ୍ୟବହାରକାରୀଙ୍କୁ ଜଣେ ଜଣାଶୁଣା ତଥା କୌଣସି କ୍ଷେତ୍ରରେ ଉଲ୍ଲେଖନୀୟ




କାର୍ଯ୍ୟ କରିଥିବା ମୁସଲମାନ ମହିଳାଙ୍କ ଫଟୋ ଦେଖାଯାଏ। ସେଥିରେ ଉକ୍ତ ମହିଳାଙ୍କୁ ବୁଲ୍ଲି ବାଈ ବୋଲି ଦର୍ଶାଯାଇଥାଏ। ସେହି ଫଟୋଗୁଡ଼ିକ ଫେସ୍‌ବୁକ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ ଭଳି ବିଭିନ୍ନ ସୋସିଆଲ ମିଡିଆ ସାଇଟ୍‌ରୁ ବେଆଇନ ଭାବେ ସଂଗ୍ରହ କରାଯାଏ। ପରେ ବୁଲ୍ଲି ବାଈ ଆପ୍‌ରେ ସେଗୁଡ଼ିକୁ ସମ୍ପୃକ୍ତ ମହିଳାଙ୍କ ବିନା ଅନୁମତିରେ ଅପ୍‌ଲୋଡ୍ କରାଯାଇ ନିଲାମ ପାଇଁ ବିଜ୍ଞାପନ ଦିଆଯାଏ। ୟୁଜର୍ସମାନେ ମନୋରଞ୍ଜନ ପାଇଁ ସେହି ମହିଳାଙ୍କ ଉପରେ ଅଶ୍ଳୀଳ କମେଣ୍ଟ ଦେଇଥିବା ଜଣାପଡ଼ିଛି। ଏଥିରେ ଜଣାଶୁଣା ମହିଳା ଖବରଦାତା, ଆକ୍ଟିଭିଷ୍ଟ, ଅଭିନେତ୍ରୀ ଓ ଆର୍ଟିଷ୍ଟଙ୍କୁ ବିଶେଷ କରି ମୁସଲମାନ ସମ୍ପ୍ରଦାୟକୁ ଟାର୍ଗେଟ କରାଯାଇଛି। @ବୁଲ୍ଲିବାଈ ନାମରେ ଏକ ଟୁଇଟର ହ୍ୟାଣ୍ଡେଲ କରାଯାଇ ସେଥିରେ ଜଣେ 'ଖଲିସ୍ତାନୀ ସମର୍ଥକ' ଲେଖାଥିବା ଡିସ୍‌ପ୍ଲେ ପିକ୍ଚର ଲଗାଯାଇଛି। ଏହି ଆପ୍ ଜରିଆରେ ମହିଳାମାନଙ୍କୁ ବୁକ୍ କରିପାରିବେ ବୋଲି ମଧ୍ୟ ଲେଖାଯାଇଛି।

## କାର୍ଯ୍ୟାନୁଷ୍ଠାନ, ଗିରଫଦାରି

'ବୁଲ୍ଲି ବାଈ' ବିବାଦ ପରେ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର ଦିଲ୍ଲୀ ଏବଂ ମୁମ୍ବାଇ ପୋଲିସ ସହଯୋଗରେ ଘଟଣାର ତଦନ୍ତ କରୁଥିବା ସେ କହିଛନ୍ତି। ଏ ନେଇ ଦିଲ୍ଲୀ ସାଇବର ପୋଲିସ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। ଘଟଣାରେ ଜଣେ ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଶ୍ୱେତା ସିଂ, ମୟଙ୍କ ରାୱଲ, ଇଞ୍ଜିନିୟରିଂ ଛାତ୍ର ବିଶାଲ କୁମାର ଝାଙ୍କୁ ଗିରଫ କରାଯାଇଛି। ଉତ୍ତରାଖଣ୍ଡରୁ ଗିରଫ ହୋଇଥିବା ଶ୍ୱେତା ସିଂ ଏହା ପଛର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। ସେ ବୁଲ୍ଲି ବାଈ ସମେତ ଆଉ ୩ ଆପ୍‌କୁ ନିୟନ୍ତ୍ରଣ କରୁଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। କୋଭିଡ୍‌ରେ ତାଙ୍କ ବାପା ଏବଂ ପୂର୍ବରୁ ତାଙ୍କ ମା'ଙ୍କ ମୃତ୍ୟୁ ହୋଇସାରିଛି। ଟଙ୍କା ପାଇଁ ସେ ଏପରି କରୁଥିଲେ ବୋଲି ଉତ୍ତରାଖଣ୍ଡ ପୋଲିସ କହିଛି।



## ଗିଟ୍‌ହବ୍ ପ୍ଲାଟ୍‌ଫର୍ମ

ଗିଟ୍‌ହବ୍ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ମଧ୍ୟରୁ ଅନ୍ୟତମ। ସଫ୍ଟୱେର ଡେଭେଲପର୍ସ ଏବଂ କୋଡିଂ କରୁଥିବା ଲୋକଙ୍କ ପାଇଁ ଏହି ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି। ଡେଭେଲପର୍‌ମାନେ ଏହି ପ୍ଲାଟଫର୍ମରେ ସେମାନଙ୍କ ସଫ୍ଟୱେର୍ ଏବଂ କୋଡ୍ ସେଭ୍ କରି ପରେ ତାହାକୁ ବ୍ୟବହାର କରିପାରିବେ। ଏଠାରେ ସୋର୍ସ କୋଡ୍ ଭାବେ ଜିଆଇଟି ବା ଗିଟ୍ ବ୍ୟବହାର କରାଯାଇ ଅପ୍‌ଲୋଡ୍ କରାଯାଇଥାଏ। ପରେ ସୁବିଧା ଅନୁସାରେ ସଫ୍ଟୱେରକୁ ଷ୍ଟୋର କିମ୍ବା ବ୍ୟବହାର କରାଯାଏ। ଅନ୍ୟ ଡେଭେଲପରମାନେ ମଧ୍ୟ ତାହାକୁ ଅଧିକ ବିକାଶ କିମ୍ବା ସେଥିରେ ଥିବା ତ୍ରୁଟି ସୁଧାରି ପାରିବେ। ଭର୍ସନ କଣ୍ଟ୍ରୋଲ




ମାଧ୍ୟମରେ ସଫ୍ଟୱେର ବାବଦରେ ଟ୍ରାକ୍ ମଧ୍ୟ କରାଯାଇପାରିବ। ଏବେ ଗିଟ୍‌ହବ୍‌ର ମାଲିକାନା ମାଇକ୍ରୋସଫ୍ଟ ପାଖରେ ରହିଛି। ୨୦୦୮ ଫେବୃୟାରୀରେ ଏହାକୁ ଲଞ୍ଚ କରାଯାଇଥିଲା। ଡିଜିଟାଲ୍ ପ୍ଲାଟଫର୍ମର ବ୍ୟବହାର ବଢ଼ିବା ସହିତ ଏହାର ଚାହିଦା ମଧ୍ୟ ବୃଦ୍ଧି ପାଇଛି। ୟୁଜର୍ସମାନେ ସେମାନଙ୍କ ପ୍ରୋଜେକ୍ଟ ସୋର୍ସ ହୋଷ୍ଟ କରିବା ପରେ ଅନ୍ୟ ପ୍ରୋଗ୍ରାମରମାନେ ସଫ୍ଟୱେରକୁ ବିକାଶ କରିବାରେ ମଧ୍ୟ ସାମିଲ ହୋଇଥାନ୍ତି। ଗିଟ୍‌ହବ୍‌ରେ ଯେ କେହି ମାଗଣାରେ ଆକାଉଣ୍ଟ ଖୋଲିପାରିବେ। ତେବେ ପୂର୍ବରୁ ସୁଲ୍ଲି ଡିଲ୍ସ ଏବଂ ଏବେ ବୁଲ୍ଲି ବାଈ ଆପ୍ଲିକେଶନକୁ ନେଇ ଗିଟ୍‌ହବ୍ ପ୍ଲାଟଫର୍ମ ବିବାଦ ଘେରକୁ ଆସିଛି।

## ଟେଲିଗ୍ରାମ୍‌ରେ ହିନ୍ଦୁ ମହିଳାଙ୍କୁ ଟାର୍ଗେଟ

ବୁଲି ବାଈ ବିବାଦ ନ ଥମୁଣୁ ଫେସ୍‌ବୁକ୍, ଟେଲିଗ୍ରାମ ଭଳି ସୋସିଆଲ ମିଡିଆ ଆପ୍ଲିକେଶନରେ ହିନ୍ଦୁ ମହିଳାଙ୍କୁ ଟାର୍ଗେଟ କରାଯାଇଛି। ଏ ନେଇ ବୁଧବାର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦୃଷ୍ଟିକୁ ଅଣାଯାଇଛି। ହିନ୍ଦୁ ମହିଳାଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଆସିଥିବା ନେଇ ଟେଲିଗ୍ରାମର ଏକ ଚ୍ୟାନେଲକୁ ବ୍ଲକ୍ କରାଯାଇଥିବା ମନ୍ତ୍ରୀ ବୈଷ୍ଣବ କହିଛନ୍ତି। ଜଣେ ଭେରିଫାଏଡ୍ ୟୁଜର ଏହି ନିର୍ଦ୍ଦିଷ୍ଟ ଟେଲିଗ୍ରାମ ଚ୍ୟାନେଲ ବିରେଧରେ ଅଭିଯୋଗ କରିଥିଲେ। ଏଥିରେ ବିଶେଷ କରି ହିନ୍ଦୁ ମହିଳାଙ୍କ ଅଶ୍ଳୀଳ ଫଟୋ ଅପ୍‌ଲୋଡ୍ କରାଯିବା ସହ ଆପତ୍ତିଜନକ ତଥା ଘୃଣା ସୃଷ୍ଟି ମନ୍ତବ୍ୟ ଦିଆଯାଇଥିଲା। ଜୁନ୍ ୨୦୨୧ ରେ ଏହି ଚ୍ୟାନେଲ ସୃଷ୍ଟି କରାଯାଇଥିବା ଜଣାପଡ଼ିଛି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଟି ମନ୍ତ୍ରୀ କହିଛନ୍ତି।

## ଗିଟ୍‌ହବ୍‌ର ସଫେଇ

ବୁଲ୍ଲି ବାଈ ଆପ୍ଲିକେଶନକୁ ନେଇ ବିବାଦ ସୃଷ୍ଟି ହେବା ପରେ ଗିଟ୍‌ହବ୍ ନିଜ ପ୍ଲାଟଫର୍ମରୁ ଏହି ଆପ୍‌କୁ ହଟାଇ ଦେଇଛି। ତେବେ ଏଥିପାଇଁ କିଏ ଦାୟୀ ସେ ସମ୍ପର୍କରେ କୌଣସି ପ୍ରତିକ୍ରିୟା ରଖିନାହିଁ। ନିର୍ଯାତନା, ଭେଦଭାବ, ହିଂସା, ବେଆଇନ ଆଚରଣ ବାବଦରେ କୌଣସି ବିଷୟବସ୍ତୁ ବିରୋଧରେ ଗିଟ୍‌ହବ୍‌ର ସ୍ୱତନ୍ତ୍ର ନୀତି ରହିଛି। ବୁଲ୍ଲି ବାଈ ଅଭିଯୋଗ ଆସିବା ପରେ ତଦନ୍ତ କରାଯାଇ ଏଥିରେ ସମ୍ପୃକ୍ତ ବ୍ୟବହାରକାରୀଙ୍କ ଆକାଉଣ୍ଟକୁ ସସ୍‌ପେଣ୍ଡ କରାଯାଇଥିବା ଗିଟ୍‌ହବ୍ ପକ୍ଷରୁ ଏକ ଏକ ବିବୃତିରେ କୁହାଯାଇଛି।



ରାଜ୍ୟ ଖବର

## ଆଜି ଆସିବେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

**ଭୁବନେଶ୍ୱର, ୫।୧(ବ୍ୟୁରୋ):** କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବୈଷ୍ଣବ ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ବିଏସ୍‌ଏନ୍‌ଏଲ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟର ଗ୍ରାମାଞ୍ଚଳରେ ୩,୯୩୩ ମୋବାଇଲ ଟାୱାର ଏବଂ ୨୦୭ ନୂତନ ପୋଷ୍ଟ ଅଫିସର ଶୁଭ ଉଦ୍‌ଘାଟନ କରିବେ। ଏହାପରେ ସେ ଭିଡିଓ କନ୍‌ଫରେନ୍ସରେ ତପସ୍ୱିନୀ ଏକ୍ସପ୍ରେସ୍ ଓ ରାଜଧାନୀ ଏକ୍ସପ୍ରେସ୍‌ର ସଂଯୋଗୀକରଣର ଶୁଭାରମ୍ଭ କରିବା କାର୍ଯ୍ୟକ୍ରମ ରହିଛି। ସେ ୭ ତାରିଖରେ କଟକ ଚଣ୍ଡୀମନ୍ଦିର ଯାଇ ମା'ଙ୍କୁ ଦର୍ଶନ କରିବା ପରେ ସେଠାରେ ଏକ ନୂତନ ମୋବାଇଲ ହେଲ୍‌ଥ ୟୁନିଟର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେବେ। କଟକ ରେଳଷ୍ଟେଶନର ପରିଦର୍ଶନ ଏବଂ ୨ୟ ପ୍ରବେଶ ଦ୍ୱାରର ଶୁଭ ଉଦ୍‌ଘାଟନ କରିବା ପରେ ବୈଷ୍ଣବ ବାଲେଶ୍ୱର ଗସ୍ତ କରିବେ। ବାଲେଶ୍ୱରଠାରେ ବାଲେଶ୍ୱର-ଭୁବନେଶ୍ୱର ପ୍ରଥମ ମେମୁ ପାସେଞ୍ଜର ଟ୍ରେନ୍ ଯାତ୍ରାର ଶୁଭାରମ୍ଭ କରିବା ପରେ ନୀଳଗିରି ଯାଇ ବାଲେଶ୍ୱର-ନୀଳଗିରି ରେଳପଥର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ସେ ଯୋଗଦେବେ। କ୍ଷୀରଚୋରା ଗୋପୀନାଥ ମନ୍ଦିର ଦର୍ଶନ କରିବା ପରେ କେନ୍ଦ୍ରମନ୍ତ୍ରୀ ବସ୍ତା ଗସ୍ତ କରି ରେଳଷ୍ଟେଶନର ଉନ୍ନତୀକରଣ ଏବଂ ଭଦ୍ରକ-ଖଡଗପୁର ୩ୟ ରେଳଲାଇନ କାର୍ଯ୍ୟର ତଦାରଖ କରିବେ।


ପୋଲିସ ମହା ନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ବୁଧବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

## ବୀଣାପାଣି ମହାନ୍ତିଙ୍କୁ ପଦ୍ମଶ୍ରୀ ପ୍ରଦାନ

**କଟକ ଅଫିସ, ୫।୧**

ଜୀବନବ୍ୟାପୀ ସାହିତ୍ୟ ସାଧନା ଓ ସାହିତ୍ୟ ଜଗତର ଅମ୍ଳାନ ପ୍ରତିଭା ବୀଣାପାଣି ମହାନ୍ତିଙ୍କୁ ୨୦୨୦ ମସିହା ନିମନ୍ତେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଦ୍ମଶ୍ରୀ ଉପାଧିରେ ଭୂଷିତ କରିଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ହେତୁ ବୀଣାପାଣି ପଦ୍ମଶ୍ରୀ ଉପାଧି ଗ୍ରହଣ କରିବାକୁ ଦିଲ୍ଲୀ ଯାଇପାରି ନ ଥିଲେ। ଏଣୁ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ବୁଧବାର ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ସ୍ୱରାଷ୍ଟ୍ର ବିଭାଗ ଜରିଆରେ ପ୍ରାପ୍ତ ପଦ୍ମଶ୍ରୀ ଉପାଧିକୁ ବୀଣାପାଣିଙ୍କୁ ବାଦାମବାଡ଼ିସ୍ଥିତ ତାଙ୍କ ବାସଭବନରେ ପ୍ରଦାନ କରିଥିଲେ। ଏହି ସମୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଅଶୋକ କୁମାର ଷଡଙ୍ଗୀ ଉପସ୍ଥିତ ଥିଲେ।



## ଘରୋଇ ସଂସ୍ଥା ହାତକୁ ଯିବ ଭକ୍ତନିବାସ

**ପୁରୀ ଅଫିସ,୫।୧**

ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ପାଇଁ ଥିବା ଭକ୍ତନିବାସକୁ ପ୍ରଶାସନ ଏବେ ଘରୋଇକରଣ କରିବାକୁ ଯୋଜନା ଚଳାଇଛି। ସୁଲଭ ମୂଲ୍ୟରେ ରହଣି ପାଇଁ ଥିବା ବଗଲା ଧର୍ମଶାଳାକୁ ବିକ୍ରି କରିଦିଆଯିବା ପରେ ଏହି ବିକଳ୍ପ ଶେଷ ହୋଇଥିଲା। ଏବେ ପୁଣି ଭକ୍ତନିବାସର ଘରୋଇକରଣ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଗତ ମାର୍ଚ୍ଚ ୨୮ରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଭକ୍ତନିବାସ ଘରୋଇକରଣ ଏବଂ ପିପିପି (ପବ୍ଲିକ୍-ପ୍ରାଇଭେଟ୍ ପାର୍ଟନରଶିପ୍) ମୋଡ୍‌ରେ ଚଳାଇବା ଲାଗି ଆଲୋଚନା ହୋଇଥିଲା। ଏନେଇ ନଭେମ୍ବର ୧୭ରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ମନ୍ଦିର ପ୍ରଶାସନ ଅଧୀନରେ ଥିବା ୩ଟି ଭକ୍ତନିବାସ ମଧ୍ୟରୁ ଗୋଟିଏର ପରିଚାଳନା ଦାୟିତ୍ୱ ଶ୍ରୀମନ୍ଦିର ପ୍ରଶାସନ ନିଜ ପାଖରେ ରଖିଥିବା ବେଳେ ଅନ୍ୟ ଦୁଇଟିକୁ ଦୀର୍ଘମିଆଦୀ ଲିଜ୍‌ରେ ଦେବା ପାଇଁ ସ୍ଥିର କରିଛି। ଭକ୍ତନିବାସକୁ ଘରୋଇ ସଂସ୍ଥାକୁ ଦୀର୍ଘ ମିଆଦୀ ଲିଜ୍ ଆକାରରେ ପ୍ରଦାନ କରିବା ନିଷ୍ପତ୍ତି ଶ୍ରୀମନ୍ଦିର ପ୍ରଶାସନ ପାଇଁ ଲାଭଦାୟକ ହୋଇପାରେ ମାତ୍ର ଏହା ଯାତ୍ରୀ ଓ ପର୍ଯ୍ୟଟକଙ୍କ ସ୍ୱାର୍ଥବିରୋଧୀ ବୋଲି ସାଧାରଣରେ ମତପ୍ରକାଶ ପାଇଛି। କଂଗ୍ରେସ ନେତା ସ୍ୱାଧୀନ ପଣ୍ଡା କହିଛନ୍ତି, ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟରେ ସତ୍ୟପାଠ ଦାଖଲ କରି ୧୦ହଜାର ଗରିବ ଭକ୍ତଙ୍କ ରହଣି ବ୍ୟବସ୍ଥା କରିବା କଥା କହିଥିଲେ, ଯାହାକୁ ଏପର୍ଯ୍ୟନ୍ତ ପୂରଣ କରିପାରିଲେ ନାହିଁ। ଅନ୍ୟପକ୍ଷରେ ଭକ୍ତନିବାସକୁ ଘରୋଇ ସଂସ୍ଥା ହାତକୁ ଟେକି ଦିଆଯାଉଛି। ଏହାଦ୍ୱାରା ଯାତ୍ରୀ ଶୋଷଣର ଶିକାର ହେବେ ଏବଂ ଶ୍ରୀମନ୍ଦିର ପ୍ରଶାସନ ବଦନାମ ହେବ ବୋଲି ପଣ୍ଡା କହିଛନ୍ତି। ସେହିପରି ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି, ଘରୋଇ କମ୍ପାନୀ ହାତକୁ ଦୀର୍ଘମିଆଦ ଲିଜ୍ ଆକାରରେ ଭକ୍ତନିବାସକୁ ଟେକିଦେବାର ଅର୍ଥ ସରକାରଙ୍କ ପାଇଁ ଏହା ଏକ ଲାଭଦାୟକ ସଂସ୍ଥା ହୋଇନାହିଁ। ଯଦି ଏହି କଥା ସତ୍ୟ ତେବେ ଗୋଟିଏ ପରେ ଗୋଟିଏ ଭକ୍ତନିବାସ ନିର୍ମାଣ କରାଯାଇ ସରକାରୀ ଅର୍ଥକୁ ନଷ୍ଟ କରାଯାଉଛି କାହିଁକି। ଲୋକଙ୍କ ଲାଗି ସ୍ୱଳ୍ପ ମୂଲ୍ୟରେ ରହିବା ପାଇଁ ଶ୍ରୀକ୍ଷେତ୍ରରେ ବ୍ୟବସ୍ଥା କରିବା ପରିବର୍ତ୍ତେ ସରକାର ଭକ୍ତନିବାସର ବ୍ୟବସାୟୀକରଣ କରିବାକୁ ଚାହୁଁଛନ୍ତି ବୋଲି ବରାଳ କହିଛନ୍ତି। ବିଗତ ଦିନରେ ଭକ୍ତନିବାସର କର୍ମଚାରୀମାନେ ଅନେକଥର ଶ୍ରୀମନ୍ଦିର ପ୍ରଶାସନ ଦରମା ଆବଣ୍ଟନରେ ପାତରଅନ୍ତର କରୁଥିବା ଅଭିଯୋଗ ଆଣିଥିଲେ। ତେଣୁ ଏଭଳି ଅସନ୍ତୋଷ ମଧ୍ୟରେ ସ୍ଥିତି ଆହୁରି ଖରାପ ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି, ଭକ୍ତନିବାସକୁ ପିପିପି ମୋଡ୍‌ରେ ଚଳାଇବା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ପ୍ରସ୍ତାବ କେବଳ ଆଲୋଚନା ପର୍ଯ୍ୟାୟରେ ରହିଛି।



- ପ୍ରଶାସନ ପକ୍ଷରୁ ଚାଲିଛି ଯୋଜନା
- ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଅସନ୍ତୋଷ

## କରୋନା ସଂକ୍ରମଣ ସ୍ଥିତି



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୯,୬୧,୪୬,୦୨୩ | ୫୪,୭୭,୪୦୫ | ୨୫,୬୩,୯୦,୦୭୬ |
| ଭାରତ | ୩,୫୦,୧୮,୩୫୮ | ୪,୮୨,୫୫୧ | ୩,୪୩,୨୧,୮୦୩ |
| ଓଡ଼ିଶା | ୧୦,୫୭,୮୭୬ | ୮୪୬୬(+୫୩) | ୧୦,୪୫,୫୧୪ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ରାଜ୍ୟରେ ତୃତୀୟ ଲହର

**ଦିନକରେ ୭୯% ବଢ଼ିଗଲା ସଂକ୍ରମଣ**

- ଚିହ୍ନଟ ହେଲେ ୧,୨୧୬ , ଆଉ ୨ ମୃତ
- ରାଜ୍ୟରେ ସଂକ୍ରମଣ ହାର ୧.୭୭%କୁ ବୃଦ୍ଧି
- ଖୋର୍ଦ୍ଧା ୫.୪%, ସୁନ୍ଦରଗଡ଼ ୪.୨%, ସମ୍ବଲପୁର ୩.୫%

ଭୁବନେଶ୍ୱର, ୫।୧(ବ୍ୟୁରୋ)

ରାଜ୍ୟରେ କରୋନା ଭୂତାଣୁ ଏବେ ପୁଣି ସକ୍ରିୟ ହୋଇଉଠିଛି। ପ୍ରତିଦିନ ଆକ୍ରାନ୍ତ ସଂଖ୍ୟା ବହୁଗୁଣିତ ହେବାରେ ଲାଗିଛି। ମଙ୍ଗଳବାର ୭ଶହ ପାଖାପାଖି ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ବୁଧବାର ଏଥିରେ ୭୯% ବୃଦ୍ଧି ପାଇଛି। ଏକାଥରକେ ୨୮ ଜିଲାରୁ ୧,୨୧୬ଜଣ ପଜିଟିଭ୍ ବାହାରିଛନ୍ତି। ଏଥିସହ ରାଜ୍ୟରେ ଦୈନିକ ସଂକ୍ରମଣ ହଜାରେ ଟ୍ରେଣ୍ଡ୍ ଆରମ୍ଭ ହୋଇଥିବା କୁହାଯାଉଛି। ଗୋଟିଏ ପଟେ କରୋନା ସ୍ଥିତି ଜଟିଳ ହେଉଥିବାବେଳେ ଅନ୍ୟପଟେ ଏହାର ନୂଆ ଭାରିଆଣ୍ଟ ଓମିକ୍ରନ ମଧ୍ୟ ଲଗାତର ବଢ଼ିବାରେ ଲାଗିଛି। ରାଜ୍ୟରେ ସଂକ୍ରମଣ ଆହୁରି ବୃଦ୍ଧି ପାଇବ ବୋଲି ପୂର୍ବରୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଥିଲେ। ଏବେ ଲଗାତର ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ୁଥିବାରୁ ବିଶେଷଜ୍ଞମାନେ ଏହାକୁ ତୃତୀୟ ଲହର ବୋଲି କହିଛନ୍ତି। ତେବେ ଓମିକ୍ରନ ଡେଲ୍‌ଟାଠାରୁ ତିନି-ଚାରି ଗୁଣା ଅଧିକ ସଂକ୍ରାମକ ହୋଇଥିବାରୁ ଏଥିରେ ଅଧିକ ଲୋକ ଆକ୍ରାନ୍ତ ହେବା ସମ୍ଭାବନା ରହିଛି। କିନ୍ତୁ ଏଯାଏ କୌଣସି ଓମିକ୍ରନ ଆକ୍ରାନ୍ତ ବେଶି ଗୁରୁତର ହୋଇ ନ ଥିଲେ ମଧ୍ୟ ବିଶେଷଜ୍ଞମାନେ ସତର୍କ ଓ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି।



ଗତ ୨୪ ଘଣ୍ଟାରେ ରାଜ୍ୟରେ ୬୮,୮୬୮ ନମୁନା ପରୀକ୍ଷା କରାଯାଇଥିଲା। ୧,୨୧୬ ରିପୋର୍ଟ ପଜିଟିଭ୍ ଆସିଛି ଓ ଦୈନିକ ସଂକ୍ରମଣ ହାର ୧.୭୭%କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ କ୍ୱାରାଣ୍ଟାଇନରୁ ୭୧୦ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ଆକ୍ରାନ୍ତ ୫୦୬ଜଣ ରହିଛନ୍ତି। ସେହିପରି ୧୮ ବର୍ଷରୁ କମ୍ ବର୍ଗର ୧୮୭ଜଣ ଅଛନ୍ତି। ଖୋର୍ଦ୍ଧା, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲାର ସ୍ଥିତି ଉଦ୍‌ବେଗଜନକ ରହିଛି। ଏହି ୩ ଜିଲାରେ ସଂକ୍ରମଣ ହାର ୩% ଉପରକୁ ଚାଲିଯାଇଛି। ଖୋର୍ଦ୍ଧାରେ ସର୍ବାଧିକ ସଂକ୍ରମଣ ହାର ୫.୪% ଥିବାବେଳେ ସୁନ୍ଦରଗଡ଼ ୪.୨% ଓ ସମ୍ବଲପୁର ୩.୫% ରହିଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୫୬ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସୁନ୍ଦରଗଡ଼ ୧୬୬ ଓ ସମ୍ବଲପୁରରୁ ୯୯ଜଣ ପଜିଟିଭ୍ ବାହାରିଛନ୍ତି। ସେହିପରି କଟକରୁ ୮୦, ଯାଜପୁର ୪୭, ମୟୂରଭଞ୍ଜ ୪୦, ଝାରସୁଗୁଡ଼ା ୩୩, ପୁରୀ ୩୦, କେନ୍ଦୁଝର ୨୫, ନବରଙ୍ଗପୁର ଓ ଜଗତ୍‌ସିଂହପୁରରୁ ୧୩ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବାକିସବୁ ଜିଲାରୁ ନୂଆ ସଂକ୍ରମିତଙ୍କ ସଂଖ୍ୟା ୧୦ ତଳେ ରହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୦,୫୭,୮୭୬କୁ ବୃଦ୍ଧି ପାଇଛି। ସେହିଭଳି ଆଉ ଦୁଇଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବାରୁ ଏହି ସଂଖ୍ୟା ୮,୪୬୬ରେ ପହଞ୍ଚିଛି। ସେହିପରି ରାଜ୍ୟରେ ଆଉ ୧୩୮ଜଣ ସୁସ୍ଥ ହେବା ପରେ ଏବେ ଆରୋଗ୍ୟଙ୍କ ସଂଖ୍ୟା ୧୦,୪୫,୫୧୪କୁ ବୃଦ୍ଧି ପାଇଛି। ବର୍ତ୍ତମାନ ରାଜ୍ୟରେ ମୋଟ ୩,୮୪୩ ସକ୍ରିୟ ରୋଗୀ ରହିଛନ୍ତି। ଏଥିମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧,୪୯୯ଜଣ ରହିଛନ୍ତି।

## ସଂକ୍ଷେପରେ

### ୧୦ ଜିଲାକୁ ଘନ କୁହୁଡ଼ି ସତର୍କତା

ଭୁବନେଶ୍ୱର, ୫।୧(ବ୍ୟୁରୋ) - ସାରା ରାଜ୍ୟରେ ଏବେ ଶୀତ ଅନୁଭୂତ ହେଉଛି। କିନ୍ତୁ ଘନ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଶୁକ୍ରବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ୧୦ଟି ଜିଲାକୁ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସେହି ଜିଲାଗୁଡ଼ିକ ହେଲା ସୋନପୁର, ବୌଦ୍ଧ, ନୟାଗଡ଼, କନ୍ଧମାଳ, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ। ଏଥିସହିତ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ଅଳ୍ପ କୁହୁଡ଼ି ଦେଖାଦେବ। ସେପଟେ ବୁଧବାର ଫୁଲବାଣୀରେ ସର୍ବନିମ୍ନ ୮.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ଜି. ଉଦୟଗିରି ୮.୮, ଦାରିଙ୍ଗବାଡ଼ି ୯, ସିମିଳିଗୁଡ଼ା ୯.୧, ଟିଟିଲାଗଡ଼ ୯.୮, କେନ୍ଦୁଝର ୧୦.୨, ସୋନପୁର ୧୧, ଅନୁଗୋଳ ୧୧, କୋରାପୁଟ ୧୧.୫, ଝାରସୁଗୁଡ଼ା ୧୧.୮, ଚାନ୍ଦବାଲି ୧୧.୯, ବାରିପଦା ୧୨, ସୁନ୍ଦରଗଡ଼ ୧୨, ଭୁବନେଶ୍ୱର ୧୨.୨ ଓ କଟକର ତାପମାତ୍ରା ୧୨.୬ ଡିଗ୍ରୀ ରହିଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାତିର ତାପମାତ୍ରା ୩ ରୁ ୪ ଡିଗ୍ରୀ ହ୍ରାସ ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ପୂର୍ବାନୁମାନ କରିଛି।

### ମାଲ୍ ବୋଝେଇ ଗାଡ଼ି ବକେୟା ଟିକସ ଦେୟ ସୀମା ବଢ଼ିଲା

ଭୁବନେଶ୍ୱର,୫।୧(ବ୍ୟୁରୋ)- କୋଭିଡ୍-୧୯ ମହାମାରୀ ଯୋଗୁ ସୃଷ୍ଟ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ବାଣିଜ୍ୟ ଏବଂ ପରିବହନ ବିଭାଗ ପକ୍ଷରୁ ମୋଟର ଯାନ(ଏମ୍‌ଭି) ଟିକସ ଏବଂ ସାମଗ୍ରୀ ପରିବହନ ପାଇଁ ଅତିରିକ୍ତ ଟିକସ ପ୍ରଦାନ ପାଇଁ ଧାର୍ଯ୍ୟ ସମୟ ସୀମାକୁ ବୃଦ୍ଧି କରାଯାଇଛି। ଜାନୁୟାରୀରୁ ମାର୍ଚ୍ଚ ତ୍ରୈମାସିକ ମଧ୍ୟରେ ପଇଠ ହେବାକୁ ଥିବା ଦେୟର ସମୟକୁ ଫେବୃୟାରୀ ୨୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କୋଭିଡ୍ ମହାମାରୀ ଯୋଗୁ ସାମଗ୍ରୀ ପରିବହନ ବ୍ୟବସାୟ ବହୁ ମାତ୍ରାରେ ପ୍ରଭାବିତ ହୋଇଛି। ତେଣୁ ଉକ୍ତ ସାମଗ୍ରୀ ପରିବହନ କରୁଥିବା ଯାନର ମାଲିକମାନେ ୨୦୨୨ ଜାନୁୟାରୀରୁ ମାର୍ଚ୍ଚ ତ୍ରୈମାସିକ ଏମ୍‌ଭି ଟିକସ ପୂର୍ବ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପଇଠ କରିପାରି ନାହାନ୍ତି। ତେଣୁ ଗାଡ଼ି ମାଲିକମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ବିଚାର କରି ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜାରି ବିଜ୍ଞପ୍ତିରେ ପ୍ରକାଶ ପାଇଛି।

### ଭିସିରେ ଆସି ୩ କାର୍ଯ୍ୟକ୍ରମରେ ଯୋଗଦେବେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୫।୧(ବ୍ୟୁରୋ): ବହୁଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ଘଟଣାରେ ମୃତ୍ୟୁବରଣ କରିଥିବା କୁଳମଣି ବରାଳ ଏବଂ ଦିବ୍ୟସିଂହ ବରାଳଙ୍କ ଉଦ୍ଦେଶ୍ୟରେ ଗୁରୁବାର କଟକ ଜିଲା ମାହାଙ୍ଗାଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନ୍‌ଫରେନ୍ସରେ ଯୋଗଦେବେ। ଏହାପରେ ଧର୍ମେନ୍ଦ୍ର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ବିଏସ୍‌ଏନ୍‌ଏଲ୍ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟର ଗ୍ରାମାଞ୍ଚଳରେ ୩୯୩୩ ମୋବାଇଲ ଟାୱାର ଏବଂ ୨୦୭ ନୂତନ ପୋଷ୍ଟ ଅଫିସର ଶୁଭ ଉଦ୍‌ଘାଟନ କରିବେ। ଏହାସହ ତପସ୍ୱିନୀ ଏକ୍ସପ୍ରେସ୍ ଓ ରାଜଧାନୀ ଏକ୍ସପ୍ରେସ୍‌ର ସଂଯୋଗୀକରଣର ଶୁଭାରମ୍ଭ ଭିଡିଓ କନ୍‌ଫରେନ୍ସରେ କରିବେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସ୍ୱେଟର ମିଳିବ

ଭୁବନେଶ୍ୱର, ୫।୧(ବ୍ୟୁରୋ): ଶୀତରୁ ରକ୍ଷା ପାଇବା ପାଇଁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାର ସ୍ୱେଟର ଯୋଗାଇଦେବେ। ରାଜ୍ୟରେ ଥିବା ୧୦୪ଟି ଶିକ୍ଷାନୁଷ୍ଠାନ (ସ୍ୱତନ୍ତ୍ର ବିଦ୍ୟାଳୟ)ର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସ୍ୱେଟର ପାଇଁ ଅର୍ଥ ମଞ୍ଜୁର କରାଯାଇଛି।






# ଗାଁକୁ ଆସି ଗଛ ଚଢ଼ିଲା ଭାଲୁ

- ଜାଲ ବିଛାଇ ଉଦ୍ଧାରକଲା ବନ ବିଭାଗ
- କେହି ଭାଲୁକୁ ମାରିଥିବା ତୀର ଲାଖିଥିଲା ଗଛରେ
- ସୁସ୍ଥ ହେବା ପରେ ଜଙ୍ଗଲରେ ଛଡ଼ାଯିବ: ବନାଞ୍ଚଳ ଅଧିକାରୀ

ମାଲକାନଗିରି,୫।୧ (ଡି.ଏନ୍.ଏ.)

ମାଲକାନଗିରି ଜିଲାର ବିଭିନ୍ନ ଜଙ୍ଗଲରୁ ଭାଲୁଗୁଡ଼ିକ ଖାଦ୍ୟ ଅନ୍ୱେଷଣରେ ଗ୍ରାମାଭିମୁଖୀ ହେଉଛନ୍ତି। ବୁଧବାର ଏପରି ଏକ ଘଟଣା ଘଟିଛି। ଗୋଟିଏ ଭାଲୁ ଖାଦ୍ୟ ଅନ୍ୱେଷଣରେ ଏକ ଗ୍ରାମକୁ ଆସି ଜଙ୍ଗଲକୁ ଯାଇ ନ ପାରି ଗୋଟିଏ ଗଛ ଉପରେ ଚଢ଼ି ରହିଥିବା ଜଣାପଡ଼ିଛି। ଏପରି ଘଟଣା ମାଲକାନଗିରି ବନାଞ୍ଚଳ ଗୋରାଖୁଣ୍ଟା ପଞ୍ଚାୟତ ଏମ୍‌ଭି- ୨୦ ଗ୍ରାମରେ ଦେଖିବାକୁ ମିଳିଛି।

ଖାଦ୍ୟ ଅନ୍ୱେଷଣରେ ନିକଟସ୍ଥ ଜଙ୍ଗଲରୁ ଆସି ଭାଲୁଟିଏ ଏମ୍‌ଭି-୨୦, ଏମ୍‌ଭି-୧୬ ଓ ଏମ୍‌ଭି-୧୭ ଗ୍ରାମାଞ୍ଚଳରେ ବୁଲୁଥିବା ଲୋକମାନେ ପୂର୍ବରୁ ଦେଖିଥିଲେ। ତେବେ ବୁଧବାର ଲୋକଙ୍କ ଭୟରେ ଭାଲୁଟି ଏମ୍‌ଭି- ୨୦ ଗ୍ରାମ ବିଦ୍ୟାଳୟ ସମ୍ମୁଖରେ ଥିବା ପୋଖରୀ ନିକଟସ୍ଥ ଏକ ଗଛ ଉପରେ ଚଢ଼ି ଦୀର୍ଘ ସମୟ ଧରି ରହିଥିଲା। ଏହା ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ବନାଞ୍ଚଳ ଅଧିକାରୀ ଜଗନ୍ନାଥ ବିଶୋୟୀ ଟିମ୍ ସହ ପହଞ୍ଚି ଦୀର୍ଘ ସମୟ ଜାଲ ପକାଇ ସତର୍କତାର ସହ ଜଗିରହି ସନ୍ଧ୍ୟାରେ ଭାଲୁଟିକୁ ଉଦ୍ଧାର କରିଥିଲେ। ତେବେ ବନ କର୍ମଚାରୀ ପହଞ୍ଚିବା ପୂର୍ବରୁ ଭାଲୁଟିକୁ କେହି ଜଣେ ତୀର ମାରିଥିବା ଦେଖିବାକୁ ମିଳିଛି। ତୀରଟି ଭାଲୁ ଦେହରେ ନ ବାଜି ଗଛଡାଳରେ ବାଜି ଲାଖି ରହିଥିବା ଉଦ୍ଧାର ବେଳେ କର୍ମଚାରୀମାନେ ଜାଣିବାକୁ ପାଇଛନ୍ତି। ମାଲକାନଗିରି ଡାକ୍ତରଖାନାରେ ଭାଲୁର ଚିକିତ୍ସା କରାଯାଉଛି। ସୁସ୍ଥ ହେବା ପରେ ଜଙ୍ଗଲରେ ଛଡ଼ାଯିବ ବୋଲି ବିଶୋୟୀ କହିଛନ୍ତି।



ଗଛ ଉପରେ ବସିଥିବା ଭାଲୁ।


ନ୍ୟାସନାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉପକ୍ରମ)
ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ
୬ଷ୍ଠ ମହଲା, ଇଡ୍‌କୋ ଟାୱାର୍ସ, ଜନପଥ, ଭୁବନେଶ୍ୱର - ୭୫୧୦୨୨
ଫୋନ୍: ୦୬୭୪-୨୫୪୦୦୨୨, ୨୫୪୧୩୦୫
नेशनल इन्श्योरेन्स National Insurance Trusted Since 1906

**ଝାରସୁଗୁଡ଼ାଠାରେ କାର୍ଯ୍ୟାଳୟ ପରିସର ଆବଶ୍ୟକ**

ଆମର ଝାରସୁଗୁଡ଼ା ଶାଖା କାର୍ଯ୍ୟାଳୟ ପାଇଁ କାଳୀମନ୍ଦିର ରୋଡ୍, ବେହେରାମାଳ ରୋଡ୍, ସରବାହାଲ ରୋଡ୍, ଝାରସୁଗୁଡ଼ାଠାରେ ୧୨୦୦ ବର୍ଗ ଫୁଟ୍ କାର୍ପେଟ୍ ଏରିଆ ପରିମାପର ତଳ ମହଲା/ପ୍ରଥମ ମହଲା କିମ୍ବା ଲିଫ୍ଟ ସୁବିଧା ଥିବା ଉଚ୍ଚତର ମହଲାରେ, ଦୁଇଟି ଶୌଚାଳୟ (ଗୋଟିଏ ମହିଳାଙ୍କ ପାଇଁ), ୦୨ କାର୍ ଓ ୧୨ ଦୁଇଚକିଆ ପାର୍କିଂ ଜାଗା ରହିଥିବା କାର୍ଯ୍ୟାଳୟ ପରିସରକୁ ପ୍ରତ୍ୟେକ ୦୫ ବର୍ଷରେ ଉପଯୁକ୍ତ ଭଡ଼ା ବୃଦ୍ଧି ସହିତ ୧୫ ବର୍ଷ ପାଇଁ ଲିଜ୍ ସୂତ୍ରରେ ଦେବା ପାଇଁ ଦୁଇ ବିଡ୍ ଜଉମୁଦଦିଆ (ଟେକ୍ନିକାଲ୍ ଓ ଫାଇନାନ୍ସିଆଲ୍ ବିଡ୍) ଅଫର ଆମନ୍ତ୍ରଣ କରାଯାଉଛି । ଟେଣ୍ଡର ଫର୍ମ ସମେତ ଦିଗ୍‌ନିର୍ଦ୍ଦେଶାବଳୀ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ଏବଂ ଝାରସୁଗୁଡ଼ା ଶାଖା କାର୍ଯ୍ୟାଳୟରେ କାର୍ଯ୍ୟାଳୟ ନିର୍ଘଣ୍ଟ ମଧ୍ୟରେ ଉପଲବ୍ଧ ହେବ । ଟେଣ୍ଡର ଦାଖଲ/ପ୍ରାପ୍ତିର ଶେଷ ତାରିଖ ହେଉଛି **୨୮।୦୧।୨୦୨୨ ଅପରାହ୍ନ ୫ ଘଟିକା** ସୁଦ୍ଧା, ଯାହାକୁ ପଞ୍ଜୀକୃତ ଡାକ/ସ୍ପିଡ୍ ପୋଷ୍ଟ/କୋରିୟର୍ ସେବା ମାଧ୍ୟମରେ ପଠାଯାଇପାରିବ ଅଥବା ଇଡ୍‌କୋ ଟାୱାର୍ସ, ୬ଷ୍ଠ ମହଲା, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ସିଧାସଳଖ ପକାଯାଇପାରିବ। ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ – ପ୍ରବନ୍ଧକ, ଇଷ୍ଟେଟ୍ ବିଭାଗ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ/ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ, ସର୍ଲାକାନି ଛକ, ସମ୍ବଲପୁର – ୭୬୮୦୧୭/ ଝାରସୁଗୁଡ଼ା ଶାଖା କାର୍ଯ୍ୟାଳୟ, ମିଶ୍ର କମ୍ପ୍ଲେକ୍ସ, କାଳୀମନ୍ଦିର ରୋଡ୍ ପାଖ, ଝାରସୁଗୁଡ଼ା–୭୬୮୨୦୨, ମୋବାଇଲ ନଂ.: ୮୩୩୫୦୮୦୬୪୮ କିମ୍ବା ଆମ ୱେବ୍‌ସାଇଟ୍: (www.nationalinsurance.nic.co.in) ପରିଦର୍ଶନ କରନ୍ତୁ ।

ଦଲାଲମାନେ ଆବେଦନ କରିବା ଆବଶ୍ୟକ ନୁହେଁ ।

ତାରିଖ: ୦୬।୦୧।୨୦୨୨ — ସ୍ୱା./-
ସ୍ଥାନ: ଭୁବନେଶ୍ୱର — ମୁଖ୍ୟ ଆଞ୍ଚଳିକ ପ୍ରବନ୍ଧକ


# ୫୩ ଛାତ୍ରୀଛାତ୍ର କରୋନା ସଂକ୍ରମିତ

ସୁନ୍ଦରଗଡ଼, ୫।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାରେ ପୁଣି କରୋନା ସଂକ୍ରମଣ ବୃଦ୍ଧି ପାଇବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ବୁଧବାର ସକାଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ମୋଟ ୧୬୬ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜିଲାର ଲେଫ୍ରିପଡ଼ା ବ୍ଲକ ଜିଙ୍କନଗରସ୍ଥିତ ଏକ ବିଦ୍ୟାଳୟରେ ମଙ୍ଗଳବାର ୩୬ ଛାତ୍ରୀଛାତ୍ରଙ୍କ ଠାରେ କରୋନା ପଜିଟିଭ ଚିହ୍ନଟ ପରେ ବୁଧବାର ସେହି ବିଦ୍ୟାଳୟର ଆଉ ୫୩ ଛାତ୍ରୀଛାତ୍ରଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ଏହା ପରେ ବିଦ୍ୟାଳୟକୁ ଆଇସୋଲେଶନ ଜୋନ୍ ଘୋଷଣା କରାଯାଇ ପାଠପଢ଼ାକୁ ବନ୍ଦ ରଖାଯାଇଛି। ବିଦ୍ୟାଳୟ ହଷ୍ଟେଲରେ କରୋନା ଆକ୍ରାନ୍ତ ପିଲାଙ୍କଠାରୁ ସୁସ୍ଥଙ୍କୁ ଅଲଗା ରଖାଯାଇଛି। ବିଦ୍ୟାଳୟର କରୋନା ଆକ୍ରାନ୍ତ ଛାତ୍ରୀଛାତ୍ରଙ୍କ ସାମାନ୍ୟ ଲକ୍ଷଣ ଥିବାବେଳେ ସେମାନେ ସୁସ୍ଥ ଥିବା ଜିଲାପାଳ ନିଖିଲ ପୱନ କଲ୍ୟାଣ ପ୍ରକାଶ କରିଛନ୍ତି। ଆକ୍ରାନ୍ତ ଛାତ୍ରୀଛାତ୍ରଙ୍କୁ ହୋମ୍ ଆଇସୋଲେଶନରେ ରଖାଯାଇ ଚିକିତ୍ସା ବ୍ୟବସ୍ଥା କରାଯାଉଥିବାବେଳେ ଇଚ୍ଛୁକ ଅଭିଭାବକଙ୍କୁ ଆକ୍ରାନ୍ତ ପିଲାଙ୍କୁ ଘରକୁ ନେବାକୁ ଅନୁମତି ଦିଆଯାଇଥିବା ସେ କହିଛନ୍ତି। ସଦର ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ମେଡିକାଲ ଟିମ୍ ବିଦ୍ୟାଳୟର ସ୍ଥିତି ଉପରେ ନଜର ରଖିଛନ୍ତି।

# ରାସ୍ତାରେ ଧାନବସ୍ତା ରଖି ଚାଷୀଙ୍କ ପ୍ରତିବାଦ




ସନ୍ୟାସିପୁରଠାରେ ଚାଷୀମାନେ ରାସ୍ତାରେ ଧାନ ବସ୍ତା ରଖି ପ୍ରତିବାଦ ଜଣାଉଛନ୍ତି।

- ଡମ୍ବସରା ମଣ୍ଡିରେ କଟ୍‌ନି ଛଟ୍‌ନିକୁ ନେଇ ଅସନ୍ତୋଷ
- କୁଜେନ୍ଦ୍ରିରେ ଅବ୍ୟବସ୍ଥା ନେଇ ପ୍ରତିବାଦ

ଗୁଣପୁର,୫।୧(ଡି.ଏନ୍.ଏ.)

କଟ୍‌ନି ଛଟ୍‌ନିକୁ ନେଇ ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଡମ୍ବସରାସ୍ଥିତ ସନ୍ୟାସିପୁର ମଣ୍ଡିରେ ଚାଷୀଙ୍କ ମଧ୍ୟରେ ବୁଧବାର ତିବ୍ର ଅସନ୍ତୋଷ ଦେଖାଦେଇଛି। ଚାଷୀମାନେ ରାସ୍ତାରେ ଧାନବସ୍ତା ରଖି ପ୍ରତିବାଦ କରିଛନ୍ତି। ପୋଲିସ ପହଞ୍ଚି ଆନ୍ଦୋଳନକାରୀ ଚାଷୀମାନଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଚାଷୀଙ୍କ ଅଭିଯୋଗ ହେଲା, ମଣ୍ଡିରେ ବସ୍ତାକୁ ୭୫ କେଜି ବଦଳରେ ମିଲର୍ସମାନେ ୮୦ କେଜି ଧାନ ଦାବି କରୁଛନ୍ତି। ତେବେ ଚାଷୀମାନେ ୭୭ କେଜି ଦେବାକୁ ସମ୍ମତି ଜଣାଇଛନ୍ତି। ତେବେ ସରକାର ଚାଷୀଙ୍କ ଠାରୁ ସିଧାସଳଖ ମଣ୍ଡିରୁ ଧାନ କ୍ରୟ ବ୍ୟବସ୍ଥା କରି ଟୋକନ ପ୍ରାଦାନ କରିବା ନିମନ୍ତେ ଦାବି ହୋଇଛି। ରାସ୍ତାରୋକୋ ଯୋଗୁ ରାସ୍ତାପାର୍ଶ୍ୱରେ ଶତାଧିକ ଧାନ ବୋଝେଇ ଗାଡ଼ି ଅଟକି ରହିଥିଲା। ଏଥିସହ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଅଖିଳ ଭାରତ କୃଷକ ମହସଭା ପକ୍ଷରୁ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ଚାଷୀମାନେ ପ୍ରତିବାଦ ଜଣାଇଥିଲେ। ସେହିପରି ରାମନାଗୁଡ଼ା ବ୍ଲକ କୁଜେନ୍ଦ୍ରି ମଣ୍ଡିରେ ମଧ୍ୟ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ମଣ୍ଡିରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହୋଇଥିଲା।




**ଆଜିର ମନ୍ତବ୍ୟ**

ଭାରତରେ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସୁଥିବାରୁ ଆମକୁ କେହି ଅର୍ଥନୈତିକ ସୁପର ପାୱାର ହେବାରୁ ରୋକିପାରିବେ ନାହିଁ।
-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଡ଼ି ପିଢ଼ାରେ ଲାଉ,**
**ସବୁଦିନ କଥା ମନରେ ଥାଉ;**
**ଏକାଦିନେ ନେବି ଦାଉ।**

ଅନ୍ୟାୟରେ ଅନ୍ୟ ଦ୍ୱାରା ପ୍ରତାରିତ ହେଲେ , ହୀନସ୍ତା ଭୋଗିଲେ ମନରୁ ସେସବୁ ସହଜରେ ଭୁଲି ହୋଇ ନ ଥାଏ। ବେଳ ବା ସୁଯୋଗ ମିଳିଲେ ଏସବୁର ପ୍ରତିଶୋଧ ନେବା ପାଇଁ ହଟହଟା ହୋଇଥିବା ବ୍ୟକ୍ତି ମନସ୍ଥ କରିବସିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାଳିଆ ବାଉଁଶ କଣି;**
**ଦେଖେଇ ଶିଖେଇ ଗାଳି ଦଉଚି,**
**ନଳୀ ଗୋଡ଼ି ସଉତୁଣୀ।**

ଦୁଇ ସଉତୁଣୀ ମଧ୍ୟରେ ଅହିନକୁଳ ସମ୍ପର୍କ ରହିଥାଏ। କେହି କାହାରିକୁ ଦେଖିସହି ପାରି ନ ଥାନ୍ତି। ସେମାନଙ୍କ ମଧ୍ୟରେ ସର୍ବଦା ମନୋମାଳିନ୍ୟ ଦେଖାଦେଉଥିବାବେଳେ ପରିବାର ମଧ୍ୟରେ ଝଡ଼ ସୃଷ୍ଟି ହୋଇଥାଏ। ଯାଉଣୁ ଆସୁଣୁ ଦେଖେଇ ଶିଖେଇ କଳି କରିବା ନିତିଦିନିଆ ଘଟଣା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଏନ୍‌ଜିଟି ନିର୍ଦ୍ଦେଶ ପରେ ପ୍ରଶାସନିକ ତତ୍ପରତା

**ଗଠନ ହେଲା ୨ ଟାସ୍କଫୋର୍ସ**

- ଚୋରାଚାଲାଣକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ
- ଗାଡ଼ି ପଞ୍ଜୀକରଣ ରଦ୍ଦ ସହ ବାଜ୍ୟାପ୍ତ ହେବ ସମ୍ପତ୍ତି
- ୧୨ଦିନରେ ୪୦ ଗାଡ଼ି ଜବତ, ୧୫.୪୬ଲକ୍ଷ ଜରିମାନା

**ଖୋର୍ଦ୍ଧା ଅଫିସ,୫।୧**

ଖୋର୍ଦ୍ଧା ଜିଲାରେ ଚୋରା ପଥର ଚାଲାଣ ବଢ଼ିବାରେ ଲାଗିଛି। ଦୈନିକ ଶହ ଶହ ଟ୍ରକ୍‌ରେ ଜାତୀୟ ରାଜପଥ ଦେଇ ମାଙ୍କଡ଼ା ପଥର ଚାଲାଣ କରାଯାଉଛି। ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ସରକାର ହରାଉଛନ୍ତି। ଜିଲା ପ୍ରଶାସନର ନାକତଳେ ଏହି ବେଆଇନ କାରବାର ଚାଲିଥିବାବେଳେ ପ୍ରଶାସନ ଏହାକୁ ରୋକିବାରେ ବିଫଳ ହୋଇଛି। ଟାପଙ୍ଗ ଅଞ୍ଚଳର ଟାପଙ୍ଗ, ଅଣ୍ଟା ଏବଂ ଝିଙ୍କିଝାରୀ ଅଞ୍ଚଳର ୪୦ଟି ସ୍ଥାନରୁ ୫ଏକରରୁ ଊର୍ଦ୍ଧ୍ୱ ଜମିରେ ଦୈନିକ ହରିଲୁଟ ଚାଲିଛି। ଏନେଇ ୨୦୧୮ରେ ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲରେ ଅଭିଯୋଗ ହୋଇଥିଲା। ଟ୍ରିବ୍ୟୁନାଲରେ ମାମଲା ଚାଲିଥିବା ବେଳେ ଇତିମଧ୍ୟରେ ୨୬ ଖଣିରୁ ବୃଦ୍ଧି ପାଇ ୫୯ ଖଣିରୁ ପଥର ଚୋରାଚାଲାଣ ଚାଲିଛି। ଟ୍ରିବ୍ୟୁନାଲର ବାରମ୍ବାର ତାଗିଦ୍ ସତ୍ତ୍ୱେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ମାଫିଆଙ୍କ ମନମାନି ବଢ଼ି ଚାଲିଛି। ଖୋଦ୍ ଜିଲା ପ୍ରଶାସନ ଚୋରା ଚାଲାଣକୁ ସ୍ୱୀକାର କରିଥିବାବେଳେ ଏହାର ପୁନରୁଦ୍ଧାର ପାଇଁ ୧୨କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ ଆକଳନ କରାଯାଇଛି। ଏହି ଘଟଣାକୁ ଟ୍ରିବ୍ୟୁନାଲ ଗୁରୁତର ସହିତ ନେଇ ଡିସେମ୍ବର ୨୪ତାରିଖରେ ଚୋରା ଚାଲାଣ ରୋକିବା ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ ନିର୍ଦ୍ଦେଶ ଦେଇଥିଲେ।

ଏନ୍‌ଜିଟିର ନିର୍ଦ୍ଦେଶ ପରେ ଖୋର୍ଦ୍ଧା ଜିଲା ପ୍ରଶାସନର ଚେତା ପଶିଛି। ଲଘୁ ଖଣିଜ ସମ୍ପଦର ସୁରକ୍ଷା ଲାଗି ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏନ୍‌ଜିଟି ପକ୍ଷରୁ ଟାସ୍କ ଫୋର୍ସ ଗଠନ ନିର୍ଦ୍ଦେଶ ପରେ ଜିଲା ପ୍ରଶାସନ ପକ୍ଷରୁ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସମସ୍ତ ରାଜସ୍ୱ ଅଧିକାରୀ ଓ



ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଜିଲାରେ ଲଘୁ ଖଣିଜ ସମ୍ପଦର ସୁରକ୍ଷା ଉପରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ଜିଲାରେ ଲଘୁ ଖଣିଜ ଚୋରା ଚାଲାଣକୁ ପ୍ରଶ୍ରୟ ଦିଆଯିବ ନାହିଁ। ବେଆଇନ ଭାବେ ପଥର ଖନନ, ମାଙ୍କଡ଼ା ଚୋରାଚାଲାଣ ହେଉଥିବା ଦୃଷ୍ଟି ଗୋଚରହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଚୋରାଚାଲାଣ ରୋକିବା ଲାଗି ଖୋର୍ଦ୍ଧା ଏବଂ ଟାଙ୍ଗୀ ତହସିଲଦାରଙ୍କୁ ନେଇ ୨ଟି ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଛି। ଏହି ଟିମ୍ ଚଢାଉ କରିବେ। ଚୋରା ଚାଲାଣରେ ବ୍ୟବହୃତ ଯାନବାହନ ଜବତ ସହ ମାଲିକଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରାଯିବ। ଛୋଟ ଯାନ ଉପରେ ୫୦ହଜାର ଟଙ୍କା ଏବଂ ବଡ଼ ଯାନ ଠାରୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ନିଷ୍ପତ୍ତି ଅନୁଯାୟୀ ଜବତ ଗାଡିଗୁଡିକର ମାଲିକଙ୍କ ସବିଶେଷ ତଥ୍ୟ ହାସଲ କରି ସେମାନଙ୍କ ବିରୋଧରେ ସରକାରୀ ସମ୍ପତ୍ତି ଚୋରି ଏବଂ ଲୁଟ କରିବା ଅଭିଯୋଗରେ ଦଣ୍ଡବିଧାନ ସହ ଗାଡିଗୁଡିକର ରେଜିଷ୍ଟ୍ରେଶନ ବାତିଲ ଏବଂ ସମ୍ପତ୍ତି ବାଜ୍ୟାପ୍ତି ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯିବ। ଓଏମ୍ଏମ୍‌ସିସି ଧାରା ୫୧ ଅନୁସାରେ ବେଆଇନ ଭାବେ ସରକାରୀ ଜମିରୁ ଉତ୍ତୋଳିତ ଲଘୁ ଖଣିଜର ପରିମାଣକୁ ମାପି ଉକ୍ତ ଖଣିଜ ସମ୍ପତ୍ତିର ଚୋରୀ ମୂଲ୍ୟ ବାବଦରେ ବେଆଇନ ଉତ୍ତୋଳନକାରୀଙ୍କ ଠାରୁ ଧାର୍ଯ୍ୟ ମୂଲ୍ୟ ଆଦାୟ କରାଯିବା ସହିତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଦୁଇ ବର୍ଷ ଜେଲଦଣ୍ଡ ଓ ୫ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବ। କୃଷି କାର୍ଯ୍ୟ ପାଇଁ ଦିଆଯାଉଥିବା ପାୱାର ଟିଲର ମେଶିନଗୁଡିକ ବାସ୍ତବରେ କୃଷି କାର୍ଯ୍ୟରେ ବ୍ୟବହାର କରାଯାଉଛି କି ଏବଂ ଏହି ମେଶିନ ଲଘୁ ଖଣିଜ ସମ୍ପତ୍ତି ଉତ୍ତୋଳନରେ ବ୍ୟବହାର କରାଯାଉଛି କି ନାହିଁ ତାହାର ଜିଲା କୃଷି ଅଧିକାରୀ ତଥ୍ୟ ସଂଗ୍ରହ କରି ରିପୋର୍ଟ ପ୍ରଦାନ କରିବେ, ତଦନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲା ପ୍ରଶାସନର ତଥ୍ୟ ଅନୁସାରେ ୨୦୨୧ ଡିସେମ୍ବର ୨୪ରୁ ଅଦ୍ୟାବଧି ଉପରୋକ୍ତ ନିଷ୍ପତ୍ତି ଅନୁଯାୟୀ ତହସିଲଦାରଙ୍କ ଦ୍ୱାରା ୪୦ ଯାନ ଜବତ କରାଯିବା ସହ ୧୫ଲକ୍ଷ ୪୬ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୧୯ଜଣ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଏଫଆଇଆର ରୁଜୁ କରାଯାଇଛି। ଆଗାମୀ ଦିନରେ ଜିଲାରେ ରାଜସ୍ୱ ବିଭାଗ, ପୋଲିସ ଏବଂ ଜଙ୍ଗଲ ବିଭାଗ ଦ୍ୱାରା ମିଳିତ ଭାବେ ଚଢାଉ କରାଯାଇ ବେଆଇନ ଭାବେ ଚାଲିଥିବା ଲଘୁ ଖଣିଜ ଉତ୍ତୋଳନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

# ଜନଶୁଣାଣିକୁ ଲୋକଙ୍କ ବିରୋଧ

**ଏସାର୍ ମିନ୍‌ମେଟ୍ ପେଲେଟ ପ୍ଲାଣ୍ଟ**

**ପାରାଦୀପ,୫।୧(ସ୍ୱ.ପ୍ର.):** ପାରାଦୀପ ମଧୁବନ ପୌର କଲ୍ୟାଣମଣ୍ଡପଠାରେ ବୁଧବାର ଏସାର୍ ମିନ୍‌ମେଟ୍ ଲିମିଟେଡ କମ୍ପାନୀର ବାର୍ଷିକ ୧୪ ମିଲିୟନ ମେଟ୍ରିକ ଟନ୍ ଉତ୍ପାଦନ କ୍ଷମତାବିଶିଷ୍ଟ ପେଲେଟ ପ୍ଲାଣ୍ଟ ପାଇଁ ଜନଶୁଣାଣି କରାଯାଇଥିଲା। ଏଥିରେ ଅଧ୍ୟକ୍ଷତା କରିଥିଲେ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଦିଲୀପ କୁମାର ଦାସ। ଏଥିରେ ପାରାଦୀପ ପୌରାଞ୍ଚଳ ଓ ପାର୍ଶ୍ୱବର୍ତ୍ତୀ ପଞ୍ଚାୟତ ଲୋକେ ମତ ରଖିଥିଲେ। ସେଥିରୁ ଅଧିକାଂଶ ଲୋକ କାରଖାନା ସ୍ଥାପନ ବିରୋଧରେ ମତ ଦେଇଥିଲେ। ବିଶେଷକରି ପ୍ରସ୍ତାବିତ କମ୍ପାନୀ ସଂଲଗ୍ନ ବସ୍ତି ବାଉରିଆପାଳନ୍ଦା ଓ ବାଲିଝରା ଲୋକେ ତୀବ୍ର ବିରୋଧ କରିଥିଲେ। ବାଉରିଆପାଳନ୍ଦା ବସ୍ତିର ଜ୍ୟୋତିଷ ଦାସ କହିଥିଲେ, କାରଖାନା ଯୋଗୁ ତାଙ୍କ ବସ୍ତିର ଲୋକ ନିଆଁ, ଧୂଆଁ, ଧୂଳି, ପ୍ରଦୂଷଣ ପ୍ରଭାବ ଭୋଗୁଛନ୍ତି। ପୁଣି କାରଖାନା କରିବା ଆହୁରି ଯନ୍ତ୍ରଣା ଦେବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କୃତ୍ତିକା ନକ୍ଷତ୍ରର ଆଜି ସକାଳୁ ସକାଳୁ ଆଶା କରିଥିବା ଖବରଟି ପାଇ ମନ ଖୁସି ହୋଇଯିବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ ପ୍ରଭୃତି କ୍ଷେତ୍ରରେ ସୁଫଳ ପାଇବେ। ପର ଲୋକଙ୍କ ସାହାଯ୍ୟ, ସହଯୋଗ କାମକୁ ଆସିବ। ଆନୁଷ୍ଠାନିକ କାମରେ ଜମା ଭଲସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ସମାଲୋଚନା ଶୁଣିବାକୁ ପଡ଼ିପାରେ।

**ବୃଷ**
ମୃଗଶିରା ନକ୍ଷତ୍ର ପାଇଁ ପ୍ରତ୍ୟେକ କାମରେ ସମସ୍ୟା ଲାଗି ରହିବ। ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ଶିକ୍ଷା, ପରୀକ୍ଷା, ସନ୍ତାନ ହେତୁକ ପ୍ରଶଂସାରେ ମାନସିକ ପରିତୃପ୍ତି ଲାଭ କରିବେ। ଜମିଜମା କାରବାର, କୃଷି, ବାଣିଜ୍ୟ, ନିର୍ମାଣ ପ୍ରଭୃତି ବାଧାପ୍ରାପ୍ତର ସୂଚନା ରହିଛି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଦିଗରେ ଚେଷ୍ଟା କଲେ ଅବଶ୍ୟ ଉପକୃତ ହେବେ।

**ମିଥୁନ**
ପୁନର୍ବସୁର କର୍ମ ପରିସର ବୃଦ୍ଧି କାରଣରୁ ସାମାନ୍ୟତମ ଅବସର ପାଇବେ ନାହିଁ। ଦୂର ଯାତ୍ରା, ବନ୍ଧୁ ମିଳନ, ଆନୁଷ୍ଠାନିକ କାମ, ନିର୍ମାଣ, ବାଣିଜ୍ୟ ଓ ପରିବହନରେ ଅସୁବିଧା ହେବ ନାହିଁ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଦ୍ରବ୍ୟ ନଷ୍ଟ ହୋଇପାରେ। ପାରିବାରିକ ଜୀବନରେ ଅଶାନ୍ତି ସୃଷ୍ଟି ହୋଇପାରେ।

**କର୍କଟ**
ପୁଷ୍ୟା ନକ୍ଷତ୍ରର କର୍ମକ୍ଷେତ୍ରରେ ନିକଟସ୍ଥ ବ୍ୟକ୍ତିଙ୍କ ମନ ମୋହି କାମ ହାସଲ କରିବେ। ପ୍ରଶାସନିକ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଆଦେଶ ପ୍ରାପ୍ତ ହୋଇ ଦୂରସ୍ଥାନକୁ ଯାତ୍ରା କରିବେ। ସଭାସମିତି, ପ୍ରକାଶନ, ସାହିତ୍ୟ ଚର୍ଚ୍ଚା,ସାମ୍ବାଦିକତା,କଳା, ବିଜ୍ଞାନ, କାରିଗରି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇପାରିବ।

**ସିଂହ**
ପୂର୍ବାଫାଲଗୁନୀ ମନ ଅନୁଯାୟୀ କାମ ହାସଲ ଦିଗରେ ଅନୁକୂଳ ପରିବେଶ ସୃଷ୍ଟି ହେବ। ଆଜି ଯାହାକୁ ଯାହା କହିବେ ସେମାନେ ଅସ୍ୱୀକାର କରିବେ ନାହିଁ। ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ନୂତନ ବନ୍ଧୁତ୍ୱ ସୃଷ୍ଟି ସହ ପ୍ରଶାସନିକ ସଫଳତା ଲାଭ କରିବେ। କଳା, ସାହିତ୍ୟ, ସଙ୍ଗୀତ ପ୍ରତିଯୋଗିତା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଲାଭବାନ୍ ହେବେ।

**କନ୍ୟା**
ହସ୍ତା ନକ୍ଷତ୍ର ସକାଶେ ପାରିବାରିକ ସହଯୋଗ, ସହକର୍ମୀଙ୍କ ସହାନୁଭୂତି, ମନରେ ନୂତନ ଆଶା ସଂଚାର କରିବ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରଶାସନ, ରାଜନୀତି, ଦୂର ଯାତ୍ରାରୁ ସୁଫଳ ମିଳିବ। ବିବାଦୀୟ କ୍ଷେତ୍ରରୁ ଦୂରେଇ ରହିବା ଭଲ।

**ତୁଳା**
ସ୍ୱାତୀ ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ଟେନ୍‌ସନ ଲାଗି ରହିବା କାରଣରୁ ମନ ଭଲ ରହିବ ନାହିଁ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ପରୋକ୍ଷ ଶତ୍ରୁତା, ସାମୟିକ ସ୍ୱାସ୍ଥ୍ୟହାନି ଓ ବନ୍ଧୁଙ୍କ ସହ ମତାନ୍ତର ଚିତ୍ରା ନକ୍ଷତ୍ର ସକାଶେ ଦେଖାଦେଇପାରେ। ଅର୍ଥାଭାବ ଲାଗି ରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**ବିଛା**
ଅନୁରାଧା କୌଣସି ଅପ୍ରାପ୍ୟ ଜିନିଷ ପ୍ରତି ଆଶା ବଳାଇ ମାନସିକ ଅସ୍ଥିରତା ସୃଷ୍ଟି ହେବ। କୃଷି, ବାଣିଜ୍ୟ, ବ୍ୟବସାୟ ଓ ରାଜନୀତିରେ ସଫଳ ହେବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରୁ ସମ୍ମାନ ପାଇବେ। ସ୍ୱାସ୍ଥ୍ୟ ସମସ୍ୟା, ଧନହାନି, ଜମିଜମା ବିବାଦ, ବକେୟା ପ୍ରାପ୍ତିରେ ବାଧା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ଧନୁ**
ଅନ୍ୟମାନଙ୍କ ମାନସିକ ଆବେଗକୁ ନ ବୁଝିବା କାରଣରୁ ସେମାନଙ୍କ ନିକଟରୁ ଦୂରେଇଯିବେ। ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ୍ୟ ତାହାର ବିଶେଷ କୁପ୍ରଭାବର ସମ୍ଭାବନା ନାହିଁ। କର୍ମକ୍ଷେତ୍ରରେ,ସଭାସମିତିରେ, ବନ୍ଧୁ ମିଳନରେ ନିଜର ପ୍ରାଧାନ୍ୟକୁ ଜାହିର୍ କରିପାରିବେ। ରାଜନୀତି, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ ଚର୍ଚ୍ଚା ପାଇଁ ଦିନଟି ଭଲ।

**ମକର**
ସ୍ୱାସ୍ଥ୍ୟୋନ୍ନତି, ଆର୍ଥିକ ପ୍ରଗତି, ନୂତନ ବନ୍ଧୁ ସମ୍ପର୍କଜନିତ ମନ ପ୍ରଫୁଲ୍ଲ ରହିବ। କର୍ମକ୍ଷେତ୍ରରେ ବାଧବାଧକତାରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ଏକ ଭିନ୍ନ ପରିବେଶରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଧନିଷ୍ଠା ନକ୍ଷତ୍ରର ବାଣିଜ୍ୟ, ବ୍ୟବସାୟ ସାମାନ୍ୟ ବାଧାପ୍ରାପ୍ତ ହୋଇପାରେ।

**କୁମ୍ଭ**
ପ୍ରତ୍ୟେକ କାମରେ ବିଶୃଙ୍ଖଳା ଲାଗି ରହୁଥିବା ହେତୁ ନିଜ ଲୋକଙ୍କୁ ଏଥିପାଇଁ ଦାୟୀ କରିପାରନ୍ତି। ଶତଭିଷା କୌଣସି ମୂଲ୍ୟବାନ୍ ଜିନିଷ କ୍ରୟ ସକାଶେ ମନ ବଳାଇବେ। ପାରିବାରିକ କ୍ଷେତ୍ରରେ ନିଜର ଅନ୍ୟମନସ୍କତାକୁ ନେଇ ଯୁକ୍ତିତର୍କର ସମ୍ମୁଖୀନ ହେବେ। କଚେରି ମାମଲା, ଜମିଜମା କିମ୍ବା ଗୃହସୀମା ବିବାଦ ଅମୀମାଂସିତ ରହିବ।

**ମୀନ**
କ୍ରମଶଃ ଜଞ୍ଜାଳର ପରିସର ବୃଦ୍ଧି ପାଇବାଜନିତ ମାନସିକ ଚାପରେ ପୀଡ଼ିତ ହୋଇପାରନ୍ତି। ଭୁଲ୍ ବୁଝାମଣାରୁ ସାମାଜିକ ଜୀବନରେ ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି। ଆର୍ଥିକ ସ୍ଥିତି ପ୍ରାୟତଃ ପୂର୍ବଭଳି ରହିବା ହେତୁ ସାମୟିକ ଖୁସି ଅନୁଭବ କରିପାରନ୍ତି। ପାରିବାରିକ ସ୍ଥିରତା ଆଣିବା ଦିଗରେ ନୂତନ ପନ୍ଥା ଅବଲମ୍ବନ କରିପାରନ୍ତି।

# ଥଇଥାନ ଦାବିରେ ବିଷ ପିଇଦେଲେ

**ବାଲେଶ୍ୱର ଅଫିସ, ୫।୧**

ଥଇଥାନ ଦାବିରେ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଆସିଥିବା ଜଣେ ବ୍ୟକ୍ତି ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବିଷ ପିଇଥିବା ବ୍ୟକ୍ତିଜଣକ ହେଉଛନ୍ତି ଶଙ୍କର୍ଷଣ ଓରଫ୍ ନଣ୍ଡା ରାଉତ। ସେ ରେଳଷ୍ଟେଶନ ନିକଟସ୍ଥ ଗୋଧିବସା ଅଞ୍ଚଳର ବୋଲି ଜଣାପଡିଛି। ବିଧାୟକ ସ୍ୱରୂପ ଦାସ ଓ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ଏଭଳି ଘଟଣା ଘଟିଥିବାରୁ ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି।

ବାଲେଶ୍ୱର ରେଳଷ୍ଟେଶନ ପଶ୍ଚିମପଟେ ଅବସ୍ଥିତ ଗୋଧିବସା ବସ୍ତିରେ ଆଜକୁ ୭୦ ବର୍ଷ ଧରି ଗରିବ ଭୂମିହୀନ ପରିବାର ରହି ଆସୁଛନ୍ତି। ଏହି ପରିବାରଗୁଡ଼ିକର ସଦସ୍ୟମାନଙ୍କ ନାଁ ଭୋଟର ତାଲିକାରେ ରହିଥିବାରୁ ସେମାନେ ଭୋଟ ଦେବା ସହ ବିଭିନ୍ନ ପ୍ରକାର ସରକାରୀ ସୁବିଧାସୁଯୋଗ ମଧ୍ୟ ପାଇ ଆସୁଛନ୍ତି। ଏଥିସହ ଏହି ବସ୍ତି ଭାସ୍କରଗଞ୍ଜ ମୌଜାର ୧୧ ଏକର ଜାଗା ଉପରେ ହୋଇଥିବାରୁ ଏହାର ମାଲିକାନା ରାଜ୍ୟ ସରକାରଙ୍କ ହାତରେ ରହିଛି। ଏଠାରେ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର, ଡାକ୍ତରଖାନା ଆଦି ସୁବିଧା ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। ଅପରପକ୍ଷରେ ଉକ୍ତ ଜାଗା ରେଳୱେର ଦାବି କରି ଗୋଧିବସାବାସୀଙ୍କୁ ତୁରନ୍ତ ଉକ୍ତ ଜାଗା ଖାଲି କରିବାକୁ ନୋଟିସ ଜାରି କରାଯାଇଛି। ବସ୍ତିବାସିନ୍ଦା ଏହାର ପ୍ରତିବାଦ କରି ବିକ୍ଷୋଭ କରିଛନ୍ତି।

# ଜଗନ୍ନାଥ ଜମି ଫେରସ୍ତ ନିଷ୍ପତ୍ତିକୁ ସୁରଙ୍କ ସ୍ୱାଗତ

**ଭୁବନେଶ୍ୱର,୫।୧(ବ୍ୟୁରୋ)**

୨୦୧୨ ପରେ ସରକାରୀ ତ୍ରୁଟି ପାଇଁ ଜଟଣୀ, ଖୋର୍ଦ୍ଧା ଓ ସାକ୍ଷୀଗୋପାଳରେ ଲୋକଙ୍କ ଜମିବାଡ଼ି ଘରଡିହ ଭୁଲରେ ଜଗନ୍ନାଥଙ୍କ ନାମରେ ସତ୍ତ୍ୱପରିବର୍ତ୍ତିତ ହୋଇଥିଲା। ଜମି ଫେରି ପାଇବା ପାଇଁ କ୍ଷତିଗ୍ରସ୍ତ ମାଲିକ ଦୀର୍ଘଦିନ ଧରି ଆନ୍ଦୋଳନ ଚଳାଇଥିବାବେଳେ ବୁଧବାର ରାଜ୍ୟ କ୍ୟାବିନେଟ୍‌ରେ ଶ୍ରୀମନ୍ଦିର ଅଧିନିୟମ ସଂଶୋଧନ ନେଇ ନିଷ୍ପତ୍ତି ହୋଇଛି। ଏହି ନିଷ୍ପତ୍ତି ଫଳରେ ଦୀର୍ଘ ୧୦ବର୍ଷ ପରେ ଏହି ଅଞ୍ଚଳର କ୍ଷତିଗ୍ରସ୍ତ ଲୋକଙ୍କ ନାମକୁ ନିଜର ଜମିବାଡ଼ି ପୁଣି ଫେରିଆସିବ ବୋଲି ଜଟଣୀ ଜଗନ୍ନାଥ ଜମି କ୍ଷତିଗ୍ରସ୍ତ ପ୍ରଜା ମଞ୍ଚ ଆବାହକ ତଥା ବିଧାୟକ ସୁରେଶ କୁମାର ରାଉତରାୟ ଆଶା ବ୍ୟକ୍ତ କରିଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆସନ୍ତା ଏପ୍ରିଲ୧ରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ସେ କହିଛନ୍ତି। ଜଗନ୍ନାଥଙ୍କ ନାମକୁ ଜମି ଚାଲିଯାଇଥିବାରୁ ଜଟଣୀ ଓ ଆଖପାଖ ୨୩ଟି ଗ୍ରାମର ସାଧାରଣ ଲୋକ ନିଜର ଜମି କିଣାବିକା କରିପାରୁ ନ ଥିଲେ। ଏଥିସହ ସେହି ସ୍ଥାନଗୁଡିକରେ ସରକାରୀ ଯୋଜନା ଉନ୍ନୟନ ପ୍ରକଳ୍ପଗୁଡିକ ମଧ୍ୟ କର୍ଯ୍ୟକାରୀ ହୋଇପାରୁ ନ ଥିଲା।

# କୋଭିସେଲ୍ଫ ହୋମ୍ ଟେଷ୍ଟ କିଟ୍‌ର ଚାହିଦା ବୃଦ୍ଧି

**ମୁମ୍ବାଇ,୫।୧**

ଓମିକ୍ରନ୍‌ର ପ୍ରଭାବ ବୃଦ୍ଧି ପାଉଛି। ଫଳରେ ଗତ କିଛି ସପ୍ତାହ ମଧ୍ୟରେ କୋଭିସେଲ୍ଫ, ମାଇଲ୍ୟାବ୍ ଇଣ୍ଡିଆର ସେଲ୍ଫ-ଟେଷ୍ଟ ଆଣ୍ଟିଜେନ୍ ଟେଷ୍ଟ କିଟ୍‌ର ଚାହିଦା ମଧ୍ୟ ବୃଦ୍ଧି ଘଟିଛି। ଏହି କିଟ୍ ଓମିକ୍ରନ୍ ସମେତ କରୋନା ଭୂତାଣୁର ପ୍ରମୁଖ ରୂପ ଚିହ୍ନଟ କରିବାରେ ସକ୍ଷମ ହୋଇଛି। ସେଥିପାଇଁ କମ୍ପାନୀ ଉତ୍ପାଦନ ବୃଦ୍ଧି କରିଛି ଏବଂ ସମଗ୍ର ଭାରତରେ ପରୀକ୍ଷା ଉପଲବ୍ଧ କରିବା ଆରମ୍ଭ କରିଛି। ଏ ସମ୍ପର୍କରେ ମାଇଲ୍ୟାବ୍ ଡିସ୍କଭରୀ ସଲ୍ୟୁସନ୍‌ର ଏମ୍‌ଡି ତଥା ସହ-ପ୍ରତିଷ୍ଠାତା ହାସମୁଖ ରାୱଲ କହିଛନ୍ତି, ଗତ ୧୧ ସପ୍ତାହରେ କୋଭିସେଲ୍ଫ ସେଲ୍ଫ ଟେଷ୍ଟିଂ କିଟ୍‌ର ଚାହିଦା ୪.୫ ଗୁଣ ବୃଦ୍ଧି ପାଇଥିବାର ଆମେ ଦେଖିଛୁ। ଆମର କୋଭିଡ୍ ଟେଷ୍ଟ କିଟ୍ ପୋର୍ଟଫୋଲିଓର ଉତ୍ପାଦନ କ୍ଷମତା ୨.୪ ନିୟୁତ ୟୁନିଟ୍ ଅଟେ ଏବଂ ପରିସ୍ଥିତି ମୁତାବକ ଆମେ ଏହାକୁ ବୃଦ୍ଧି କରିବାକୁ ପ୍ରସ୍ତୁତ ରହିଛୁ।

**ପ୍ରଥମ ପୃଷ୍ଠାରୁ...**

## ବ୍ୟାପିଲା ଓମିକ୍ରନ୍,...

ସଂକ୍ରମିତ ଅଛନ୍ତି। ବର୍ତ୍ତମାନ ୨୩ଜଣ ଓଡ଼ିଶାରେ ଥିବାବେଳେ ଜଣେ ତାମିଲନାଡୁ ପଳାଇଥିବା ଜଣାପଡିଛି। ତେବେ ବାଲେଶ୍ୱର ଜିଲାରୁ ସର୍ବାଧିକ ୭ଜଣ ଅଛନ୍ତି ଓ ଯାଜପୁର, ସମ୍ବଲପୁର, ନୂଆପଡ଼ା, ସୁନ୍ଦରଗଡ଼, ଜଗତ୍‌ସିଂହପୁର ଜିଲାରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କର ଟ୍ରାକିଂ ସରିନାହିଁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨୧ରେ ରାଜ୍ୟରେ ପ୍ରଥମେ ଦୁଇଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଜଣେ ନାଇଜେରିଆ ଓ ଆଉ ଜଣେ କାତାରରୁ ଫେରିଥିଲେ। ଏହାପରେ ଧୀରେ ଧୀରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରବିବାର ଦିନକରେ ସର୍ବାଧିକ ୨୩ଜଣ ଚିହ୍ନଟ ହୋଇଥିଲେ। ଏମାନଙ୍କ ମଧ୍ୟରେ ୧୧ଜଣ ବିଦେଶ ଫେରନ୍ତା ଥିବାବେଳେ ୧୦ଜଣ ସ୍ଥାନୀୟ ଆକ୍ରାନ୍ତ ଓ ଆଉ ଦୁଇଜଣ ଫିନ୍‌ଲାଣ୍ଡରୁ ଫେରିଥିବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ। ତେବେ ଗୋଟିଏ ଦିନରେ ଏକାଥରକେ ୨୩ଜଣ ଚିହ୍ନଟ ହେବା ପରେ ମୋଟ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୩୭ରେ ପହଞ୍ଚିଥିଲା। ଏବେ ଦିନକରେ ୨୪ ଆକ୍ରାନ୍ତ ଚିହ୍ନଟ ହେବା ଚିନ୍ତା ବଢ଼ାଇଛି।

## ସ୍କୁଲ ବନ୍ଦ, ...

ନିର୍ଦ୍ଦେଶ ଦିଆଯାଇଛି। ରାସ୍ତାକଡ଼ ଦୋକାନ ରାତି ୯ଟା ଯାଏ ଖୋଲିବ। ଦୋକାନ ସମ୍ମୁଖରେ ସର୍ବାଧିକ ୫ ଜଣ ଗ୍ରାହକ ରହିବେ ବୋଲି ଏସ୍‌ଆରସି କହିଛନ୍ତି। ସେହିପରି ଯାତ୍ରା ୧ ହଜାର ଦର୍ଶକଙ୍କୁ ନେଇ ଚାଲିବ। ତେବେ ଏହି ସମୟରେ ଯାତ୍ରା ମାଲିକମାନଙ୍କୁ ନିୟମର କଡ଼ା ପାଳନ କରିବାକୁ ପଡ଼ିବ। ସିନେମା ହଲ୍ ଓ ଥିଏଟରଗୁଡ଼ିକ ୫୦% ସିଟ୍ କ୍ଷମତାରେ ଚାଲିପାରିବ। ସରକାରୀ ବୈଠକ ବା ତାଲିମ କାର୍ଯ୍ୟକ୍ରମରେ ୧୦୦ ଲୋକ ରହିପାରିବେ। ଇନ୍‌ଡୋର, ଆଉଟଡୋର ଫିଲ୍ମ ଶୁଟିଂ ସର୍ବାଧିକ ୫୦ ଜଣଙ୍କୁ ନେଇ ହୋଇପାରିବ। ନାଇଟ୍ କର୍ଫ୍ୟୁ ବେଳେ ସମସ୍ତ ଜରୁରିକାଳୀନ ସେବା ଜାରି ରହିବ।


# classifieds

**Everyday**
**0674-2580101, 2549302**

**real estate**

**SALE**

ପାଇକରାୟପୁର TP-1ରେ 1 Acre Plot ବିକ୍ରି ହେବ। 7205380682.
D-70258

ପାହଲ NH ପାଖରେ ଘରବାରି Yellowzone Plot 20 Acre ବିକ୍ରି ହେବ। Contact: 7205380682. D-70257

ଭୁବନେଶ୍ୱର ପିତାପଲ୍ଲୀଛକ Flyoverରୁ 400 Mtr. ଦୂରରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8338932027, 7848882166.
D-71767

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 500 Mtr. ଦୂରରେ 30' Road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ sqft. 330/- - 630/- ମିଳୁଛି। 8249243709, 7894433357.
D-71756

Flat sale with Orera approval at Naharakanta Chhak, Rasulgarh, Bhubaneswar NH Facing. Contact: 6371401150. D-22709

Property for sale at Badambadi Cuttack, commercial building (total built-12300 Sqft., 32 rooms with attached Bath) Land-3500 sqft. Contact: P. Swain 08249436455.
D- 22747

Ready to move 1BHK Holiday apartment sale Jagannathdham Puri, Rate-14.5lakhs-18.5lakhs Bank Loan available with monthly rent facilities. 9040033905, 6372753860.
D-71749

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ 1200sqft. 3,00,000/-, ନଖରା ତ୍ରିନାଥବଜାର sqft.-200 (Outright). 9348232008.
D-22629

Flatsaleatnear Jharpada Durgamandap, Bhubaneswar 100' wide road facing. Contact: 6371401150. D-22710

ଭୁବନେଶ୍ୱର ଡେରାସ୍, ସୁନ୍ଦରପଦାରେ ଘରବାଡ଼ି ପ୍ଲଟ୍ sqft.-1500/-, 950/-, 650/- ମିଳୁଛି। SEEMA-6370476317. D-71765

**construction**

Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239. D-71757

**to-let**

ଗୋଡ଼ିପୁଟ ମାଟିଆପଡ଼ା ଗ୍ରାମପଞ୍ଚାୟତ, ଡେଲାଙ୍ଗ, ପୁରୀ ପକ୍ଷରୁ ନିର୍ମିତ ମାନପୁରଠାରେ ୧୧୦ ବର୍ଗଫୁଟ ବିଶିଷ୍ଟ ୬ଟି ଦୋକାନ ଗୃହ ଭଡ଼ା ସୂତ୍ରରେ ବଣ୍ଟନ କରାଯିବ। ଇଚ୍ଛୁକ ଥିବା ପଞ୍ଚାୟତର ସ୍ଥାୟୀ ବାସିନ୍ଦା ୭ ଦିନ ମଧ୍ୟରେ ସରପଞ୍ଚଙ୍କୁ ଆବେଦନ କରିପାରିବେ। ଫୋନ୍ ନଂ.- ୮୮୪୭୮୧୯୧୮୨। ଧ-୨୨୭୬୦

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Newly open Spa New Year Dhamaka @699/-, smart therapist. 7846814019.
D-71464

Newly open Spa Offer Price 599/-, positively health benefits. 8455987557.
D-71463

Ayurvedic full body massage, refresh your mind relaxed by expert lady therapist. Contact: 8480939300. D-22667

Newly Open Saikrupa Panchakarma Spa positively health benefits with expert. 8984068077.
D-22723

Newly open full body massage ladies and gents. 8327740003, 8455985899. D-71838

One hour any therapy by expert therapist @800 only. 9078484455. D-71461

**AFFIDAVIT**

I Puspalata Nath would like to inform the general public that I have misplaced my original sale deed document bearing No.-3145/2003 resistered at (SRO). If anyone finds kindly contact - 9051185601/ 9178006407 within 15 days of issue of this Ad. At/P.O.-Mahapada, Mahimagadi, Dist-Dhenkanal. D-70376

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୬ ଜାନୁୟାରୀ, ୨୦୨୨

ଭାରତର ପ୍ରଧାନ ସମସ୍ୟାଟି ବର୍ତ୍ତମାନ ହେଲା– ତା'ର ନିଜସ୍ୱ ଆତ୍ମାକୁ ଫେରି ପାଇବା ଏବଂ ବିଶ୍ୱ ଆଗରେ ତାକୁ ପ୍ରକାଶ ଓ ପ୍ରତିଷ୍ଠିତ କରିବା। –ଶ୍ରୀମା



# କ୍ଲାଇମେଟ୍ ଫାଇନାନ୍ସ



ଅରବିନ୍ଦ ସୁବ୍ରମଣ୍ୟନ୍

ଗତ କିଛିବର୍ଷ ଧରି ବିଶେଷକରି ଗ୍ଲାସ୍‌ଗୋରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ(କପ୍୨୬) ପରେ ଶୂନ କାର୍ବନ ନିର୍ଗମନ ସ୍ତରକୁ ହାସଲ କରିବା ଲାଗି ଅଭିଯାନ ଚଳାଇଥିବା ବିକାଶଶୀଳ ଦେଶଗୁଡ଼ିକୁ ସହଯୋଗ କରିବାକୁ ଘରୋଇ ନିବେଶକମାନେ ଏକ ସୁଯୋଗ ମଣୁଛନ୍ତି। ଯାହାହେଉ ବ୍ଲାକ୍ ରକ୍ ସିଇଓ ଲାରି ଫିଙ୍କ୍ ଏବଂ ଜଳବାୟୁ କର୍ମକର୍ତ୍ତା ଗ୍ରେଟା ଥନବର୍ଗ ଯଦି ସାଧାରଣ ହିତ ଲାଗି ଏକାଠି କାମ କରିପାରିବେ, ତେବେ ଜଟିଳ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହୋଇ ମଧ୍ୟ ଆମେ ବୃହତ୍ କାର୍ଯ୍ୟ କରିପାରିବା। ଏବେ ଏହାକୁ ନେଇ ଅଧିକ ଉତ୍ସାହ ପ୍ରକାଶ ପାଇଛି। ଏନ୍‌ଭାଇରନମେଣ୍ଟ, ସୋସିଆଲ ଆଣ୍ଡ୍ ଗଭର୍ନାନ୍ସ (ଇଏସ୍‌ଜି) ବା ପରିବେଶ, ସାମାଜିକ ଏବଂ ସଞ୍ଚାଳନ ଋଣ ପାଇଁ ବହୁ ଟ୍ରିଲିୟନ ଡଲାର, ମୁଖ୍ୟତଃ ଗ୍ରୀନ୍ ଫାଇନାନ୍ସ ଆକାରରେ ଉପଲବ୍ଧ ହୋଇପାରେ ବୋଲି ଆସେଟ୍ ମ୍ୟାନେଜରମାନେ ମନେକରୁଛନ୍ତି। ତେବେ କାର୍ବନ ନିର୍ଗମନର ଶୂନ ସ୍ତରକୁ ଯିବା ଲାଗି ଆବଶ୍ୟକ ୧୩୦ ଟ୍ରିଲିୟନ ଡଲାର ଯୋଗାଡ଼ କରିବାରେ ଧନୀଦେଶଗୁଡ଼ିକ ସାହାଯ୍ୟର ହାତ ବଢ଼ାଇବା ଲାଗି ପୂର୍ବତନ ବ୍ୟାଙ୍କ ଅଫ୍ ଇଂଲଣ୍ଡର ଗଭର୍ନର ମାର୍କ କାର୍ନେ ଜୋର ଦେଇଛନ୍ତି। ପ୍ରତିବର୍ଷ କ୍ଲାଇମେଟ୍ ଫାଇନାନ୍ସ (କାର୍ବନ ନିର୍ଗମନ କମ୍ କରି ତଜ୍ଜନିତ ବିପଦ ଦୂର କରିବା ଲାଗି ପାଣ୍ଠି ଯୋଗାଡ଼ କରିବା ସହ ଏହାର ପରିଚାଳନାକୁ ବ୍ୟବସ୍ଥିତ କରିବା) ପାଇଁ ୧୦୦ ବିଲିୟନ ଡଲାର ଯୋଗାଡ଼ କରି ବିକାଶଶୀଳ ଦେଶଗୁଡ଼ିକୁ ଦେବା ଲାଗି ଧନୀ ଦେଶଗୁଡ଼ିକ ୨୦୦୯ରେ କପ୍୧୫ରେ ସଙ୍କଳ୍ପ ନେଇଥିଲେ ମଧ୍ୟ ତାହା ଏବେ ସୁଦ୍ଧା ପୂରଣ ହୋଇପାରିନାହିଁ। ତୁଳନାତ୍ମକ ଭାବେ ଖୁବ୍ କମ୍ ଅର୍ଥ ସଂଗ୍ରହ ହୋଇଥିବା ଦେଖାଯାଇଛି। ନୂଆ କରି ଶୂନ ସ୍ତର କାର୍ବନ ନିର୍ଗମନ ହାସଲ କରିବାକୁ ବିକାଶଶୀଳ ଅର୍ଥବ୍ୟବସ୍ଥାଗୁଡ଼ିକ ଉପରେ ବଳ ପ୍ରୟୋଗ କରାଯାଉଛି। ବାସ୍ତବରେ ଏହାକୁ ନେଇ ବିକାଶଶୀଳ ଅର୍ଥବ୍ୟବସ୍ଥାଗୁଡ଼ିକର ପ୍ରତିକ୍ରିୟା ପ୍ରକାଶ ପାଉଛି। ମୁଖ୍ୟତଃ ଧନୀ ଦେଶଗୁଡ଼ିକ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭର କରିବା ସହ ଦୁଇପ୍ରକାର କଥା କହୁଛନ୍ତି। ବ୍ରେକ୍‌ଥ୍ରୁ ଇନ୍‌ଷ୍ଟିଚ୍ୟୁଟ୍‌ର ବିଜୟ ରାମଚନ୍ଦ୍ରନ ଏବଂ ଏନର୍ଜି ଫର୍ ଗ୍ରୋଥ୍ ହବ୍‌ର ଟୋଡ୍ ମସ୍ ଉଲ୍ଲେଖ କରିଛନ୍ତି ଯେ, ପର୍ଯ୍ୟାୟକ୍ରମେ କୋଇଲା ଏବଂ ପ୍ରାକୃତିକ ଗ୍ୟାସ୍ କମାଇବା ଲାଗି ଉନ୍ନତ ଦେଶଗୁଡ଼ିକ ବିକାଶଶୀଳଦେଶଗୁଡ଼ିକୁ କହୁଛନ୍ତି, ହେଲେ ସେମାନେ ଏହି ଶକ୍ତି ଉପରେ ହିଁ ନିର୍ଭର କରି ଆସୁଛନ୍ତି।

କାର୍ବନ ନିର୍ଗମନର ଶୂନ ସ୍ତର ହାସଲ କରିବା ପାଇଁ ଆବଶ୍ୟକ ଅର୍ଥ ଦେବାରେ ଧନୀକ ବିଶ୍ୱର ବିଫଳତା ସେମାନଙ୍କ ଛଳନାତ୍ମକ ଭାବକୁ ଆହୁରି ବଢ଼ାଇଦେଇଛି। କିନ୍ତୁ ଏହାକୁ ନେଇ ବିକାଶଶୀଳ ଦେଶଗୁଡ଼ିକର ଆଶଙ୍କା ଠିକ୍ ନୁହେଁ। ସେମାନେ ଚିନ୍ତା କରିବା ଉଚିତ ନୁହେଁ ଯେ କ୍ଲାଇମେଟ ଫାଇନାନ୍ସ କମ୍ ରହିବ। ଘରୋଇ ସେକ୍ଟରରୁ ଏହା ଅଧିକ ହେବ। କିନ୍ତୁ ଏହା କଷ୍ଟକର ହୋଇପାରେ। ଗରିବ ଦେଶଗୁଡ଼ିକ ପାରମ୍ପରିକ ଶକ୍ତି କ୍ଷେତ୍ରକୁ ଯିବା ଲାଗି ଧନୀଦେଶଗୁଡ଼ିକ ପାଣ୍ଠି ଯୋଗାଇବେ। ଜୀବାଶ୍ମ ଇନ୍ଧନ ହ୍ରାସ ପାଇଁ ଏଭଳି ଅର୍ଥ ଯୋଗାଣ କ୍ଷେତ୍ରରେ ଏକ ଅପ୍ରତ୍ୟକ୍ଷ ଚୁକ୍ତି ଏବେ ଜଳବାୟୁ ଉପରେ ବୌଦ୍ଧିକ ସହମତିକୁ ଗଭୀର ଭାବେ ପ୍ରଭାବିତ କରୁଛି। କିନ୍ତୁ ଏକ ଦଶନ୍ଧି ପୂର୍ବରୁ ଅର୍ଥ ଯୋଗାଡ଼ କରିବା ଦାୟିତ୍ୱ ଧନୀଦେଶଗୁଡ଼ିକ ଉପରେ ଥିବାବେଳେ, ଏବେ ଘରୋଇ ସେକ୍ଟର ଏହା କରିବ ବୋଲି ଆଶା କରାଯାଉଛି। ଏହି ଚୁକ୍ତିରେ ଦୁଇଟି ଦିଗରୁ ସମସ୍ୟା ରହିଛି। ଅସ୍ପଷ୍ଟ ବା ଅପ୍ରତ୍ୟକ୍ଷ ରାଜନୈତିକ ଶ୍ରେଷ୍ଠତା ଏବଂ ଅନ୍ୟଟି ହେଉଛି ପ୍ରକାଶ ପାଉଥିବା ଅର୍ଥନୈତିକ ବିପଦ। ଫ୍ରାନ୍ସରେ ୨୦୧୮ ଓ ୨୦୧୯ରେ ତୈଳ ଟିକସ ବୃଦ୍ଧିକୁ ନେଇ ପ୍ରତିବାଦରେ ଜଳବାୟୁ ପରିବର୍ତ୍ତନକୁ ବିଚାରକୁ ନିଆଯାଇ କମାଇବା ପଦକ୍ଷେପ ନିଆଯାଇଥିଲା। ଏଠାରେ ଅର୍ଥ ଅପେକ୍ଷା ଜଳବାୟୁକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ଏଭଳି ବିଚାର ଗ୍ଲୋବାଲ ସାଉଥ୍‌ରେ ନାହିଁ। ସେଠାରେ ଫାଇନାନ୍ସ ସତେ ଯେମିତି ଏକ ଯାଦୁରଗୁଳି ଯାହାଦ୍ୱାରା ସବୁ କିଛି ସମାଧାନ ହୋଇଯାଏ। ଏହା ଜଳବାୟୁ କାର୍ଯ୍ୟକ୍ରମରେ ସାମାଜିକ ଏବଂ ରାଜନୈତିକ ବାଧାଗୁଡ଼ିକୁ ଆୟତ୍ତ କରିବାକୁ ଏକ ମାତ୍ର ସମାଧାନର ବାଟ ବୋଲି ମନେ କରାଯାଏ।

ଭାରତ ସରକାର କୃଷି କ୍ଷେତ୍ରରେ ସଂସ୍କାର ଆଣିବା ଲାଗି ତିନୋଟି ଆଇନ ପାସ୍ କରିଥିଲେ। ହେଲେ ଏହା ବିରୋଧରେ କୃଷକମାନେ ୧୫ ମାସ ଧରି ଆନ୍ଦୋଳନ ଜାରି ରଖିବା ପରେ ସରକାର ନିକଟରେ ଏଗୁଡ଼ିକୁ ପ୍ରତ୍ୟାହାର କରିଛନ୍ତି। ଏଠାରେ ଗୋଟିଏ କଥା ସ୍ୱୀକାର୍ଯ୍ୟ ଯେ, ପ୍ରଥମରୁ ଗ୍ରହଣ କରିଥିବା ଅତ୍ୟଧିକ ବିଦ୍ୟୁତ୍ ସବ୍‌ସିଡିକୁ ହ୍ରାସ କରିବାର ପ୍ରୟାସ ଥିଲା ଓ ସତ୍ୟତା ବାହାରକୁ ଆସିଲା। ଅଧିକ ଶକ୍ତି ଉତ୍ପାଦନ ନିର୍ଗମନ ସ୍ତର ବୃଦ୍ଧି କରିବା ସହ ପରିବେଶକୁ କ୍ଷତି କରିବା ସ୍ୱାଭାବିକ। କାର୍ବନ ମନୋକ୍‌ସାଇଡ ନିର୍ଗମନ, ମାଟିର ଗୁଣବତ୍ତା, ପାଣି ଉପଲବ୍ଧତା ଏବଂ ବାୟୁ ପ୍ରଦୂଷଣ ଦୃଷ୍ଟିରୁ ଏହି ସବ୍‌ସିଡି ଅତ୍ୟଧିକ କ୍ଷତିକାରକ। କିନ୍ତୁ ବାହାର ଆର୍ଥିକ ସହାୟତାରେ କିମ୍ବା ସହାୟତା ବିନା ଆପୋଷ ବୁଝାମଣାରେ ଏହାକୁ ହ୍ରାସ କରିବା ଅତ୍ୟନ୍ତ କଷ୍ଟକର। ଦ୍ୱିତୀୟରେ ଚୁକ୍ତିର ଆର୍ଥିକ ସଙ୍କଟ ଦିଗକୁ ଦେଖିବା। ବିଶ୍ୱରେ ସାମାଜିକ ସ୍ତରରେ ଭଲ କାମ କରିବା ଲାଗି ନିବେଶକଙ୍କୁ ଏକ ସୁଯୋଗ ଦିଏ ଜଳବାୟୁ ପରିବର୍ତ୍ତନ। ଇଏସ୍‌ଜି ସମ୍ପର୍କିତ ଋଣ ଏବେ ଏକ ପ୍ରମୁଖ ଆର୍ଥିକ ଧାରା ହୋଇଯାଇଛି। କିନ୍ତୁ ପ୍ରାପ୍ତ ପ୍ରମାଣଗୁଡ଼ିକରୁ ଏହା ଜଣାପଡ଼ିଛି ଯେ, ଉକ୍ତ କାର୍ଯ୍ୟକଳାପ ଫାଇନାନ୍ସିଆଲ ମାନିଆ ଓ ବବ୍‌ଲ ସହ ଜଡ଼ିତ। ପୂର୍ବତନ ବରିଷ୍ଠ ଇନ୍‌ଭେଷ୍ଟମେଣ୍ଟ ଅଧିକାରୀ ତାରିକ ଫାନ୍ସି ସେଗୁଡ଼ିକ ସମ୍ପର୍କରେ ସ୍ପଷ୍ଟ ଭାବେ ବୁଝାଇ ଦେଇଛନ୍ତି। ବିକାଶଶୀଳ ଦେଶଗୁଡ଼ିକରେ ଗ୍ରୀନ୍ ପ୍ରୋଜେକ୍ଟ ଲାଗି ଉଦ୍ଦିଷ୍ଟ ନିବେଶର ସୁଯୋଗଗୁଡ଼ିକୁ ଅତ୍ୟଧିକ ପ୍ରଚାର ଓ ପ୍ରଶଂସା କରାଯାଇଛି। ଇଏସ୍‌ଜି ମାନକ ଓ ମୂଲ୍ୟାଙ୍କନ ଏବଂ ଋଣଗ୍ରହୀତାଙ୍କ ପ୍ରୋତ୍ସାହନକୁ ନେଇ ସନ୍ଦେହ ରହିଛି। ଏଥିଯୋଗୁ ପାଣ୍ଠିର ଇଏସ୍‌ଜି ଉପରେ ପ୍ରଭାବକୁ ଆକଳନ କରାଯିବା ଅସ୍ପଷ୍ଟ ହେଉଛି। ଫଳରେ ଆଇନ ଅନୁପାଳନର ଭଙ୍ଗ ପାଇଁ ଦଣ୍ଡରେ ଅସମାନତା ଲକ୍ଷ୍ୟ କରାଯାଉଛି। କେତେକ ଫାର୍ମ ଇଏସ୍‌ଜି କାର୍ଯ୍ୟକଳାପ ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ଅଣ ଇଏସ୍‌ଜି କାର୍ଯ୍ୟକଳାପକୁ ନେଇଯାଆନ୍ତି।

କ୍ଲାଇମେଟ୍ ଫାଇନାନ୍ସରେ ଯଦି ବହୁ ଟ୍ରିଲିୟନ ଡଲାର ମାର୍କେଟକୁ ଯାଏ ତେବେ ଉକ୍ତ ଅର୍ଥବ୍ୟବସ୍ଥାଗୁଡ଼ିକର ଜିଡିପିର ୫–୧୦% ହୋଇପାରେ। ପୂର୍ବରୁ ହଠାତ୍ ଫାଇନାନ୍ସ ବୃଦ୍ଧି ଯୋଗୁ ୧୯୯୭ରେ ଏସିଆନ ଫାଇନାନ୍ସ କ୍ରାଇସିସ୍ ଏବଂ ୨୦୧୩ରେ ଟାପର୍ ଟାଣ୍ଟ୍ରମ୍ ଘଟିଥିଲା। ଅନିୟନ୍ତ୍ରିତ ଭାବେ ଅଧିକ ପରିମାଣର ଘରୋଇ ପୁଞ୍ଜି ପ୍ରବାହ ମୁଦ୍ରାସ୍ଫୀତି ବୃଦ୍ଧି, ଅସ୍ଥିରତା, ଅବିବେକପୂର୍ଣ୍ଣ ଋଣ ଏବଂ ଅତ୍ୟଧିକ ବିନିମୟ ମୂଲ୍ୟ ଭଳି ସ୍ଥିତି ସୃଷ୍ଟି ହେବ। ଫାଇନାନ୍ସ ମାନିଆ ଦେଖାଗଲେ କ୍ଷତିକାରକର ପରିଣାମ ଭୋଗିବାକୁ ହେବ। ପୁଞ୍ଜି ପ୍ରବାହ ଉତ୍ପାଦନ ଏବଂ ଆର୍ଥିକ କ୍ଷେତ୍ରକୁ ଧ୍ୱଂସ କରିଦେବ। ଆମେ ଗୋଟିଏ ପରେ ଗୋଟିଏ ଦେଶରେ ଏଭଳି ଦୃଶ୍ୟ ଦେଖିଛେ। ଏହାର ପରିଣାମ ଅତି ଖରାପ ଥିବା ଲକ୍ଷ୍ୟ କରିଛେ। ଏହାର ସଦ୍ୟତମ ଦୃଷ୍ଟାନ୍ତ ହେଉଛି ଟର୍କୀ ବୋଲି ହାର୍ଭାର୍ଡର ଡାନି ରୋର୍ଡିକ ଏବଂ ମୁଁ ଯୁକ୍ତି ଦର୍ଶାଇଛୁ। ଦୀର୍ଘଦିନ ଧରି ଘରୋଇ ଫାଇନାନ୍ସ ପ୍ରବାହ ଶୃଙ୍ଖଳା ବଦଳରେ ଅସ୍ଥାୟୀ ତଥା ପରିବେଶ ଅନୁପଯୋଗୀ ମାକ୍ରୋଇକୋନୋମିକ୍ ନୀତିରେ ଲିପ୍ତ ରହନ୍ତି। ଅର୍ଥ ପ୍ରବାହ ନ କମିବା ଯାଏ ସେମାନେ ପ୍ରତ୍ୟକ୍ଷ କ୍ଷେତ୍ରରେ ଏହା କରିଥାଆନ୍ତି। ଅବଶ୍ୟ ଉନ୍ନତ ଅର୍ଥବ୍ୟବସ୍ଥାଗୁଡ଼ିକରେ ସୁଧ ହାର ବୃଦ୍ଧି ହେବା ଯଦି ଆରମ୍ଭ ହୁଏ, ତେବେ ଗରିବ ଦେଶଗୁଡ଼ିକ ପାଇଁ ପୁଞ୍ଜି ଅଧିକ ବୋଝ ହୋଇଯିବ। ସବୁ ଆଡ଼େ ଏହି ସିଷ୍ଟମ୍‌ରେ ଅଧିକ ଅର୍ଥ କାରବାର ଚାଲିଛି ଓ ଯେ ପର୍ଯ୍ୟନ୍ତ ଏହା ରହିଥିବ ସେ ଯାଏ ଇଏସ୍‌ଜି ଏବଂ କ୍ଲାଇମେଟ ଫାଇନାନ୍ସିଂରେ ଅଧିକ ବିପଦ ଦେଖାଦେବ।

ଆମର ପାରମ୍ପରିକ ଚିନ୍ତାଧାରା ରହିଛି ଯେ, କ୍ରିପ୍ଟୋକରେନ୍ସି ବବ୍‌ଲର ପତନରୁ ପରବର୍ତ୍ତୀ ଫାଇନାନ୍ସିଆଲ କ୍ରାସ୍ ହେବ। କିନ୍ତୁ କ୍ଲାଇମେଟ୍ ଫାଇନାନ୍ସ ଏହାଠାରୁ ଅଧିକ ସଙ୍କଟ ଆଣିପାରେ। ବିତ୍ତୀୟ ବଜାର କ୍ରିପ୍ଟୋକରେନ୍ସିକୁ ନେଇ ସମ୍ଭାବ୍ୟ ବିପଦ ଅନୁଭବ କରୁଛି। ସେହିଭଳି ସମ୍ପତ୍ତି ଏବଂ ଯେଉଁ ପ୍ରକାର ନିବେଶକଙ୍କୁ ଏହା ଆକର୍ଷିତ କରୁଛି ସେଥିପ୍ରତି ମଧ୍ୟ ସତର୍କ ରହିବା ଦରକାର। ଅନ୍ୟପଟେ ଇଏସ୍‌ଜି ନିବେଶ ଏହାଠାରୁ ଅଧିକ ଗମ୍ଭୀର ଓ କମ୍ କ୍ଷତିକାରକ ଜଣାପଡୁଛି। ଏହାର ଦୃଶ୍ୟମାନ ସାମାଜିକ କଲ୍ୟାଣର ପରିସର ସୁପ୍ତ ନିୟାମକ ପ୍ରତି ଧ୍ୟାନ ଦିଆ ଯାଉନାହିଁ। ଘରୋଇ କ୍ଲାଇମେଟ ଫାଇନାନ୍ସ ପରବର୍ତ୍ତୀ ଫାଇନାନ୍ସ ବବ୍‌ଲ ହୋଇପାରେ। ବିଶ୍ୱ ଏହି ବିପଦ ପ୍ରତି ସତର୍କ ରହିବା ଦରକାର।

ସିନିୟର ଫେଲୋ, ବ୍ରାଉନ୍ ୟୁନିଭର୍ସିଟି, ଆମେରିକା

# ଐତିହ୍ୟ ପ୍ରଦର୍ଶନର ଆବଶ୍ୟକତା



ଡ. ପ୍ରମୋଦ କୁମାର ପଣ୍ଡା

ପୁରୁଷୋତ୍ତମ କ୍ଷେତ୍ର ପୁରୀରେ ଶ୍ରୀମନ୍ଦିର ପରିକ୍ରମା ସୌନ୍ଦର୍ଯ୍ୟକରଣ ଏକ ସ୍ୱାଗତଯୋଗ୍ୟ ଓ ସୁନ୍ଦର ପଦକ୍ଷେପ। ଏହାଦ୍ୱାରା ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ପୁରୀର ଗୁରୁତ୍ୱ ବୃଦ୍ଧି ପାଇବା ସୁନିଶ୍ଚିତ। ଜଗନ୍ନାଥ ସଂସ୍କୃତି କେଉଁ ଆଦିମ କାଳରୁ ବିଶ୍ୱକୈନ୍ଦ୍ରିକ ଭାବେ ପ୍ରସ୍ଫୁଟିତ ହୋଇଛି। ଅନ୍ୟ ସମସ୍ତ ସ୍ଥାନରେ ଭଗବାନ୍ ବିଷ୍ଣୁଙ୍କର ଚକ୍ଷୁ ମନୁଷ୍ୟ ଚକ୍ଷୁ ପରି ହୋଇଥିବା ସ୍ଥଳେ ଜଗନ୍ନାଥଙ୍କର ଚକ୍ଷୁରେ ବିଶ୍ୱ ଦୃଶ୍ୟମାନ (ଗୋଲାକାର)। ସର୍ବତ୍ର ପ୍ରସାଦ କୁହାଯାଉଥିବା ବେଳେ ପୁରୀରେ ମହାପ୍ରସାଦ, ସର୍ବତ୍ର ଶ୍ମଶାନର ନାମ ଥିବାବେଳେ ପୁରୀରେ ଏଡା ସ୍ୱର୍ଗଦ୍ୱାର। ପ୍ରତ୍ୟହ ୫୬ ଭୋଗ ରନ୍ଧନ ଓ ଅର୍ପଣ, ସେବା ପୂଜା ପାଇଁ ଛତିଶଟି ନିଯୋଗ ବା ସମ୍ପ୍ରଦାୟକୁ ଦାୟିତ୍ୱ ବଣ୍ଟନ ଇତ୍ୟାଦି ସବୁ କିଛି ଅନେକ ଅନେକ ସ୍ୱତନ୍ତ୍ରତା ବହନକରେ, ଯାହାକୁ ଆମେ ବିଶ୍ୱସ୍ତରୀୟ ରୂପେ ବର୍ଣ୍ଣନା କରିପାରିବା।

ଏଠାରେ ଆଉ ଏକ ଅଦ୍ଭୁତ କଥା ହେଉଛି ମଠ ଓ ମନ୍ଦିରର ସମନ୍ୱୟନ। ହିନ୍ଦୁଧର୍ମର ବିକାଶ ଓ ବୃଦ୍ଧିରେ ସାଧୁ ସନ୍ଥ, ମୁନିଋଷି, ମଠ ଓ ମନ୍ଦିରର ଅତୁଳନୀୟ ଅବଦାନ ରହିଛି। କେଉଁ ପ୍ରାଚୀନ କାଳରୁ ଏଠାରେ ବିଭିନ୍ନ ପ୍ରାଚୀନ ମଠ ମଧ୍ୟ ଗଢ଼ି ଉଠିଛି ଓ ମନ୍ଦିରର ରୀତିନୀତି ସହିତ ଓତପ୍ରୋତ ଭାବେ ଜଡ଼ିତ ହୋଇଛି। ସେ ଆଦି ଶଙ୍କରଙ୍କ ସ୍ଥାପିତ ଗୋବର୍ଦ୍ଧନ ମଠ ହେଉ, ସନ୍ଥ ରାମାନୁଜଙ୍କ ସ୍ଥାପିତ ରାମାନୁଜ ମଠ ହେଉ, ଗୁରୁ ନାନକ ଦେବଙ୍କ ରହଣି ମଙ୍ଗୁମଠ ହେଉ ବା ଶ୍ରୀ ଚୈତନ୍ୟ ଦେବଙ୍କ ପ୍ରତିଷ୍ଠିତ ଶ୍ରୀ ଗୌଡ଼ିଅ ମଠ ହେଉ, ସବୁଠାରେ ପ୍ରାଚୀନ ଐତିହ୍ୟ ସମ୍ପୂର୍ଣ୍ଣ ଛବି ଦେଖିବାକୁ ମିଳେ। ଶ୍ରୀକ୍ଷେତ୍ର ବା ଜଗନ୍ନାଥ ଧାମ ଯେ କେବଳ ହିନ୍ଦୁମାନଙ୍କର ପବିତ୍ର ସ୍ଥାନ ତାହା ନୁହେଁ, ଏହା ସବୁ ଧର୍ମର ମିଳନ ସ୍ଥଳ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଠାରେ ବୁଦ୍ଧ, ଜୈନ, ଶିଖ୍, ମୁସଲମାନ, ଶାକ୍ତ, ବୈଷ୍ଣବ, ପାର୍ସି, ଖ୍ରୀଷ୍ଟିଆନ୍ ସମସ୍ତେ ନିଜ ନିଜର ଇଷ୍ଟ ଦେବଙ୍କୁ ଜଗନ୍ନାଥ ମାଧ୍ୟମରେ ପାଇ ଅପୂର୍ବ କୃପା ଲାଭ କରନ୍ତି। ସମସ୍ତଙ୍କ ମନର ଅଭିଳାଷକୁ ପୂରା କରିପାରୁ ଥିବାରୁ ଏହାର ନାମ ତ ଥିଲା ପୁରୀ। ସେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ହୁଅନ୍ତୁ କିମ୍ବା ସନ୍ଥ ରାମାନୁଜ ଅଥବା ସନ୍ଥ ତୁଳସୀ ଦାସ, ସନ୍ଥ କବୀର, ଗୁରୁ ନାନକଦେବ, ଶ୍ରୀଚୈତନ୍ୟ, ଭକ୍ତରାଜ ଇନ୍ଦ୍ରଦ୍ୟୁମ୍ନ, ଭକ୍ତ ସାଲବେଗ, ଭକ୍ତ ଜୟଦେବ, ଜଗନ୍ନାଥ ଦାସ, ବଳରାମ ଦାସ, ରାମାନନ୍ଦ, ଦାସିଆ ବାଉରି, ମାଣିକ ଗଉଡୁଣୀ ନିଜ ଜୀବନକୁ ଧନ୍ୟ କରିଥିଲେ ଜଗନ୍ନାଥଙ୍କ ଅପାର କୃପା ଲାଭ କରି। କେହି କେହି ମତଦିଅନ୍ତି ଯେ ଯିଶୁଖ୍ରୀଷ୍ଟ ମଧ୍ୟ ଅନେକ ଦିନ ପୁରୀରେ ଅବସ୍ଥାନ କରି ଜଗନ୍ନାଥଙ୍କ କୃପା ଲାଭ କରିଥିଲେ। ସେଥିପାଇଁ ତ ରାମକୃଷ୍ଣ ପରମହଂସ କହିଥିଲେ– ସେ ଯଦି ପୁରୀ ଯିବେ, ଆଉ ଫେରିପାରିବେ ନାହିଁ। ତାଙ୍କର ପ୍ରିୟ ଶିଷ୍ୟ ସ୍ୱାମୀ ବିବେକାନନ୍ଦଙ୍କୁ ବି କହିଥିଲେ– ତୋତେ ସମଗ୍ର ଭାରତରେ ଧର୍ମପ୍ରଚାର କରିବାର ଅଛି। ପୁରୀ ଗଲେ ଆଉ ଫେରି ପାରିବୁନି। ତେଣୁ ସେଠାକୁ ଯାଆନା। ସ୍ୱାମୀ ବିବେକାନନ୍ଦ ସମଗ୍ର ଭରତବର୍ଷ ଭ୍ରମଣ କରି ସନାତନ ହିନ୍ଦୁଧର୍ମ ପ୍ରଚାର କଲେ ସତ, କିନ୍ତୁ କେବେ ପୁରୀ ଆସିଲେ ନହିଁ; ଯଦିଓ ବଙ୍ଗାଳୀମାନଙ୍କ ପାଇଁ ପୁରୀ ସବୁଠୁ ପବିତ୍ରତମ ସ୍ଥାନ।

ଅତି ଆନନ୍ଦର କଥା, ସେହି ଜଗତର ପ୍ରଭୁ ଜଗନ୍ନାଥଙ୍କ ପରିକ୍ରମା ପାଇଁ ବ୍ୟବସ୍ଥା ହେଉଛି। ମଠର ସାଧୁ ସନ୍ଥମାନେ କେଉଁ ଆଦିମ କାଳରୁ ଜଗନ୍ନାଥ ସଂସ୍କୃତିକୁ ଋଦ୍ଧିମନ୍ତ କରି ଆସିଛନ୍ତି। ଯଦି ଏହି ପରିକ୍ରମା ମାର୍ଗରେ ପୁରୀରେ ବିଭିନ୍ନ ସମ୍ପ୍ରଦାୟର ପ୍ରାଚୀନ ମଠ, ଋଷି ଆଶ୍ରମ, ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସଂଗ୍ରହାଳୟ, ଶବର ରାଜା ବିଶ୍ୱାବସୁଙ୍କ ସଂଗ୍ରହାଳୟ, ଯେତେ ସବୁ ସନ୍ଥ ମହାପୁରୁଷ ପୁରୀରେ ଅବସ୍ଥାନ କରି ନିଜର ଇଷ୍ଟ ଦର୍ଶନ କରିଛନ୍ତି, ସେମାନଙ୍କର ପ୍ରତିମୂର୍ତ୍ତି/ସମ୍ପର୍କୀୟ ତଥ୍ୟ ଆଦି ଉତ୍କଳୀୟ ଶୈଳୀରେ ନିର୍ମାଣ କରି ଅବସ୍ଥାପିତ କରନ୍ତେ, ତାହା ଐତିହ୍ୟ ପରିକ୍ରମାକୁ ଆହୁରି ଜୀବନ୍ତ କରିପାରନ୍ତା। ପ୍ରତ୍ୟେକ ପ୍ରାଚୀନ ମଠ କିମ୍ବା ଆଶ୍ରମର ଗାଦି, ଇଷ୍ଟ, ଇତିହାସ, ପୁସ୍ତକାଗାର ପ୍ରଭୃତି ଦେଖି ଭକ୍ତମାନେ ଧନ୍ୟ ମନେକରନ୍ତେ। ଯେତେବେଳେ ଭକ୍ତମାନେ ଭ୍ରମଣ କରିବେ, ସେତେବେଳେ ଚତୁର୍ଦ୍ଦିଗରୁ ଭଜନ, କୀର୍ତ୍ତନ, ଶଙ୍ଖ, ଘଣ୍ଟା, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ପରିକ୍ରମା ମାର୍ଗ ପ୍ରକମ୍ପିତ ହୁଅନ୍ତା, ଯାହାକି ଭକ୍ତ ମନରେ ଏକ ନିଆରା ଅନୁଭୂତି ସୃଷ୍ଟି କରିପାରନ୍ତା। ଅବଶ୍ୟ ଏହି ଐତିହ୍ୟ ପରିକ୍ରମା ମାର୍ଗରେ କିଛି ମଠ ସ୍ଥାପିତ ହୋଇଛି, ମାତ୍ର ଯାତ୍ରୀ ସୁବିଧା କେନ୍ଦ୍ର ସହିତ ଯଦି ଉପରୋକ୍ତ ବର୍ଣ୍ଣିତ ଐତିହ୍ୟରାଜିକୁ ସ୍ଥାପିତ କରିବାରେ ଆମେ ସଫଳ ହେବା, ତା'ହେଲେ ନିଶ୍ଚିତ ରୂପେ ଏହା ପର୍ଯ୍ୟଟକମାନଙ୍କୁ ଅଧିକ ଆକୃଷ୍ଟ କରିବାରେ ସହାୟକ ହେବ। ଜଗନ୍ନାଥଙ୍କ ପୌରାଣିକ କଥାବସ୍ତୁକୁ ଲେଖା ଚିତ୍ର ଓ ମୂର୍ତ୍ତି ମାଧ୍ୟମରେ ମଧ୍ୟ ପ୍ରଦର୍ଶିତ କରିପାରିବା। ତା'ଛଡ଼ା ମଠଗୁଡ଼ିକୁ ମନ୍ଦିରଠୁ ଦୂରେଇ ଦେଲେ, ସେମାନଙ୍କ ସେବା ପ୍ରଦାନରେ ବିଳମ୍ବ ହେବା ସହିତ ଆଗାମୀ ଦିନରେ ଧୀରେ ଧୀରେ ଜଗନ୍ନାଥ ସଂସ୍କୃତିରେ ମଠ ମନ୍ଦିରର ପ୍ରାସଙ୍ଗିକତା ଓ ଆଧ୍ୟାତ୍ମିକତା ହ୍ରାସ ପାଇବାର ସମ୍ଭାବନା ରହିଛି। ଆଗରୁ ସବୁ ଜଗନ୍ନାଥପ୍ରେମୀ ଏ ମହତ୍ କାର୍ଯ୍ୟରେ ସହଯୋଗ କରିଛନ୍ତି, ଏବେ ମଧ୍ୟ ଅକୁଣ୍ଠ ଚିତ୍ତରେ ନିଶ୍ଚିତ ରୂପେ ସହଯୋଗର ହାତ ବଢ଼ାଇବେ। ପୁରୀ କ୍ଷେତ୍ରର ସମସ୍ତ ପ୍ରାଚୀନ ଐତିହ୍ୟକୁ ପରିକ୍ରମା ମାର୍ଗରେ ପ୍ରଦର୍ଶିତ କରି ନ ପାରିଲେ, ଏହା କେବଳ ସୌନ୍ଦର୍ଯ୍ୟବୋଧ ଭିତରେ ସୀମିତ ରହିଯିବ, ମାତ୍ର ଆବଶ୍ୟକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟିରେ ବିଫଳ ହେବ। ପୁରୀରେ ଥିବା ପ୍ରତ୍ୟେକ ପ୍ରାଚୀନ ଐତିହ୍ୟକୁ ଓ କିମ୍ବଦନ୍ତୀକୁ ପରିକ୍ରମା ମାର୍ଗରେ ଉତ୍କଳୀୟ କଳା ସ୍ଥାପତ୍ୟ ଶୈଳୀରେ ନିର୍ମିତ ଗୃହରେ ଅବସ୍ଥାପିତ କରି ଜଗନ୍ନାଥ ଧାମର ଇତିହାସକୁ ଆଗାମୀ ପିଢ଼ି ସମ୍ମୁଖରେ ପ୍ରଦର୍ଶିତ କରିବା ପାଇଁ ପ୍ରୟାସ କରିବା ଆବଶ୍ୟକ।

ପ୍ରଧାନ ବୈଜ୍ଞାନିକ
ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ
(ଭାରତ ସରକାର), ଭୁବନେଶ୍ୱର

## ଏଇ ଭାରତରେ

ଦିନେ ଉପାସରେ ଶୋଉଥିବା ଝିଅଟି ଏବେ ଅନ୍ୟମାନଙ୍କ ପେଟ କଥା ଚିନ୍ତା କରୁଛନ୍ତି। ସେ ହେଉଛନ୍ତି ତାମିଲନାଡୁ ତ୍ରିରୁଚି ନିବାସୀ ଚିନ୍ନାଥାମ୍ବି। ୨ ଟଙ୍କାରେ ସେ ଦୋଷା ବିକ୍ରି କରୁଛନ୍ତି। ଇଡ୍‌ଲି ପ୍ଲେଟ୍ ଦାମ୍ ୩ ଟଙ୍କା ଓ ଉପମାର ମୂଲ୍ୟ ୪ ଟଙ୍କା ରଖିଛନ୍ତି। ପ୍ରତିଦିନ ପାଖାପାଖି ୮୦୦ ଦୋଷା ବିକ୍ରି କରୁଛନ୍ତି। ଏହା ସନ୍ଧ୍ୟା ୬.୩୦ରୁ ବିଳମ୍ବିତ ରାତି ଯାଏ ଚାଲୁ ରହୁଛି। ଦୋଷା ସହ ଲୋକମାନଙ୍କୁ ଇଡ୍‌ଲି, ପରଟା, ଉପମା, ଆମ୍‌ଲେଟ ମାଗଣାରେ ଦେଉଛନ୍ତି। ଏସବୁ ଆଇଟମ୍‌କୁ ନେଇ ମୋଟରେ ସେ ୨୪ ପ୍ରକାର ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ହେଲେ ଦୋଷାର ଚାହିଦା ସବୁଠୁ ଆଗରେ ରହିଛି। ଚିନ୍ନାଥାମ୍ବିଙ୍କ ବୟସ ୪୯। ରାସ୍ତାକଡ଼ରେ ରହୁଥିବା ଅନେକ ଲୋକଙ୍କୁ ସେ କମ୍ ମୂଲ୍ୟରେ ପେଟପୂରା ଖାଇବାକୁ ଦେଉଛନ୍ତି। ୬ ବର୍ଷ ହେବ ସେ ଏହି କାର୍ଯ୍ୟ କରିଆସୁଛନ୍ତି। ପ୍ରତିଦିନ ସକାଳୁ ଉଠି ଖାଦ୍ୟ ଲାଗି ଜିନିଷ ପ୍ରସ୍ତୁତରେ ଲାଗିପଡ଼ନ୍ତି। ଦୋକାନରୁ ଯାହା ରୋଜଗାର ହୁଏ ତାହା ଜିନିଷ କିଣାରେ ଶେଷ ହୋଇଯାଏ, ଲାଭ କହିଲେ ସେ ପାଉଥିବା ଆନନ୍ଦ ବୋଲି କହନ୍ତି ଚିନ୍ନାଥାମ୍ବି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଜାନୁୟାରୀ ୧୯୯୭

- ଭାରତ, ପାକିସ୍ତାନ ଏବଂ ଶ୍ରୀଲଙ୍କାରୁ ବେଆଇନ ଭାବେ ଆସୁଥିବା ୨୮୦ ଜଣ ଦେଶାନ୍ତରଗାମୀ ନାଗରିକ ଭୂମଧ୍ୟସାଗର ମଧ୍ୟରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି।
- ଚେକ୍ ପ୍ରଜାତନ୍ତ୍ରର ବର୍ଷୀୟାନ ରାଷ୍ଟ୍ରପତି ଅକ୍‌ଲାଭ ହାଭେଲ ନିଜ ଦେଶର ଥିଏଟର ଅଭିନେତ୍ରୀ ଭେସ୍କୋରନୋଭାଙ୍କୁ ଦ୍ୱିତୀୟ ବବାହ କରିଛନ୍ତି।

## ଚିରନ୍ତନୀ

ଛିଡ଼ାଇ ଯାଇଛି ବାହା
ଶିଖିଥିଲା ସବୁ କାମ
ସବୁ ମିଛ, ରଖେ କିଏ ?
ହୋଇଲେ କରମ ବାମ।

(ଚାଷୀର ଭାଗ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | 8 | | | | |
| 3 | | | | | | | | |
| | 4 | 5 | | 7 | 2 | | | 3 |
| | 2 | | 8 | | 9 | | 5 | |
| 1 | | | | | 4 | 7 | | |
| | | | 1 | | | | 4 | |
| | | | 4 | | | | | 6 |
| 2 | | 1 | | 9 | 8 | | | 4 |
| | | 8 | | | | | | 5 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 2 | 7 | 5 | 8 | 1 | 4 | 6 |
| 5 | 6 | 4 | 1 | 2 | 9 | 8 | 7 | 3 |
| 8 | 1 | 7 | 3 | 4 | 6 | 2 | 9 | 5 |
| 9 | 8 | 5 | 2 | 6 | 1 | 7 | 3 | 4 |
| 2 | 7 | 6 | 4 | 3 | 5 | 9 | 8 | 1 |
| 1 | 4 | 3 | 8 | 9 | 7 | 5 | 6 | 2 |
| 4 | 2 | 1 | 9 | 8 | 3 | 6 | 5 | 7 |
| 6 | 3 | 9 | 5 | 7 | 2 | 4 | 1 | 8 |
| 7 | 5 | 8 | 6 | 1 | 4 | 3 | 2 | 9 |

ଗତକାଲିର ଉତ୍ତର

# ଯୁଦ୍ଧ ଅନାଥଙ୍କ ବିଶ୍ୱ ଦିବସ



ଡ.ମୌସୁମୀ ପରିଡ଼ା

ବିଶେଷତଃ ପରିବାରଗୁଡ଼ିକରେ ବୃଦ୍ଧମାନଙ୍କୁ ଛାଡ଼ିଦେଲେ ପିଲାମାନେ ମଧ୍ୟ ଅବହେଳାର ଶିକାର ହୁଅନ୍ତି। ଖାଦ୍ୟ, ପୋଷାକ ସମ୍ବନ୍ଧୀୟ ଆବଶ୍ୟକତା ଛଡ଼ା ଅନ୍ୟ ବିଷୟ ପ୍ରତି ବିଶେଷ ଦୃଷ୍ଟି ଦିଆଯାଏ ନାହିଁ। କେବେକେବେ ସେମାନଙ୍କ ଶାରୀରିକ, ମାନସିକ ଉନ୍ନତି ବା ଅବନତିକୁ ଆତ୍ମୀୟମାନେ ସେତେ ଗୁରୁତ୍ୱପୂର୍ଣ୍ଣ ମନେକରନ୍ତି ନାହିଁ। ସମୟାନୁସାରେ ସେମାନଙ୍କ ବିକାଶଧାରାର ସ୍ୱାଭାବିକ ବୃଦ୍ଧିକୁ ଯଥେଷ୍ଟ ମନେକରି ବୟସ୍କମାନେ ସାମାନ୍ୟ ବେପରୁଆ ପାଲଟିଯାଆନ୍ତି। ପରିବାରରେ ଆତ୍ମୀୟମାନଙ୍କ ଗହଣରେ ଲାଳିତପାଳିତ ହେଉଥିବା ପିଲାମାନେ ଯଦି ଏଭଳି ମନୋଦଶାର ଶିକାର ହୁଅନ୍ତି, ତେବେ ଯେଉଁମାନେ ପରିବାର ବିଚ୍ୟୁତ ବା ପିତୃମାତୃହୀନ, ସେମାନେ କିଭଳି ଭାବରେ ଜୀବନ ଅତିବାହିତ କରୁଥିବେ ତାହା ବିଚାର୍ଯ୍ୟ।

ଆକସ୍ମିକ ଦୁର୍ଘଟଣା ବା ଯୁଦ୍ଧ ଦ୍ୱାରା କିମ୍ବା ପରିତ୍ୟକ୍ତ ହେବା ଫଳରେ ସୃଷ୍ଟି ହୋଇଥିବା ଅନାଥଙ୍କ ଦୁର୍ଦ୍ଦଶା କଥା କେହି ଭାବନ୍ତି ନାହିଁ। ଆତ୍ମୀୟଙ୍କଠାରୁ ପୃଥକ୍ ହୋଇ ସେମାନେ ସମାଜରେ କିପରି ପ୍ରତିପାଳିତ ହୁଅନ୍ତି, ସେକଥା ଚିନ୍ତାକରିବା ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ। ସେଥିପାଇଁ ଆନ୍ତର୍ଜାତିକ ସ୍ତରରେ ପ୍ରତିବର୍ଷ ଜାନୁୟାରୀ ୬ ତାରିଖରେ ଯୁଦ୍ଧ–ଅନାଥଙ୍କ ବିଶ୍ୱ ଦିବସ ପାଳନ କରାଯାଏ। ଏହି ଦିନଟିକୁ ସେହି ଅନାଥ ପିଲାମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଏ, ଯେଉଁମାନେ ଯୁଦ୍ଧରେ ନିଜ ମାତାପିତାଙ୍କୁ ହରେଇଛନ୍ତି। ଯୁଦ୍ଧ, ଜାତିଗତ ବିଦ୍ୱେଷ ବା ବିଭିନ୍ନ ସଙ୍ଘର୍ଷ ଦ୍ୱାରା ପୀଡ଼ିତ ପିଲାମାନେ ଯେଉଁମାନେ ନିଜ ମାତାପିତାଙ୍କୁ ହରାଇ ବିଶେଷ ଭାବେ କ୍ଷତିଗ୍ରସ୍ତ, ସେମାନେ ଯେ ସମାଜର ଗୁରୁତ୍ୱପୂର୍ଣ୍ଣ ଅଂଶ ଓ ବିଶେଷ ଦାୟିତ୍ୱ, ଏହାକୁ ପୁଣିଥରେ ମନେପକାଇବା ପାଇଁ ଏହିଦିନ ସଚେତନତା ସୃଷ୍ଟି କରାଯାଏ। ସେମାନେ ଅହର୍ନିଶ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରାଯାଏ।

ବହୁ ସମୟରେ ଅନାଥାଳୟରେ ବଢୁଥିବା ପିଲାମାନେ ସମ୍ବେଦନଶୀଳତାର ଅଭାବରେ ନାନାପ୍ରକାରର ସାମାଜିକ ବିଭେଦର ଶିକାର ହୋଇଆସୁଛନ୍ତି। ଶିକ୍ଷା ଅଭାବରେ ସେମାନେ ବିଶୃଙ୍ଖଳିତ ଓ ପୋଷଣ ଅଭାବରୁ ସ୍ୱାସ୍ଥ୍ୟହୀନତାର ଶିକାର ହେଉଛନ୍ତି। ଆର୍ଥିକ ଅଭାବ ସେମାନଙ୍କୁ କୁକାର୍ଯ୍ୟରେ ଲିପ୍ତ କରାଉଛି। ବିନା ସ୍ନେହ ଶ୍ରଦ୍ଧା ଓ ଆତ୍ମୀୟତାରେ ସେମାନେ ବିପର୍ଯ୍ୟସ୍ତ। ସମାଜର ଉପେକ୍ଷା, ଅନାଦର ସେମାନଙ୍କୁ ବେଶୀ ବିକ୍ଷିପ୍ତ କରିଛି। ଫଳରେ ସେମାନଙ୍କ ଭବିଷ୍ୟତ ଅନିଶ୍ଚିତ ହୋଇଯାଉଛି। ପ୍ରତ୍ୟେକ ପିଲାର ସ୍ୱାଭାବିକ ଜୀବନଯାପନ ସହିତ ମାନସିକ ଓ ଶାରୀରିକ ସୁସ୍ଥତା ନିହାତି ଜରୁରୀ, କାରଣ ପିଲାମାନେ ହିଁ ଦେଶର ଭବିଷ୍ୟତ। ଶୈଶବକୁ ହସଖୁସିରେ ଅତିବାହିତ କରିବା ସେମାନଙ୍କ ମୌଳିକ ଅଧିକାର। ସେଥିପାଇଁ ସେମାନଙ୍କୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଯୋଗାଇଦେବା, ଶିକ୍ଷା ଓ ସ୍ୱାଭାବିକ ଜୀବନ ପ୍ରବାହ ପ୍ରତି ଆକର୍ଷିତ କରିବା ଏହି ଦିନର ପ୍ରମୁଖ ଲକ୍ଷ୍ୟ। ଏଥରର ଥିମ୍ ବା ବିଷୟ ହେଉଛି ବିଶ୍ୱବ୍ୟାପୀ ମହାମାରୀର ଭୟଙ୍କର ଅବସ୍ଥାରେ ପିଲାମାନଙ୍କ ଯତ୍ନ ନେବାର ଦାୟିତ୍ୱ।

ଫ୍ରେଞ୍ଚ୍ ସଙ୍ଗଠନ, ଏସ୍‌ଓଏସ୍ ଇନ୍‌ଫାନ୍‌ଟ୍ସ ଏନ୍ ଡିଟ୍ରେସେସ୍ ପ୍ରଥମେ ଯୁଦ୍ଧ–ଅନାଥମାନଙ୍କ ଉଦ୍ଦେଶ୍ୟରେ ବିଶ୍ୱ ଦିବସ ଆରମ୍ଭ କରିଥିଲା। ସେମାନଙ୍କ ଭବିଷ୍ୟତ ପ୍ରତି ସଚେତନ କରିବାକୁ ଗୁରୁତ୍ୱ ଦେଇ ଏହି ଦିବସକୁ ଯୁଦ୍ଧ–ଅନାଥଙ୍କ ବିଶ୍ୱଦିବସ ରୂପେ ପାଳନ କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବହୁ ପିଲା ଅନାଥ ହୋଇଥିଲେ। ସେବେଠାରୁ ଛୋଟ ବଡ଼ ବିଭିନ୍ନ ଯୁଦ୍ଧରେ ଯୁଦ୍ଧ–ଅନାଥଙ୍କ ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି। ସେତେବେଳ ସମୟରେ ୟୁରୋପରେ ଲକ୍ଷାଧିକ ଯୁଦ୍ଧ ଅନାଥ ଥିଲେ।

ସେହିପରି ଆଫ୍‌ଗାନିସ୍ତାନର ଅବିରତ ଯୁଦ୍ଧର ପରିଣାମ ଏଇଆ ଯେ ଯୁଦ୍ଧ–ଅନାଥଙ୍କ ମଧ୍ୟରେ ପ୍ରତି ଦଶଜଣରେ ଜଣେ କୁପୋଷଣର ଶିକାର, ଅଧାରୁ ଅଧିକ ପିଲା ଅବିକଶିତ। ସେଠାରେ ପ୍ରାୟ ୨ କୋଟିରୁ ଅଧିକ ଯୁଦ୍ଧ–ଅନାଥ ବାସ କରନ୍ତି ଏବଂ ଏହି ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି। ସେହିପରି ଆଫ୍ରିକା ମହାଦେଶରେ ଯୁଦ୍ଧ ବା ମହାମାରୀ ଦ୍ୱାରା ପ୍ରାୟ ୩୪ କୋଟିରୁ ଅଧିକ ପିଲା ଯୁଦ୍ଧ–ଅନାଥ। ବିଗତ ଦଶବର୍ଷରେ ୨ କୋଟିରୁ ଅଧିକ ପିଲା ସଂଘର୍ଷରେ ମୃତ୍ୟୁବରଣ କରିଛନ୍ତି। ଏପରି ବାରମ୍ବାର ସଙ୍ଘର୍ଷ ଦ୍ୱାରା ୨୦ କୋଟିରୁ ଅଧିକ ପିଲା ଘରଛାଡ଼ି ପଳାଇବାକୁ ବାଧ୍ୟ ହେଉଛନ୍ତି।

ସେହିପରି ଉତ୍ତରୀ ଉଗାଣ୍ଡାରେ ଦୀର୍ଘ ୧୮ ବର୍ଷର ଯୁଦ୍ଧରେ ଅସଂଖ୍ୟ ଲୋକ ମୃତ୍ୟୁବରଣ କରିଛନ୍ତି। ସ୍କୁଲ୍, ଗାଁ, ଘର ଓ ପରିବାର ନଷ୍ଟଭ୍ରଷ୍ଟ ହୋଇଯାଇଛି। ବହୁମାତ୍ରାରେ ପିଲା ଅନାଥ ହୋଇଛନ୍ତି। ଏହିପରି ବିଭିନ୍ନ ଆଞ୍ଚଳିକ ବା ଦେଶ–ଦେଶ ଭିତରର ଯୁଦ୍ଧରେ ଅସଂଖ୍ୟ ଲୋକ ମୃତ୍ୟୁବରଣ କରୁଥିବା ହେତୁ ସେମାନଙ୍କ ପିଲାମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇଯାଇଛି। ରୋଗ, ଶୋକ, ଭୟ, କ୍ଷୁଧା, ଆଶ୍ରୟ, ଶିକ୍ଷା ଅଭାବରେ ଅନେକ ସମୟରେ ମୃତ୍ୟୁମୁଖରେ ପଡ଼ିଛନ୍ତି।

ୟୁନିସେଫ୍ ଅନୁସାରେ ଅଠର ବର୍ଷ ଭିତରେ ଜଣେ ପିଲା, ଯିଏ କି ତା' ମାତାପିତା ଉଭୟ ବା ଜଣକୁ ହରାଏ ସେ ଅନାଥର ପଦବାଚ୍ୟ। ୟୁନିସେଫ୍ ଅନୁଯାୟୀ ସାରା ବିଶ୍ୱରେ ପ୍ରାୟ ୧୫.୩ କୋଟିରୁ ଅଧିକ ଅନାଥ ରହିଛନ୍ତି। ଏସିଆରେ ସର୍ବାଧିକ ପ୍ରାୟ ୭.୧ କୋଟି, ଆଫ୍ରିକାରେ ପ୍ରାୟ ୫.୨ କୋଟି, ଲାଟିନ୍ ଆମେରିକା ଓ କାରିବିୟନ୍‌ରେ ପାଖାପାଖି ୧ କୋଟି ଅନାଥ ଥିବାବେଳେ ଭାରତରେ ଏହି ସଂଖ୍ୟା ୩.୧ କୋଟି। ସେମାନେ ଖାଦ୍ୟ, ବାସଗୃହ, ଶିକ୍ଷା, ସାମାଜିକ ସମ୍ପର୍କ, ପରିବାର ଅଭାବରୁ ଗଭୀର ଭାବରେ କ୍ଷତିଗ୍ରସ୍ତ। ଯୌନ ଉତ୍ପୀଡ଼ନ, ଶିଶୁ ଶ୍ରମିକ, ବିତାଡ଼ିତ, ପ୍ରତ୍ୟାଖ୍ୟାତ ହୋଇ ବଞ୍ଚିବା ଦୁର୍ବିସହ ହୋଇପଡ଼ିଛି।

ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଓସ୍‌ଲୋ (ପିଆର୍‌ଆଇଓ) ଅନୁସାରେ ୨୦୦୦ ଠାରୁ ଯୁଦ୍ଧ–ଅନାଥଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ୨୦୧୯ ସୁଦ୍ଧା ୪୨.୬ କୋଟି (ଛଅ ଜଣରେ ଜଣେ ପିଲା) ଯୁଦ୍ଧ–ଅନାଥ ଜୀବନ ସହ ଯୁଦ୍ଧ ଜାରି ରଖିଥିବାବେଳେ ଆଫ୍ରିକାରେ ଏହି ସଂଖ୍ୟା ସର୍ବାଧିକ ୧୭.୯ କୋଟି। ମାତ୍ର ପାଞ୍ଚ ବର୍ଷ ବୟସର ୭.୧ କୋଟି ଯୁଦ୍ଧ–ଅନାଥ। ଯଦିଓ ଲଗାତାର ଯୁଦ୍ଧ ପାଇଁ ଏହି ସଂଖ୍ୟା ପ୍ରତିବର୍ଷ ବୃଦ୍ଧି ହେବାରେ ଲାଗିଛି। ବିକଶିତ ଦେଶଗୁଡ଼ିକରେ ଯୁଦ୍ଧ ଅନାଥଙ୍କ ସଂଖ୍ୟା ଅପେକ୍ଷାକୃତ କମ୍, କିନ୍ତୁ ଯୁଦ୍ଧଖୋର୍ ଦେଶଗୁଡ଼ିକରେ ଏ ସଂଖ୍ୟା ଅଧିକ।

ଯୁଦ୍ଧର ପରିଣତି ଯେ କେତେ ଭୟଙ୍କର, ଏକଥା ଲୋକମାନଙ୍କୁ ବୁଝାଇବା ଓ ବାର୍ତ୍ତା ଦେବା ଜରୁରୀ। ସେମାନଙ୍କ ବିକାଶ ପାଇଁ ଅର୍ଥଦାନ କରିବା ସହିତ ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ ବରଂ ଅନେକ ଦୁର୍ଦ୍ଦଶାର କାରଣ ବୋଲି ସମସ୍ତଙ୍କୁ ଅବଗତ କରିବା ଦରକାର। ଯୁଦ୍ଧ–ଅନାଥମାନଙ୍କ ଦୁଃଖ ଯନ୍ତ୍ରଣାର କାରଣ ଓ ପରିଣାମର ଭୟାବହତା ସବୁ ଦେଶ ବୁଝିବା ଆବଶ୍ୟକ। ନ୍ୟସ୍ତସ୍ୱାର୍ଥ ଓ ବୃଥା ଅହମିକା ପାଇଁ କେତେ କୋମଳ ଶିଶୁ ଓ କିଶୋର ବହୁ କଷ୍ଟ ଯନ୍ତ୍ରଣା ସହ ଲଢ଼ିଆସୁଛନ୍ତି, ସେକଥାକୁ ଏଡ଼େଇ ଦେଇ ହେବନାହିଁ। କାରଣ ସେମାନଙ୍କର ମଧ୍ୟ ଅନ୍ୟମାନଙ୍କ ପରି ବଞ୍ଚିବାର ଅଧିକାର ଅଛି। ସମାଜ ସେମାନଙ୍କ ମା'ବାପାଙ୍କୁ ସିନା ଫେରାଇପାରିବ ନାହିଁ, କିନ୍ତୁ ଆତ୍ମୀୟସ୍ୱଜନଙ୍କ ପରି କିଛି ସୁଖସୁବିଧା ଉପଲବ୍ଧ କରାଇ ସେ ଅଭାବକୁ କମ୍ କରିପାରିବ।

ଦୁଃସ୍ଥିତି ଅନୁଯାୟୀ ସେମାନେ ଅସଂଖ୍ୟ ସମସ୍ୟାର ସମ୍ମୁଖୀନ ହୋଇ ନାନା ପ୍ରକାରର ଦୁରବସ୍ଥାକୁ ମଥାମାଡି ମାନିନେଇଛନ୍ତି, ତେଣୁ ଏଭଳି ଯୁଦ୍ଧ କାହାକୁ ଶାନ୍ତି ଦେଇନାହିଁ ବରଂ ଦେଶଗୁଡ଼ିକୁ ଦାରିଦ୍ର୍ୟ ଆଡ଼କୁ ଠେଲିଦେଇଛି। ଏସବୁର ସଚେତନତା ସୃଷ୍ଟି କରି ପିଲାମାନଙ୍କୁ ସୁମାର୍ଗରେ ପରିଚାଳିତ କରିବା ଆବଶ୍ୟକ। ସେମାନଙ୍କୁ ଉନ୍ନତ ଭବିଷ୍ୟତ ଆଡ଼କୁ ଆକର୍ଷିତ କରିବା ପାଇଁ ଆମ ସମସ୍ତଙ୍କର ସଚେତନତା ଜରୁରୀ। ଏ ସମସ୍ୟା ସବୁଦିନର, କେବଳ ଜାନୁୟାରୀ ୬, ଗୋଟେ ଦିନ ପାଇଁ ଯଥେଷ୍ଟ ନୁହେଁ। ସମାଜର ଏଭଳି ପିଲାମାନଙ୍କ ଉନ୍ନତି ବିଧାନରେ ଆମ ସମସ୍ତଙ୍କର ଯୋଗଦାନ ନିହାତି ଆବଶ୍ୟକ।

ମୋ: ୯୪୩୭୩୧୭୦୨୬

## ପାଠକ ଶ୍ରେଷ୍ଠ ବିଚାରକ

### ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଜରୁରୀ

ମହାଶୟ,

ଓଡ଼ିଶା ଉପକୂଳକୁ ଶୀତ ଋତୁ ଆରମ୍ଭରୁ ହଜାର ହଜାର ମାଇଲ ଅତିକ୍ରମ କରି ଅଲିଭ ରିଡଲେ କଇଁଛ ଅଣ୍ଡାଦାନ କରିବାକୁ ଆସନ୍ତି। ଏହି ବିରଳ ଅଲିଭ୍ ରିଡ୍‌ଲେ କଇଁଛ ମାଛ ଯାଆଁଳ ଓ ମାଛ ଅଣ୍ଡାକୁ ଆହାର ରୂପେ ଖାଇଯାଉଥିବା ସାମୁଦ୍ରିକ ଜୀବ 'ଜେଲିଫିସ୍'କୁ ଖାଇ ତାଙ୍କ ବଂଶ ବିଲୋପ କରନ୍ତି। ଯାହା ଫଳରେ ମତ୍ସ୍ୟବଂଶ ବୃଦ୍ଧି ହୋଇଥାଏ। ଅବାଧ ଟ୍ରଲର ଚଳାଚଳ, ମାଛଧରା ଜାଲ ଓ ଡଙ୍ଗା ମାଡ଼ରେ ହଜାର ହଜାର ଅଲିଭ ରିଡ୍‌ଲେ କଇଁଛଙ୍କ ମୃତ ଶରୀର ଅସ୍ତରଙ୍ଗ ସମେତ ଓଡ଼ିଶାର ଉପକୂଳରେ ପଡ଼ି ପରିବେଶ ପ୍ରଦୂଷଣ କରୁଛି। ତେଣୁ ମତ୍ସ୍ୟଜୀବୀମାନେ ଏଥିପ୍ରତି ସଜାଗ ରହି ସେମାନଙ୍କ ଚଳାଚଳ ପଥରେ (ସମୁଦ୍ର କୂଳରୁ ୨୦ କି.ମି .ଜଳସୀମା) ଯାହାକୁ ନଭେମ୍ବର ପହିଲାରୁ ଜୁନ୍ ପହିଲା ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି, ସେହି ସୀମାକୁ ଟ୍ରଲର, ମାଛଧରା ଡଙ୍ଗା, ଜାଲ ଆଦି ନ ନେବା ପାଇଁ ନିବେଦନ କରାଯାଉଛି। ଏହି ବିରଳ ପ୍ରଜାତିର କଇଁଛ ଆମ ପରିବେଶର ବନ୍ଧୁ। ଏମାନଙ୍କର ସୁରକ୍ଷା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ ବୋଲି ଜରୁରୀ ମନେହୁଏ।

–ହୃଷୀକେଶ ପାଢ଼ୀ, ବୋଲକପା, ଡେଲାଙ୍ଗ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସେନ୍‌ସେକ୍ସ ୩୬୭ ପଏଣ୍ଟ ବୃଦ୍ଧି**

**ମୁମ୍ବାଇ:** ଚଳିତ ସପ୍ତାହର କ୍ରମାଗତ ୩ୟ ଦିନ ଲାଗି ଶେୟାର ବଜାରରେ ଉତ୍ସାହ ବୃଦ୍ଧି ପାଉଛି। କୋଭିଡ କଟକଣା ଓ ଓମିକ୍ରନର ଭୟ ମଧ୍ୟରେ ଷ୍ଟକ ବଜାର କାରବାର ଆଶାନୁରୂପ ଭାବେ ବୃଦ୍ଧି ଘଟିଛି। ବୁଧବାର ଶେୟାର ବଜାରର ସୂଚନା ଅନୁସାରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୩୬୭.୨୨ ପଏଣ୍ଟ (୦.୬୧%) ବୃଦ୍ଧି ପାଇ ୬୦,୨୨୩.୧୫ ଅଙ୍କରେ ରହିଥିଲା ବେଳେ ନିଫ୍ଟି ୧୨୦ ପଏଣ୍ଟ (୦.୬୭%) ବୃଦ୍ଧି ପାଇ ୧୭,୯୨୫.୨୫ ଅଙ୍କରେ ଶେଷ ହୋଇଛି।

## ସଂକ୍ଷେପରେ

### ଏନ୍‌ବିବିଏଲ୍ ପକ୍ଷରୁ ୟୁପିଏମ୍‌ଏସ୍‌ର ଶୁଭାରମ୍ଭ

**ମୁମ୍ବାଇ,୫।୧:** ବିଲ୍ ପେମେଣ୍ଟ ବ୍ୟବସ୍ଥାର ସରଳୀକରଣ କରିବା ଲାଗି ନ୍ୟାଶନାଲ୍ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ର ସମ୍ପୂର୍ଣ୍ଣ ସହଯୋଗୀ ସଂସ୍ଥା ଏନ୍‌ପିସିଆଇ ଭାରତ ବିଲ୍‌ପେ ଲିମିଟେଡ୍ (ଏନ୍‌ବିବିଏଲ୍) ପକ୍ଷରୁ 'ୟୁନିଫାଏଡ୍ ପ୍ରେଜେଣ୍ଟମେଣ୍ଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ (ୟୁପିଏମ୍‌ଏସ୍) ନାମକ ଏକ ସ୍ୱତନ୍ତ୍ର ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ୟୁପିଏମ୍‌ଏସ୍ ଜରିଆରେ ଏନ୍‌ବିବିଏଲ୍ ପକ୍ଷରୁ ଗ୍ରାହକମାନଙ୍କ ଲାଗି ରିକରିଂ ବିଲ୍ ପେମେଣ୍ଟ ପାଇଁ ଯେକୌଣସି ମାଧ୍ୟମରେ ଷ୍ଟାଣ୍ଡିଂ ଇନ୍‌ଷ୍ଟ୍ରକ୍ସନ ଗ୍ରହଣ କରିପାରିବ। ବିଲର୍‌ଙ୍କ ଠାରୁ ସ୍ୱୟଂକ୍ରିୟ ଭାବେ ବିଲ୍ ସୃଷ୍ଟି ହୋଇ ପଦକ୍ଷେପ ଲାଗି ଗ୍ରାହକଙ୍କ ପାଇଁ ସ୍ୱୟଂକ୍ରିୟ ଡେବିଟ୍ କି ମ୍ୟା ବିଲ୍ ପେମେଣ୍ଟ ପରିଚାଳନା ଲାଗି ଉପସ୍ଥାପନ କରାଯିବ।

### ଏନ୍‌ଆଇଏମ୍‌ଏଫ୍‌ର ଅଟୋ ଇଟିଏଫ୍

**ମୁମ୍ବାଇ,୫।୧:** ନିପ୍ପନ ଇଣ୍ଡିଆ ମ୍ୟୁଚୁଆଲ ଫଣ୍ଡ (ଏନ୍‌ଆଇଏମ୍‌ଏଫ୍)ର ସମ୍ପତ୍ତି ପରିଚାଳନାକାରୀ ନିପ୍ପନ ଲାଇଫ୍ ଇଣ୍ଡିଆ ଆସେଟ ମ୍ୟାନେଜମେଣ୍ଟ ଲିମିଟେଡ୍ (ଏନ୍‌ଏଏମ୍ ଇଣ୍ଡିଆ) ଭାରତର ପ୍ରଥମ ଯାନବାହନ କ୍ଷେତ୍ରର ଇଟିଏଫ୍ 'ନିପ୍ପନ ଇଣ୍ଡିଆ ନିଫ୍ଟି ଅଟୋ ଇଟିଏଫ୍' ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଅଟୋ ଇଟିଏଫ୍ ଏକ ମୁକ୍ତ ଭାବେ ବନ୍ଦ ହେଉଥିବା ଯୋଜନା ଯାହା ନିଫ୍ଟି ଅଟୋ ଇଣ୍ଡେକ୍ସକୁ ଦୋହରାଉଛି। ଏନ୍‌ଏଫ୍‌ଓ ୨୦୨୨ ଜାନୁୟାରୀ ୫ତାରିଖରେ ଖୋଲିଛି ଏବଂ ୨୦୨୨ ଜାନୁୟାରୀ ୧୪ ତାରିଖରେ ବନ୍ଦ ହେବ। ଏ ସମ୍ପର୍କରେ ନିପ୍ପନ ଇଣ୍ଡିଆ ମ୍ୟୁଚୁଆଲ ଫଣ୍ଡର ଇଟିଏଫ୍ ହେଡ୍ ହେମେନ ଭାଟିଆ କହିଛନ୍ତି,ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଶିଳ୍ପର ସମ୍ମୁଖ ଭାଗରେ ନିପ୍ପନ ଇଣ୍ଡିଆ ମ୍ୟୁଚୁଆଲ ଫଣ୍ଡ ରହିଛି ଏବଂ ଭାରତରେ ଅନ୍ୟତମ ସର୍ବାଧିକ ସମୃଦ୍ଧ ଏବଂ ଭିନ୍ନ ଇଟିଏଫ୍ ପ୍ଲାଟ୍‌ଫର୍ମ ସ୍ଥାପନ କରୁଛି। ନିପ୍ପନ ଇଣ୍ଡିଆ ନିଫ୍‌ଟି ଅଟୋ ଇଟିଏଫ୍ ଇଟିଏଫ୍‌ଗୁଡିକ ସହ ଯୋଗହୋଇଛି।

# ଭାରତ ବିରୋଧରେ ମାମଲା ପ୍ରତ୍ୟାହାର କଲା କେୟର୍ନ

**ନୂଆଦିଲ୍ଲୀ, ୫।୧**






ବ୍ରିଟିଶ କମ୍ପାନୀ କେୟର୍ନ ଏନର୍ଜୀ ଭାରତ ସରକାର ଓ ଏହାର ବିଭିନ୍ନ ସଂସ୍ଥା ବିରୋଧରେ ଆମେରିକାରୁ ଫ୍ରାନ୍ସ ଓ ସିଙ୍ଗାପୁର ଅଦାଲତରେ ଦାଏର କରିଥିବା ସମସ୍ତ ମାମଲା ପ୍ରତ୍ୟାହାର କରିନେଇଛି। ଫଳରେ ଏହି କମ୍ପାନୀଠାରୁ ପିଛିଲା ଭାବେ ସଂଗୃହୀତ ହୋଇଥିବା ଟିକସ ଅର୍ଥରୁ ୭,୯୦୦ କୋଟି ଟଙ୍କା ଫେରିପାଇବାକୁ ହକ୍‌ଦାର ହୋଇଛି। ପିଛିଲା ଟିକସ ଆଦାୟକୁ ନେଇ ଭାରତ ସରକାରଙ୍କ ସହ ଉକ୍ତ କମ୍ପାନୀର ୭ ବର୍ଷ ହେଲା ବିବାଦ ଲାଗିରହିଥିଲା। ଏବେ ସରକାରଙ୍କ ସହ କମ୍ପାନୀ ଏକ ବୁଝାମଣାରେ ପହଞ୍ଚିଛି। ବର୍ତ୍ତମାନ କାପ୍ରିକର୍ନ ଏନର୍ଜୀ ପିଏଲ୍‌ସି ଭାବେ ନାମିତ ଉକ୍ତ କମ୍ପାନୀ ସମସ୍ତ ମୋକଦ୍ଦମା ପ୍ରତ୍ୟାହାର କରିନେଇଛି। ଅନ୍ତର୍ଜାତୀୟ ଅର୍ବିଟ୍ରେଶନ ଟ୍ରିବ୍ୟୁନାଲ୍ ପିଛିଲା ତାରିଖରୁ ସଂଗୃହୀତ ଟିକସ ଫେରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୦୨୦ ଡିସେମ୍ବରରେ ସରକାର ଅର୍ବିଟ୍ରେଶନ ନିର୍ଦ୍ଦେଶ ମାନିବାକୁ ମନା କରିଦେଇଥିଲେ। ତେବେ ୨୦୨୧ ଅଗଷ୍ଟରେ ସମସ୍ତ ପିଛିଲା ଟିକସ ଦାବି ଓ ରିଫଣ୍ଡ ଅର୍ଥ ସଂଗ୍ରହକୁ ରଦ୍ଦ କରିବା ଲାଗି ଆଇନ ଆଣିଥିଲେ। ସେହିଭଳି ଫେବୃୟାରୀ ୧୨ରେ କଲମ୍ବିଆର କେ.ଆର କୋର୍ଟରେ ସଂସ୍ଥା ଏକ ଆବେଦନ କରିଥିଲା। ଉକ୍ତ ଆବେଦନ ଅନୁଯାୟୀ ବୁଧବାର କଲମ୍ବିଆ ଜିଲା କୋର୍ଟ ଏହାର ତର୍ଜମା କରି ଏୟାର ଇଣ୍ଡିଆ ବିରୋଧରେ ହୋଇଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଥିଲେ। ସେହିପରି ଯୁକ୍ତରାଷ୍ଟ୍ରର ଫେଡେରାଲ କୋର୍ଟ ମଧ୍ୟ ସଂସ୍ଥାର ବିଭିନ୍ନ ମାମଲା ଉପରେ ନଜର ରଖିଛି। ଗତ ଡିସେମ୍ବରରେ ଟିକସ୍ ଠକେଇ ମାମଲାରେ ସଂସ୍ଥା ଆର୍ବିଟେସନ ଟ୍ରିବ୍ୟୁନାଲ ମଧ୍ୟ ଏହାର ମାମଲାକୁ ଗ୍ରହଣ କରି ଆବଶ୍ୟକୀୟ ପଦକ୍ଷେପ ସହ ଘଟଣାର ପୁଙ୍ଖାନୁପୁଙ୍ଖ ତର୍ଜମା କରି ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

# ଭୁବନେଶ୍ୱରରେ କଲ୍ଟ ଫିଟ୍ ଫିଟ୍‌ନେସ୍ ପ୍ଲାଟ୍‌ଫର୍ମ



**ଭୁବନେଶ୍ୱର,୫।୧**

ବର୍ତ୍ତମାନ ସମୟରେ ଉଭୟ ଯୁବକ ଓ ଯୁବତୀମାନେ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଭିତ୍ତିକ ସେବାକେନ୍ଦ୍ରର ସହାୟତା ନେଉଛନ୍ତି। ଏହାକୁ ନଜରରେ ରଖି ଏକ ଅତ୍ୟାଧୁନିକ ଓ ଭିନ୍ନ ପ୍ରକାର ଫିଟ୍‌ନେସ ସେଣ୍ଟର କଲ୍ଟ ଫିଟ୍ ଭୁବନେଶ୍ୱରରେ ସେବା ଯୋଗାଇ ଦେବାକୁ ସେଣ୍ଟର ପ୍ରତିଷ୍ଠା କରିଛି। ବୁଧବାର ସ୍ଥାନୀୟ ପାଲ ହାଇଟ୍ସର ୨ୟ ମହଲାରେ ସେଣ୍ଟରର ଶୁଭାରମ୍ଭ ହୋଇଛି। ଏହି ଅବସରରେ ବିରଜା ଦାସ,ଚିଣ୍ଟୁ ଶତପଥୀ, ସୋନି ସାମଲ, ନବ୍ୟା ଯଜାତି, ଅଂଶୁ ତ୍ରିପାଠୀ, ହରମନ ପାଲ ସିଂ ଓ ଦେବୀ ପାଣି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ ସେଣ୍ଟର ସମ୍ପର୍କରେ ଯୁବ ଉଦ୍ୟୋଗୀ ଆୟୁଷ ପଟ୍ଟନାୟକ କହିଛନ୍ତି, ସାଧାରଣତଃ ବ୍ୟାୟାମଶାଳା (ଜିମ୍ ସେଣ୍ଟର)ଗୁଡିକରେ ଜିମ୍ ଉପକରଣ ଓ ଅନ୍ୟ ସାମଗ୍ରୀ ମଧ୍ୟ ରହିଥାଏ। ହେଲେ ଏହି କେନ୍ଦ୍ରରେ ସେଭଳି କିଛି ସାମଗ୍ରୀର ବ୍ୟବହାର କରାଯିବ ନାହିଁ। ଆବଶ୍ୟକ ପରିମାଣର ଜିମ୍ ସାମଗ୍ରୀ ବ୍ୟବହାର ହେବ। ଏହା ହେଉଛି ଏକ ଗ୍ରୁପ୍ କ୍ଲାସ୍ ଜିମ୍ ସେଣ୍ଟର। ଏଠାରେ ସମସ୍ତ ପ୍ରକାର ଜିମ୍ ଅତ୍ୟାଧୁନିକ ପ୍ରଣାଳୀରେ କରାଯିବ। ବିଶେଷକରି ଯୋଗ, ବକ୍ସିଂ, ଏସ୍‌ସି, ଡିଏଫ୍‌ଟି ଆଣ୍ଡ ଏଚ୍‌ଆର୍‌ଏକ୍ସ ମଡେଲରେ କ୍ଲାସ୍ କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହାର ସଦସ୍ୟତା ଗ୍ରହଣ ପାଇଁ ସେଣ୍ଟର ସହ ଯୋଗାଯୋଗ କରିବା ସହିତ ବର୍ତ୍ତମାନର ଅଫରର ସୁବିଧା ନେବାକୁ ଯୁବବର୍ଗଙ୍କୁ ପଟ୍ଟନାୟକ ଆହ୍ୱାନ କରିଛନ୍ତି।

# ରୁଚିର ଫାର୍ମ-ବି ପ୍ରଡକ୍ଟର ଶୁଭାରମ୍ଭ



**ଭୁବନେଶ୍ୱର,୫।୧**

ବର୍ତ୍ତମାନ ସମୟରେ ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀଗୁଡ଼ିକ ବିଶେଷକରି ଲଞ୍ଚ ଓ ଡିନର ଉପଯୋଗୀ ସମସ୍ତ ଖାଦ୍ୟସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ହେଲେ ସବୁବର୍ଗର ଲୋକ ବ୍ରେକ୍‌ଫାଷ୍ଟରୁ ହିଁ ଦିନ ଆରମ୍ଭ କରିଥାନ୍ତି। ଦେଶର ଅଗ୍ରଣୀ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ 'ରୁଚି' ଫୁଡ୍‌ଲାଇନ୍‌ର ଫ୍ରୋଜିଟ୍ ଡିଭିଜନ ପକ୍ଷରୁ ଫାର୍ମ-ବି ପ୍ରଡକ୍ଟର ଶୁଭାରମ୍ଭ ଅବସରରେ ରୁଚିର ପରିଚାଳନା ନିର୍ଦ୍ଦେଶକ ଶରତ ସାହୁ ଏହା କହିଛନ୍ତି। କମ୍ପାନୀର ବିବିଧ କାର୍ଯ୍ୟକ୍ରମ ବୁଧବାର ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନୂତନ ପ୍ରଡକ୍ଟ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସାହୁ କହିଥିଲେ, ଦୀର୍ଘ ୪୬ ବର୍ଷ ଧରି ରାଜ୍ୟର ଖାଉଟିମାନଙ୍କୁ ସେବା ଯୋଗାଇଦେଇ ଆସିଛି। ସେହିପରି ଫାର୍ମ-ବି ପ୍ରଡକ୍ଟସ୍ ସମେତ ଫ୍ରୋଜିଟ୍ ଫ୍ରାଞ୍ଚାଇଜ୍ ମଡେଲ, ଫ୍ରୋଜିଟ୍ ଇ-କମର୍ସ ପ୍ଲାଟ୍‌ଫର୍ମ ଓ ଫାର୍ମ-ବି ଫ୍ରୋଜିଟ୍ ଯୋଜନା ଖାଉଟି ନିକଟରେ ବେଶ୍ ଆଦୃତ ହେବା ସହିତ ଏହି ସାମଗ୍ରୀଗୁଡ଼ିକର ରାଜ୍ୟ ଏବଂ ରାଜ୍ୟ ବାହାରେ ବିଶେଷ ଚାହିଦା ରହିଥିବାରୁ କମ୍ପାନୀ ଆଗାମୀ ଦିନରେ ଆହୁରି ଅନେକ ନୂତନ ପ୍ରଡକ୍ଟ ଗୁଣାତ୍ମକ, ପୁଷ୍ଟିକର ଓ ସ୍ୱାସ୍ଥ୍ୟ ଉପଯୋଗୀ ସାମଗ୍ରୀ ଖାଉଟିଙ୍କୁ ଯୋଗାଇ ଦିଆଯିବ। ସେହିଭଳି ଫ୍ରୋଜିଟ୍ ଡିଭିଜନର ନିର୍ଦ୍ଦେଶିକା ରଶ୍ମି ସାହୁ ରୁଚିର ନୂତନ ଫାର୍ମ-ବି ପ୍ରଡକ୍ଟ ଓଟସ୍, କର୍ନଫ୍ଲେକ୍ସ, ମ୍ୟୁଶେଲି ଓ ଚକୋଚିପ୍‌ସର ଶୁଭ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁଚିର ନିର୍ଦ୍ଦେଶିକା ସଂଗୀତା ସାହୁ, ନିର୍ଦ୍ଦେଶକ ଅରବିନ୍ଦ ସାହୁ ଏବଂ ନିର୍ଦ୍ଦେଶିକା ସଲିନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କମ୍ପାନୀର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଜୁପି-ରିଲାଏନ୍ସ ଜିଓର ରଣନୀତି ସହବନ୍ଧିତା

**ମୁମ୍ବାଇ,୫।୧**

ଦେଶର ପ୍ରମୁଖ ଗେମିଂ କମ୍ପାନୀ ଜୁପି ପକ୍ଷରୁ ରିଲାଏନ୍ସ ଜିଓ ପ୍ଲାଟ୍‌ଫର୍ମ ଲିମିଟେଡ୍ ସହିତ ଏହାର ପ୍ରଥମ ରଣନୀତିକ ସହବନ୍ଧିତାର ଘୋଷଣା କରାଯାଇଛି। ଏହା ଭବିଷ୍ୟତରେ ପ୍ରସ୍ତୁତ ଇକୋସିଷ୍ଟମରେ ଉପଭୋକ୍ତା ଯୋଗଦାନ ଏବଂ ବିତରଣରେ ଉତ୍ପାଦଗୁଡ଼ିକର ଏକୀକରଣ ଏବଂ ଶକ୍ତିଶାଳୀ ସମନ୍ୱୟ ସୃଷ୍ଟି କରିବ।ଏହାଦ୍ୱାରା ୪୫୦ ନିୟୁତରୁ ଅଧିକ ଉପଭୋକ୍ତା ଉପକୃତ ହେବେ। ଏହି ନୂତନ ସହଭାଗିତା ସହିତ ଏଭଳି ଏକ ଇକୋସିଷ୍ଟମର ପ୍ରସ୍ତୁତ କରିବାର ଲକ୍ଷ୍ୟ ରହିଛି । ଉତ୍ପାଦ ଓ ସେବାକୁ ଦକ୍ଷତାର ସହିତ ପ୍ରଦାନ କରାଯାଇପାରିବ ଓ ଜୁପି ଗ୍ରାହକମାନେ ଲାଭବାନ୍ ହୋଇପାରିବେ। ଏ ସମ୍ପର୍କରେ ଜୁପିର ପ୍ରତିଷ୍ଠାତା ଓ ସିଇଓ ଦିଲ୍‌ସର ସିଂ କହିଛନ୍ତି, ଜୁପି ସର୍ବଦା ଏକ ବ୍ୟବହାରଗତ ବିଜ୍ଞାନ, ମାନବ ପ୍ରେରଣା ଓ ସଂସ୍କୃତିକୁ ଗୁରୁତ୍ୱ ପ୍ରଦାନ କରୁଥିବା ଷ୍ଟାର୍ଟଅପ୍ ଭାବରେ ରହି ଆସିଛି। ଏହି ଯାତ୍ରା ପଥରେ ଜିଓ ହେଉଛି ଏକ ପ୍ରକୃଷ୍ଟ ପାର୍ଟନର ଓ ଆମେ ଧୀରେ ଧୀରେ ଗ୍ରାମାଞ୍ଚଳରେ ପ୍ରବେଶ କରିବାର ଲକ୍ଷ୍ୟ ରଖିଛୁ।

# ଶୁଶ୍ରୂତ ହସ୍ପିଟାଲରେ ଜନତା ୱାର୍ଡ ଉଦ୍‌ଘାଟିତ

**ଭୁବନେଶ୍ୱର,୫।୧**



ରାଜ୍ୟର ଅଗ୍ରଣୀ ଘରୋଇ ଚିକିତ୍ସାଳୟ ଶୁଶ୍ରୂତ ହସ୍ପିଟାଲ ଓ ଟ୍ରମାକେୟାର ପକ୍ଷରୁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟର ଗରିବ ଲୋକଙ୍କୁ ଉତ୍କୃଷ୍ଟ ଚିକିତ୍ସା ସେବା ଯୋଗାଇବା ଉଦ୍ଦେଶ୍ୟରେ ହସ୍ପିଟାଲ ପରିସରରେ ଏକ ଜନତା ୱାର୍ଡ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରୋଟାରିଆନ ଶାନ୍ତନୁ କୁମାର ପାଣି, ରୋଟାରିଆନ୍ ଜୟଶ୍ରୀ ମହାନ୍ତି, ରୋଟାରିଆନ୍ ନିବେଦିତା ସ୍ୱାଇଁ, ଡା. ଚିଦାତ୍ମିକା ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଜନତାଙ୍କ ସେବାରେ ଉତ୍ସର୍ଗୀକୃତ ଜନତା ୱାର୍ଡ ସର୍ବଦା ସାଧାରଣ ଲୋକଙ୍କ ସେବାରେ ଲାଗିବା ସହ ଉତ୍ତମ ସେବା ଯୋଗାଇବା ନିମନ୍ତେ ପ୍ରତିବଦ୍ଧ ବୋଲି ଖଟୁଆ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହସ୍ପିଟାଲର ନିର୍ଦ୍ଦେଶକ ଡା. ଅକ୍ଷୟ କୁମାର ରାଉତ, ସଞ୍ଚାଳକ ଦୀପକ କୁମାର ନାୟକ, ପରିଚାଳକ ୱାଇ. ଯୋଗେଶ୍ୱରୀ, ଆଡମିନ ମ୍ୟାନେଜର କୁମ୍‌କୁମ୍ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ମାସିକ ଋତୁସ୍ରାବ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ବିଜ୍ଞାନ ଉପରେ ଅବଗତ କରାଯିବା ସହ ଚିକିତ୍ସାଳୟର ନର୍ସମାନଙ୍କୁ ରୋଟାରି ପକ୍ଷରୁ ମାସ୍କ ଓ ପୁନଃ ବ୍ୟବହାର ଯୁକ୍ତ ସାନିଟାରି ନାପ୍‌କିନ ବଣ୍ଟନ କରାଯାଇଥିଲା।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
for Booking Contact 0674-2580385

## ଫୁର୍‌ସତ୍



ଦୀପିକା ପାଦୁକୋନ

# ୧୦୦ କୋଟିର ମାଲିକାଣୀ ଡିମ୍ପଲ ଗର୍ଲ

**ମୁମ୍ବାଇ:** ବଲିଉଡ୍‌ର ସଫଳ ଅଭିନେତ୍ରୀଙ୍କ ମଧ୍ୟରୁ ଅନ୍ୟତମ ଡିମ୍ପଲ ଗର୍ଲ ଦୀପିକା ପାଦୁକୋନ ବୁଧବାର ତାଙ୍କ ୩୬ତମ ଜନ୍ମଦିନ ପାଳିଛନ୍ତି। ବଲିଉଡ୍ କଳାକାରଙ୍କ ସମେତ ତାଙ୍କ ପ୍ରଶଂସକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବଲିଉଡ୍‌ରେ ୧୫ ବର୍ଷର କ୍ୟାରିୟର ମଧ୍ୟରେ ଦୀପିକାଙ୍କ ପ୍ରଥମ ଫିଲ୍ମ 'ଓମ୍ ଶାନ୍ତି ଓମ୍' ତାଙ୍କୁ ଇଣ୍ଡଷ୍ଟ୍ରିରେ ବଡ଼ ବ୍ରେକ୍ ଦେଇଥିଲା। ଏହାପରେ ସେ ୬ଟି ବ୍ଲକ ବଷ୍ଟର, ୬ଟି ହିଟ୍, ଗୋଟିଏ ସୁପରହିଟ୍ ଫିଲ୍ମ ସହ ଅନ୍ୟ ଚଳଚ୍ଚିତ୍ରରେ ମଧ୍ୟ ସୁନ୍ଦର ଅଭିନୟ କରିଛନ୍ତି, ଯାହା ଏବେ ତାଙ୍କୁ ଏକ ସଫଳ ଅଭିନେତ୍ରୀ ଭାବେ ଇଣ୍ଡଷ୍ଟ୍ରିରେ ନାଁ ଦେଇଛି। ସେ ଅନ୍ୟୂନ ୨୩ ଫିଲ୍ମରେ ଲିଡ୍ ରୋଲ୍‌ରେ ଅଛନ୍ତି। ସିନେମାରେ ତାଙ୍କ ରୋଲ୍ ପାଇଁ ୮ କୋଟି ତ ଆଉ କେତେ ସିନେମାରେ ୧୨ କୋଟି ଟଙ୍କା ଡିମାଣ୍ଡ କରିଥାନ୍ତି। ଚଳଚ୍ଚିତ୍ର ବ୍ୟତୀତ ବଡ଼ ବ୍ରାଣ୍ଡ ପାଇଁ ବିଜ୍ଞାପନରୁ ମଧ୍ୟ ସେ ଆୟ କରିଥାନ୍ତି। ଯାହାକି ତାଙ୍କ ରୋଜଗାରକୁ ବଢାଇଛି। ୨୦୧୮ରେ ଦୀପିକାଙ୍କ ରୋଜଗାର ୪୦ କୋଟିରୁ ଊର୍ଦ୍ଧ୍ୱ ଥିବାବେଳେ ୨୦୧୯ ବେଳକୁ ତାଙ୍କ ରୋଜଗାର ୪୮କୋଟିରେ ପହଞ୍ଚିଥିଲା। ଏବେ ସେ ଶହେ କୋଟିରୁ ଅଧିକ ସମ୍ପତ୍ତିର ମାଲିକାଣୀ। ମୁମ୍ବାଇରେ ତାଙ୍କର ୧୬ କୋଟିର ଘର ମଧ୍ୟ ରହିଛି। ଏହାଛଡା ତାଙ୍କର ଦାମୀକିଆ ଗାଡିର ସଉକ ରହିଛି। ତା ମଧ୍ୟରେ ମର୍ସିଡିଜ୍, ଅଡି ଏବଂ ମେବ୍ୟାକ୍ ୫୦୦ ସାମିଲ ଅଛି, ଯାହାର ମୂଲ୍ୟ ବହୁ କୋଟ ଟଙ୍କା ହେବ। ଏଥିସହ ତାଙ୍କୁ ଦାମୀ ଗହଣା ଏବଂ ବ୍ୟାଗ୍‌ର ସଉକ ମଧ୍ୟ ରହିଛି।

# ୫ ବର୍ଷ ବୟସରୁ ବଡି ବିଲ୍ଡର



**ବୁଚାରେଷ୍ଟ:** ଛୋଟ ବୟସରୁ ବଡି ବିଲ୍ଡିଙ୍ଗ କରି ୱାର୍ଲ୍ଡ ରେକର୍ଡ ନିଜ ନାଁରେ କରିଛନ୍ତି ରୋମାନିୟାର ବାଳକ ଗିଉଲିୟାନୋ ଷ୍ଟ୍ରୋ। ୫ ବର୍ଷରୁ ହିଁ ବଡି ବିଲ୍ଡିଙ୍ଗର ଏପରି ଷ୍ଟଣ୍ଟ ଦେଖାଉଛନ୍ତି ଯେ ଜଣେ ଟ୍ରେନି ବଡି ବିଲ୍ଡରଙ୍କୁ ସେପରି କରାମତି କରିବାକୁ ପରିଶ୍ରମ କରିବାକୁ ପଡିବ। ସେ ବଡି ବିଲ୍ଡିଙ୍ଗର ବିଭିନ୍ନ ପ୍ରକାରର କୌଶଳ ତାଙ୍କ ବାପାଙ୍କଠାରୁ ହିଁ ଶିଖିଛନ୍ତି। ତାଙ୍କ ବାପା ଜଣେ ବଡି ବିଲ୍ଡର। ସେ ୨୦୦୯ ମସିହାରେ ଏପରି କରାମତି କରି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ନିଜ ନାମରେ କରିଥିଲେ। ସେ ଦୁନିଆର ସବୁଠାରୁ ମଜଭୁତ ପିଲା ଭାବେ ଜଣାଶୁଣା। ଏବେ ତାଙ୍କ ବୟସ ୧୭ ବର୍ଷ। ଇଟାଲୀର ଲାଇଭ୍ ଟିଭି ଶୋ'ରେ ସୁନ୍ଦର ଭାବେ ଷ୍ଟଣ୍ଟ କରିଥିଲେ। ପରେ ଗୋଡରେ ଭାରୀ ବଲ ବାନ୍ଧି ୩୩ ହ୍ୟାଣ୍ଡ ୱାକ୍‌ର ନୂଆ ରେକର୍ଡ କରିଥିଲେ।

# ୪ ବର୍ଷ ହେଲା ଅନିଦ୍ରା



**ୱାରସ:** ମଣିଷର ଶରୀର ଏପରି ଭାବେ ଗଠନ ହୋଇଛି ଯେ ପ୍ରତିଦିନ ଶୋଇବା ଜରୁରୀ। ତେବେ ଏପରି ଜଣେ ମହିଳା ଅଛନ୍ତି ଯିଏ କି କାମ କରିବା ସତ୍ତ୍ୱେ ମଧ୍ୟ ତାଙ୍କୁ ୪ ବର୍ଷ ହେଲାଣି ଭଲ ନିଦ ହେଉନାହିଁ। ଦ ସନ୍‌ର ରିପୋର୍ଟ ଅନୁଯାୟୀ, ପୋଲାଣ୍ଡର ୩୯ ବର୍ଷର ମାଲଗୋର୍‌ଜାଟା ସ୍ଲିୱିନ୍‌ସ୍କା ଏକ ଅଜବ ପ୍ରକାରର ରୋଗ 'ସୋମ୍‌ନିଫୋବିୟା'ର ଶିକାର ହୋଇଛନ୍ତି। ସେଥିପାଇଁ ତାଙ୍କ ଆଖିକୁ ଯନ୍ତ୍ରଣା ହେଉଥିବାରୁ ରାତିରେ ନିଦ ହେଉନ ଥିଲା। ଏଥିଯୋଗୁ ତାଙ୍କର ଶର୍ଟ ଟର୍ମ ମେମୋରି ଶେଷ ହୋଇଯାଇଛି। ମାଲଗୋରଜାଟା ୨୦୧୭ରେ ସ୍ପେନ୍‌ରେ ଛୁଟି କଟାଇ ଆସିବା ପରେ ତାଙ୍କର ଏପରି ରୋଗ ସାମ୍ନାକୁ ଆସିଥିଲା। ୪ ବର୍ଷ ପରେ ସେ ଏ ବିଷୟରେ ଜାଣିବାକୁ ପାଇଥିଲେ। ଡାକ୍ତରଙ୍କୁ ଦେଖାଇବା ପରେ ସେ 'ସୋମ୍‌ନିଫୋବିୟା' ରୋଗର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏବେ ଡାକ୍ତରଙ୍କଠାରୁ ଔଷଧ ଖାଇ ସପ୍ତାହକୁ ୨-୩ ଦିନ ଶୋଇ ପାରୁଥିବା ସେ କହିଛନ୍ତି। ଏହାସହ ସେ ଯୋଗ, ବ୍ୟାୟାମ କରିବା ସହିତ ପାର୍ଟ ଟାଇମ୍ ଜବ୍ ମଧ୍ୟ କରୁଛନ୍ତି।

# ସମୃଦ୍ଧ ପୃଥିବୀ ପାଇଁ ଯୁଦ୍ଧ ନୁହେଁ ଶାନ୍ତି ଅପରିହାର୍ଯ୍ୟ

### ବିଶ୍ୱ ଯୁଦ୍ଧ ଅନାଥ ଦିବସ

**ଶା**ନ୍ତି ସହନଶୀତଳା ଦ୍ୱାରା ବିକାଶର ଲକ୍ଷ୍ୟ ହାସଲ କରିବା ସହଜ ହୋଇଥାଏ। କାରଣ ହିଂସା ଦ୍ୱାରା କେବେ ବି ବିଜୟ ଲାଭ କରାଯାଇ ପାରେନା। ସ୍ନେହ ପ୍ରେମ ଭଲ ପାଇବା ଏବଂ ଶାନ୍ତି ଦ୍ୱାରା ହୋଇଥିବା ହୃଦୟ ଜୟ ହିଁ ପ୍ରକୃତ ବିଜୟ। ତେଣୁ ସମୃଦ୍ଧ ପୃଥିବୀ ପାଇଁ ଯୁଦ୍ଧ ନୁହେଁ ଶାନ୍ତି ହିଁ ଅପରିହାର୍ଯ୍ୟ। ବିଶ୍ୱ ଶାନ୍ତି ଏବଂ ଯୁଦ୍ଧ ଦ୍ୱାରା ସୃଷ୍ଟି ହେଉଥିବା ବିଭୀଷିକା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜାନୁୟାରୀ ୬ରେ ବିଶ୍ୱ ଯୁଦ୍ଧ ଅନାଥ ଦିବସ ପାଳନ କରାଯାଇଥାଏ। ଯୁଦ୍ଧ ଅନାଥ ଅର୍ଥ ହେଉଛନ୍ତି ଯବାନଙ୍କ ପିଲା, ଯେଉଁମାନଙ୍କ ପିତାଙ୍କର ମୃତ୍ୟୁ ସଶସ୍ତ୍ର ବାହିନୀରେ କାର୍ଯ୍ୟରତ ସମୟରେ ଘଟିଛି। ଯୁଦ୍ଧ ଯୋଗୁ ଅନାଥ ହୋଇଯାଇଥିବା ପିଲାଙ୍କ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଏହି ଦିନରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ। ଯୁଦ୍ଧ ଅନାଥ ପିଲାଙ୍କ ଜୀବନକୁ ସ୍ୱାଭାବିକ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଏଭଳି ଅନାଥ ପିଲାଙ୍କ ମଧ୍ୟରୁ ୯୫ ପ୍ରତିଶତଙ୍କ ବୟସ ପାଞ୍ଚ ବର୍ଷରୁ ଅଧିକ। ବିକଶିତ ଦେଶରେ ଅନାଥମାନଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ରହିଛି। ଜାତିସଂଘ ରିପୋର୍ଟ ଅନୁସାରେ ୨୦୧୫ରେ ଯୁଦ୍ଧ ଅନାଥଙ୍କ ସଂଖ୍ୟା ପ୍ରାୟ ୧୪୦ ନିୟୁତ ଥିଲା। ସେଥିମଧ୍ୟରେ ଏସିଆରେ ୬୧ ନିୟୁତ, ଆଫ୍ରିକାରେ ୫୨ ନିୟୁତ, ଲାଟିନ ଆମେରିକା ଏବଂ କାରିବିଆନରେ ୧୦ ନିୟୁତ, ପୂର୍ବ ୟୁରୋପ ଏବଂ ମଧ୍ୟ ଏସିଆରେ ୭.୩ ନିୟୁତ ଯୁଦ୍ଧ ଅନାଥ ଥିଲେ। ୟୁନିସେଫ ସୂଚନା ଅନୁଯାୟୀ, ୧୯୯୦ଠାରୁ ଯୁଦ୍ଧ ଅନାଥ ପିଲାଙ୍କର ସଂଖ୍ୟା ବଢ଼ିଥିବାବେଳେ ୨୦୦୧ଠାରୁ ଏହା୦.୭ % ହାରରେ କମିବାରେ ଲାଗିଛି। ତେବେ ଏହି ଦିବସ ଅବସରରେ ପୃଥିବୀରେ ଯୁଦ୍ଧ ବିରୋଧରେ ସଚେତନତା ସୃଷ୍ଟି କରାଯାଇଥାଏ।

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**

୰ ସବିତା ମିଶ୍ର
ଦକ୍ଷିଣଦ୍ୱାର, ଧାନକୋଠିସାହି, ପୁରୀ
ଆବିର୍ଭାବ- ୦୩।୧୦।୧୯୫୦
ତିରୋଧାନ- ୧୭।୦୧।୨୦୨୧
ହତଭାଗ୍ୟ ସ୍ୱାମୀ- କୃଷ୍ଣଚନ୍ଦ୍ର ମିଶ୍ର, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୨୨୭୩୬

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**

ସ୍ୱର୍ଗତ ବିକ୍ରମ ପରିଡ଼ା
ଆବିର୍ଭାବ: ୨୯।୧୧।୧୯୪୫
ତିରୋଧାନ: ୩୦।୧୨।୨୦୧୯
ଚାହିଁ ଚାହିଁ ଦୁଇବର୍ଷ ବିତିଗଲା। ଆପଣଙ୍କ ସରଳ, ନିଷ୍କପଟ, ଭଦ୍ର ବ୍ୟବହାର ଏବେବି ଅପାସୋରା ହୋଇ ରହିଛି। ଆପଣଙ୍କ ସ୍ନେହ, ଆଶୀର୍ବାଦ ଓ ଆଦର୍ଶ ଆମ ଚଲାପଥରେ ସହାୟ ହେଉ। ଆଜି ଏହି ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ, ପୁଅ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୨୭୫୭

**ସପ୍ତମ ଶ୍ରାଦ୍ଧବାର୍ଷିକୀ**

୰ରାଜଲକ୍ଷ୍ମୀ ମିଶ୍ର
ସ୍ୱାମୀ ୰ ପ୍ରଫେସର ତ୍ରିଲୋଚନ ମିଶ୍ର
ଆବିର୍ଭାବ-୦୫।୧।୧୯୨୯
ତିରୋଧାନ- ୨୬।୧୨।୨୦୧୪
ଗୋଟି ଗୋଟି କରି ସାତଟି ବରଷ
କଟିଲାଣି ତୁମ ବିନା
କେତେ ଝଡ଼ ଝଞ୍ଜା ସହିଲୁଣି ଆମେ
ହୋଇ ନାହୁଁ ପଥ ବଣା
ଅମର ଆତ୍ମା ତ ଶାନ୍ତି ଲଭୁଥାଉ
ଢାଳୁ ଆଶିଷର ଧାରା
ତୁମ ଆଶୀର୍ବାଦ ସଦା ରହିଥାଉ
ହେବୁ ନାହିଁ ପଥହରା ।
ତୁମ ପୁତ୍ର, କନ୍ୟା, ପୁତ୍ରବଧୂ, ଜାମାତା ।
୩୧୬-ଏ, ଶହୀଦ ନଗର, ଭୁବନେଶ୍ୱର
ଧ-୨୨୭୩୧

# ପରାଜୟ ଆଶଙ୍କାରେ ଭାରତ

**ଜୋହାନ୍ସବର୍ଗ, ୫।୧**

ସ୍ଥାନୀୟ ୱାଣ୍ଡରର୍ସ ଗ୍ରାଉଣ୍ଡରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଭାରତ ପରାଜୟ ଆଶଙ୍କାରେ ରହିଛି। ୨୪୦ ରନ ବିଜୟ ଲକ୍ଷ୍ୟରେ ଦକ୍ଷିଣ ଆଫ୍ରିକା ତୃତୀୟ ଦିବସ ଶେଷ ବେଳକୁ ୨ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରିଛି। ଏଡେନ ମାରକ୍ରାମ୍ ୩୧ ଓ କିଗାନ ପିଟରସନ ୨୮ ରନ କରି ଆଉଟ ହୋଇଥିବାବେଳେ ଫର୍ମରେ ଥିବା ଅଧିନାୟକ ଡିନ୍ ଏଲଗାର ୪୬ ଓ ରସି ଭାନ୍ ଡର୍ ଡୁସେନ ୧୧ ରନରେ ଅପରାଜିତ ଅଛନ୍ତି। ହାତରେ ୮ ଉଇକେଟ ସୁରକ୍ଷିତ ଥିବାବେଳେ ଦକ୍ଷିଣ ଆଫ୍ରିକା ବିଜୟ ପାଇଁ ଆଉ ୧୨୨ ରନ ଆବଶ୍ୟକ କରୁଛି।

ଦ୍ୱିତୀୟ ଦିବସର ଅସମାପ୍ତ ଇନିଂସ ୮୫/୨ରୁ ଖେଳ ଆରମ୍ଭ କରିଥିବା ଭାରତ ବୁଧବାର ଦ୍ୱିତୀୟ ଇନିଂସରେ ମୋଟ ୨୬୬ ରନ କରି ଅଲ୍‌ଆଉଟ ହୋଇ ଯାଇଥିଲା। ଚେତେଶ୍ୱର ପୂଜାରା ୫୩ ଓ ଅଜିଙ୍କ୍ୟ ରାହାନେ ୫୮ ରନ କରି ଆଉଟ ହୋଇଥିବାବେଳେ ହନୁମା ବିହାରୀ ୪୦ ରନରେ ଅପରାଜିତ ରହିଥିଲେ। ପୂଜାରା ଓ ରାହାନେ ତୃତୀୟ ଉଇକେଟରେ ୧୧୧ ରନର ଭାଗୀଦାରି ଗଢ଼ିଥିଲେ ହେଁ ଆବଶ୍ୟକ ସମୟରେ ବ୍ୟକ୍ତିଗତ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ରିଷଭ ପନ୍ତ ପୁଣି ବିଫଳ ହୋଇ ଗୋଲ୍ଡେନ ଡକ୍(୦)ରେ ଆଉଟ ହୋଇଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନ ୧୬, ଶାର୍ଦ୍ଦୂଳ ଠାକୁର ୨୮ ରନର ଯୋଗଦାନ ଦେଇଥିଲେ। ଗୋଟିଏ ପଟରେ ହନୁମା ଧୈର୍ଯ୍ୟର ସହ ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ମୁକାବିଲା କରୁଥିବାବେଳେ ଅନ୍ୟପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଭାରତ ପାଇଁ ବିପଦ ଡାକି ଆଣିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଦ୍ରୁତ ବୋଲର କାଗିଶୋ ରାବାଡ଼ା, ଲୁନ୍‌ଗି ଏନ୍‌ଗିଡି ଓ ମାର୍କୋ ଜାନସେନ ୩ଟି ଲେଖାଏ ଉଇକେଟ ନେଇଥିଲେ। ଡୁଆନେ ଓଲିଭର ଗୋଟିଏ ଉଇକେଟ ପାଇଥିଲେ। ସିରିଜର ପ୍ରଥମ ଟେଷ୍ଟ ଜିତି ଭାରତ ୧-୦ରେ ଅଗ୍ରଣୀ ରହିଛି।


ଡିନ୍ ଏଲଗାର

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ:** ୨୦୨। **ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ:** ୨୨୯। **ଭାରତ ଦ୍ୱିତୀୟ ଇନିଂସ:** ୨୬୬/ଅଲ୍‌ଆଉଟ(ଅଜିଙ୍କ୍ୟ ରାହାନେ-୫୮, ଚେତେଶ୍ୱର ପୂଜାରା-୫୩, ହନୁମା ବିହାରୀ-୪୦*, କାଗିଶୋ ରାବାଡ଼ା-୩/୭୭, ଲୁନ୍‌ଗି ଏନ୍‌ଗିଡି-୩/୪୩, ମାର୍କୋ ଜାନସେନ-୩/୬୭, ଡୁଆନେ ଓଲିଭର-୧/୫୧)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୧୧୮/୨( ଡିନ୍ ଏଲଗାର-୪୬, ଏଡେନ ମାରକ୍ରାମ-୩୧, ଗିଗାନ ପିଟରସନ-୨୮, ଶାର୍ଦ୍ଦୂଳ ଠାକୁର-୨୪, ରବିଚନ୍ଦ୍ରନ ଅଶ୍ୱିନ-୧/୧୪)।

# ଶୀର୍ଷକୁ ଉଠିଲା ହାଇଦ୍ରାବାଦ

**ଫତୋର୍ଦା, ୫।୧**

ଇଣ୍ଡିଆନ ସୁପରଲିଗ୍‌ରେ ବୁଧବାର ହାଇଦ୍ରାବାଦ୍ ଏଫ୍‌ସି ଓ ଏଟିକେ ମୋହନବାଗାନ ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଫଳରେ ମୁମ୍ବାଇ ସିଟି ଏଫ୍‌ସିକୁ ହଟାଇ ହାଇଦ୍ରାବାଦ ଏଫ୍‌ସି ଟେବୁଲର ଶୀର୍ଷକୁ ଉଠିଛି। ହାଇଦ୍ରାବାଦ ୯ ମ୍ୟାଚରୁ ୪ ବିଜୟ, ୪ ଡ୍ର ଓ ୧ ପରାଜୟ ସହ ୧୬ ପଏଣ୍ଟ ପାଇଛି। ମୁମ୍ବାଇ ସମାନ ୧୬ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ହାଇଦ୍ରାବାଦ ପଛକୁ ରହିଛି। ସେହିପରି ମୋହନ ବାଗାନ ୯ ମ୍ୟାଚରୁ ୧୫ ପଏଣ୍ଟ ସହ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ବୁଧବାର ମ୍ୟାଚରେ ଏଟିକେ ପକ୍ଷରୁ ଡେଭିଡ ୱିଲିୟମ୍ସ ୧ମ ମିନିଟରେ ଗୋଲ ଦେଇଥିବାବେଳେ ଆଶିଷ ରାୟ ୬୪ତମ ମିନିଟରେ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ଏଟିକେ ପକ୍ଷରୁ ବାର୍ଥୋଲୋମେଉ ଓଗ୍‌ବେଚା ୧୮ ଓ ଜାଭିଅର ସାଭେରିଓ ୯୦+୧ ମିନିଟରେ ଗୋଲ ଦେଇଥିଲେ।

# ଅଷ୍ଟ୍ରେଲିଆ ୧୨୬/୩

**ସିଡ୍‌ନୀ, ୫।୧:** ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଚତୁର୍ଥ ଆଶେସ ଟେଷ୍ଟ ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ବର୍ଷା ଯୋଗୁ ୪୬.୫ ଓଭର ଖେଳ ସମ୍ଭବ ହୋଇଥିବାବେଳେ ଅଷ୍ଟ୍ରେଲିଆ ୩ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରିଛି। ଟପ୍ ଅର୍ଡରର ୩ ବ୍ୟାଟର ଡେଭିଡ୍ ୱାର୍ନର ୩୦, ମାର୍କସ ହାରିସ ୩୮ ଓ ମାର୍ନସ ଲାବୁସେନ ୨୮ ରନକରି ଆଉଟ ହୋଇଛନ୍ତି। ଇଂଲଣ୍ଡ ପକ୍ଷରୁ ଆଣ୍ଡରସନ, ବ୍ରଡ୍ ଓ ଉଡ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୪୬.୫ ଓଭରରେ ୧୨୬/୩ (ହାରିସ- ୩୮, ୱାର୍ନର- ୩୦, ଲାବୁସେନ- ୨୮, ଆଣ୍ଡରସନ- ୧/୨୪, ବ୍ରଡ- ୧/୩୪, ଉଡ୍- ୧/୩୧)।

# ଦକ୍ଷିଣ ଆଫ୍ରିକା ଅମ୍ପାୟରଙ୍କ ପୈତୃକ ଘର ମହାରାଷ୍ଟ୍ରରେ

**ମୁମ୍ବାଇ, ୫।୧**

ଜୋହାନ୍ସବର୍ଗରେ ଚାଲିଥିବା ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଅମ୍ପାୟର ଆଲ୍ଲାହୁଦ୍ଦିନ ପାଲେକର ପଦାର୍ପଣ କରିଛନ୍ତି। ପ୍ରଥମଥର ପାଇଁ ଟେଷ୍ଟ ପରିଚାଳନା କରିବାର ସୁଯୋଗ ହାସଲ କରିଥିବା ପାଲେକରଙ୍କ ପୈତୃକ ଘର ତଥା ତାଙ୍କ ପରିବାରର ସଦସ୍ୟଙ୍କ ଘର ମହାରାଷ୍ଟ୍ରର ରତ୍ନଗିରିରେ ଅବସ୍ଥିତ ବୋଲି ଖୁବ୍ କମ୍ ଲୋକ ଜାଣିଥିବେ।

ମହାରାଷ୍ଟ୍ର ରତ୍ନଗିରି ଜିଲାର ଖେଡ ତହସିଲସ୍ଥିତ ଶିବ ଗ୍ରାମରେ ତାଙ୍କର ପୈତୃକ ଘର ଅବସ୍ଥିତ। ଶିବ ଗ୍ରାମର ସରପଞ୍ଚ ଦୁରଭେଶ ପାଲେକର ମଧ୍ୟ ଏ ନେଇ ସୂଚନା ଦେଇଛନ୍ତି। ମୁଁ ମଧ୍ୟ ଜଣେ ପାଲେକର ବୋଲି ସେ କହିଛନ୍ତି। ଚାକିରି ଅନ୍ୱେଷଣରେ ପାଲେକରଙ୍କ ପିତା ଦକ୍ଷିଣ ଆଫ୍ରିକା ଚାଲିଯାଇଥିଲେ ଓ ସେଠାରେ ସ୍ଥାୟୀ ଭାବେ ରହିଥିଲେ। ଆଲ୍ଲାହୁଦ୍ଦିନ ଦକ୍ଷିଣ ଆଫ୍ରିକାରେ ଜନ୍ମଗ୍ରହଣ କରିଥିଲେ। ତେବେ ତାଙ୍କ ପ୍ରକୃତ ଗାଁ ହେଉଛି ଶିବ ଓ ଏହା ଖେଡ ତହସିଲ ଅନ୍ତର୍ଗତ। ଆଲ୍ଲାହୁଦ୍ଦିନଙ୍କ ପାଇଁ ସାରା ଗାଁ ଏବେ ଗର୍ବିତ। ତାଙ୍କ ପାଇଁ ଆମ ଗାଁ ଏବେ ଅନ୍ତର୍ଜାତୀୟ ସ୍ତରରେ ପରିଚିତ ବୋଲି ଦୁରଭେଶ କହିଛନ୍ତି। ପୂର୍ବରୁ ୪୪ ବର୍ଷୀୟ ଆଲ୍ଲାହୁଦ୍ଦିନ ୨୦୧୪-୧୫ ଭାରତୀୟ ଘରୋଇ ସେସନରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ରଣଜୀ ଟ୍ରଫି ପରିଚାଳନା କରିଥିଲେ। ମୁମ୍ବାଇ- ମଧ୍ୟପ୍ରଦେଶ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍ ଡ୍ର ରହିଥିଲା। ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବ ୧୩୫ ଓ ଶ୍ରେୟାସ ଆୟାର ଅପରାଜିତ ୧୪୨ ରନର ଶତକୀୟ ଇନିଂସ ଖେଳିଥିଲେ।

# ବାଂଲାଦେଶର ଐତିହାସିକ ଟେଷ୍ଟ ବିଜୟ

**ମାଉଣ୍ଟ ମାଉନଗାନୁଇ, ୫।୧**

ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ବିଶ୍ୱ ଚାମ୍ପିୟନ ନ୍ୟୁଜିଲାଣ୍ଡକୁ ୮ ଉଇକେଟରେ ପରାସ୍ତ କରି ବାଂଲାଦେଶ ଐତିହାସିକ ବିଜୟ ହାସଲ କରିଛି। ନ୍ୟୁଜିଲାଣ୍ଡ ମାଟିରେ ବାଂଲାଦେଶ ଏଥିସହ ପ୍ରଥମଥର ପାଇଁ ଟେଷ୍ଟ ଫର୍ମାଟ୍‌ରେ ବିଜୟ ହାସଲ କରିଛି। ପ୍ରଥମ ଇନିଂସରେ ୧୩୦ ରନରେ ପଛରେ ପଡିବା ପରେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରି ୭୩.୪ ଓଭରରେ ୧୬୯ ରନକରି ଅଲଆଉଟ ହୋଇଥିଲା। ଫଳରେ ବାଂଲାଦେଶ ସମ୍ମୁଖରେ ୪୦ ରନର ଛୋଟିଆ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ବୁଧବାର ପଞ୍ଚମ ତଥା ଅନ୍ତିମ ଦିବସରେ ୧୬.୫ ଓଭରରେ ୨ ଉଇକେଟ ହରାଇ ୪୨ ରନକରି ବିଜୟ ହାସଲ କରିଛି। ଅଧିନାୟକ ମୋମିନୁଲ ହକ୍ ୧୩ ଓ ମୁସ୍‌ଫିକର ରହିମ ୫ ରନକରି ଅପରାଜିତ ରହିଥିଲେ। ଦୁଇ ଓପନର ଶଦମାନ ଇସ୍‌ଲାମ ୩ ଓ ନାଜମୁଲ ହୋସେନ ସାଣ୍ଟୋ ୧୭ ରନକରି ଯଥାକ୍ରମେ ଟିମ୍ ସୌଦି ଓ କାଏଲ ଜେମସନଙ୍କ ଦ୍ୱାରା ଆଉଟ ହୋଇଥିଲେ। ପ୍ରଥମ ଇନିଂସରେ ଗୋଟିଏ ଓ ଦ୍ୱିତୀୟ ଇନିଂସରେ ୪୬ ରନ ବ୍ୟୟ କରି ୬ ଉଇକେଟ ନେଇ ନ୍ୟୁଜିଲାଣ୍ଡର ବିପର୍ଯ୍ୟୟ ଘଟାଇଥିବା ବାଂଲାଦେଶ ଦ୍ରୁତ ବୋଲର ଇବାଦତ ହୋସେନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ବାଂଲାଦେଶ ୧-୦ରେ ଅଗ୍ରଣୀ ହାସଲ କରିଛି। ରବିବାରଠାରୁ ଦ୍ୱିତୀୟ ଟେଷ୍ଟ ଖ୍ରୀଷ୍ଟଚର୍ଚ୍ଚରେ ଆରମ୍ଭ ହେବ। ବାଂଲାଦେଶ ଏଥିସହ ବିଦେଶ ମାଟିରେ ଷଷ୍ଠ ଟେଷ୍ଟ ବିଜୟ ହାସଲ କରିଛି। ଟପ୍ ୫ରେ ସାମିଲ ଥିବା ଦଳକୁ ବାଂଲାଦେଶ ପ୍ରଥମଥର ପାଇଁ ଟେଷ୍ଟରେ ହରାଇଛି। ନ୍ୟୁଜିଲାଣ୍ଡ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ୍ (ଆଇସିସି) ଟେଷ୍ଟ ର୍ୟାଙ୍କିଙ୍ଗ୍‌ର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ବାଂଲାଦେଶ ନବମ ସ୍ଥାନରେ ରହିଛି। ଏଥିସହ ଘରୋଇ ମାଟିରେ ନ୍ୟୁଜିଲାଣ୍ଡର ଅପରାଜେୟ ଧାରାରେ ବ୍ରେକ୍ ଲାଗିଛି। ଏହାପୂର୍ବରୁ ନ୍ୟୁଜିଲାଣ୍ଡ ଘରୋଇ ମାଟିରେ ୧୭ଟି ଟେଷ୍ଟରେ ପରାସ୍ତ ହୋଇ ନ ଥିଲା। ୨୧ ବର୍ଷ ପରେ ନ୍ୟୁଜିଲାଣ୍ଡକୁ ବାଂଲାଦେଶ ଟେଷ୍ଟରେ ପରାସ୍ତ କରିବାକୁ ସକ୍ଷମ ହୋଇଛି। ପୁଣି ୧୧ ବର୍ଷ ପରେ କୌଣସି ଏସୀୟ ଦଳ ନ୍ୟୁଜିଲାଣ୍ଡକୁ ତା'ର ଘରୋଇ ପରିବେଶରେ ପରାସ୍ତ କରିଛି। ଏହାପୂର୍ବରୁ ନ୍ୟୁଜିଲାଣ୍ଡ ମାଟିରେ ବାଂଲାଦେଶ ୯ ଟେଷ୍ଟ, ୧୬ ଦିନିକିଆ ଓ ୭ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲା ଓ ସବୁଥିରେ ପରାସ୍ତ ହୋଇଥିଲା। ୨୦୧୧ ଜାନୁୟାରୀ ୭ ତାରିଖ ପରେ ବାଂଲାଦେଶ ପ୍ରଥମ ଏସୀୟ ଦଳ ଭାବେ ନ୍ୟୁଜିଲାଣ୍ଡକୁ ତା'ର ମାଟିରେ ହରାଇଛି। ଏହାପୂର୍ବରୁ ପାକିସ୍ତାନ ନ୍ୟୁଜିଲାଣ୍ଡକୁ ତା' ମାଟିରେ ହରାଇଥିଲା। ଅନ୍ୟପଟେ ପାଖାପାଖି ୫ ବର୍ଷ ପରେ ନ୍ୟୁଜିଲାଣ୍ଡ ଘରୋଇ ପରିବେଶରେ କୌଣସି ଟେଷ୍ଟ ମ୍ୟାଚ୍‌ରେ ପରାଜୟ ବରଣ କରିଛି। ଏହାପୂର୍ବରୁ ଘରୋଇ ନ୍ୟୁଜିଲାଣ୍ଡକୁ ଦକ୍ଷିଣ ଆଫ୍ରିକା ୨୦୧୭ରେ ଟେଷ୍ଟରେ ହରାଇଥିଲା। ୨୦୦୧ରେ ନ୍ୟୁଜିଲାଣ୍ଡ ବିପକ୍ଷ ବାଂଲାଦେଶ ପ୍ରଥମେ ଟେଷ୍ଟ ଖେଳିବାର ସୁଯୋଗ ପାଇଥିଲା। ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୪୭/୫ରୁ ନ୍ୟୁଜିଲାଣ୍ଡ ଖେଳ ଆରମ୍ଭ କରି ବୁଧବାର ଅଲ୍‌ଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ରସ ଟେଲର ୩୭ ଓ ରଚିନ ରବୀନ୍ଦ୍ର ୬ରୁ ଖେଳ ଆରମ୍ଭ କରି ଯଥାକ୍ରମେ ୪୦ ଓ ୧୬ ରନକରି ଆଉଟ ହୋଇଥିଲେ। ଅନ୍ୟମାନେ ବିଫଳ ହୋଇଥିଲେ। ମାତ୍ର ୧୫ ରନରେ ନ୍ୟୁଜିଲାଣ୍ଡ ତା'ର ଅନ୍ତିମ ୫ ଉଇକେଟ ହରାଇଥିଲା। ବୋଲିଂରେ ବାଂଲାଦେଶ ତରଫରୁ ଇବାଦତ ସର୍ବାଧିକ ୬, ତାସ୍କିନ ଅହମଦ ୩, ମେହିଦି ହାସନ ମିରାଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।


ବାଂଲାଦେଶ ଖେଳାଳିଙ୍କ ବିଜୟୋଲ୍ଲାସ।

**ସଂକ୍ଷିପ୍ତ ସ୍କୋର**

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ-** ୩୨୮।
**ବାଂଲାଦେଶ ପ୍ରଥମ ଇନିଂସ-** ୧୭୬.୨ ଓଭରରେ ୪୫୮।
**ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ-** ୭୩.୪ ଓଭରରେ ୧୬୯ ରନ, ଅଲଆଉଟ। (ୱିଲି ୟଙ୍ଗ- ୬୯, ରସ୍ ଟେଲର- ୪୦, ରଚିନ ରବୀନ୍ଦ୍ର- ୧୬, ଇବାଦତ ହୋସେନ- ୬/୪୬, ତାସ୍କିନ ଅହମଦ- ୩/ ୩୬, ମେହିଦି ହାସନ ମିରାଜ- ୧/୪୩)।
**ବାଂଲାଦେଶ ଦ୍ୱିତୀୟ ଇନିଂସ-** ୧୬.୫ ଓଭରରେ ୪୨/୨ (ମୋମିନୁଲ ହକ- ୧୩*, ମୁସ୍‌ଫିକର ରହିମ- ୫*, ଶଦମାନ ଇସ୍‌ଲାମ- ୩, ନାଜମୁଲ ହୋସେନ ସାଣ୍ଟୋ- ୧୭, ଟିମ ସୌଦି- ୧/୨୧, କାଏଲ ଜେମିସନ- ୧/୧୨)।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୬/୨୦୨୨ (୮+୮=୧୬ ପୃଷ୍ଠା)    Bhubaneswar, Thursday, January 6/2022



**ଟିଏମ୍‌ସି ଏମ୍‌ପି ମିମି ଚକ୍ରବର୍ତ୍ତୀଙ୍କୁ କରୋନା**

ଟିଏମ୍‌ସି ଏମ୍‌ପି ତଥା ବଙ୍ଗଳା ଅଭିନେତ୍ରୀ ମିମି ଚକ୍ରବର୍ତ୍ତୀ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେ ସୋସିଆଲ ମିଡିଆ ମାଧ୍ୟମରେ ତାଙ୍କ ପ୍ରଶଂସକମାନଙ୍କୁ ଏହା ଜଣାଇ ଦେଇଛନ୍ତି। ୦୨

୦୮ **ମନୀଷା ଆଶାବାଦୀ**

ଏଏଫ୍‌ସି ମହିଳା ଏସିଆ କପ୍‌ରେ ଭାରତର ଭଲ ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ ଭାରତୀୟ ମହିଳା ଫୁଟବଲ ଦଳର ଡିଫେଣ୍ଡର ଓଡ଼ିଶାର ମନୀଷା ପାଣ୍ଡା।





ମାଟ୍ରିକ ସମେଟିଭ୍-୧ ପରୀକ୍ଷାର ପ୍ରଥମ ଦିନ ବୁଧବାର ଭୁବନେଶ୍ୱରର କ୍ୟାପିଟାଲ ହାଇସ୍କୁଲ୍‌କୁ ପରୀକ୍ଷାର୍ଥୀମାନେ ଧାଡ଼ିରେ ପ୍ରବେଶ କରୁଛନ୍ତି।

# ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି ସହଜ ହେଲା

## ସରକାରୀ ଅଧିକାରୀଙ୍କୁ ମିଳିଲା ଜମି ହସ୍ତାନ୍ତର କ୍ଷମତା

- ସଂଶୋଧନ ହେଲା ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ-୧୯୫୪
- ଅଧ୍ୟାଦେଶକୁ କ୍ୟାବିନେଟ ମୋହର



ଭୁବନେଶ୍ୱର,୫।୧(ବ୍ୟୁରୋ)

ଦୀର୍ଘ ବର୍ଷ ଧରି ଶ୍ରୀଜଗନ୍ନାଥଙ୍କ ଜମିରେ ରହିଆସୁଥିବା ଲୋକମାନେ ଜମିର ସ୍ୱତ୍ୱ ପାଇବା ସହ ଏହାକୁ ବିକ୍ରି, ଲିଜ୍ ଏବଂ ବନ୍ଧା ପକାଇପାରିବେ। ସେମାନଙ୍କୁ ଆଉ ସରକାରଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ ନାହିଁ। ସରକାରଙ୍କ ବିନା ଅନୁମୋଦନରେ ସରକାରୀ ଅଧିକାରୀମାନେ ଏହି କାର୍ଯ୍ୟ କରିପାରିବେ। ଏହି ସମସ୍ୟାକୁ ଦୂର କରିବାକୁ ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ୧୯୫୪ ସଂଶୋଧନ କରାଯାଇଛି। ଆଇନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଶ୍ରୀମନ୍ଦିର କାର୍ଯ୍ୟକାରୀ ସଭାପତିଙ୍କଠାରୁ ଆରମ୍ଭକରି ମୁଖ୍ୟ ପ୍ରଶାସକ, ମନ୍ଦିର ପ୍ରଶାସକ, ଉପପ୍ରଶାସକ ପ୍ରମୁଖଙ୍କୁ ନିର୍ଦ୍ଦିଷ୍ଟ ଜମି ହସ୍ତାନ୍ତରୀକରଣ ପାଇଁ କ୍ଷମତା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ୧୯୫୪ ଧାରା ୧୬-୨ ଅନୁସାରେ ଶ୍ରୀଜଗନ୍ନାଥ ମନ୍ଦିରର ସ୍ଥାବର ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ବନ୍ଧା ପକାଇବା ବେଳେ ହସ୍ତାନ୍ତର କରିବା ପାଇଁ ସରକାରଙ୍କ ପୂର୍ବ ଅନୁମୋଦନ ଦରକାର ପଡୁଥିଲା। କିନ୍ତୁ ଏଣିକି ଅଧ୍ୟାଦେଶ ବଳରେ ସବୁ କ୍ଷେତ୍ରରେ ସରକାରଙ୍କ ଅନୁମୋଦନ ଦରକାର ପଡ଼ିବ ନାହିଁ। ଅଧ୍ୟାଦେଶ ଆସିବା ପରେ ସେ ସମ୍ପର୍କିତ ନିୟମରେ ଆବଶ୍ୟକ ସଂଶୋଧନ କରାଯାଇଛି। ଏହାଦ୍ୱାରା ପରିଚାଳନା କମିଟି ଅଧୀନରେ ଥିବା ସ୍ଥାବର ସମ୍ପତ୍ତି, ଜମିବାଡ଼ିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ହୋଇପାରିବ।

ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଶ୍ରୀମନ୍ଦିରର ଯେଉଁଠାରେ ଜମି ରହିଛି, ଯେଉଁମାନେ ସେହି ଜମିରେ ଦୀର୍ଘ ବର୍ଷ ଧରି ରହି ଆସୁଛନ୍ତି, ସେହିମାନଙ୍କୁ ଜମି ଅଧିକାର ଦେବା ନିଷ୍ପତ୍ତି ଦୀର୍ଘଦିନ ଧରି ହୋଇପାରୁ ନ ଥିଲା। ବୈଠକରେ ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ୧୯୫୪କୁ ସଂଶୋଧନ କରାଯାଇଛି। ଯେଉଁମାନେ ଜମି ଅଧିକାର କରି ରହିଥିଲେ ସେମାନେ ସେହି ଜମିର ପଟ୍ଟା ନିଜ ନାମରେ କରିବାକୁ ଚାହୁଁଥିଲେ। ଯେଉଁ ନିୟମ ଥିଲା ସେଥିରେ ଜମିକୁ ଅଧିକାର କରିବା ସମ୍ଭବ ହୋଇପାରୁ ନ ଥିଲା। ଅନେକ ପ୍ରସ୍ତାବ ☞ପୃଷ୍ଠା-୬

# ବଢ଼ିଲେ ୪ ଲକ୍ଷ ଭୋଟର

**ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା**

- ରାଜ୍ୟରେ ୩.୨୯ କୋଟି ମତଦାତା
- ୧.୬୭ କୋଟି ପୁରୁଷ,୧.୬୧ କୋଟି ମହିଳା
- ଯୁବ ଭୋଟରଙ୍କ ସଂଖ୍ୟା ୫,୨୩,୭୪୪କୁ ବୃଦ୍ଧି
- ସ୍ପିଡ୍ ପୋଷ୍ଟରେ ନିଃଶୁଳ୍କ ମିଳିବ ପରିଚୟପତ୍ର
- ବିନା ଦେୟରେ ରାଜନୈତିକ ଦଳକୁ ମିଳିବ ତାଲିକା

ଭୁବନେଶ୍ୱର, ୫।୧(ବ୍ୟୁରୋ)

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ୨୦୨୨ ବର୍ଷ ସକାଶେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ସମୁଦାୟ ୩,୨୯,୮୩,୬୪୩ ଜଣ ଭୋଟର ତାଲିକାଭୁକ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧,୬୭,୯୬,୬୦୩ ପୁରୁଷ, ୧,୬୧,୮୩,୮୩୫ ମହିଳା ଏବଂ ୩,୦୨୫ ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ୨୦୨୧ ତାଲିକାରେ ମୋଟ ୩,୨୫,୫୨,୨୦୨ ଭୋଟର ଥିବା ବେଳେ ଚଳିତ ବର୍ଷ ଏହା ୩,୨୯,୮୩,୬୪୩କୁ ବୃଦ୍ଧି ପାଇଛି। ପୂର୍ବବର୍ଷ ଭୋଟର ତାଲିକା ଅନୁସାରେ ୯୯.୧୪% ଭୋଟରଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ ନିମନ୍ତେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଚଳିତ ବର୍ଷ ତାହା ବୃଦ୍ଧି ପାଇ ୯୯. ୭୭%ରେ ପହଞ୍ଚିଛି। ତାଲିକାରେ ୯୮.୬୬% ଭୋଟରଙ୍କ ଫଟୋ ଥିବା ବେଳେ ଚଳିତ ବର୍ଷ ଚୂଡ଼ାନ୍ତ ଭୋଟର ତାଲିକାରେ ଫଟୋ ଥିବା ମତଦାତାଙ୍କ ସଂଖ୍ୟା ୯୯.୭୪%କୁ ବୃଦ୍ଧି ପାଇଛି। ୨୦୨୧ରେ ଚୂଡ଼ାନ୍ତ ଭୋଟର ତାଲିକାରେ ୧୮ରୁ ୧୯ ବର୍ଷର ୪,୧୦,୦୭୬ ଜଣ ଭୋଟର ଅନ୍ତର୍ଭୁକ୍ତ ହୋଇଥିଲେ। ଚଳିତବର୍ଷ ତାହା ୫,୨୩,୭୪୪କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି। ୨୦୨୧ରେ ଚୂଡ଼ାନ୍ତ ଭୋଟର ☞ପୃଷ୍ଠା-୬

# ଭିନ୍ନ କମ୍ପାନୀର ବୁଷ୍ଟର ଡୋଜ୍ ଦିଆଯିବନି

**ନୂଆଦିଲ୍ଲୀ, ୫।୧:** କୋଭିଡ୍ ଟିକାର ବୁଷ୍ଟର ଡୋଜ୍ ବା ପ୍ରିକଶନ୍ ଡୋଜ୍ ନେବା ଲାଗି ଯେଉଁମାନେ ଯୋଗ୍ୟ ବିବେଚିତ, ସେମାନଙ୍କୁ ଅନ୍ୟ କମ୍ପାନୀର ଟିକା ଦିଆଯିବ ନାହିଁ ବୋଲି ଭାରତର କୋଭିଡ୍ ଟାସ୍କଫୋର୍ସ୍ ମୁଖ୍ୟ ଡ. ଭି.କେ. ପଲ୍ ବୁଧବାର କହିଛନ୍ତି। ଅର୍ଥାତ୍ ଯେଉଁ ବ୍ୟକ୍ତି ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର କୋଭିଶିଲ୍ଡ ଟିକାର ଦୁଇଟି ଡୋଜ୍ ନେଇଛନ୍ତି, ସେ ବୁଷ୍ଟର ଡୋଜ୍‌ରେ କୋଭିଶିଲ୍ଡ ହିଁ ନେବେ। ସେହିପରି ପୂର୍ବରୁ ଯେଉଁମାନେ ଭାରତ ବାୟୋଟେକ୍‌ର କୋଭାକ୍ସିନ ନେଇଛନ୍ତି, ତୃତୀୟ ଡୋଜ୍‌ରେ ସେମାନଙ୍କୁ କୋଭାକ୍ସିନ୍ ହିଁ ଦିଆଯିବ।

ଓମିକ୍ରନ୍ ଭୟକୁ ନେଇ କୋଭିଡ୍ ଟିକାର ବୁଷ୍ଟର ଡୋଜ୍ ପ୍ରଦାନ ଲାଗି ଦାବି ହେବା ପରେ ଗତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାସ୍ଥ୍ୟସେବା କର୍ମଚାରୀ, ୬୦ ବର୍ଷରୁ ଊର୍ଦ୍ଧ୍ୱ ବହୁବିଧ ରୋଗ ଥିବା ବ୍ୟକ୍ତିଙ୍କୁ ଜାନୁୟାରୀ ୧୦ରୁ ପ୍ରିକଶନ ଡୋଜ୍ ଦେବା ଲାଗି ଘୋଷଣା କରିଥିଲେ। ତେବେ ୧୫ରୁ ୧୮ ବର୍ଷ ବୟସର ପିଲାଙ୍କୁ ସୋମବାରଠାରୁ ଟିକାଦାନ କାର୍ଯ୍ୟ ଆରମ୍ଭ ହୋଇଛି। ପିଲାମାନଙ୍କୁ କେବଳ କୋଭାକ୍ସିନ ଟିକା ଦିଆଯାଉଛି। ପିଲାମାନଙ୍କ ପାଇଁ ଜାଇଡସ୍ କାଡିଲା କମ୍ପାନୀର ଜାଇକୋଭ-ଡି ଟିକାକୁ ମଞ୍ଜୁରୀ ମିଳିଥିଲେ ବି ଏହା କେବେ ଉପଲବ୍ଧ ହେବ ଜଣାପଡ଼ିନାହିଁ।

# ଘରେ ପଶି ମହିଳାଙ୍କୁ ହାଣିଲେ ଦୁର୍ବୃତ୍ତ

**ଅସୁରକ୍ଷିତ ରାଜଧାନୀବାସୀ**

**ସୁନା ଅଳଙ୍କାର ଲୁଟ୍**

ଭୁବନେଶ୍ୱର,୫।୧(ବ୍ୟୁରୋ)

ଅସୁରକ୍ଷିତ ହୋଇପଡ଼ିଛି ରାଜଧାନୀ। କମିଶନରେଟ୍ ପୋଲିସକୁ ଅପରାଧୀମାନେ ଆଉ ଭୟ କରୁନାହାନ୍ତି। ରାତି ନୁହେଁ, ଦିନ ଦ୍ୱିପ୍ରହରରେ ମଧ୍ୟ ଆକ୍ରମଣ କରି ଦୁର୍ବୃତ୍ତମାନେ ଲୁଟ୍‌ପାଟ କରୁଛନ୍ତି। ବୁଧବାର ଶହୀଦନଗର ଥାନା ଅନ୍ତର୍ଗତ ଖାରପଡ଼ା ଜଗନ୍ନାଥନଗର ଲେନ୍-୪ରେ ୨ଜଣ ଦୁର୍ବୃତ୍ତ ଘରେ ପଶି ଜୈନିକା ମହିଳାଙ୍କୁ ଆକ୍ରମଣ କରିବା ସହ ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଆକ୍ରମଣରେ ଗୀତାଞ୍ଜଳି ପାଲଟାସିଂ(୨୭) ଗୁରୁତର ହୋଇଛନ୍ତି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ଗୀତାଞ୍ଜଳିଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ସେଠାରୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଗୀତାଞ୍ଜଳିଙ୍କ ସ୍ୱାମୀ ସୁଶାନ୍ତ କୁମାର ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପରିବାର ଓ ପଡ଼ୋଶୀଙ୍କୁ ☞ପୃଷ୍ଠା-୬

# ‘ଓମିସିଓର’କୁ ଆଇସିଏମ୍ଆର୍ ମଞ୍ଜୁରୀ

**ନୂଆଦିଲ୍ଲୀ, ୫।୧:** କୋଭିଡ୍-୧୯ର ଓମିକ୍ରନ୍ ଭାରିଆଣ୍ଟ ଚିହ୍ନଟ ଲାଗି ଟାଟା ମେଡିକାଲ ଓ ଡାଇଗ୍ନୋଷ୍ଟିକ୍ସ ଦ୍ୱାରା ପ୍ରସ୍ତୁତ କିଟ୍ ‘ଓମିସିଓର’କୁ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ମଞ୍ଜୁରୀ ପ୍ରଦାନ କରିଛି। ଡିସେମ୍ବର ୩୦ରେ ଉକ୍ତ କିଟ୍‌କୁ ଅନୁମୋଦନ ମିଳିଥିଲା। ଓମିକ୍ରନ୍ ଚିହ୍ନଟ ପାଇଁ ଆଉ ନମୁନା ଜିନୋମ ସିକ୍ୱେନ୍ସି ପାଇଁ ପଠାଇବାକୁ ପଡ଼ିବ ନାହିଁ। ବର୍ତ୍ତମାନ ଭାରତରେ ଓମିକ୍ରନ୍ ଭାରିଆଣ୍ଟ ଚିହ୍ନଟ ପାଇଁ ବ୍ୟବହୃତ ହେଉଥିବା କିଟ୍ ଆମେରିକାର ଥର୍ମୋ ଫିଶର କମ୍ପାନୀ ଦ୍ୱାରା ପ୍ରସ୍ତୁତ। ଏଥିରେ ଏସ୍ ଜିନ୍ ଟାର୍ଗେଟ୍ ଫେଲ୍ୟୁର (ଏସ୍‌ଜିଟିଏଫ୍) କୌଶଳ ବ୍ୟବହାର କରାଯାଉଥିଲା। ଓମିକ୍ରନ୍ ରିଅଲ ଟାଇମ୍ ଆର୍‌ଟି-ପିସିଆର୍ ପରୀକ୍ଷାର ବିକାଶ ଓ ବ୍ୟବସାୟୀକରଣ ଲାଗି ପ୍ରଯୁକ୍ତି ହସ୍ତାନ୍ତର ଲାଗି ଡିସେମ୍ବର ୧୭ରେ ଆଇସିଏମ୍ଆର୍ ଆହ୍ୱାନ କରିଥିଲେ।

# ବିରୋଧ ଯୋଗୁ ବାଟରୁ ଫେରିଲେ ମୋଦି





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ବିରୋଧରେ ପଞ୍ଜାବ ଚାଷୀମାନେ ଫିରୋଜପୁରରେ ରାସ୍ତା ଅବରୋଧ କରିଛନ୍ତି। ଫିରୋଜପୁର ନିକଟସ୍ଥ ଫ୍ଲାଏଓଭର ଉପରେ ପ୍ରଧାନମନ୍ତ୍ରୀ ଫସିରହିଥିବାବେଳେ ଏନ୍ଏସ୍‌ଜି ଯବାନମାନେ ତାଙ୍କ କାର୍‌କୁ ଘେରିରହିଛନ୍ତି।

**ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି**

- ଫ୍ଲାଏଓଭରରେ ୨୦ ମିନିଟ ଫସିଲେ
- ପଞ୍ଜାବ ସରକାରଙ୍କୁ ରିପୋର୍ଟ ମାଗିଲା କେନ୍ଦ୍ର

ଚଣ୍ଡିଗଡ଼/ନୂଆଦିଲ୍ଲୀ,୫।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁରକ୍ଷାରେ ବୁଧବାର ବଡ଼ ଧରଣର ତ୍ରୁଟି ଦେଖିବାକୁ ମିଳିଛି। ମୋଦି ନିର୍ବାଚନମୁହାଁ ପଞ୍ଜାବର ବଠିଣ୍ଡାରୁ ଫିରୋଜପୁରକୁ ଯାଉଥିବାବେଳେ ବାଟରେ କୃଷକମାନେ ରାସ୍ତା ଅବରୋଧ କରିଥିଲେ। ଫଳରେ ଏକ ଫ୍ଲାଏଓଭର ଉପରେ ପ୍ରଧାନମନ୍ତ୍ରୀଙ୍କ କାର୍‌କେଡ୍ ୧୫ରୁ ୨୦ ମିନିଟ ଧରି ଫସିରହିଥିଲା। ଏଥିଯୋଗୁ ମୋଦି ସେଠାରୁ ବାଧ୍ୟହୋଇ ଦିଲ୍ଲୀକୁ ଫେରିଯାଇଥିଲେ। ନିକଟରେ ଉଚ୍ଛେଦ ହୋଇଥିବା କେନ୍ଦ୍ରର ୩ ବିବାଦୀୟ କୃଷି ଆଇନକୁ ନେଇ ପଞ୍ଜାବର କୃଷକମାନେ ମୋଦିଙ୍କ ଗସ୍ତକୁ ବିରୋଧ କରିଆସୁଥିବାବେଳେ ୨ ବର୍ଷ ମଧ୍ୟରେ ରାଜ୍ୟକୁ ଏହା ଥିଲା ତାଙ୍କର ପ୍ରଥମ ଗସ୍ତ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହାକୁ ଏକ ବଡ଼ ସୁରକ୍ଷା ତ୍ରୁଟି ଭାବେ ଅଭିହିତ କରି ପଞ୍ଜାବ ସରକାରଙ୍କଠାରୁ ବିସ୍ତୃତ ରିପୋର୍ଟ ମାଗିଛି। ଏହି ପ୍ରସଙ୍ଗରେ ଭାଜପା ଏବଂ କଂଗ୍ରେସ ମଧ୍ୟରେ ବାକ୍ୟୁଦ୍ଧ ଜାତୀୟ ରାଜନୀତିକୁ ଉଷ୍ମ ☞ପୃଷ୍ଠା-୬



## ଆପାର୍ଟମେଣ୍ଟରେ ନିଆଁ: ୧୩ ମୃତ

ଆମେରିକାର ଫିଲାଡେଲ୍ଫିଆ ସହରରେ ଥିବା ଏକ ସରକାରୀ ହାଉସିଂ ଆପାର୍ଟମେଣ୍ଟରେ ବୁଧବାର ବଡ଼ ଧରଣର ଅଗ୍ନିକାଣ୍ଡ ହୋଇଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିବା ଆମେରିକା ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ୩ ମହଲା ବିଶିଷ୍ଟ ଏହି ଆପାର୍ଟମେଣ୍ଟର ଦ୍ୱିତୀୟ ମହଲାରେ ନିଆଁ ଲାଗିଥିଲା। ନିଆଁକୁ ଆୟତ୍ତ କରିବା ଲାଗି ୫୦ ମିନିଟ ଲାଗିଥିଲା। ଫିଲାଡେଲ୍ଫିଆ ହାଉସିଂ କର୍ତ୍ତୃପକ୍ଷଙ୍କର ସେଠାରେ ଅନେକ ବିଲ୍ଡିଂ ରହିଛି।


ମନାଲିରେ ତୁଷାରପାତ ଯୋଗୁ ଟ୍ରାଫିକ୍ ଜାମ।


ହିମାଚଳ ପ୍ରଦେଶର ପ୍ରଶାର ହ୍ରଦ ଉପରେ ବରଫ ଚାଦର।

## ସଂକ୍ଷେପରେ

### ୟୁପିରେ ବଡ଼ ରାଲି ବାତିଲ କଲା କଂଗ୍ରେସ

**ନୂଆଦିଲ୍ଲୀ/ଲକ୍ଷ୍ନୌ, ୫।୧:** ଦେଶରେ କରୋନା ସଂକ୍ରମଣ ହଠାତ୍ ବଢ଼ିଯିବାରୁ ନିର୍ବାଚନ ହେବାକୁ ଥିବା ଉତ୍ତରପ୍ରଦେଶରେ ଚଳିତ ସପ୍ତାହରେ ଆୟୋଜିତ ହେବାକୁ ଥିବା ୪ ଗଣଗୌଡ଼କୁ କଂଗ୍ରେସ ବାତିଲ କରିଦେଇଛି। ଏଥିସହିତ ଆଗାମୀ ୧୫ ଦିନ ମଧ୍ୟରେ କୌଣସି ବଡ଼ ରାଲି ନ କରିବାକୁ ଏହି ଦଳ ନିଷ୍ପତ୍ତି ନେଇଛି। କଂଗ୍ରେସ ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ବେଣୁଗୋପାଳ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଦଳର ସଭାପତିମାନଙ୍କୁ ପତ୍ର ଲେଖି ସେଠାରେ କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ନିର୍ବାଚନୀ ରାଲି କରିବା ଉପରେ ନିଷ୍ପତ୍ତି ନେବାକୁ ପରାମର୍ଶ ଦେଇଛନ୍ତି। ନିର୍ବାଚନ ଜିତିବା କିମ୍ବା ହାରିବା ଅପେକ୍ଷା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ବଡ଼ ବୋଲି କଂଗ୍ରେସ ମୁଖପାତ୍ର ଗୌରବ ବଲ୍ଲଭ ଦିଲ୍ଲୀରେ ଖବରଦାତାମାନଙ୍କୁ କହିଛନ୍ତି। ଦେଶରେ କରୋନାର ତୃତୀୟ ଲହରକୁ ଦୃଷ୍ଟିରେ ରଖି ୟୁପିରେ ସମସ୍ତ ରାଲି ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଗତବର୍ଷ କୋଭିଡ୍ ଦ୍ୱିତୀୟ ଲହର ବେଳେ ପଶ୍ଚିମବଙ୍ଗ ଓ ଆସାମରେ ନିର୍ବାଚନୀ ରାଲି ଯୋଗୁ ସଂକ୍ରମଣ ଅତ୍ୟଧିକ ବୃଦ୍ଧି ପାଇଥିଲା। ତାହାର ପୁନରାବୃତ୍ତି ହେବା ଉଚିତ ନୁହେଁ ବୋଲି ବଲ୍ଲଭ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରୁ ଶିକ୍ଷାଲାଭ କରି ରାଲି ଓ ପ୍ରଚାର ବନ୍ଦ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

### ଶୁକ୍ରବାରଠାରୁ ସିଭିଲ୍ ସର୍ଭିସ (ମେନ୍) ପରୀକ୍ଷା

**ନୂଆଦିଲ୍ଲୀ, ୫।୧(ପି.ଟି.):** ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସିଭିଲ୍ ସର୍ଭିସ (ମେନ୍) ପରୀକ୍ଷା, ୨୦୨୧ ଶୁକ୍ରବାରଠାରୁ ଆରମ୍ଭ ହେବ ବୋଲି ବୁଧବାର କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ପକ୍ଷରୁ କୁହାଯାଇଛି। ପରୀକ୍ଷାର୍ଥୀ ଏବଂ ପରୀକ୍ଷା ପରିଚାଳନା ପଦାଧିକାରୀ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବାକୁ ୟୁପିଏସ୍‌ସି ରାଜ୍ୟ ସରକାରମାନଙ୍କୁ କହିଛି। ଆବଶ୍ୟକ ହେଲେ ପରୀକ୍ଷାର୍ଥୀମାନଙ୍କୁ ଦିଆଯାଇଥିବା ଇ-ଆଡମିଟ୍ କାର୍ଡ ଏବଂ ପରୀକ୍ଷା ପରିଚାଳନା ଅଧିକାରୀମାନଙ୍କ ପରିଚୟ ପତ୍ରକୁ ଯାତାୟାତ ପାସ୍ ଭାବେ ବ୍ୟବହାର କରାଇବାକୁ ୟୁପିଏସ୍‌ସି ପରାମର୍ଶ ଦେଇଛି। କୋଭିଡ୍ ସଂକ୍ରମଣ ବଢ଼ୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଜାନୁୟାରୀ ୭, ୮, ୯, ୧୫, ଏବଂ ୧୬ରେ ପରୀକ୍ଷା କରାଯିବାକୁ କମିଶନ ନିଷ୍ପତ୍ତି ନେଇଛି। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ବିଦେଶୀ ସେବା (ଆଇଏଫ୍‌ଏସ୍) ଏବଂ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସର ଚୟନ ଲାଗି ସିଭିଲ୍ ସର୍ଭିସ ପରୀକ୍ଷା ହୋଇଥାଏ।

# ହୋମ୍ ଆଇସୋଲେଶନ ୭ ଦିନକୁ ହ୍ରାସ

**ନୂଆଦିଲ୍ଲୀ, ୫।୧**

ଲକ୍ଷଣ ନ ଥିବା କିମ୍ବା ସାମାନ୍ୟ ଲକ୍ଷଣ ଥିବା କୋଭିଡ୍ ରୋଗୀଙ୍କ ନିମନ୍ତେ କେନ୍ଦ୍ର ସରକାର ବୁଧବାର ନୂଆ ହୋମ୍ ଆଇସୋଲେଶନ ଗାଇଡ୍‌ଲାଇନ ଜାରି କରିଛନ୍ତି। କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଯଦି କ୍ରମାଗତ ୩ ଦିନ ଜ୍ୱର ନ ରହେ, ତେବେ ସେ ୭ ଦିନ ହୋମ୍ ଆଇସୋଲେଶନରେ ରହିବାକୁ ପରାମର୍ଶ ଦିଆଯାଇଛି। ଏହା ପରେ ସେମାନେ ମାସ୍କ ପିନ୍ଧିବା ଜାରି ରଖିବେ। ହୋମ୍ ଆଇସୋଲେଶନ ଶେଷ ହେବା ପରେ ପୁଣିଥରେ ପରୀକ୍ଷା କରାଇବା ଆବଶ୍ୟକ ନାହିଁ। ପୂର୍ବରୁ କୋଭିଡ୍ ପଜିଟିଭ୍ ଚିହ୍ନଟ ପରେ ଲକ୍ଷଣ ନ ଥିଲେ ବା ସାମାନ୍ୟ ଲକ୍ଷଣ ଥିଲେ ୧୦ ଦିନ ହୋମ୍ ଆଇସୋଲେଶନରେ ରହିବାକୁ କୁହାଯାଉଥିଲା।

ସଂଶୋଧିତ ଗାଇଡ୍‌ଲାଇନ ଅନୁଯାୟୀ ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ ମଧ୍ୟ ଯଦି ଲକ୍ଷଣ ନ ଥାଏ, ତେବେ କୋଭିଡ୍ ପରୀକ୍ଷା କରାଇବା କିମ୍ବା ହୋମ୍ ଆଇସୋଲେଶନରେ ରହିବା ଆବଶ୍ୟକ ନାହିଁ। ରୋଗୀଙ୍କୁ ସବୁବେଳ ପାଇଁ ତ୍ରିସ୍ତରୀୟ ମେଡିକାଲ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି। ମାସ୍କ ବ୍ୟବହାର କରିବାର ୮ ଘଣ୍ଟା ପରେ ନଷ୍ଟ କରିଦେବାକୁ କୁହାଯାଇଛି। ଯଦି ଓଦା ହୁଏ କିମ୍ବା ଧୂଳି ଲାଗିଥିବା ଜଣାପଡ଼େ, ତେବେ ଏହା ପୂର୍ବରୁ ନଷ୍ଟ କରାଯିବ। ରୋଗୀ ଓ ତାଙ୍କ ପ୍ରକୋଷ୍ଠକୁ ଆସୁଥିବା ସେବା ପ୍ରଦାନକାରୀ ଏନ୍-୯୫ ମାସ୍କ ପିନ୍ଧିବା ଭଲ ହେବ। ମାସ୍କକୁ ଖଣ୍ଡ ଖଣ୍ଡ କାଟି ଅନ୍ୟୂନ ୭୨ ଘଣ୍ଟା ପେପର ବ୍ୟାଗ୍‌ରେ ରଖିବା ପରେ ନଷ୍ଟ କରାଯିବା ଉଚିତ। ସଂକ୍ରମିତ ବ୍ୟକ୍ତି ଅନ୍ୟମାନଙ୍କଠାରୁ ବିଶେଷ କରି ବହୁବିଧ ରୋଗ ଥିବା ବୟସ୍କ ବ୍ୟକ୍ତିଙ୍କଠାରୁ ନିଜକୁ ଅଲଗା ରଖିବା ଆବଶ୍ୟକ। ରୋଗୀ ପବନ ଚଳାଚଳ କରୁଥିବା ପ୍ରକୋଷ୍ଠରେ ରହିବାକୁ ପରାମର୍ଶ ଦିଆଯାଇଛି। ପଲ୍ସ ଅକ୍ସିମିଟରରେ ରୋଗୀ ନିଜର ବ୍ଲଡ୍ ଅକ୍ସିଜେନ୍ ସାଚୁରେଶନ ଅନୁଧ୍ୟାନ କରିପାରିବେ ଓ କୌଣସି ବ୍ୟତିକ୍ରମ ଅନୁଭବ କଲେ ରିପୋର୍ଟ କରିବେ। ୬୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ବହୁବିଧ ରୋଗ ଥିବା ବ୍ୟକ୍ତିଙ୍କୁ ଡାକ୍ତର ଉପଯୁକ୍ତ ଅନୁଧ୍ୟାନ କରିବା ପରେ ହୋମ୍ ଆଇସୋଲେଶନ ପାଇଁ ଅନୁମତି ଦେବେ। ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବା ରୋଗୀ (ଏଚ୍‌ଆଇଭି, ଅଙ୍ଗ ପ୍ରତିରୋପଣ ହୋଇଥିଲେ ଏବଂ କ୍ୟାନ୍‌ସର ଚିକିତ୍ସାରେ ଥିଲେ) ସେମାନଙ୍କୁ ହୋମ୍ ଆଇସୋଲେଶନରେ ରହିବାକୁ ଅନୁମତି ମିଳିବ ନାହିଁ। ରୋଗୀ ଟେଲି କନ୍‌ସଲ୍ଟେଶନ ପ୍ଲାଟଫର୍ମର ବ୍ୟବହାର କରିପାରିବେ। ଦିନକୁ ୪ ଥର ପାରାସିଟାମଲ ୬୫୦ ମି.ଗ୍ରା. ନେବା ପରେ ଯଦି ଜ୍ୱର ନ କମେ, ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି। ଦିନକୁ ୩ ଥର ଗରମପାଣିରେ ଗଳା ସଫା କରିବା କିମ୍ବା ଶ୍ୱାସକ୍ରିୟାରେ ବାମ୍ଫ ନେବା ପାଇଁ ରୋଗୀଙ୍କୁ ପରାମର୍ଶ ଦିଆଯାଇଛି। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ଖାଇବା, ରକ୍ତ ପରୀକ୍ଷା କରାଇବା, ଛାତି ଏକ୍ସ-ରେ କିମ୍ବା ସିଟି ସ୍କାନକୁ ବାରଣ କରାଯାଇଛି। ମନଇଚ୍ଛା ଷ୍ଟେରଏଡ୍ ବ୍ୟବହାର ନ କରିବାକୁ କୁହାଯାଇଛି। ଅତ୍ୟଧିକ କିମ୍ବା ଅନୁପଯୁକ୍ତ ଷ୍ଟେରଏଡ୍‌ର ବ୍ୟବହାର ରୋଗକୁ ଜଟିଳ କରିପାରେ।

ଗୁରୁତର ଲକ୍ଷଣ ଦେଖାଦେଲେ କିମ୍ବା ୧୦୦ ଡିଗ୍ରୀ ଫାରେନ୍‌ହାଇଟରୁ ଅଧିକ ଜ୍ୱର ୩ ଦିନରୁ ଅଧିକ ସମୟ ରହିଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ହେବ। ସେହିପରି ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କଲେ, ଅକ୍ସିଜେନ୍ ସାଚୁରେଶନ ୯୩%ରୁ କମ୍ ରହିଲେ ଅଥବା ମିନିଟ୍‌କୁ ଶ୍ୱାସକ୍ରିୟା ୨୪ ଥରରୁ କମ୍ ହେଲେ, ଛାତିରେ ଜୋରରେ ଯନ୍ତ୍ରଣା ବା ଚାପ ଅନୁଭବ କଲେ, ମାନସିକ ଦ୍ୱନ୍ଦ୍ୱ ଅନୁଭବ କଲେ, ଥକ୍କା ଅନୁଭବ କଲେ କିମ୍ବା ମାଂସପେଶୀରେ ଯନ୍ତ୍ରଣା ହେଲେ, ନୂଆ ଗାଇଡ୍‌ଲାଇନ ଅନୁଯାୟୀ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି। ହୋମ୍ ଆଇସୋଲେଶନରେ ଥିବା ରୋଗୀଙ୍କ ଉପରେ ନଜର ରଖିବା ଦାୟିତ୍ୱ ଜିଲା ପ୍ରଶାସନକୁ ଦିଆଯାଇଛି।

### କେନ୍ଦ୍ରର ନୂଆ ଗାଇଡ୍‌ଲାଇନ


ଗୁରୁଗ୍ରାମର ଏକ ଫିଲିଂ ଷ୍ଟେଶନରେ ପେଟ୍ରୋଲ ଭରିବା ପାଇଁ କୋଭିଡ୍ ଭାକ୍ସିନ ପ୍ରମାଣପତ୍ର ଦେଖାଉଛନ୍ତି ବାଇକ୍ ଆରୋହୀ।

## ଭାରତରୁ ବିମାନ ସେବା ବନ୍ଦ କଲା ହଂକଂ

**ବେଜିଂ/ହଂକଂ, ୫।୧**

କୋଭିଡ୍ ସଂକ୍ରମଣକୁ ନିୟନ୍ତ୍ରଣରେ ରଖିବା ଲାଗି ହଂକଂ ବୁଧବାର କେତେକ କଠୋର କଟକଣା ଲାଗୁ କରିଛି। ଭାରତ ସମେତ ୮ଟି ଦେଶରୁ ହଂକଂକୁ ଉଡ଼ାଣ କରୁଥିବା ବିମାନକୁ ଜାନୁୟାରୀ ୨୧ ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି। ଭାରତ ବ୍ୟତୀତ ଅଷ୍ଟ୍ରେଲିଆ, କାନାଡା, ଫ୍ରାନ୍ସ, ପାକିସ୍ତାନ, ଫିଲିପାଇନ୍ସ, ବ୍ରିଟେନ ଏବଂ ଆମେରିକାର ବିମାନକୁ ମଧ୍ୟ ହଂକଂ କର୍ତ୍ତୃପକ୍ଷ ଶନିବାରଠାରୁ ଦୁଇ ସପ୍ତାହ ପାଇଁ ବନ୍ଦ କରିଛନ୍ତି। ଓମିକ୍ରନ୍ ସଂକ୍ରମଣ ବଢ଼ୁଥିବାରୁ ହଂକଂ ସୀମାପାର ସମସ୍ତ ସାମାଜିକ କାର୍ଯ୍ୟ ଓ ଅନ୍ତର୍ଜାତୀୟ ଯାତ୍ରା ଉପରେ କଟକଣା ଲଗାଇଛି। ଓମିକ୍ରନ୍‌କୁ ନେଇ ହଂକଂ ପଞ୍ଚମ ଲହରର ସମ୍ମୁଖୀନ ହେବାକୁ ଯାଉଛି।

## ଟିଏମ୍‌ସି ଏମ୍‌ପି ମିମି ଚକ୍ରବର୍ତ୍ତୀଙ୍କୁ କରୋନା



**ନୂଆଦିଲ୍ଲୀ, ୫।୧**

ବଙ୍ଗଳା ଅଭିନେତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମିମି ଚକ୍ରବର୍ତ୍ତୀ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେ ସୋସିଆଲ ମିଡିଆ ମାଧ୍ୟମରେ ତାଙ୍କ ପ୍ରଶଂସକ ଓ ଦଳୀୟ କର୍ମୀମାନଙ୍କୁ ଏ ସମ୍ପର୍କରେ ଜଣାଇ ଦେଇଛନ୍ତି। ସେ ସମସ୍ତ ଆବଶ୍ୟକ ସତର୍କତା ଗ୍ରହଣ କରିଥିଲେ। ଏହା ସତ୍ତ୍ୱେ ସେ ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇ ହୋମ୍ କ୍ୱାରାଣ୍ଟାଇନରେ ରହିଛନ୍ତି। ଅନ୍ୟମାନେ ସତର୍କ ରହିବା ସହ ସମସ୍ତେ ମାସ୍କ ପିନ୍ଧିବାକୁ ଟିଏମ୍‌ସି ଏମ୍‌ପି ଅନୁରୋଧ କରିଛନ୍ତି। ପୂର୍ବରୁ ବଙ୍ଗାଳୀ ଅଭିନେତା ରାଜ ଚକ୍ରବର୍ତ୍ତୀ ତାଙ୍କ ସ୍ତ୍ରୀ ଶୁଭଶ୍ରୀ ଗାଙ୍ଗୁଲି, ପରମବ୍ରତ ଚାଟାର୍ଜୀ କରୋନା ସଂକ୍ରମିତ ହୋଇଥିଲେ।

# ୮ ଦିନରେ ୬ ଗୁଣା ସଂକ୍ରମଣ

**ନୂଆଦିଲ୍ଲୀ, ୫।୧**

ଭାରତରେ ଗତ ୨୪ ଘଣ୍ଟାରେ ୫୮,୦୯୭ ନୂଆ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହା ପୂର୍ବଦିନ ତୁଳନାରେ ୫୫ ପ୍ରତିଶତ ଅଧିକ। ମଙ୍ଗଳବାର ୩୭,୩୭୯ ନୂଆ ମାମଲା ଆସିଥିଲା। ସେହିପରି ୪ ଦିନ ପୂର୍ବରୁ ଚିହ୍ନଟ ଦୈନିକ ସଂକ୍ରମଣର ଏହା ଦୁଇଗୁଣ ହୋଇଥିବାବେଳେ ୮ ଦିନ ପୂର୍ବେ ଚିହ୍ନଟ ସଂକ୍ରମିତ ସଂଖ୍ୟାର ୬ ଗୁଣ ବୋଲି ଜଣାପଡ଼ିଛି। ଡିସେମ୍ବର ୨୮ରେ ଦୈନିକ ସଂକ୍ରମଣ ୯,୦୦୦ରୁ ସାମାନ୍ୟ ଅଧିକ ଥିଲା। ମୁମ୍ବାଇରେ ବୁଧବାର ୧୫,୧୬୬ ମାମଲା ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧,୨୧୮ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପୂର୍ବଦିନ ତୁଳନାରେ ମୁମ୍ବାଇରେ ବୁଧବାର ସଂକ୍ରମଣ ୩୯% ବୃଦ୍ଧି ପାଇଛି। ସେହିପରି ଦିଲ୍ଲୀରେ ଦିନକରେ ୧୦,୬୬୫ ସଂକ୍ରମିତ ବାହାରିଛନ୍ତି, ଯାହାକି ଗତବର୍ଷ ମେ' ୧୨ରୁ ଇତିମଧ୍ୟରେ ସର୍ବାଧିକ ସଂକ୍ରମଣ। ପୂର୍ବଦିନ ତୁଳନାରେ ଦିଲ୍ଲୀ ସଂକ୍ରମଣ ୯୪% ବଢ଼ିଛି। ମଙ୍ଗଳବାର ସେଠାରେ ୫,୪୮୧ ସଂକ୍ରମିତ ଚିହ୍ନଟ ହୋଇଥିଲେ। ବୁଧବାର ଦିଲ୍ଲୀରେ କୋଭିଡ୍ ଜନିତ ମୃତ୍ୟୁସଂଖ୍ୟା ୮ ରହିଛି। ସେହିପରି ପଶ୍ଚିମବଙ୍ଗରେ ସଂକ୍ରମଣର ଦ୍ରୁତ ବୃଦ୍ଧି ଦେଖିବାକୁ ମିଳିଛି। ସେଠାରେ ଗୋଟିଏ ଦିନରେ ୧୪,୦୨୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ସଂକ୍ରମଣକୁ ରୋକିବା ଲାଗି ଲକ୍‌ଡାଉନ୍ ଲାଗୁ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଥିଲା। ତେବେ ସମ୍ପୂର୍ଣ୍ଣ ଲକ୍‌ଡାଉନ ପରିବର୍ତ୍ତେ ଅଧିକ କଟକଣା ଲଗାଇବାକୁ ସରକାର ନିଷ୍ପତ୍ତି ନେଇଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ରାଜେଶ ଟୋପେ କହିଛନ୍ତି।

ଦେଶରେ ସାପ୍ତାହିକ ପଜିଟିଭିଟି ହାର ୨.୬୦% ଥିବାବେଳେ ଦୈନିକ ସଂକ୍ରମଣ ହାର ୪.୧୮% ରହିଛି। ଦେଶରେ ବର୍ତ୍ତମାନ ସୁଦ୍ଧା ୧୪୭ କୋଟିରୁ ଊର୍ଦ୍ଧ୍ୱ କୋଭିଡ୍ ଟିକା ଡୋଜ୍ ଦିଆଗଲାଣି। ସୋମବାରଠାରୁ ୧୫ରୁ ୧୮ ବର୍ଷ ବୟସ ବର୍ଗଙ୍କୁ ଟିକାଦାନ ଆରମ୍ଭ ହୋଇଛି। ଭାରତରେ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ୨,୧୩୫ରେ ପହଞ୍ଚିଛି। ମହାରାଷ୍ଟ୍ରରେ ସର୍ବାଧିକ ୬୫୩ ମାମଲା ଓ ଦିଲ୍ଲୀରେ ୪୬୪ ମାମଲା ରହିଛି।


ମୁମ୍ବାଇରେ ଓମିକ୍ରନ୍ ସଂକ୍ରମଣ ବଢ଼ିବାରେ ଲାଗିଥିବାବେଳେ ସିଏସ୍‌ଏମ୍‌ଟି ଷ୍ଟେଶନରେ ଯାତ୍ରୀଙ୍କ ସ୍ୱାବ ନମୁନା ସଂଗ୍ରହ କରୁଛନ୍ତି ବିଏମ୍‌ସିର ସ୍ୱାସ୍ଥ୍ୟକର୍ମୀ।

## ଭାରତରେ ପ୍ରଥମ ଓମିକ୍ରନ୍ ମୃତ୍ୟୁ

**ନୂଆଦିଲ୍ଲୀ/ଜୟପୁର, ୫।୧**

ଭାରତରେ ପ୍ରଥମ ଓମିକ୍ରନ୍ ମୃତ୍ୟୁ ରାଜସ୍ଥାନର ଉଦୟପୁରରେ ଘଟିଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଉଦୟପୁରର ଲକ୍ଷ୍ମୀନାରାୟଣ ନଗରରେ ଜଣେ ୭୩ ବର୍ଷୀୟ ବ୍ୟକ୍ତି କୋଭିଡ୍-୧୯ର ନୂଆ ଭାରିଆଣ୍ଟ ସଂକ୍ରମଣରେ ପ୍ରାଣ ହରାଇଛନ୍ତି। ସେ ଡିସେମ୍ବର ୧୫ରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ପରେ ହସ୍ପିଟାଲରେ ରହିଥିଲେ। ତାଙ୍କର ମଧୁମେହ, ଉଚ୍ଚ ରକ୍ତଚାପ ଆଦି ବହୁବିଧ ରୋଗ ରହିଥିଲା। ସେ କୋଭିଡ୍ ଟିକାର ଦୁଇଟି ଡୋଜ୍ ନେଇଥିଲେ। ସେ କାହା ସଂସ୍ପର୍ଶରେ ଆସିଥିବା କିମ୍ବା ଭ୍ରମଣ କରିଥିବାର ସୂଚନା ନାହିଁ। ବିଭିନ୍ନ ରୋଗ କାରଣରୁ ତାଙ୍କର ନିରନ୍ତର ଚିକିତ୍ସା ଚାଲିଥିଲା। ଡିସେମ୍ବର ୨୫ରେ ତାଙ୍କର ଜିନୋମ୍ ସିକ୍ୱେନ୍ସିଂ ରିପୋର୍ଟ ଓମିକ୍ରନ୍ ପଜିଟିଭ୍ ଆସିଥିଲା। ଗତ ଡିସେମ୍ବର ୩୧ରେ ସେ ପ୍ରାଣ ହରାଇଥିଲେ। ବୃଦ୍ଧଙ୍କ ମୃତ୍ୟୁ ଓମିକ୍ରନ୍ ସଂକ୍ରମଣରୁ ହୋଇଥିବା ରାଜସ୍ଥାନ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି।

## ଆମେରିକାରେ ୯୫% ମାମଲା ଓମିକ୍ରନ୍

**ୱାଶିଂଟନ, ୫।୧(ଆଇଏଏନ୍‌ଏସ୍)**

ଆମେରିକାରେ ଗତ ସପ୍ତାହରେ ଚିହ୍ନଟ ହୋଇଥିବା କୋଭିଡ୍ ମାମଲା ମଧ୍ୟରୁ ୯୫ ପ୍ରତିଶତ ଓମିକ୍ରନ୍ ଭାରିଆଣ୍ଟ ବୋଲି ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନଶନ (ସିଡିସି) ପକ୍ଷରୁ କୁହାଯାଇଛି। ମାସେ ହେଲା ସେଠାରେ ଡେଲ୍ଟା ସଂକ୍ରମଣ ହ୍ରାସ ପାଇ ଓମିକ୍ରନ୍ ସଂକ୍ରମଣ ବଢ଼ିବାରେ ଲାଗିଛି। ନଭେମ୍ବରରେ ମୋଟ କୋଭିଡ୍ ମାମଲାର ୯୯.୫ ପ୍ରତିଶତ ଡେଲ୍ଟା ଭାରିଆଣ୍ଟ ଥିଲା। ଆମେରିକାରେ ସୋମବାର ଗୋଟିଏ ଦିନରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ମାମଲା ଚିହ୍ନଟ ହୋଇଛି। ସେଠାର ହସ୍ପିଟାଲଗୁଡ଼ିକରେ ରୋଗୀ ସଂଖ୍ୟା ଗତ ସପ୍ତାହରେ ୨୭ ପ୍ରତିଶତ ବୃଦ୍ଧି ପାଇଛି।

# ପାହାଡ଼ ଶିଖରକୁ ଧକ୍କା ଦେଇଥିଲା ରାୱତଙ୍କ ହେଲିକପ୍ଟର

**ନୂଆଦିଲ୍ଲୀ, ୫।୧**



ଭାରତୀୟ ବାୟୁସେନା ବୁଧବାର ଏମ୍‌ଆଇ-୧୭ଭି୫ ହେଲିକପ୍ଟର ଦୁର୍ଘଟଣା ସମ୍ପର୍କିତ ବିସ୍ତୃତ ରିପୋର୍ଟ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ଦେଇଛି। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତ୍ ଓ ଅନ୍ୟମାନଙ୍କୁ ନେଇ ଯାଉଥିବା ଉକ୍ତ ହେଲିକପ୍ଟର ଖରାପ ପାଗ ଯୋଗୁ ଏକ ରେଲୱେ ଲାଇନ୍‌କୁ ଅନୁସରଣ କରି ଉଡ଼ାଣ କରୁଥିଲା। କ୍ରିଉ ମେମ୍ବରମାନେ ଏହାକୁ ଅବତରଣ କରାଇବା ପରିବର୍ତ୍ତେ ଉଡ଼ାଣ ପାଇଁ ନିଷ୍ପତ୍ତି ନେଇଥିଲେ। ଉଡ଼ାଣବେଳେ ହେଲିକପ୍ଟର ପାହାଡ଼ ଶିଖରକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ କୌଣସି ଯାନ୍ତ୍ରିକ ତ୍ରୁଟି ନ ଥିଲା କିମ୍ବା ହେଲିକପ୍ଟରଟି ଷଡ଼ଯନ୍ତ୍ର ଯୋଗୁ ଦୁର୍ଘଟଣାଗ୍ରସ୍ତ ହୋଇ ନ ଥିଲ ବୋଲି ଏଥିରେ କୁହାଯାଇଛି।

ଗତ ଡିସେମ୍ବର ୮ରେ ଭାରତର ପ୍ରଥମ ସିଡିଏସ୍ ଜେନେରାଲ ବିପିନ ରାୱତ୍ ଓ ତାଙ୍କ ସ୍ତ୍ରୀ ମଧୁଲିକା ରାୱତ୍‌ଙ୍କ ସମେତ ଅନ୍ୟ ୧୨ ଜଣଙ୍କୁ ନେଇ ଯାଉଥିବା ଆଇଏଏଫ୍‌ର ହେଲିକପ୍ଟର ତାମିଲନାଡୁର କୁନ୍ନୁର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେଥିରେ ନିଆଁ ଲାଗିଯାଇଥିବାରୁ ସମସ୍ତଙ୍କ ଶରୀରର ଅଧିକାଂଶ ଭାଗ ଜଳିଯାଇଥିଲା। ଫଳରେ ସମସ୍ତ ୧୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାର କାରଣ ସ୍ପଷ୍ଟ କରିବା ପାଇଁ ଟ୍ରାଇ-ସର୍ଭିସେସ୍ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଆଇଏଏଫ୍ ମୁଖ୍ୟ ଏୟାର ଚିଫ୍ ମାର୍ଶଲ ବିବେକ ରାମ ଚୌଧୁରୀ, ପ୍ରତିରକ୍ଷା ସଚିବ ଅଜୟ କୁମାର ଓ ତଦନ୍ତ କମିଟି ମୁଖ୍ୟ ଏୟାର ମାର୍ଶଲ ମାନବେନ୍ଦ୍ର ସିଂ ବୁଧବାର ପ୍ରତିରକ୍ଷା ମନ୍ତ୍ରୀଙ୍କ ଆଗରେ ୪୫ ମିନିଟ୍ ଧରି ଏହାର ବିସ୍ତୃତ ବିବରଣୀ ରଖିଥିଲେ। ଏଥିସହ ଭବିଷ୍ୟତରେ ଭିଭିଆଇପିଙ୍କୁ ନେଇ ଯାଉଥିବା ହେଲିକପ୍ଟର ଦୁର୍ଘଟଣାକୁ ଏଡ଼ାଇବା ଲାଗି ଜରୁରୀ ପଦକ୍ଷେପ ନିମନ୍ତେ କେତେକ ପ୍ରସ୍ତାବ ଦେଇଥିଲେ।

# ବସ୍-ଟ୍ରକ୍ ଧକ୍କା: ୧୬ ମୃତ

**ନୂଆଦିଲ୍ଲୀ, ୫।୧**

ଝାଡ଼ଖଣ୍ଡ ପାକୁର ଜିଲାରେ ବୁଧବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍ ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଫଳରେ ୧୬ ଜଣଙ୍କର ମୃତ୍ୟୁ ହେବା ସହ ୨୬ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବେପରୁଆ ଗାଡ଼ିଚାଳନା ଏବଂ କୁହୁଡ଼ି ଯୋଗୁ କମ୍ ଦୂରତା ପର୍ଯ୍ୟନ୍ତ ଦୃଶ୍ୟମାନ ହେଉଥିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ପୋଲିସ ଅଧିକାରୀ କହିଛନ୍ତି।

ଗୋବିନ୍ଦପୁର-ସାହେବଗଞ୍ଜ ରାଜ୍ୟ ରାଜପଥର ପଡେରକୋଲା ଗ୍ରାମ ନିକଟରେ ସକାଳ ୮ଟା ୩୦ରେ ଦୁର୍ଘଟଣା ଘଟିଥିଲା। ସାହିବଗଞ୍ଜର ବରହରୱାରୁ ଦେଓଘର ଜିଲାର ଜୋଷିଡିହ ଯାଉଥିବା ବସ୍‌ରେ ୪୦ ଯାତ୍ରୀ ଥିଲେ। ଗୁରୁତର ଆହତଙ୍କୁ ରାଞ୍ଚିର ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ (ଆର୍‌ଆଇଏମ୍‌ଏସ୍)କୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ଜିଲା ସଦର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବସ୍‌କୁ ଗ୍ୟାସ୍ କଟରରେ କାଟି ଏହା ଭିତରେ ରହିଯାଇଥିବା ଯାତ୍ରୀଙ୍କୁ ବାହାର କରାଯାଇଥିଲା। ଧକ୍କା ଏତେ ଜୋର୍‌ରେ ହୋଇଥିଲା ଯେ ଉଭୟ ଗାଡ଼ି ପରସ୍ପର ସହ ଯୋଡ଼ିହୋଇଯାଇଥିଲେ। ତେବେ ଟ୍ରକ୍‌ରେ ରହିଥିବା ଗ୍ୟାସ୍ ସିଲିଣ୍ଡରରେ ବିସ୍ଫୋରଣ ହୋଇଥିଲେ ମୃତ୍ୟୁସଂଖ୍ୟା ବହୁତ ବଢ଼ିଥାନ୍ତା ବୋଲି ପୋଲିସ କହିଛି। ଦୁର୍ଘଟଣାରେ ମୃତକଙ୍କ ପାଇଁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଶୋକବ୍ୟକ୍ତ କରିବା ସହ ଆହତମାନଙ୍କ ଉପଯୁକ୍ତ ଚିକିତ୍ସା ଲାଗି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।



## ୩ ଉପନିର୍ଦ୍ଦେଶକଙ୍କୁ ଯୁଗ୍ମ ନିର୍ଦ୍ଦେଶକ ପାହ୍ୟା

ଭୁବନେଶ୍ୱର,୫।୧(ବ୍ୟୁରୋ): ସୂଚନା ଓ ଲୋକସମ୍ପର୍କ ବିଭାଗରେ କାର୍ଯ୍ୟରତ ୩ଜଣ ଉପନିର୍ଦ୍ଦେଶକଙ୍କୁ ଯୁଗ୍ମ ନିର୍ଦ୍ଦେଶକ ପାହ୍ୟାକୁ ପଦୋନ୍ନତି ମିଳିଛି। ଏନେଇ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସେମାନେ ହେଲେ ଖୋର୍ଦ୍ଧା ଜିଲାରେ କାର୍ଯ୍ୟରତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ, ଉପନିର୍ଦ୍ଦେଶକ (କ୍ଷେତ୍ର) ସନ୍ତୋଷ କୁମାର ଦାସ ଓ ଉପନିର୍ଦ୍ଦେଶକ (ମୁଦ୍ରିତ ଗଣମାଧ୍ୟମ ଏବଂ ଗଣମାଧ୍ୟମ କଲ୍ୟାଣ ନୀତି) ମାନସ ରଞ୍ଜନ ଖୁଣ୍ଟିଆ।

# ଶିଳ୍ପ ନ ଥାଇ ପ୍ରଦୂଷିତ

### ଅରେଞ୍ଜ ଜୋନ୍‌ରେ କେନ୍ଦ୍ରାପଡ଼ା

କେନ୍ଦ୍ରାପଡ଼ା ଅଫିସ, ୫।୧

କେନ୍ଦ୍ରାପଡ଼ା ଜିଲାରେ ଖଣି ନାହିଁ। ଶିଳ୍ପ ଅଦ୍ୟାବଧି ପ୍ରତିଷ୍ଠା ହୋଇ ନ ଥିବା ବେଳେ ରେଳରୁ ଧୂଆଁ ବାହାରୁ ନାହିଁ। ଏହାସତ୍ତ୍ୱେ ବାୟୁର ଗୁଣବତ୍ତାକୁ ନେଇ ୨୦୨୧ ନଭେମ୍ବରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ହୋଇଥିବା ଅନୁଧ୍ୟାନ ରିପୋର୍ଟ ଚିନ୍ତାର କାରଣ ସାଜିଛି। କେନ୍ଦ୍ରାପଡ଼ାର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୧୨୯ରେ ପହଞ୍ଚି ଗ୍ରୀନ, ୟେଲୋକୁ ଟପି ଅରେଞ୍ଜ ଜୋନରେ ପହଞ୍ଚିଛି। ଏଠାରେ ଏୟାର ପାର୍ଟିକୁଲେଟ ମ୍ୟାଟର (ଏପିଏମ୍) ୧୦ ଓ ପିଏମ୍ ୨.୫ ସ୍ତରରୁ ଅଧିକ ହେବାରେ ଲାଗିଛି। ଫଳରେ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହିଛି। ଜଳ ସହିତ ବାୟୁ ପ୍ରଦୂଷଣ ତୁରନ୍ତ ନିୟନ୍ତ୍ରଣ ନ ହେଲେ ଏକ୍ୟୁଆଇ ବଢ଼ି ରେଡ୍ ଜୋନରେ ରହିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକଟ କରିଛନ୍ତି। ଏ ସମ୍ପର୍କରେ ଅଧ୍ୟାପକ ଦେବୀ ପ୍ରସାଦ ସାହୁ, ଅଧ୍ୟାପକ ଭୁବନ ମୋହନ ଜେନା, ଅଧ୍ୟାପକ କ୍ଷୀତିଶ କୁମାର ସିଂହ, ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ ପ୍ରମୁଖ କହିଛନ୍ତି, ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲାର ଜଳ ଓ ବାୟୁକୁ ଶିଳ୍ପ ପ୍ରଦୂଷିତ କରୁଛି। ଏକ୍ୟୁଆଇ ଶୂନରୁ ୫୦ ମଧ୍ୟରେ ରହିଲେ ସର୍ବୋତ୍ତମ ଭାବେ ଧରାଯାଇ ଗ୍ରୀନ ଜୋନରେ ରଖାଯାଏ। ଏହି ଅଞ୍ଚଳରେ ବାୟୁ ପ୍ରଦୂଷଣ ନ ଥିବାରୁ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କା ନ ଥାଏ। ଏକ୍ୟୁଆଇ ୫୧ରୁ ୧୦୦ ମଧ୍ୟରେ ରହିଲେ ସାଟିସଫାକ୍‌ଟୋରି ଜୋନ ଓ ୧୦୧ରୁ ୨୫୦ ମଧ୍ୟରେ ରହିଲେ ମଡରେଟଲି ପଲ୍ୟୁଟେଡ ବା ୟେଲୋ ଜୋନ ମଧ୍ୟରେ ରଖାଯାଇଥାଏ। ସେହିପରି ୟେଲୋ ଜୋନର ନିମ୍ନମାନର ଏକ୍ୟୁଆଇ ୨୫୧ରୁ ୩୫୦ ହୋଇଥିବା ବେଳେ ଏହାକୁ ଅଧିକ ମାତ୍ରାରେ ରେଡ ଜୋନ ଭାବେ ବିବେଚନା କରାଯାଇଥାଏ। ୟେଲୋ ଜୋନ ଅଧୀନରେ ଥିବା ସାଧାରଣ ସୁସ୍ଥ ଲୋକ ମଧ୍ୟ ଚର୍ମ, ଆଜମା, ଟିବି, କିଡ୍‌ନୀ, ଲିଭର, କ୍ୟାନସର ଆଦି ହେବା ସମ୍ଭାବନା ଅଧିକ। ୨୦୨୧ ନଭେମ୍ବରରେ ରାଜ୍ୟର କେତେକ ଶିଳ୍ପାଞ୍ଚଳ ସହ କେନ୍ଦ୍ରାପଡ଼ାର ବାୟୁମଣ୍ଡଳକୁ ନିରୀକ୍ଷଣ କରାଯାଇଥିଲା। ଏଥିରେ କେନ୍ଦ୍ରାପଡ଼ାର ବାୟୁ ପ୍ରଦୂଷଣ ଦ୍ରୁତ ବେଗରେ ବଢୁଥିବା ରିପୋର୍ଟ ଆସିଛି। ଏହି ଜିଲାରେ ପ୍ରଦୂଷଣ ପାଇଁ କୌଣସି କାର୍ଯ୍ୟ ହେଉ ନ ଥିବା ବେଳେ ପଡୋଶୀ ଜିଲାର ଶିଳ୍ପ ଏହାକୁ ପ୍ରଦୂଷିତ କରୁଛି। ବ୍ରାହ୍ମଣୀ ଓ ମହାନଦୀ କୂଳରେ ଥିବା ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ଜଳରେ ପ୍ରବାହିତ ହୋଇ କେନ୍ଦ୍ରାପଡ଼ା ମଧ୍ୟ ଦେଇ ସମୁଦ୍ରରେ ମିଶୁଛି। ସେହିପରି ଜିଲାର ଅତି ନିକଟରେ ଥିବା ଜଗତ୍‌ସିଂହପୁର, ଯାଜପୁର, କଟକ ଜିଲାର ଶିଳ୍ପରୁ ନିର୍ଗତ ରାସାୟନିକ ବାଷ୍ପ, ଧୂଆଁ, ଧୂଳି ଆଦି କେନ୍ଦ୍ରାପଡ଼ାକୁ ଭାସି ଆସି ବାୟୁ ପ୍ରଦୂଷଣକୁ ବଢ଼ାଉଛି। ଏହି ବିଷାକ୍ତ ଜଳ ଓ ବାୟୁ ସାଧାରଣ ଜନଜୀବନକୁ ରୋଗଗ୍ରସ୍ତ କରୁଥିବା ବେଳେ ଚାଷ ପ୍ରଭାବିତ ହେଉଛି। ସେହିପରି ଭିତରକନିକାର ଜୈବ ବିବିଧତା, ବନ୍ୟ ଓ ସାମୁଦ୍ରିକ ପ୍ରାଣୀକୁ ନଷ୍ଟ କରୁଛି। ଏପରିକି ଭୂତଳ ଜଳରେ ନାଇଟ୍ରେଟ, ଆଇରନ, ଫ୍ଲୋରାଇଡ ଅଧିକ ପରିମାଣରେ ଥିବା ୨୦୨୧ ମାର୍ଚ୍ଚରେ ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ ରିପୋର୍ଟ ପ୍ରଦାନ କରିଥିଲେ। ସମୁଦ୍ର ମୁହାଣରେ ଜମା ହେଉଥିବା ବର୍ଜ୍ୟବସ୍ତୁ ବାହାର କରିବା ସହିତ ବ୍ୟାପକ ଜଙ୍ଗଲ ସୃଷ୍ଟି ପାଇଁ ପରିବେଶବିତ୍‌ମାନେ ମତ ଦେଇଛନ୍ତି।



ନୀଳାମ୍ବୁ ଚିଲିକାରେ ବିଦେଶାଗତ ପକ୍ଷୀ।




# ‘ବିଶ୍ୱରେ ଓଡ଼ିଶା ଯୁବତୀଯୁବକଙ୍କ ଚାହିଦା ବଢ଼ିବ’

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଜୁ ପଟ୍ଟନାୟକ ଶିଳ୍ପ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,(ବ୍ୟୁରୋ)/ପୁରୀ ଅଫିସ/କୃଷ୍ଣପ୍ରସାଦ, ୫।୧(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନଫରେନ୍ସରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ବିଜୁ ପଟ୍ଟନାୟକ ଶିଳ୍ପ ତାଲିମ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ୧୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଆଇଟିଆଇରେ ଇଲେକ୍ଟ୍ରିସିଆନ, ଫିଟର, ଇଲେକ୍ଟ୍ରୋନିକସ୍ ମେକାନିକ ଓ ଡ୍ରେସ୍ ମେକିଂ ପରି ୪ଟି ଟ୍ରେଡ୍‌ରେ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ଓ ଭବିଷ୍ୟତର ଶିଳ୍ପଗୁଡିକର ନିଯୁକ୍ତି ଚାହିଦାକୁ ଦେଖି ଏହି ତାଲିମ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଆଉ ଅଧିକ ଟ୍ରେଡ୍‌ରେ ତାଲିମ ଦେବା ବ୍ୟବସ୍ଥା କରାଯିବ। ଏଥିରେ ଆଧୁନିକ ଲାବରେଟୋରି, ୱାର୍କଶପ୍ ଓ ହଷ୍ଟେଲ ଆଦି ସମସ୍ତ ସୁବିଧା କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ବିକାଶ ହେବା ସହିତ ଦକ୍ଷ ଯୁବତୀ ଯୁବକଙ୍କ ଆବଶ୍ୟକତା ମଧ୍ୟ ରହିଛି। ଓଡ଼ିଶାରେ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ପିଲାମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ସ୍କିଲ୍ଡ ଇନ୍ ଓଡ଼ିଶା କାର୍ଯ୍ୟକ୍ରମକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ବିଶ୍ୱ ନିଯୁକ୍ତି ବଜାରରେ ଓଡ଼ିଶାର ପିଲାମାନଙ୍କ ଚାହିଦା ସବୁଠୁ ଅଧିକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସଫଳତା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ୧୨ ହଜାର ଆଇଟିଆଇ ମଧ୍ୟରୁ ଶ୍ରେଷ୍ଠ ୧୦୦ଟି ମଧ୍ୟରେ ଓଡ଼ିଶାର ୧୦ ଆଇଟିଆଇ ସ୍ଥାନ ପାଇଛି ଏହା ଗୌରବର କଥା। ଓଡ଼ିଶାର ପିଲାମାନେ ଜାତୀୟ ଓ ଅନ୍ତର୍ଜାତୀୟ ଦକ୍ଷତା ପ୍ରତିଯୋଗିତାରେ ଉନ୍ନତ ପ୍ରଦର୍ଶନ କରି ଓଡ଼ିଶା ପାଇଁ ସୁନାମ ଆଣୁଛନ୍ତି। ଆଗାମୀ ଦିନରେ ମଧ୍ୟ ରାଜ୍ୟର ପିଲାମାନେ ଏଭଳି ସଫଳତାର ଧାରା ବଜାୟ ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା କହିଥିଲେ, କୃଷ୍ଣପ୍ରସାଦ ଅଞ୍ଚଳ ଚିଲିକା ଓ ସମୁଦ୍ର ମଧ୍ୟରେ ୧୪ ପଞ୍ଚାୟତର ଏକ ଦୁର୍ଗମ ଅଞ୍ଚଳ। ମୁଖ୍ୟମନ୍ତ୍ରୀ ଏହି ଅଞ୍ଚଳର ବିକାଶ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଆଇଟିଆଇ ସ୍ଥାପନ ଦ୍ୱାରା ଏହି ଅଞ୍ଚଳରେ ଶିକ୍ଷା ଓ ତାଲିମ କ୍ଷେତ୍ରରେ ଏକ ନୂଆ ଦିଗନ୍ତ ଆରମ୍ଭ ହୋଇଛି । ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ପିଲାମାନେ ଶିକ୍ଷା ଓ ତାଲିମ ପ୍ରତି ଆକୃଷ୍ଟ ହେବେ ବୋଲି ମତ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରି କହିଥିଲେ, ରାଜ୍ୟରେ ଗ୍ରୀନ୍ କ୍ୟାମ୍ପସ ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ତେଣୁ ଆଇଟିଆଇ କ୍ୟାମ୍ପସରେ ଅଧିକ ଗଛ ଲଗାଇ ଏହାକୁ ସବୁଜ ସୁନ୍ଦର କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ପୁରୀ ଜିଲାପାଳ ସମର୍ଥ ବର୍ମା ସ୍ୱାଗତ ଭାଷଣ ଦେଇଥିଲେ।



ଲୋକାର୍ପଣ ଉତ୍ସବରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅତିଥି।

# ୨୪ ଘଣ୍ଟା ପରେ ବି କୋର୍ଟ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଲାନି

### ସୁମିତ୍-ତପସ୍ୱିନୀ ବିବାଦ ମାମଲା

ବ୍ରହ୍ମପୁର ଅଫିସ,୫।୧

ବ୍ରହ୍ମପୁରର ସୁମିତ ସାହୁ-ତପସ୍ୱିନୀ ଦାଶ ପାରିବାରିକ ବିବାଦ ମାମଲାର ଶୁଣାଣି କରି ଗତ ମଙ୍ଗଳବାର ଜିଲାଜଜ୍ କୋର୍ଟ ତପସ୍ୱିନୀ ତାଙ୍କ ଶ୍ୱଶୁର ଘରେ ରହିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକ୍ରମେ ମହିଳା ସୁରକ୍ଷା ଅଧିକାରୀ ଓ ପୋଲିସ ବ୍ରହ୍ମନଗରରେ ପହଞ୍ଚି ଶ୍ୱଶୁର ପ୍ରମୋଦ ସାହୁଙ୍କୁ କୋର୍ଟଙ୍କ ନିର୍ଦ୍ଦେଶନାମା ଦେଖାଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଘର ଯୋଗାଇ ଦିଆଯିବ ବୋଲି ପ୍ରମୋଦ କହିଥିଲେ। ଉପର ମହଲାରେ ତପସ୍ୱିନୀଙ୍କ ପାଇଁ ରୁମ୍ ସୁବିଧା କରାଯିବ ବୋଲି କହିଥିଲେ। ଉପର ଘର ସଫାସୁତରା ସରିଥିଲେ ମଧ୍ୟ ତପସ୍ୱିନୀ ସେଠାରେ ରହିବାକୁ ରାଜି ହେଉନାହାନ୍ତି। ସେ ତଳ ମହଲାରେ ରହିବା ପାଇଁ ମହିଳା ସୁରକ୍ଷା ଅଧିକାରୀଙ୍କୁ ମଙ୍ଗଳବାର ଅବଗତ କରିଥିଲେ। ଆପୋସ ଆଲୋଚନା ପରେ ମଧ୍ୟ କୌଣସି ସମାଧାନ ବାଟ ଫିଟିନାହିଁ। ଜିଲାଜଜ୍‌ଙ୍କ ନିର୍ଦ୍ଦେଶ ଜାରି ହେବାର ୨୪ଘଣ୍ଟା ପରେ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହୋଇନାହିଁ। ସେପଟେ ସମାଜସେବୀ ପ୍ରମିଳା ତ୍ରିପାଠୀ ଅସୁସ୍ଥ ହେବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଛି। ତପସ୍ୱିନୀଙ୍କ ସହିତ ତାଙ୍କର ମା’ ଏବେ ଘର ବାହାରେ ବସିଛନ୍ତି।



ଘର ବାହାରେ ମା’ଙ୍କ ସହ ବସିଛନ୍ତି ତପସ୍ୱିନୀ।

# ମହୁମାଛି ଆକ୍ରମଣରେ ୧୦ ଆହତ

ଢେଙ୍କାନାଳ ଅଫିସ, ୫।୧

ଢେଙ୍କାନାଳ ସଦର ଥାନା କାଉଚି ଗ୍ରାମରେ ବୁଧବାର ମହୁମାଛି ଆକ୍ରମଣରେ ୧୦ଜଣ ଆହତ ହୋଇଛନ୍ତି। ସେମାନେ ହେଲେ କାଉଚି ଗ୍ରାମର ଅମରି ମଲ୍ଲିକ (୩୫), ଯଶୋଦା ମଲ୍ଲିକ (୪୦), ରାଧାକାନ୍ତ ମଲ୍ଲିକ (୨୪), ଝରଣି ମଲ୍ଲିକ (୧୮), କାଳିନ୍ଦୀ ମଲ୍ଲିକ (୪୧), ଦୀପ୍ତିମୟୀ ମଲ୍ଲିକ (୧୬), ଚଞ୍ଚଳା ମଲ୍ଲିକ (୪୧), ଭାଗ୍ୟବନ୍ତ ମଲ୍ଲିକ (୨୫), ଚଣା ମଲ୍ଲିକ ଏବଂ ଗହମଖୁଣ୍ଟି ଗ୍ରାମର ବିବେକାନନ୍ଦ ମିଶ୍ର (୪୦)। ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ସମସ୍ତେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ କେତେଜଣ ଘରକୁ ଫେରିଛନ୍ତି।

# ୫ ଘଣ୍ଟିଆ କଳାହାଣ୍ଡି ବନ୍ଦ

### ଆସନ ସଂରକ୍ଷଣରେ ଆଦିବାସୀଙ୍କୁ ଉପେକ୍ଷାର ପ୍ରତିବାଦ

ଭବାନୀପାଟଣା/ଧର୍ମଗଡ/କୋକସରା/ମ.ରାମପୁର, ୫।୧(ସ୍ୱ.ପ୍ର./ଡି.ଏନ୍.ଏ.)

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ, ସମିତି ସଭ୍ୟାସଭ୍ୟ ପଦବୀ ପାଇଁ ଆଦିବାସୀଙ୍କ ପାଇଁ ଆସନ ସଂରକ୍ଷଣ ବ୍ୟବସ୍ଥାରେ ଉପେକ୍ଷା କରାଯାଇଛି। ଏହାକୁ ତୀବ୍ର ବିରୋଧ କରି ବୁଧବାର ୫ ଘଣ୍ଟିଆ କଳାହାଣ୍ଡି ବନ୍ଦ ଡାକରା ଦେଇଥିଲା ଜିଲା ଆଦିବାସୀ ସଂଘ। ସକାଳ ୮ଟାରୁ ୨ଟା ପର୍ଯ୍ୟନ୍ତ ଦିଆଯାଇଥିବା ବନ୍ଦ ଡାକରାରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଦୋକାନବଜାର, ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଜିଲାର ଭବାନୀପାଟଣା ସମେତ ନର୍ଲା, ମ. ରାମପୁର, କର୍ଲାମୁଣ୍ଡା, ଲାଞ୍ଜିଗଡ, ଥୁ. ରାମପୁର, ଜୟପାଟଣା, ଧର୍ମଗଡ, ଗୋଲାମୁଣ୍ଡା, କଳମପୁର, କେସିଙ୍ଗା ଆଦି ବ୍ଲକରେ ବନ୍ଦର ପ୍ରଭାବ ଥିବା ବେଳେ ଜୁନାଗଡ ବ୍ଲକରେ ଏହାର ପ୍ରଭାବ ପଡ଼ି ନ ଥିଲା। ଭବାନୀପାଟଣା କଲେଜ ଛକଠାରେ ଆଦିବାସୀ ନେତା ରମେଶ ମାଝିଙ୍କ ନେତୃତ୍ୱରେ ବନ୍ଦ ଡାକରା ଦିଆଯାଇଥିଲା। କିଛିଦିନ ତଳେ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକାଶ ପାଇଥିବା ସରପଞ୍ଚ ଓ ସମିତସଭ୍ୟ ଆସନ ସଂରକ୍ଷଣ ବ୍ୟବସ୍ଥାରେ ଆଦିବାସୀଙ୍କୁ ଉପେକ୍ଷା କରାଯାଇଥିଲା। ତେଣୁ ସଂରକ୍ଷଣ ତାଲିକାକୁ ପୁନର୍ବାର ସଂଶୋଧନ କରାଯାଇ ଆଦିବାସୀଙ୍କ ପାଇଁ ବ୍ଲକ ୟୁନିଟ୍‌ରେ ସଂରକ୍ଷଣ ବ୍ୟବସ୍ଥା କରିବା ପାଇଁ ସରକାରଙ୍କ ପାଖରେ ସଂଘ ଦାବି କରିଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନ ଭୟାବହ ହେବ ବୋଲି ଚେତାବନୀ ଦିଆଯାଇଛି।



କୋକସରାଠାରେ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସହର ପରିକ୍ରମା କରୁଛନ୍ତି।



**୩ ପ୍ରକଳ୍ପ ଉଦ୍‌ଘାଟନ କଲେ ଉତ୍ତର ବିଧାୟକ**

ବାରଙ୍ଗ,(ଡି.ଏନ୍.ଏ.)- ରାଜଧାନୀ ଉପକଣ୍ଠ ରଘୁନାଥପୁର ପଞ୍ଚାୟତରେ ବୁଧବାର ୩ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ବ୍ଲକ ଅନୁଦାନରେ ନିର୍ମିତ ରଘୁନାଥପୁର ଉ.ପ୍ରା. ବିଦ୍ୟାଳୟର ସ୍କୁଲଗୃହ, ପଞ୍ଚାୟତ ନୂତନ କାର୍ଯ୍ୟାଳୟ, ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସକୁ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଉଦ୍‌ଘାଟନ କରି କହିଲେ, ଗତ କିଛିଦିନ ହେବ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ବିକାଶର ଧାରା ବଳବତ୍ତର ରହିଛି। ଏଥିରେ ଲୋକ ପ୍ରତିନିଧିଙ୍କ ସହ ଗ୍ରାମର ମୁରବୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଧିରେନ୍ଦ୍ରନାଥ ପଟ୍ଟନାୟକଙ୍କ ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିସଭା, ମୟୂର ଆର୍ଟ ସେଣ୍ଟର, ମଧ୍ୟାହ୍ନ ୧୨ଟା ୧୫।

# ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ମାର୍କେଟ ବିଲ୍ଡିଂ ବନ୍ଦ

ଭୁବନେଶ୍ୱର, ୫।୧ (ବ୍ୟୁରୋ)

ଭୁବନେଶ୍ୱରର ଅନ୍ୟତମ ବ୍ୟସ୍ତବହୁଳ ମାର୍କେଟ ବିଲ୍ଡିଂ ଖୋଲିବ କି ନାହିଁ ସେ ନେଇ କୌଣସି ନିଷ୍କର୍ଷ ବାହାରି ପାରି ନାହିଁ। ବୁଧବାର ବିଏମ୍‌ସି ଓ ପୋଲିସ ସହିତ ବ୍ୟବସାୟୀ ସଂଘର ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ତେବେ ମାର୍କେଟ ବିଲ୍ଡିଂରେ ଆଉ କୌଣସି ଉଠାଦୋକାନୀ ପଶି ପାରିବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ହେଲେ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ମାର୍କେଟ ବିଲ୍ଡିଂ ବନ୍ଦ ରହିବ ବୋଲି ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା ସୂଚନା ଦେଇଛନ୍ତି।

ବ୍ୟବସାୟୀ ସଂଘ ସହିତ କ୍ୟାପିଟାଲ ଥାନା ଏସିପି, ଆଇଆଇସି, ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଜୋନାଲ ଡେପୁଟି କମିଶନର ମହେନ୍ଦ୍ର ବଢେଇ ପ୍ରମୁଖ ଆଲୋଚନା କରିଥିଲେ। ଆଲୋଚନାରେ ଉଠାଦୋକାନୀଙ୍କ ପାଇଁ



ଉପୁଜୁଥିବା ବିଭିନ୍ନ ସମସ୍ୟା ଉପସ୍ଥାପନ କରାଯାଇଥିଲା। ମାର୍କେଟରେ ସାଧାରଣ ଲୋକଙ୍କ ପାଇଁ ତିଆରି ହୋଇଥିବା ଚୌକି, ଏପରିକି ରାସ୍ତା ମଝିରେ ଉଠାଦୋକାନୀମାନେ ସେମାନଙ୍କ ପସରା ମେଲାଇ ଦେଉଛନ୍ତି। ଜୋର୍ ଜବରଦସ୍ତ ବ୍ୟବସାୟ କରିବା ସହ ଅରାଜକତା ସୃଷ୍ଟି କରୁଛନ୍ତି। ସେମାନଙ୍କ ପାଇଁ ଅଯଥା ଭିଡ଼ ହେଉଥିବାବେଳେ ମାର୍କେଟର ସୌନ୍ଦର୍ଯ୍ୟ ମଧ୍ୟ ହ୍ରାସ ପାଉଛି। ଅପରପକ୍ଷେ ଉଠା ଦୋକାନୀଙ୍କ ପାଇଁ ଦୋକାନ ଭଡ଼ା ନେଇଥିବା

### ଆଲୋଚନାରୁ ବାହାରିଲା ନାହିଁ ନିଷ୍କର୍ଷ

ବ୍ୟବସାୟୀଙ୍କର ଘାଟା ହେଉଛି ବୋଲି ସେମାନେ ଅଭିଯୋଗ କରିଥିଲେ।

ସୂଚନାଯୋଗ୍ୟ, ଉଠା ଦୋକାନୀଙ୍କୁ ହଟାଇବା ଦାବି କରି ମାର୍କେଟ ବିଲ୍ଡିଂ ବ୍ୟବସାୟୀ ସଂଘ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଛି। ଜଣେ ମହିଳା ଉଠା ଦୋକାନୀ ମଙ୍ଗଳବାର ଜଣେ ବ୍ୟବସାୟୀଙ୍କ ଗାଡ଼ି ଭାଙ୍ଗିବା ସହ ଗାଳିଗୁଲଜ କରିବାରୁ ଏହାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା। ଫଳରେ ସେଠାରେ ସ୍ଥାୟୀ ଦୋକାନ କରିଥିବା ବ୍ୟବସାୟୀମାନେ ସ୍ୱତଃ ପ୍ରବୃତ୍ତ ଭାବେ ମାର୍କେଟକୁ ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ଘଟଣା ସ୍ଥଳରେ ବିଏମ୍‌ସି ଓ କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ବୁଧବାର ଆଲୋଚନା ପାଇଁ ଡାକିଥିଲେ।

## ଦୃଷ୍ଟିହୀନତା ଏକ ଅଭିଶାପ ନୁହେଁ

ଭୁବନେଶ୍ୱର,୫।୧(ବ୍ୟୁରୋ): ଉତ୍କଳ ଦୃଷ୍ଟିହୀନ ସଂଘର ୪୭ତମ ବାର୍ଷିକ ଉତ୍ସବ ଓ ମହାତ୍ମା ଲୁଇ ବ୍ରେଲ୍‌ଙ୍କର ୨୧୩ତମ ଜନ୍ମବାର୍ଷିକୀ ସଂଘ ସଭାପତି ସନ୍ନ୍ୟାସୀ କୁମାର ବେହେରାଙ୍କ ପୌରାହିତ୍ୟରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥବ ଭାବେ କନ୍‌ଫିଡ଼େରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ୍‌ର ସୁପର୍ଣ୍ଣ ନନ୍ଦ, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥାର ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ତଥା ଓଏଲ୍‌ଏସ୍ ଅଧକ୍ଷା କସ୍ତୁରୀ ମହାପାତ୍ର, ସରସ୍ୱତୀ ସଙ୍ଗୀତ କଳା ପରିଷଦ କଟକର ଅଧକ୍ଷା ପ୍ରତିଭା ଶତପଥୀ ଏବଂ ଓଡ଼ିଶା ହାଇକୋର୍ଟର ଅଧିବକ୍ତା ସଂଗ୍ରାମ କେଶରୀ ମିଶ୍ର ପ୍ରମୁଖ ଯୋଗଦେଇ ଦୃଷ୍ଟିହୀନଙ୍କ ସର୍ବବିଧ ଉନ୍ନତି ପାଇଁ ଆହ୍ୱାନ ଦେଇଥିଲେ। 'ଦୃଷ୍ଟିହୀନତା ଏକ ଅଭିଶାପ ନୁହେଁ, ଏହା ସେବା ପାଇଁ ଈଶ୍ୱରଙ୍କର ମହତ୍ ଦାନ ବୋଲି ସେମାନେ କହିଥିଲେ। ସଂଘର ସାଧାରଣ ସମ୍ପାଦକ ତଥା ଏନ୍.ସି କଲେଜ ଯାଜପୁରର ଅବସରପ୍ରାପ୍ତ ପ୍ରଧାପକ ଶରତ କୁମାର ଦାଶ ସଂଘର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଦୃଷ୍ଟିହୀନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ସହ ସ୍ୱାବଲମ୍ବନ ପାଇଁ ସେମାନଙ୍କୁ ୩୨ ଓଜନ ମାପ ଯନ୍ତ୍ର ବଣ୍ଟନ କରାଯାଇଥିଲା। ପ୍ରଧାପକ ଭୀମସେନ ମହାରଣାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ସଙ୍ଗୀତ ଗାନକରିଥିଲେ। ସଂଘ ଉପସଭାପତି ମହମ୍ମଦ ଜାଫର ଇକବାଲ ସ୍ୱାଗତ ଭାଷଣ ଓ କୋଷାଧକ୍ଷ ସେକ୍ ସମଦ କଳାପାହାଡ଼ ଧନ୍ୟବାଦ ଦେଇଥିଲେ।

## ଇଣ୍ଡିଆନ ଭେଟେରାନ ଅର୍ଗାନାଇଜେଶନର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୫।୧(ବ୍ୟୁରୋ): ଇଣ୍ଡିଆନ ଭେଟେରାନ ଅର୍ଗାନାଇଜେଶନ ଓଡ଼ିଶାର ବାର୍ଷିକ ଉତ୍ସବ ବୁଧବାର ସାମ୍ବାଦିକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଶୋକ କୁମାର ଜେନଙ୍କେ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଂ. ବିପିନ ବିହାରୀ ନାୟକ ଓ ମୁଖ୍ୟବକ୍ତା ଭାବେ ଡ. ସୁକାନ୍ତି ମିଶ୍ର ଯୋଗଦେଇଥିଲେ। ପ୍ରାରମ୍ଭରେ ସିଡ଼ିଏସ୍ ବିପିନ ରାୱତ ଏବଂ ଆଡ଼ମିରାଲ ଏଚ୍.ଏସ୍. ଶର୍ମାଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ୫୦ଜଣ ଭେଟେରାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀ ଏବଂ ସାର୍ଟିଫିକେଟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସଭାପତି ଅଶୋକ କୁମାର ଜେନା ସମସ୍ତ ଭେଟେରାନମାନଙ୍କୁ ଏକଜୁଟ ହୋଇ ରାଜ୍ୟରେ ନିଜର ସ୍ଥିତି ଏବଂ ବିଭିନ୍ନ ସମସ୍ୟାକୁ ସମାଧାନ କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ଜିଲା ସୈନିକ ବୋର୍ଡ଼ରେ ସମ୍ପାଦକ ନିଯୁକ୍ତି, ଇସିଏଚ୍‌ଏସ୍‌ର ପୂର୍ଣ୍ଣ ସୁବିଧା ବ୍ୟବସ୍ଥା, କ୍ୟାଣ୍ଟିନ ସୁବିଧା, ଶହୀଦ ସ୍ତମ୍ଭ ନିର୍ମାଣ, ସୈନିକ ବିଶ୍ରାମ ଗୃହ, ସୈନିକ ଆରକ୍ଷଣ, ସମସ୍ତ ଛୋଟ ଛୋଟ ଆସୋସିଏସନର ଏକତ୍ରିକରଣ କରିବାକୁ ଦାବି କରାଯାଇଥିଲା। ଉତ୍ସବରେ ସରୋଜ କୁମାର ପାତ୍ର, ବିରଞ୍ଚି ନାରାୟଣ ଦାସ, ପିତବାସ ସାସମଲ, ପ୍ରହଲ୍ଲାଦ ଗାନ୍ଥିଆ, ସୁଧାକର ପାତ୍ର ପ୍ରମୁଖ ଭେଟେରାନ ଯୋଗ ଦେଇଥିଲେ। ମୁଖ୍ୟ ପରାମର୍ଶଦାତା ଡ. ବିପିନ ବିହାରୀ ମିଶ୍ର, ଉପସଭାପତି ଅଜୟ କୁମାର ନାୟକ, ସାଧାରଣ ସମ୍ପାଦକ ଏନ୍.କେ. ଦାସ, ଖୋର୍ଦ୍ଧା ଜିଲା ସଭାପତି ବନବିହାରୀ ମିଶ୍ର, ଗ୍ରାମ ସମ୍ପାଦକ ଏସ୍.କେ. ପାତ୍ର, ବାଙ୍କୀ ଆସୋସିଏଶନର ସଭାପତି ବ୍ରଜବନ୍ଧୁ ପଣ୍ଡା, ସୁନ୍ଦରଗଡ଼ ଜିଲା ସଭାପତି ଚକ୍ରାନ୍ତ ଜେନା ତଥା ଅନ୍ୟ ଜିଲାର ସମସ୍ତ ସଭାପତି ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ମନନ ନାଟ୍ୟ ସଂସ୍ଥା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ ମହୋତ୍ସବରେ ବୁଧବାର ପରିବେଷିତ ନାଟକ 'ଅଳିଆ ଭିତରେ କାଳିଆ'ର ଏକ ଦୃଶ୍ୟ।

# ସଚେତନ କଳା ନାଟକ 'ଅଳିଆ ଭିତରେ କାଳିଆ'

ଭୁବନେଶ୍ୱର, ୫।୧ (ବ୍ୟୁରୋ)

- ଲିପିକା ମିଶ୍ରଙ୍କୁ 'ଚନ୍ଦ୍ରଶେଖର ନନ୍ଦ ସମ୍ମାନ'
- ରମାକାନ୍ତ ମହାପାତ୍ର, ପ୍ରସନ୍ନ ମିଶ୍ର ପାଇଲେ 'ମନନ ସମ୍ମାନ'

ଅନେକ ସମୟରେ ସଫେଇ କର୍ମଚାରୀ ଆବର୍ଜନା ସଫା କରିବେ ବୋଲି ବିଚାର କରି ଜନସାଧାରଣ ଏଣେତେଣେ ଅଳିଆ ଆବର୍ଜନା ପକାଇଥା'ନ୍ତି। ଏହା ଏକ ସୁସ୍ଥ ସାମାଜିକ ପରମ୍ପରା ନୁହେଁ। ସରକାରୀ କଳା ହେଉ କିମ୍ବା ଗଣମାଧ୍ୟମ, ସେମାନେ କେବଳ ଲୋକଙ୍କ ପାଖକୁ ବାର୍ତ୍ତା ପହଞ୍ଚାଇ ପାରିବେ। ମାତ୍ର ସଚେତନ ହେବା ଦାୟିତ୍ୱ ତ ଆମର। ଜଣେ ସାଧାରଣ ନାଗରିକ କିପରି ସ୍ୱଚ୍ଛତାର ଅଭିଯାନକୁ ଆଗେଇ ନେବାକୁ ଚେଷ୍ଟା କରୁଛି ତାହାକୁ ନେଇ ରବୀନ୍ଦ୍ରମଣ୍ଡପରେ ପରିବେଷିତ ହୋଇଥିଲା ନାଟକ 'ଅଳିଆ ଭିତରେ କାଳିଆ'। ନାଟ୍ୟ ସଂସ୍ଥା 'ମନନ' ପକ୍ଷରୁ ଆୟୋଜିତ ୪୩ତମ ଜନ୍ମବାର୍ଷିକୀ ନାଟକ ମହୋତ୍ସବର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ବିଦ୍ୟାକନକ ସୃଜନାନୁଷ୍ଠାନ ପ୍ରଯୋଜିତ, ଦିଲୀପ ବଳବନ୍ତରାୟଙ୍କ ରଚିତ ଏହି ନାଟକ ଜଗଦିଶ ପ୍ରସାଦ ମହାରଣାଙ୍କ ନିର୍ଦ୍ଦେଶନାରେ ଜୀବନ୍ତ ହୋଇ ଉଠିଥିଲା। କାଳକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଇବାରେ ସହାୟକ ହୋଇଥିଲା। ଏହି ଅବସରରେ ଡ.ଲିପିକା ମିଶ୍ରଙ୍କୁ 'ଚନ୍ଦ୍ରଶେଖର ନନ୍ଦ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ରମାକାନ୍ତ ମହାପାତ୍ର ଏବଂ ଡ. ପ୍ରସନ୍ନ ମିଶ୍ରଙ୍କୁ 'ମନନ ସମ୍ମାନ' ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ନାଟ୍ୟକାର ପ୍ରଫେସର ନାରାୟଣ ସାହୁ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ବିଜୟ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବର ମଙ୍ଗଳବାର ପ୍ରଥମ ସନ୍ଧ୍ୟାରେ ନାଟକ 'ଚିଠି' ପରିବେଷିତ ହୋଇଥିଲା।

## ଅନ୍ୟ ଜାଗାରେ ଜବରଦସ୍ତ ରାସ୍ତା କରି ୩ ଗିରଫ

ବାରଙ୍ଗ,୫।୧(ଡି.ଏନ୍.ଏ.)

ଗତ ୨୭ ତାରିଖରେ ଏକ ଜମିରେ ଜବରଦସ୍ତ ମୋରମ ପକାଇ ଦଖଲ ଉଦ୍ୟମ କରିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ବୁଧବାର ତିନିଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ମଧୁବନ ଗ୍ରାମର ଜଗନ୍ନାଥ ରାଉଳ, ଜିତେନ୍ଦ୍ର ମାଝୀ, ବୁଲୁ ପ୍ରଧାନ। ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨୮/୨୧) ରୁଜୁ କରିଛି। ଅଭିଯୁକ୍ତମାନେ ଏହି ଗ୍ରାମର କୁନ୍ତି ଦାସଙ୍କ ଚାଷଜମିକୁ ଜଣେ ବିଲ୍ଡରଙ୍କୁ ଦେବା ଉଦ୍ଦେଶ୍ୟରେ ଜବରଦସ୍ତ ମୋରମ ପକାଇ ରାସ୍ତାକରି ଦଖଲ ଉଦ୍ୟମ କରିଥିଲେ। କୁନ୍ତି ବିରୋଧ କରିବାପରେ ତାଙ୍କୁ ମାରିଦେବାକୁ ଧମକ ଦେଇଥିବା ସେ ଅଭିଯୋଗ କରିଥିଲେ।

## ଜାଲରେ ପଡ଼ିଲା ବିରଳ ମାଛ

ବାରଙ୍ଗ,୫।୧(ଡି.ଏନ୍.ଏ.)

ବାରଙ୍ଗ ଥାନା ଅନ୍ତର୍ଗତ ସାନ ମୁଣ୍ଡଳୀ ଗ୍ରାମ ନିକଟରେ ଥିବା ପୁରୀ ମେନ କେନାଲରୁ ବୁଧବାର ଏକ ବିରଳ ମାଛ ଜାଲରେ ପଡିଛି । ସାନ ମୁଣ୍ଡଳୀ ଗ୍ରାମର ମା' ବନ୍ଧ ବାସେଳୀ ଦଳେଇ ସାହିର ରବି ଦଳେଇ ପୁରୀ ମେନ କେନାଲରୁ ମାଛ ଧରୁ ଥିଲେ। ଏହି ସମୟରେ ଏକ ୫ କେଜି ଓଜନର ଗୋଲଡେନ ରଙ୍ଗର ମାଛ ଜାଲରେ ପଡିଥିଲା। ଏହି ମାଛଟି ବାରଙ୍ଗ ଅଞ୍ଚଳରେ ପ୍ରଥମଥର ଦେଖାବାକୁ ମିଳିଥିବାରୁ ମାଛଟିକୁ ଦେଖିବା ପାଇଁ ଅଞ୍ଚଳର ଲୋକମାନଙ୍କ ଭିଡ ଲାଗିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସନାତନ



@ ଓମ୍‌ପ୍ରକାଶ



@ ରଶ୍ମିରେଖା



@ ସମୀକ୍ଷା



@ ସାଗର



@ ରୁପେଶ

# ଦେବୋତ୍ତର ବିଭାଗ କାର୍ଯ୍ୟାଳୟ ଘେରାଉ

ପୁରୁଣା ଭୁବନେଶ୍ୱର,୫।୧(ଡି.ଏନ୍.ଏ.)

### ଶ୍ରୀଲିଙ୍ଗରାଜ ଜମି ହଡ଼ପ ପ୍ରସଙ୍ଗ

ଶ୍ରୀଲିଙ୍ଗରାଜ ଠାକୁରଙ୍କ ଅନେକ ମୂଲ୍ୟବାନ ସମ୍ପତ୍ତି ଧୀରେ ଧୀରେ ଜବରଦଖଲକାରୀମାନେ ନେବାରେ ଲାଗିଛନ୍ତି। ଏହି କ୍ରମରେ ଭୀମପୁର ମୌଜାର ଖାତା ନଂ.୧୯୩୫ ଓ ହାଲ ଖାତା ନଂ.୪୩୩କୁ କେତେଜଣ ବ୍ୟକ୍ତି ହଡ଼ପ କରିନେଇଥିବା ଅଭିଯୋଗ ହୋଇଛି। ଏହି ଜମିକୁ ଠାକୁରଙ୍କ ଖାତାକୁ ଫେରାଇ ଆଣିବା ଦାବିରେ ବୁଧବାର ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ଦେବୋତ୍ତର ବିଭାଗ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। ପରେ ବିଭାଗ କମିଶନର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ତୁରନ୍ତ ଏ ଦିଗରେ



ଉଚିତ୍ ପଦକ୍ଷେପ ନିଆଯିବ। ଏଥିସହ ହଡ଼ପ ସମ୍ପତ୍ତିକୁ ଫେରାଇ ଆଣିବାକୁ ଗତ ୨୩।୯।୨୧ରେ ରାଜସ୍ୱ ବିଭାଗ ଦେଇଥିବା ଚିଠି ନଂ. ୨୮୦୯୯କୁ ତ୍ୱରିତ ଭାବେ କାର୍ଯ୍ୟକାରୀ କରାଯିବା ନେଇ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ସ୍ଥଗିତ ରହିଥିଲା। ଦୀର୍ଘଦିନ ହେଲା ଶ୍ରୀଲିଙ୍ଗରାଜଙ୍କ ଜମି ସବୁ ଜବରଦଖଲକାରୀମାନେ ହାତେଇ ସାରିଲେଣି। ଗୋଟିଏ ପରେ ଗୋଟିଏ ଜମି ହଡ଼ପ କରି ଅନ୍ୟତ୍ର ବିକ୍ରି ପାଇଁ ମସୁଧା ଚାଲିଛି। ଏ ନେଇ ପୂର୍ବରୁ ମଧ ଦେବୋତ୍ତର ବିଭାଗ ନିକଟରେ ବିଭିନ୍ନ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଥିଲା। କିନ୍ତୁ ବିଭାଗୀୟ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏଭଳି ହେଉଥିବା ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ କହିଛନ୍ତି। ତେଣୁ ଏକାମ୍ର ମଞ୍ଚ ଅଧକ୍ଷ ଭୀଷ୍ମ ନାରାୟଣ ନାୟକଙ୍କ ନେତୃତ୍ୱରେ ବୁଧବାର ଘେରାଉ କରାଯାଇଥିଲା। ଏଥିରେ ସୁଲତା ସାହାଣୀ, ସଞ୍ଜୁଲତା ପଟ୍ଟନାୟକ, ବିନୋଦିନୀ ସେନାପତି, ମାନସୀ ମହାନ୍ତି, ମାନସ ପତି, ଶୁଭ୍ରାଂଶୁ ଶେଖର ଜେନା, ବିଷନ ବିଶ୍ୱାଳ, ଉପନ ଦାସ, ସୂର୍ଯ୍ୟନାରାୟଣ ବେହେରା, ଧନଞ୍ଜୟ କାନ୍ଥୁଆ, ଅନୁପମ ମହାନ୍ତି, ଦିଲୀପ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

# କୋର୍ଟରେ ଆତ୍ମସମର୍ପଣ କଲେ ୨ ଅଭିଯୁକ୍ତ

ଭୁବନେଶ୍ୱର,୫।୧(ବ୍ୟୁରୋ)

### ସୁନ୍ଦରପଦା ହତ୍ୟା ଘଟଣା

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ନୂଆସାହି ହଜ୍ ପୋଖରୀ ନିକଟରେ ଗତ ଶୁକ୍ରବାର ରାତିରେ ଦୀପକ କୁମାର ରାଉତରାୟଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ସମ୍ପୃକ୍ତ ୨ ଅଭିଯୁକ୍ତ ବୁଧବାର ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ଦେବୀପ୍ରସାଦ ମଲିଆ ଓରଫ ବିକି(୨୫) ଓ ସୁଜିତ୍ ପଣ୍ଡା(୨୦)। ଜାମିନ ନାମଞ୍ଜୁର ହେବା ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ଅଭିଯୁକ୍ତ ଗୁନୁ ମଲିଆ ଓ ଅନ୍ୟ ସହଯୋଗୀମାନେ ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରିବାକୁ କୋର୍ଟରେ ଆବେଦନ ହୋଇଛି। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଚେଷ୍ଟା ଜାରି ରହିଥିବା ଡିସିପି ଉମାଶଙ୍କର ଦାଶ କହିଛନ୍ତି।



ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ପରିସରରେ ବୁଧବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଧାନମଣ୍ଡିକୁ ଉଦ୍‌ଘାଟନ କରୁଛନ୍ତି।



ଜଟଣୀସ୍ଥିତ କୁମାରଖାଡିଆ ଗ୍ରାମରେ ବୁଧବାର ରାଜ୍ୟସ୍ତରୀୟ ପୂଜ୍ୟପୂଜା ଗୁରୁ ସମ୍ମାନ ଉତ୍ସବ ଅବସରରେ ପାଇକ ପୁଅମାନେ ଆଖଡା ପ୍ରଦର୍ଶନ କରୁଛନ୍ତି।





ପୁରୀ ଚକ୍ରତୀର୍ଥ ବେଳାଭୂମିରେ ପ୍ରସ୍ତାବିତ ବ୍ଲୁ ଫ୍ଲାଗ୍ ବିକ୍ରିକୁ ବୁଧବାର ବେଳାଭୂମି ସୁରକ୍ଷା ସମିତି ପକ୍ଷରୁ ବିରୋଧ କରାଯାଉଛି।

**ଯତୀନ୍ଦ୍ର କୁମାର ରାୟଙ୍କୁ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି**

**ଭୁବନେଶ୍ୱର,(ବ୍ୟୁରୋ):** ଶ୍ରମିକ ନେତା ଯତୀନ୍ଦ୍ର କୁମାର ରାୟଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ଲୋହିଆ ଏକାଡେମୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଆଇଟିୟୁସିର ରାଷ୍ଟ୍ରୀୟ ସମ୍ପାଦକ କମ୍ରେଡ ରାମକୃଷ୍ଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କାର୍ଯ୍ୟକାରୀ ସମ୍ପାଦକ ସାଥୀ ସତ୍ୟବାଦୀ ବାଘ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ଏଆଇଟିୟୁସିର ରାଜ୍ୟ ସଭାପତି ସାଥୀ ଅଶୋକ ଦାସ, ଆଇଏନ୍‌ଟିୟୁସି ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ବିଜୁ ସାମ୍ମୁଖ୍ୟ ସଭାପତି ତଥା ଏମ୍‌ପି ସୁବାସ ସିଂ, ଦୁଷ୍ମନ୍ତ ଦାସ, ସଂଯୁକ୍ତା ମହଲ, ମହିନ୍ଦ୍ର କୁମାର ପରିଡ଼ା, ବି.ପି. ଦାସ, ଶଙ୍କର ସାହୁ ପ୍ରମୁଖ ଯୋଗଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଲଳିତକଳା ଏକାଡେମୀର ପତ୍ରିକା 'ରଙ୍ଗରେଖା' ପ୍ରକାଶିତ

**ଭୁବନେଶ୍ୱର, ୫।୧ (ବ୍ୟୁରୋ):** ଓଡିଶା ଲଳିତ କଳା ଏକାଡେମୀ ପକ୍ଷରୁ ଓଡ଼ିଆ ଭାଷାରେ 'ରଙ୍ଗରେଖା' ନାମକ ପତ୍ରିକା ପ୍ରକାଶ ପାଇଛି। ଏହି ତ୍ରୈମାସିକ ପତ୍ରିକାର ପ୍ରଥମ ସଂଖ୍ୟା ବୁଧବାର କଳିଙ୍ଗ ଆର୍ଟ ଗ୍ୟାଲେରିରେ ଉନ୍ମୋଚିତ ହୋଇଛି। ଧର୍ମପଦ ପୁରସ୍କାର ପ୍ରାପ୍ତ ଶିଳ୍ପୀ ତଥା ଏକାଡ଼େମୀର ପୂର୍ବତନ ସଭାପତି ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ଓ ଧର୍ମପଦ ପୁରସ୍କାରପ୍ରାପ୍ତ ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ଏହାର ଉନ୍ମୋଚନ କରିଥିଲେ। ଏଥିରେ ରାଜ୍ୟର ପ୍ରତିଷ୍ଠିତ ଶିଳ୍ପୀଙ୍କ ଦ୍ୱାରା ଚିତ୍ରକଳା ସମ୍ବନ୍ଧୀୟ ନିବନ୍ଧ ରହିଛି। ଉତ୍ସବରେ ଏକାଡ଼େମୀର ସଭାପତି ସୁଦର୍ଶନ ପଟ୍ଟନାୟକ, କାର୍ଯ୍ୟକାରୀ ସଦସ୍ୟ ତଥା ବରିଷ୍ଠ ଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁ, ସଚିବ ପଞ୍ଚାନନ ସାମଲ ଯୋଗ ଦେଇଥିଲେ। ବର୍ତ୍ତମାନ ଭାରତ ତଥା ପୃଥିବୀରେ ଲଳିତ କଳା ଏବଂ ଆଧୁନିକ ଶିଳ୍ପ କଳାର ଯେଉଁ ନୂତନ ଅଭ୍ୟୁଦୟ ହେଉଛି ତାହା ସାଧାରଣ କଳାପ୍ରେମୀ, ଶିଳ୍ପୀ ଓ ଶିକ୍ଷାବିତଙ୍କ ନିକଟରେ ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ଓଡ଼ିଆ ଭାଷାରେ ଏହି ପତ୍ରିକା ପ୍ରକାଶନ ପାଇଁ ଏକାଡେମୀ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି।

### ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ

**ବାରଙ୍ଗ, ୫।୧ (ଡି.ଏନ୍.ଏ.):** ମେଣ୍ଢାଶାଳ ପଞ୍ଚାୟତ ସଭାଗୃହରେ ଭୁବନେଶ୍ୱର ଜିଲ୍ଲା ଶିଳ୍ପକେନ୍ଦ୍ର ମାଧମରେ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ ମାଧମରେ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟମାନଙ୍କର ଏକ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ ମହିଳା ଗୋଷ୍ଠୀମାନଙ୍କ ଦ୍ୱାରା କ୍ଷୁଦ୍ର ଓ ମାଧମ ଶିଳ୍ପ ପ୍ରତିଷ୍ଠା କରାଯାଇ ମହିଳାମାନେ ଆତ୍ମନିଯୁକ୍ତି ପାଇ ରୋଜଗାରକ୍ଷମ କିପରି ହୋଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଆଞ୍ଚଳିକ ଟ୍ରଷ୍ଟର ଅଧକ୍ଷ ରମେଶଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲ୍ଲା ଶିଳ୍ପ ଉନ୍ନୟନ ଅଧିକାରୀ ବନ୍ଦନା ପରିଡା, ମେଣ୍ଢାଶାଳ ପଞ୍ଚାୟତ ସରପଞ୍ଚ ମମତା ବେହେରା ଯୋଗଦେଇ ମହିଳାମାନେ ସ୍ୱରୋଜଗାର ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଂଯୋଜକ ଶ୍ରୀନିବାସ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ୭ଦଫା ଦାବି ନେଇ ଆଶା ସାଥୀ ସଂଘର ଧାରଣା

**ଭୁବନେଶ୍ୱର,୫।୧(ବ୍ୟୁରୋ):** ରାଜ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ୨୩ ଜିଲାରେ ୭୧୭ଜଣ ଆଶା ସାଥୀ ମାସିକ ୩ହଜାର ଟଙ୍କାରେ କାର୍ଯ୍ୟ କରୁଛନ୍ତି। ୭ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ଆଶା ସାଥୀ ସଂଘ ପକ୍ଷରୁ ଆଶା ସାଥୀମାନେ ବୁଧବାର ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଦାବିପତ୍ର ପ୍ରଦାନ କରିଥିଲେ। ସରକାରୀ ମାନ୍ୟତା, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬୦୦୦ ଟଙ୍କା ବେତନ, ଦକ୍ଷତା ବୃଦ୍ଧି ଟ୍ରେନିଂ, ଜୀବନ ଓ ଚିକିତ୍ସା ବୀମା, ମୃତ୍ୟୁକାଳୀନ ସହାୟତା ଓ ପେନ୍‌ଶନ ପ୍ରଦାନ ଆଦି ଦାବି ରହିଛି। ଭାରତୀୟ ମଜଦୁର ସଂଘ ରାଜ୍ୟ ସଭାପତି ପୃଥୀରାଜ ପଣ୍ଡା, ବରିଷ୍ଠ କର୍ମକର୍ତ୍ତା ବସନ୍ତ କୁମାର ସାହୁ, ଓଡ଼ିଶା ରାଜ୍ୟ ଆଶା ସାଥୀ ସଂଘ ରାଜ୍ୟ ସଭାନେତ୍ରୀ କଳ୍ପନା ଦାସ, ଉପ-ସଭାନେତ୍ରୀ ସବିତା ପଣ୍ଡା, ସାଧାରଣ ସମ୍ପାଦିକା ସୁମତୀ ଆଚାର୍ଯ୍ୟ, ରାଜ୍ୟ କୋଷାଧକ୍ଷା କଳ୍ପନା ସେଠୀ, ଦେବୀ ଦାସ, ଜୟନ୍ତୀ ପ୍ରଧାନ, ସୁମିତ୍ରା ବେହେରା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ରାଜଧାନୀରେ ଅଢ଼େଇ ଗୁଣ ବଢ଼ିଲା ସଂକ୍ରମଣ

## ୨୪ ଘଣ୍ଟାରେ ୩୪୧ ଆକ୍ରାନ୍ତ



**ଭୁବନେଶ୍ୱର, ୫।୧ (ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ଏଥିସହ ରାଜଧାନୀ ଭୁବନେଶ୍ୱରରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ସହରରେ ଗତ ସପ୍ତାହେ ହେବ ଆକ୍ରାନ୍ତଙ୍କ ସଂଖ୍ୟା ହୁହୁ ବଢ଼ି ଚାଲିଥିବାବେଳେ ଏବେ ହଠାତ୍ ଅଢ଼େଇ ଗୁଣ ବଢ଼ିଚାଲିଛି। ଗତ ୨୪ ଘଣ୍ଟାରେ ରାଜ୍ୟରୁ ୧୨୧୬ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୫୬ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରୁ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ଅର୍ଦ୍ଧାଧିକ ରାଜଧାନୀ ଭୁବନେଶ୍ୱରର ଅଛନ୍ତି। କେବଳ ଏଥର ନୁହେଁ, ପୂର୍ବରୁ ମଧ ଭୁବନେଶ୍ୱରରେ ସଂକ୍ରମଣ ସମସ୍ତଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଗତ କିଛିଦିନ ହେବ ସହରରେ ସଂକ୍ରମଣ ହାର ୧ଶହ ମଧ୍ୟରେ ରହୁଥିଲାବେଳେ ବୁଧବାର ୩ଶହ ପାର୍ କରିଛି। ମଙ୍ଗଳବାର ୧୪୨ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଗୋଟିଏ ଦିନରେ ସଂକ୍ରମଣ ଦୁଇଗୁଣାରୁ ଅଧିକ ବଢ଼ିଛି। ଗତ ୨୪ଘଣ୍ଟାରେ ମହାନଗର ନିଗମରୁ ୩୪୧ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କ୍ୱାରାଣ୍ଟାଇନ୍‌ରୁ ୩୧ଜଣ ଥିବାବେଳେ ୩୧୦ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସେହିପରି ପଟିଆ ଅଞ୍ଚଳରୁ ସର୍ବାଧିକ ୨୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଚନ୍ଦ୍ରଶେଖରପୁରରୁ ୧୫ଜଣ, ନୟାପଲ୍ଲୀରୁ ୨୦ଜଣ, ପୁରୁଣା ଭୁବନେଶ୍ୱରରୁ ୧୩ଜଣ, ରସୁଲଗଡରୁ ୧୪ଜଣ, ପୋଖରୀପୁଟ, ଶୈଳଶ୍ରୀବିହାରରୁ ୧୦ଜଣ ଲେଖାଏ, ଝାରପଡା, ପାହାଳରୁ ୯ଜଣ ଲେଖାଏ, ଖଣ୍ଡଗିରି, ନୀଳାଦ୍ରିବିହାର, ଜୟଦେବ ବିହାର, ଟଙ୍କପାଣି ରୋଡ୍, ୟୁନିଟ୍-୬ରୁ ୬ଜଣ ଲେଖାଏ, ୟୁନିଟ୍-୯, ଶହୀଦନଗରରୁ ୮ଜଣ ଲେଖାଏ, ଲକ୍ଷ୍ମୀସାଗର, ବଡ଼ଗଡ଼, ଆଇଆର୍‌ସି ଭିଲେଜରୁ ୫ଜଣ ଲେଖାଏ, ଡୁମୁଡୁମା, ବରମୁଣ୍ଡା, କଳ୍ପନା, ୟୁନିଟ୍-୩, ଭିଏସ୍‌ଏସ୍‌ନଗରରୁ ୩ଜଣ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅପରପକ୍ଷେ ଗୋଟିଏ ଦିନରେ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୯୮ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ଭୁବନେଶ୍ୱରର ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୨ଲକ୍ଷ ୪ହଜାର ୪୫୪କୁ ବୃଦ୍ଧି ପାଇଛି। ତେବେ ସେମାନଙ୍କ ମଧ୍ୟରୁ ୧୨ଲକ୍ଷ ୨ହଜାର ୨୯୪ଜଣ ସୁସ୍ଥ ହୋଇଥିବାବେଳେ ଏବେସୁଦ୍ଧା ହଜାରେ ୩୭ଜଣ ଆକ୍ରାନ୍ତ ସକ୍ରିୟ ଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

### ଜରିମାନା ଆଦାୟ କଡ଼ାକଡ଼ି ନିର୍ଦ୍ଦେଶ

ବର୍ଦ୍ଧିତ ସଂକ୍ରମଣକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ କଟକଣାକୁ ଆହୁରି କଡାକଡି କରାଯାଇଛି। ଜନସାଧାରଣ କୋଭିଡ୍ ଗାଇଡ୍‌ଲାଇନକୁ ଅନୁପାଳନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଘରୁ ବାହାରକୁ ଗଲେ ମୁହଁରେ ଠିକ୍ ଭାବେ ମାସ୍କ ପିନ୍ଧିବା, ପରସ୍ପର ମଧ୍ୟରେ ଅତି କମ୍‌ରେ ୨ ମିଟର ଦୂରତା ବଜାୟ ରଖିବା ସହ ଗହଳିରୁ ଦୂରେଇ ରହିବାକୁ କୁହାଯାଇଛି। କଟକଣା ନ ମାନିଲେ ୫ଶହ ଟଙ୍କା ଜରିମାନା ଆଦାୟ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ୫ କଣ୍ଟେନମେଣ୍ଟ, ୫ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ହେଲା

**ଭୁବନେଶ୍ୱର, ୫।୧ (ବ୍ୟୁରୋ)**

ରାଜଧାନୀରେ କରୋନା ସଂକ୍ରମଣ ପୁଣି ଉପରମୁହାଁ ହୋଇଛି। ଗୋଟିଏ ଗୋଟିଏ ଅଞ୍ଚଳରୁ ଏକାଧିକ ସଂକ୍ରମିତ ବାହାରୁଥିବାରୁ ସହରରେ କଣ୍ଟେନ୍‌ମେଣ୍ଟ ଜୋନ୍ ସଂଖ୍ୟା ମଧ ବଢ଼ି ଚାଲିଛି। ବୁଧବାର ଦକ୍ଷିଣ-ପୂର୍ବ ଜୋନ୍‌ର ୫ ସ୍ଥାନକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କଣ୍ଟେନ୍‌ମେଣ୍ଟ ଓ ଉତ୍ତର ଜୋନ୍‌ର ୫ ସ୍ଥାନକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯାଇଛି। କଣ୍ଟେନମେଣ୍ଟ ଅଞ୍ଚଳଗୁଡ଼ିକ ହେଲା ଦକ୍ଷିଣ-ପୂର୍ବ ଜୋନ୍‌ର ୱାର୍ଡ ନଂ.୨୮ ଅନ୍ତର୍ଗତ ଆଚାର୍ଯ୍ୟ ବିହାରର ସାଇ ମନ୍ଦିର ନିକଟ ପ୍ଲଟ୍ ନଂ. ୧୪୯୯/ଏ, ପାଣି ଟାଙ୍କି ନିକଟ ପ୍ଲଟ୍ ନଂ.୧୩/୬୫, ୱାର୍ଡ ନଂ. ୩୪ ଅନ୍ତର୍ଗତ ସତ୍ୟନଗର ଅଞ୍ଚଳର ପ୍ଲଟ୍ ନଂ.୧୨୦-ବି, ୱାର୍ଡ ନଂ. ୫୩ ଅନ୍ତର୍ଗତ ବାପୁଜୀନଗରସ୍ଥିତ ପ୍ଲଟ୍ ନଂ. ୬୦ ଏବଂ ୱାର୍ଡ ନଂ. ୫୭ ଅନ୍ତର୍ଗତ ଟଙ୍କପାଣି ରୋଡ୍ ବିଷ୍ଣୁନଗରସ୍ଥିତ ପ୍ଲଟ୍ ନଂ. ୧୧୪୭। ତେବେ ସଂକ୍ରମିତ କୌଣସି ବ୍ୟକ୍ତିଙ୍କର ବିଦେଶ ଫେରନ୍ତାଙ୍କ ସହ ଲିଙ୍କ୍ ନ ଥିବା ଜୋନାଲ ଡେପୁଟି କମିଶନର ମହେନ୍ଦ୍ର କୁମାର ବଡେଇ ସୂଚନା ଦେଇଛନ୍ତି। ସେହିପରି ମାଇକ୍ରୋ କଣ୍ଟେନମେଣ୍ଟ ଅଞ୍ଚଳ ହେଲା ଉତ୍ତର ଜୋନ୍‌ର ୱାର୍ଡ ନଂ.୧୨ ଅନ୍ତର୍ଗତ ସୈନିକ ସ୍କୁଲ ନିକଟ କ୍ୱାର୍ଟର ନଂ.୩ଆର୍‌୪, ୱାର୍ଡ ନଂ.୪ ଅନ୍ତର୍ଗତ ଇଣ୍ଡିଆନ୍ ଅଏଲ୍ ହାଉସିଂ ସୋସାଇଟିର ତୃତୀୟ ଫ୍ଲୋର୍ ଏ-୩୦୪, ୱାର୍ଡ ନଂ.୧୮ ଅନ୍ତର୍ଗତ ପାଣ୍ଡରାର ପ୍ଲଟ୍ ନଂ.୪୦୪୪/୪, ୱାର୍ଡ ନଂ. ୧୬ ଅନ୍ତର୍ଗତ ଏକ୍ସଆଇଏମ୍‌ବିର ବ୍ଲକ୍ ୨ର କ୍ୱାର୍ଟର ନଂ.୧୨ ଏବଂ ୱାର୍ଡ ନଂ.୭ ଅନ୍ତର୍ଗତ ଶୈଳଶ୍ରୀବିହାର ଲେନ୍-୬ ଓ ଏଚ୍‌ଆଇଜି-୫୬। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। ଏହି ସମୟରେ ସମ୍ପୃକ୍ତ ଅଞ୍ଚଳକୁ ବାହାର ଲୋକଙ୍କ ଯିବାଆସିବା ଉପରେ ରୋକ ଲଗାଯାଇଛି। ସଂକ୍ରମିତ ବ୍ୟକ୍ତି ଓ ସେମାନଙ୍କ ପରିବାରର ଅନ୍ୟ ବ୍ୟକ୍ତିଙ୍କୁ ହୋମ୍ ଆଇସୋଲେଶନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି। ସେହିପରି କଟକଣା ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଓ ମେଡିକାଲ ସହାୟତା ପ୍ରଦାନ ପାଇଁ ବିଏମ୍‌ସି ପକ୍ଷରୁ ବ୍ୟବସ୍ଥା ହୋଇଛି। ୮ ନଂ. ୱାର୍ଡ ପାଇଁ ୱାର୍ଡ ଅଫିସର ରୋହିତ ଚନ୍ଦ୍ର ଦାସ ଓ ଡା. ଶିଲ୍ପା ସୁମନ ଦାୟିତ୍ୱରେ ଥିବାବେଳେ ୩୪ ନଂ. ୱାର୍ଡ ପାଇଁ ୱାର୍ଡ ଅଫିସର ବିଭୂତି ପ୍ରଧାନ ଓ ଡା. ସୁମନ, ୱାର୍ଡ ନଂ. ୫୩ ପାଇଁ ୱାର୍ଡ ଅଫିସର ସୁନୀଲ କୁମାର ବେହେରା ଓ ଡା. ରଜନୀକାନ୍ତ ସାହୁ ଏବଂ ୱାର୍ଡ ନଂ.୫୭ ପାଇଁ ୱାର୍ଡ ଅଫିସର ନେତ୍ରାନନ୍ଦ ରଥ ଓ ଡା. ସାହୁଙ୍କୁ ନିୟୋଜିତ କରାଯାଇଛି। ୱାର୍ଡ ନଂ.୧୨ ପାଇଁ ୱାର୍ଡ ଅଫିସର ଆର୍‌ଏନ୍ ମିଶ୍ର, ମେଡିକାଲ ସହାୟତା ପାଇଁ ଡା. କୁସୁମାଞ୍ଜଳି, ସାନିଟେଶନ ପାଇଁ ପୌମେନ୍ଦ୍ର ପ୍ରଧାନ ଏବଂ ସମସ୍ତ ତଦାରଖ ପାଇଁ ବିଏମ୍‌ସି ସହକାରୀ ଯନ୍ତ୍ରୀ ସୁରଥ କୁମାର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ୪ନଂ. ୱାର୍ଡ ପାଇଁ ୱାର୍ଡ ଅଫିସର ଏ.କେ. ସ୍ୱାଇଁ, ଡା. ଲିଜା, ସହକାରୀ ଯନ୍ତ୍ରୀ ପତିତପାବନ ପଟ୍ଟନାୟକ ଏବଂ ଅନ୍ୟ ୱାର୍ଡ ପାଇଁ ଅନୁରୂପ ଭାବେ ୱାର୍ଡ ଅଫିସର, ଡାକ୍ତର ଏବଂ ସହକାରୀ ଯନ୍ତ୍ରୀଙ୍କୁ ଦୟିତ୍ୱ ଦିଆଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।



ଭୁବନେଶ୍ୱରଠାରେ ବୁଧବାର କମିଶନରେଟ ପୋଲିସର ୧୪ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ପୁରସ୍କୃତ ଶ୍ରେଷ୍ଠ ପୋଲିସ ଅଧିକାରୀ।

## ୧୫ ବର୍ଷରେ କମିଶନରେଟ ପୋଲିସ

### ପ୍ରତିଷ୍ଠା ଦିବସ ପାଳିଲା




**ଭୁବନେଶ୍ୱର,୫।୧(ବ୍ୟୁରୋ)**

ଟ୍ୱିନ୍ ସିଟିରେ ପୋଲିସ କମିଶନରେଟ ବ୍ୟବସ୍ଥାକୁ ୧୪ବର୍ଷ ପୂରି ୧୫ବର୍ଷ ଚାଲିଛି। ଏହି ଅବସରରେ ପୋଲିସ ସେବା ଭବନରେ ବୁଧବାର କମିଶନରେଟ ପୋଲିସର ୧୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଭର୍ଚୁଆଲ୍ ମୋଡରେ ଯୋଗଦେଇ ସଂଗଠିତ ଅପରାଧ, ବ୍ରାଉନ୍‌ସୁଗାର ଜବତ ଓ ଅସ୍ତ୍ରଶସ୍ତ୍ର ଜବତ କରିବାରେ ନିକଟ ଅତୀତରେ କମିଶନରେଟ୍ ପୋଲିସ ଅନେକ ସଫଳତା ପାଇଛି। ଟ୍ୱିନ୍ ସିଟିରେ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଥିସହ ସାଇବର କ୍ରାଇମ୍ ମଧ ଏକ ଚ୍ୟାଲେଞ୍ଜିଂ ପାଲଟିଛି। ଏହିସବୁ ଦିଗରେ କମିଶନରେଟ୍ ପୋଲିସ ସଫଳତାର ସହ କାର୍ଯ୍ୟ କରିଥିବାରୁ ବଂଶଲ ପ୍ରଶଂସା କରିଛନ୍ତି।

ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଥିଲେ, ଟ୍ୱିନ୍ ସିଟିର ପୋଲିସ ଅଧିକାରୀଙ୍କ ସାମୂହିକ ବିକାଶ ପାଇଁ ନିକଟ ଅତୀତରେ ୪ଟି ଲେକ୍ଚର ସିରିଜ୍ କରାଯାଇଛି। ଟ୍ୱିନ୍ ସିଟିରେ ଏବେ ଜନସଂଖ୍ୟା ୨୫ଲକ୍ଷରେ ପହଞ୍ଚିଥିବାବେଳେ ଦ୍ରୁତଗତିରେ ବିକାଶ ହେଉଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ଇକୋନୋମିକ୍ ଜୋନ୍ ଆଦି ଗଢ଼ି ଉଠିଛି। ଭୁବନେଶ୍ୱର ସମଗ୍ର ଦେଶରେ ହକିର ହବ୍ ପାଲଟିଥିବାରୁ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ମିଳିଛି। ଏହାବାଦ୍ ୩ଟି ଥାନା ସହ ୨ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଖୋଲାଯାଇଛି। କିପରି ଜନସାଧାରଣଙ୍କ ପାଖେ ଉନ୍ନତ ପୋଲିସ ସେବା ପହଞ୍ଚିପାରିବ ସେନେଇ ଆମେ କାମ କରୁଛୁ ବୋଲି କମିଶନର କହିଛନ୍ତି।

ଏହି ଅବସରରେ କମିଶନରେଟ୍ ପୋଲିସରେ ଶ୍ରେଷ୍ଠ ଏସିପି ଭାବେ ମାନସ ରଞ୍ଜନ ଗଡ଼ନାୟକ, ଶ୍ରେଷ୍ଠ ସଶସ୍ତ୍ର ଅଫିସର(ବାଟାଲିଅନ) ଲୋଲା ଭିଜୟ ରତ୍ନମ୍, ଶ୍ରେଷ୍ଠ ମିନିଷ୍ଟ୍ରିଆଲ୍ ଅଫିସର ନିରଞ୍ଜନ ପ୍ରଧାନ(ଷ୍ଟେନୋ), ଶ୍ରେଷ୍ଠ ଟ୍ରାଫିକ୍ କର୍ମଚାରୀ କନ୍‌ଷ୍ଟେବଲ ଶୁଭ୍ରାଂଶୁ ଶେଖର ସାହୁ, ଶ୍ରେଷ୍ଠ ଏପିଆର୍ କନ୍‌ଷ୍ଟେବଲ ସୁରଥ ଚନ୍ଦ୍ର ବାହୁବଳେନ୍ଦ୍ର, ଶ୍ରେଷ୍ଠ ହୋମଗାର୍ଡ଼ ସନ୍ତୋଷ କୁମାର ପ୍ରଧାନ, ଶ୍ରେଷ୍ଠ ସ୍ପେଶାଲ ପୋଲିସ ଅଫିସର ଭାବେ ବିକ୍ରମ କିଶୋର ମହାନ୍ତିଙ୍କୁ ପୁରସ୍କୃତ କରାଯାଇ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସମେତ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ, କଟକ ଡିସିପି ପ୍ରତୀକ ସିଂ, ଟ୍ରାଫିକ ଡିସିପି ଏସ୍. ସୁଶ୍ରୀ, କ୍ରାଇମ୍ ଡିସିପି ମାୟାଧର ସେଠୀ, ଅତିରିକ୍ତ କମିଶନର ନୀତି ଶେଖରଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ୧୭ ଆଇଏଏସ୍ ଶିକ୍ଷାନବିସ

### ■ଉନ୍ନୟନମୂଳକ ପ୍ରକଳ୍ପ ବିଷୟରେ ବୁଝିଲେ

**ପୁରୀ ଅଫିସ, ୫।୧**

ଭାରତୀୟ ପ୍ରଶାସନିକ ସେବାରେ ନବନିଯୁକ୍ତ ୧୭ଜଣ ଶିକ୍ଷା ନବିସ 'ଭାରତ ଦର୍ଶନ' କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ବୁଧବାର ପୁରୀ ପରିଦର୍ଶନରେ ଆସିଛନ୍ତି। ସେମାନଙ୍କୁ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଶୁଭେଚ୍ଛା ଜଣାଇ ଥିଲେ। ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷରେ ସେମାନଙ୍କୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ସୁମନ୍ତ କୁମାର କର, ୱାଟ୍‌କୋ ଜେନେରାଲ ମ୍ୟାନେଜର ଶରତ ମିଶ୍ର ପ୍ରମୁଖ ହେରିଟେଜ କରିଡର, ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଏବଂ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇଥିଲେ। ସେମାନେ ତାଳବଣିଆ ଯାଇ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ବ୍ଲୁ ଫ୍ଲାଗ୍ ବିଚ୍ ବୁଲି ସାରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ସେମାନେ କୋଣାର୍କ ଯାଇ ସୂର୍ଯ୍ୟମନ୍ଦିର ବୁଲି ଦେଖିଥିଲେ। ଏହି ଅବସରରେ ଜିଲା ବନଖଣ୍ଡ ଅଧିକାରୀ ପି.ରାମାସ୍ୱାମୀ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତି ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଡେପୁଟି କଲେକ୍ଟର ଗୋପୀନାଥ ମିଶ୍ର, ଓଡ଼ିଶା ସେତୁ ନିର୍ମାଣ ନିଗମ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାତ ପାଣିଗ୍ରାହୀ ଏବଂ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବି. ଆଶିଷ କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ପରିଦର୍ଶନରେ ଆସିଥିବା ଆଇଏଏସ୍ ଶିକ୍ଷାନବିସମାନେ।

## ଆଜିଠୁ ବଉଳା କୁମ୍ଭୀର ଗଣନା

**ରାଜନଗର,୫।୧(ଡି.ଏନ.ଏ.)**

ଭିତରକନିକା ଜାତୀୟ ଉଦ୍ୟାନ ଓ ଉଦ୍ୟାନ ବାହାରେ ପ୍ରବାହିତ ନଦୀନାଳରେ ଥିବା ବଉଳା କୁମ୍ଭୀରଙ୍କ ଗଣନା ପାଇଁ ବୁଧବାର ବନ କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି। ଗୁରୁବାରଠାରୁ ଆସନ୍ତା ୧୦ ତାରିଖ ଯାଏ କୁମ୍ଭୀର ଗଣନା କରାଯିବ । ୧୧ ତାରିଖରେ ଏହି ଗଣନା ପ୍ରକ୍ରିୟା ଶେଷ ହେବ। ସେଥିପାଇଁ ଜାନୁୟାରୀ ୨ ରୁ ୧୧ ତାରିଖ ଯାଏ ୧୦ଦିନ ଧରି ଭିତରକନିକା ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଛି। ଚଳିତବର୍ଷ ପ୍ରଥମଥର ପାଇଁ ପାରମ୍ପରିକ ପଦ୍ଧତି ସହିତ ପଲିଗନ ସର୍ଚ୍ଚ ଆପ୍ ବ୍ୟବହାର କରାଯିବ। ଚଳିତ ବର୍ଷ କୁମ୍ଭୀର ଗଣନା ପାଇଁ ୨୨ଟି ଟିମ୍ ଗଠନ କରାଯାଇଛି। ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ୧୭ଟି ଟିମ୍ ଓ ଜାତୀୟ ଉଦ୍ୟାନ ବାହାରେ ୫ଟି ଟିମ୍ କୁମ୍ଭୀର ଗଣନା କରିବେ। ବୁଧବାର ଡାଙ୍ଗମାଳଠାରେ କୁମ୍ଭୀର ଗଣନାକାରୀ ବନକର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

## ରାଜ୍ୟପାଳଙ୍କୁ ଭେଟିଲା ଉତ୍କଳ ସମ୍ମିଳନୀ

### ସାଧାରଣତନ୍ତ୍ର ଦିବସ ପରେଡରୁ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ବାଦ୍ ପ୍ରସଙ୍ଗ

**ଭୁବନେଶ୍ୱର, ୫।୧ (ବ୍ୟୁରୋ)**

ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀରେ ହେଉଥିବା ଜାତୀୟ ପରେଡରେ ଓଡିଶାର ପ୍ରଜ୍ଞାପନ ମେଢ ବାଦ୍ ପଡିଛି। ଏହାକୁ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ଦିଆଯାଇଥିବା ଉତ୍କଳ ସମ୍ମିଳନୀ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ସମ୍ମିଳନୀର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ସାକ୍ଷାତ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇଥିବା ସମ୍ମିଳନୀର ମଞ୍ଚେଶ୍ୱର ଶାଖା ସଭାପତି ଦିଲୀପ ଦାଶଶର୍ମା କହିଛନ୍ତି, ଗତ କିଛିଦିନ ତଳେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପାଇକ ବିଦ୍ରୋହ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ନୁହେଁ ବୋଲି ସଂସଦରେ କହିଥିଲେ। ଏହାପରେ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ପାଇଁ ରାଜ୍ୟରେ ଦାବି ଜୋର୍ ଧରିଛି। ଏଭଳି ସ୍ଥିତିରେ ପାଇକ ବିଦ୍ରୋହ ଓ ବକ୍ସିଜଗବନ୍ଧୁ ମଡେଲକୁ ଜାତୀୟ ସାଧାରଣତନ୍ତ୍ର ଦିବସରେ ସାମିଲ କରାଇ ନ ଦେବା ପାଇଁ ଷଡଯନ୍ତ୍ର ହୋଇଥିବା ସ୍ପଷ୍ଟ ହେଉଛି। ରାଜ୍ୟପାଳ ଦାବିପତ୍ର ଗ୍ରହଣ କରିବା ସହ ଘଟଣା ସମ୍ପର୍କରେ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ। ଦାବିପତ୍ର ପ୍ରଦାନବେଳେ ଏହି ପ୍ରତିନିଧି ମଣ୍ଡଳୀରେ ଉପସଭାପତି ଶୀତଳ ମହାନ୍ତି ଓ ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ ଥିଲେ। ସୂଚନାଯୋଗ୍ୟ, ଜାତୀୟ ସାଧାରଣତନ୍ତ୍ର ଦିବସ ପରେଡ଼ରେ ସାମିଲ ହେବା ପାଇଁ ଚଳିତ ବର୍ଷର ବିଷୟ ରହିଛି 'ସ୍ୱାଧୀନତାର ୭୫ ବର୍ଷ'। ରାଜ୍ୟ ସରକାରଙ୍କ ସହାୟତାରେ ୬ଟି ମଡେଲ ଉପସ୍ଥାପନ କରାଯାଇଥିଲା। 'ପାଇକ ବିଦ୍ରୋହ ଓ ବକ୍ସି ଜଗବନ୍ଧୁ' ମଡେଲ ମନୋନୀତ ହୋଇଥିବାବେଳେ ଅନ୍ତିମ ପର୍ଯ୍ୟାୟ ଅର୍ଥାତ୍ ୪ର୍ଥ ବୈଠକକୁ ଏହି ମଡେଲ ଉପସ୍ଥାପନ ପାଇଁ ଡକାଯାଇ ନ ଥିଲା।




୭ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ଆଶା ସାଥୀ ସଂଘ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।




ଉଠାଦୋକାନୀଙ୍କୁ ଥଇଥାନ ଦାବିରେ କଟକ ଉଠାଦୋକାନୀ ସଂଘ ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ।



ଜାତୀୟ ସାଧାରଣତନ୍ତ୍ର ଦିବସ ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ବାଦ୍ ପଡିବା ପ୍ରସଙ୍ଗରେ ଉତ୍କଳ ସମ୍ମିଳନୀ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ସୂର୍ଯ୍ୟକାନ୍ତ ଯାହା ଖୋଜୁଥିଲେ..

କଥାରେ ଅଛି-ଏମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଠିକ୍ ସେମିତି ଯେଉଁ ଭୂମିକାରେ ଅଭିନୟ କରିବାକୁ ସେ ମନ ବଳାଇଥିଲେ ତାହା ପୂରଣ ହୋଇଛି। କଥା କ'ଣ କି ଏକାଧାରରେ ପ୍ରଯୋଜକ-କମ୍-ଅଭିନେତା ସୂର୍ଯ୍ୟକାନ୍ତ ସାମଲ ଏକ ଭିନ୍ନ ଧରଣର ଭୂମିକାରେ ଦର୍ଶକଙ୍କ ସାମନାକୁ ଆସିବେ। ଫିଲ୍ମଟି ହେଲା 'ବାଳୀ-ଦ ସେଭିୟର'। ତେବେ ସେ ଯେଉଁଭଳି ଭୂମିକାଟିଏ ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ଏଥିରେ ଜଣେ ସାଧାରଣ ଯୁବକ ଭୂମିକାରେ ସେ ଅଭିନୟ କରୁଛନ୍ତି। ଏକ ବସ୍ତିବାସିନ୍ଦାର ସୁରକ୍ଷା


ସୂର୍ଯ୍ୟକାନ୍ତ-ମାମା

ପାଇଁ ଯୁବକ ଜଣକ କିପରି ନିଜ ଜୀବନକୁ ବାଜି ଲଗାଇ ଦେଉଛି ତାହା ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ମାମା ସାମଲ। ସୂର୍ଯ୍ୟକାନ୍ତ-ମାମା ଯୋଡ଼ି ବ୍ୟତୀତ ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ଜୟ ପ୍ରକାଶ ଦାସ, ବାପି ରୟ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ସୂର୍ଯ୍ୟକାନ୍ତ ସାମଲଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀକ୍ରିଷ୍ଣା।

# ଅଂଶୁମାନଙ୍କ ଗ୍ୟାଙ୍ଗୱାର

ଓଲିଉଡ୍‌ରେ ଅଂଶୁମାନ ସାମନ୍ତରାୟ ଏଣ୍ଟ୍ରି କରିଥିଲେ ଖଳନାୟକ ଭାବରେ। ଫିଲ୍ମଟି ଥିଲା 'ଆଇଲାରେ ଓଡ଼ିଆ ପୁଅ'। ତେବେ ୟା ଭିତରେ ସେ କେବଳ ଓଡ଼ିଆ ନୁହେଁ, ହିନ୍ଦୀ ସିନେମାରେ ମଧ୍ୟ ଅଭିନୟ



କରିସାରିଛନ୍ତି। ତେବେ ବର୍ତ୍ତମାନ ସେ 'ଗ୍ୟାଙ୍ଗୱାର୍'ରେ ବ୍ୟସ୍ତ ଅଛନ୍ତି। ତେବେ ସତରେ କ'ଣ ସେ ଏପରି ଆଣ୍ଟିସୋସିଆଲ କାମରେ ବ୍ୟସ୍ତ ? କଥାଟି ସତ, ହେଲେ ତାହାର ସଂଯୋଗ ରହିଛି ତାଙ୍କର ରିଲ୍ ଲାଇଫ୍ ସହ। ଅର୍ଥାତ୍ 'ଗ୍ୟାଙ୍ଗୱାର' ଟାଇଟଲବିଶିଷ୍ଟ ଏକ ନୂଆ ଓଡ଼ିଆ ସିନେମାର ମୁଖ୍ୟ ଭୂମିକାରେ ସେ ଅଭିନୟ କରୁଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମରେ କେବଳ ଆକ୍ସନ ଭରିରହିଛି। ମୁଁ ଏହାର ପ୍ରଯୋଜନା କରିବା ବ୍ୟତୀତ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ତୁଲାଇବି। ଏଥିରେ ମୁଁ ଏକ ଚଳନ୍ତା ଜିପ୍‌ରୁ ଡେଇଁ ଫାଇଟ୍ କରୁଥିବାର ଦୃଶ୍ୟ ଦର୍ଶକ ଦେଖିବାକୁ ପାଇବେ। ଅଂଶୁମାନଙ୍କ ବ୍ୟତୀତ ଏହି ନିର୍ମାଣାଧୀନ ଚିତ୍ରରେ ଅଶୋକ ସାହୁ, ରୋଜାଲିନ୍ ସାମନ୍ତରାୟ, ରୋହନ୍ ସାହୁ, ସୀମରନ୍ ସାହୁ, ପପୁ ମହାନ୍ତି, ଦୁର୍ଗା, ଶୈଳେନ୍ଦ୍ର ପରିଡା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

# ଅଭ୍ୟାସରେ ମନ

'ଦବଙ୍ଗ' ଗର୍ଲ ସୋନାକ୍ଷୀ ସିହ୍ନା ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଖାସ୍ କଥା ହେଲା, ଏହି ଫିଲ୍ମରେ କାହାଣୀ ବ୍ୟତୀତ ଗୀତକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଯେହେତୁ ଏହାକୁ ଏକ ମ୍ୟୁଜିକାଲ ହିଟ୍ କରିବାକୁ ପ୍ରଯୋଜକ ସ୍ଥିର କରିଛନ୍ତି, ତେଣୁ ଏଥିରେ ସଂଯୋଜିତ ଗୀତର ତାଳେ ତାଳେ ନାଚ କିପରି ଦର୍ଶକଙ୍କୁ ପ୍ରଭାବିତ କରିପାରିବ ସେ ନେଇ ସୋନାକ୍ଷୀ ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ପୁଣି ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନସେଲ କରିବାକୁ ବାଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ ସୋନାକ୍ଷୀ କହନ୍ତି, 'ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡ଼ିକ ମୋ ମନକୁ ଛୁଇଁ ପାରିଛି। ତେଣୁ ସେଗୁଡ଼ିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ଏହି ଫିଲ୍ମରେ ଦର୍ଶକ ମୋତେ ଏକ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ପାଇବେ।' ତେବେ ଏଥିରେ ସୋନାକ୍ଷୀଙ୍କ ଡ୍ୟାନ୍ସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବାକୁ ବାକି ରହିଲା।


ସୋନାକ୍ଷୀ

# ଆକ୍ସନ ନିଶା

କ୍ରିତି ସାନନ୍ ମାଇଣ୍ଡ ମେକ୍‌ଅପ୍ କରିଛନ୍ତି। ଯାହାହେଲେ ମଧ୍ୟ ସେ ଫାଇଟ୍ ଶିଖିବେ। ପୁଣି ଷ୍ଟଣ୍ଟ ଶଟ୍ ଦେବାକୁ ମଧ୍ୟ ଅଭ୍ୟାସ କରିବେ। ହେଲେ ହଠାତ୍ ତାଙ୍କ ମନରେ ଏଭଳି ଭାବନା କାହିଁକି ଉଦ୍ରେକ ହେଲା ? କଥା କ'ଣ କି ନିକଟରେ ସେ ସାଇନ୍ କରିଥିବା ଏକ ନୂଆ ସିନେମାରେ ତାଙ୍କୁ ଆକ୍ସନ ଅବତାରରେ ଦର୍ଶକ ଦେଖିବାକୁ ପାଇବେ। ତେଣୁ ଏନେଇ କ୍ରିତି ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ଜଣେ ନାମୀ ଆକ୍ସନ ଟ୍ରେନରଙ୍କ ନିକଟରୁ ସେ ଫାଇଟ୍ ଏବଂ ଷ୍ଟଣ୍ଟ ଶିଖୁଛନ୍ତି। ଏ ନେଇ କ୍ରିତି କହନ୍ତି, 'ମୋ ମତରେ ଜଣେ ସବୁବେଳେ ଗୋଟିଏ ପ୍ରକାର ଭୂମିକାରେ ବାନ୍ଧି ହୋଇ ରହିବା ଠିକ୍ ନୁହେଁ। ଯେତେବେଳେ ମୋତେ ଏପରି ଏକ ଭୂମିକା ମିଳିଲା ସେତେବେଳେ ଏହାକୁ ତୁଲାଇ ପାରିବି ବୋଲି ମୋ ମନରେ ଦୃଢ଼ ଧରଣା ଆସିଥିଲା। ଏବେ ମୁଁ ଜଣେ ନାମୀ ଟ୍ରେନରଙ୍କ ନିକଟରେ ଉଭୟ ଫାଇଟ୍ ଏବଂ ଷ୍ଟଣ୍ଟ ପ୍ରାକ୍ଟିସ କରୁଛି। ଏକ ସୀମିତ ସମୟ ଭିତରେ ମୋତେ ଏହାକୁ କମ୍ପ୍ଲିଟ୍ କରିବାକୁ ପଡିବ।' ତେବେ ଏପରି ଭୂମିକାରେ କ୍ରିତିଙ୍କୁ ଦର୍ଶକ କେତେ ଗ୍ରହଣ କରୁଛନ୍ତି ତାହା ଫିଲ୍ମଟି ରିଲିଜ୍ ପରେ ହିଁ ଜଣାପଡିବ।


କ୍ରିତି

# ବିକିନି ପାଇଁ ଅଡୁଆରେ

ପରିଣୀତି ଚୋପ୍ରା ଏବେ ଲଙ୍ଗ୍ ଭ୍ୟାକେସନରେ ଅଛନ୍ତି। ମାଇଣ୍ଡ ଫ୍ରେସ କରିବାକୁ ସେ ବର୍ତ୍ତମାନ ମାଳଦ୍ୱୀପରେ ଡେରା ପକାଇଛନ୍ତି। ହେଲେ ତାଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଆଉ ଏପରି ଆଲୋଚନାର କାରଣ ସାଜିଛି ବିକିନି। କଥା କ'ଣ କି ସେଠାରେ ସେ ବୁଲିବା ସହ ସି'ବିଚ୍‌ରେ ବିକିନି ପିନ୍ଧି ଫଟୋ ଶୁଟ୍ କରିଛନ୍ତି। ଏପରି ଫଟୋକୁ ନେଇ ଚର୍ଚ୍ଚା ଥମିବାର ନାଁ ନେଉନାହିଁ। ତେବେ ଏସବୁ କଥା ଜାଣିବା ପରେ ଚର୍ଚ୍ଚାକୁ ନେଇ ଚୁପ ବସିନାହାନ୍ତି ପରିଣୀତି। ଏ ସମ୍ପର୍କରେ ସଫେଇ ଦେଇ ସେ କହନ୍ତି, 'ମୋ ବିକିନି ପିନ୍ଧିବାକୁ ନେଇ ଏତେ କାହିଁକି ଚର୍ଚ୍ଚା ହେଉଛି ତାହା ମୁଁ ଜାଣିପାରୁନି। କେହି କେହି କହୁଛନ୍ତି ଯେ, ଚର୍ଚ୍ଚାରେ ରହିବାକୁ ମୁଁ ଏପରି କଷ୍ଟ୍ୟୁମ ପିନ୍ଧିଛି। ହେଲେ ସେପରି ଯୁକ୍ତି ପଛରେ ଆଦୌ ସତ୍ୟତା ନାହିଁ। କେତୋଟି ଫଟୋ ଶୁଟ୍ ପାଇଁ ମୁଁ ବିକିନି ପିନ୍ଧିଥିଲି। ଏହାକୁ ନେଇ ଏତେ ଆଲୋଚନା ହେବା ଠିକ୍ ନୁହେଁ ବୋଲି ମୁଁ କହିବି।'


ପରିଣୀତି

## ରିଲିଜ ଅପେକ୍ଷାରେ

# ଲଗାମ

କରୋନା ମହାମାରୀ ସମୟରେ ଜଣେ ପ୍ରବାସୀ ଶ୍ରମିକ ଚାକିରି ହରାଇବା ପରେ କିପରି ବାଧାବିଘ୍ନର ସମ୍ମୁଖୀନ ହୋଇ ଜୀବନ ଅତିବାହିତ କରୁଛି ତାହାକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଲଗାମ'। ଚିତ୍ରଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା କରିଛନ୍ତି ନବାଗତ ରଞ୍ଜିତ କୁମାର ସାହୁ। ତା'ସହ ଏହାର ପ୍ରଯୋଜନା ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି। ଅନ୍ୟପକ୍ଷରେ ଏହାର କାହାଣୀରେ ସସପେନ୍ସ, ଡ୍ରାମା, ଲଭଷ୍ଟୋରି, କମେଡି ରହିଛି ବୋଲି କହନ୍ତି ଉକ୍ତ ଚିତ୍ରର ନିର୍ଦ୍ଦେଶକ ପିନୁ ନାୟକ। ଏଥିରେ ପ୍ରବାସୀ ଶ୍ରମିକ ଭୂମିକାରେ ଅଭିନୟ କରୁଛନ୍ତି ଅମ୍ଳାନ କୁମାର ଏବଂ ତାଙ୍କର ନାୟିକା ସାଜିଛନ୍ତି ତମନ୍ନା। ଜନ୍ମେଜୟ ପଣ୍ଡା ଏବଂ ତପୁ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ପ୍ରଦ୍ୟୁମ୍ନ ଲେଙ୍କା, ଉମାକାନ୍ତ ମୁଦୁଲି, ପୃଥ୍ୱୀରାଜ ଆଚାର୍ଯ୍ୟ, କମଲ, ଲୀନା, ଭାବନା, ନିଖିଳେଶ ଘୋଷ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।


ତମନ୍ନା

# ଚୁଜି ହେଲେଣି ହର୍ଷବର୍ଦ୍ଧନ

ଅନିଲ କପୁରଙ୍କ ପୁଅ ହର୍ଷବର୍ଦ୍ଧନ। ରାକେଶ ଓମ୍ ପ୍ରକାଶ ମେହେରାଙ୍କ ନିର୍ଦ୍ଦେଶିତ 'ମିର୍ଯ୍ୟା' ଥିଲା ତାଙ୍କ ଅଭିନୀତ ପ୍ରଥମ ସିନେମା। ପୁଣି ନିଜର ଡେବ୍ୟୁ ଫିଲ୍ମ ପାଇଁ ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଥିଲେ ଏହି ଅଭିନେତା। ଅର୍ଥାତ୍ ଏହି ଫିଲ୍ମ ପାଇଁ ତାଙ୍କୁ ଷ୍ଟାର ସ୍କ୍ରିନ୍ ଆୱାର୍ଡରେ 'ଶ୍ରେଷ୍ଠ ନବାଗତ ଅଭିନେତା' ଭାବରେ ପୁରସ୍କୃତ କରାଯାଇଥିଲା। କିନ୍ତୁ ତା'ପରେ ସତେଯେମିତି ଭାଗ୍ୟଦେବୀ ତାଙ୍କ ପ୍ରତି ପ୍ରସନ୍ନ ନ ଥିଲେ। ସତ କଥା କହିବାକୁ ଗଲେ ନାୟକ ଦୌଡ଼ରେ ସେ ବେଶ୍ ପଛରେ ପଡ଼ିଯାଇଛନ୍ତି। ବଲିଉଡ୍‌ରେ ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ବଲିଉଡ୍‌ରେ ନିଜ କ୍ୟାରିୟରକୁ ନେଇ ମୁଁ ଆଦୌ ଚିନ୍ତିତ ନୁହେଁ। ଏ କଥା ସତ ଯେ ୟା ଭିତରେ ମୁଁ ମାତ୍ର କେତୋଟି ସିନେମାରେ ଅଭିନୟ କରିଛି। ଏଣୁତେଣୁ ଗୁଡାଏ ଫିଲ୍ମରେ ଆକ୍ଟିଂ କରିବା ଏବଂ ସଫଳତା ନ ପାଇବା ସପକ୍ଷରେ ମୁଁ ନୁହେଁ। ତେଣୁ ଦେଖିଚାହିଁ ଫିଲ୍ମ ସାଇନ୍ କରିବି। ଏହି ସମୟରେ ଫିଲ୍ମର କାହାଣୀ, ସେଥିରେ ନିଜର ଭୂମିକା ବିଷୟରେ ଭଲ ଭାବରେ ତର୍ଜମା କରିବି।' ତେବେ ନିଜର ନୂଆ ଯୋଜନାରେ ହର୍ଷବର୍ଦ୍ଧନ କେତେ ସଫଳ ହେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।

## ନୂଆ ସିନେମା

# ରିୟଲ ଲଭ୍ ଷ୍ଟୋରି

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ରିୟଲ ଲଭ୍ ଷ୍ଟୋରି'। ଶ୍ରୀ ବୀରବଳ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏବଂ ଏଲ.ଟି. ପ୍ରଡକ୍ସନ ସହଯୋଗିତାରେ ଏହାର ମହୁରତ ନିକଟରେ ଅନୁଷ୍ଠିତ ହୋଇଯାଇଛି। ନବାଗତ ରୋହନ ଗର୍ଗ ଏହାର ପ୍ରଯୋଜନା କରୁଛନ୍ତି। ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ଯୋଡ଼ି ଲୁବୁନ୍-ଟୁବୁନ୍। ଗଣେଶରାମ ଅଗ୍ରୱାଲଙ୍କ କାହାଣୀକୁ ଆଧାର କରି ସଂଳାପ ସହ ଗୀତ ରଚନା କରିଛନ୍ତି ଡ. ନିର୍ମଳ ନାୟକ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ। ଏହି ଫିଲ୍ମରେ ନୂଆ ଯୋଡ଼ି ରୋହନ୍-ତନୁଶ୍ରୀଙ୍କୁ ବ୍ରେକ୍ ଦେଉଛନ୍ତି ପ୍ରଯୋଜକ। ଅନ୍ୟପକ୍ଷରେ ଶ୍ରୀତମ ଦାସ, ପିଙ୍କି ପ୍ରଧାନ, ସରୋଜ ଦାସ, ଟନିଆ, ପ୍ରୀତିରାଜ, ପ୍ରଭାତୀ ସାହୁ, ବାବୁ ପ୍ରଧାନ ଏବଂ ଇଲୁ ବାନାର୍ଜୀ ପ୍ରମୁଖ କଳାକାର ଅଭିନୟ କରିବେ। ଚିତ୍ରର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।


ରୋହନ୍-ତନୁଶ୍ରୀ

# କ'ଣ କରୁଛନ୍ତି କରୀନା

କଥାରେ ଅଛି ବସିବାଠାରୁ କାଶିବା ଭଲ। ତେଣୁ ଘରେ ବା ବସି ବସି କାହିଁକି ବୋର୍ ହେବେ, ତେଣୁ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି। ପ୍ରତିଦିନ କିଛି ସମୟ ସେ ଗାର୍ଡେନିଂ ପାଇଁ ଦେଉଛନ୍ତି। ସେ କିଏ ଜାଣନ୍ତି ? କରୀନା କପୁର। ଯେହେତୁ ଏବେ ଶୁଟିଂ ନାହିଁ ପୁଣି କରୋନାରୁ ଆରୋଗ୍ୟ ହେବା ପରେ ଘରେ ରେଷ୍ଟ ନେବାକୁ ପଡୁଛି, ତେଣୁ ଗାର୍ଡେନିଂରେ ମନୋନିବେଶ କରିଛନ୍ତି। ଏ ବିଷୟରେ କରୀନା କହନ୍ତି, 'ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା। କିନ୍ତୁ ପାଠ ପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି। ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟରେ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି। ନୂଆ ଫୁଲ ଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି।' କେବଳ ସେତିକି ନୁହେଁ, ନିଜ ଗାର୍ଡେନରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡ଼ିକୁ ନିଜର ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି। ସେଗୁଡ଼ିକ ମଧ୍ୟ ବେଶ୍ ଭାଇରାଲ ହୋଇଛି। ଅନ୍ୟପକ୍ଷରେ ଏବେ ତାଙ୍କ ହାତରେ ୪-୫ଟି ନୂଆ ଅଫର ରହିଛି। ତେବେ ସେଗୁଡ଼ିକୁ ଭଲ ଭାବରେ ତର୍ଜମା କରିବା ପରେ ସେ ନେଇ ନିଷ୍ପତ୍ତି ନେବେ ବୋଲି କହନ୍ତି ଏହି ଅଭିନେତ୍ରୀ।


କରୀନା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ୬ ଜାନୁୟାରୀ, ୨୦୨୨ Bhubaneswar, Thursday, January 6/2022

# ମନୀଷାଙ୍କ ସଂଘର୍ଷର ଯାତ୍ରା



**କୋଚି, ୫।୧**

ଆଗାମୀ ଏଏଫ୍‌ସି ମହିଳା ଏସିଆ କପ୍‌କୁ ଦୃଷ୍ଟିରେ ରଖି କେରଳର କୋଚିଠାରେ ଭାରତୀୟ ମହିଳା ଫୁଟବଲ ଦଳର ଟ୍ରେନିଂ ଆରମ୍ଭ ହୋଇଛି। ସମସ୍ତ ଖେଳାଳି ଏକାଗ୍ରତାର ସହିତ ନିଜ ପ୍ରଦର୍ଶନରେ ଉନ୍ନତି ଆଣିବା ଦିଗରେ ଲାଗି ପଡ଼ିଛନ୍ତି। ଟ୍ରେନିଂରେ ଯୋଗ ଦେଇଥିବା ଖେଳାଳିଙ୍କ ମଧ୍ୟରେ ବ୍ଲୁ ଟାଇଗ୍ରେସ ଡିଫେଣ୍ଡର ଓଡ଼ିଶାର ମନୀଷା ପାନ୍ନା ଅନ୍ୟତମ। ରାଉରକେଲା ନିକଟସ୍ଥ ଦଣ୍ଡିଆପାଲି ଗ୍ରାମରେ ଜନ୍ମିତ ମନୀଷା ନିଜ ଜୀବନରେ ଅନେକ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରି ଆଗକୁ ବଢ଼ିଛନ୍ତି। ଏହି ସେଣ୍ଟ୍ରାଲ ଡିଫେଣ୍ଡରଙ୍କ ପାଇଁ ତାଙ୍କ ଗ୍ରାମ ଗର୍ବିତ। "ସମସ୍ତଙ୍କ ପାଇଁ ଯାତ୍ରା ସହଜ ହୋଇ ନ ଥାଏ। ଏପରି ଏକ ସମୟ ଆସିଥିଲା ଯେତେବେଳେ କି ପିଲାଦିନେ ମୋତେ ଫୁଟବଲ ଛାଡ଼ିବାକୁ ପଡ଼ିଥିଲା। ମାତ୍ର ମୁଁ ଏହାଠାରୁ ଦୀର୍ଘଦିନ ଦୂରେଇ ରହିପାରି ନ ଥିଲି। ମୁଁ କିଛି କରିବା ପାଇଁ ଚାହୁଁଥିଲି" ବୋଲି ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ୱେବ୍‌ସାଇଟ୍‌କୁ ଏକ ସାକ୍ଷାତକାର ଅବସରରେ ମନୀଷା ପ୍ରକାଶ କରିଛନ୍ତି। ମନୀଷା ଫୁଟବଲ ଖେଳକୁ ଛୋଟବେଳରୁ ନିଜର କରିନେଇଥିଲେ। ମାତ୍ର କିଶୋର ଅବସ୍ଥାରେ ସେ ମା', ବାପାଙ୍କୁ ହରାଇ ଶକ୍ତ ଆଘାତ ପାଇଥିଲେ। ଫଳରେ ତାଙ୍କୁ କିଛିଦିନ ପାଇଁ ଫୁଟବଲରୁ ଦୂରେଇ ରହିବାକୁ ପଡ଼ିଥିଲା। "ଏହା ମୋ ଜୀବନରେ କଷ୍ଟସାଧ୍ୟ ସମୟ ଥିଲା। ମୁଁ କିଛିଦିନ ପାଇଁ ଖେଳିପାରି ନ ଥିଲି। ତେବେ ଖେଳରୁ ଦୂରେଇ ରହିଲେ ଏହା କେବେହେଲେ ମୋତେ ସହାୟକ ହୋଇପାରିବ ନାହିଁ ବୋଲି ଅନୁଭବ ହୋଇଥିଲା। ଏହାକୁ ହୃଦୟଙ୍ଗମ କରି ମୁଁ ପୁଣି ପଡ଼ିଆକୁ ଫେରିଥିଲି।" ବୋଲି ମନୀଷା ପ୍ରକାଶ କରିଛନ୍ତି।

କିଶୋର ଅବସ୍ଥାର ସେହି କଷ୍ଟସାଧ୍ୟ ପରିସ୍ଥିତିରୁ ମୁକୁଳାଇବାରେ ଫୁଟବଲ ସହାୟକ ହୋଇଥିଲେ ହେଁ ମନୀଷାଙ୍କ ପ୍ରୟାସକୁ ସମାଜରୁ ସେଭଳି ସମର୍ଥନ ମିଳି ନ ଥିଲା। ଏ ସମ୍ପର୍କରେ ମନୀଷା କୁହନ୍ତି ଯେ, "ମୋ ଫୁଟବଲ ଖେଳକୁ ନେଇ ଆରମ୍ଭ ଅବସ୍ଥାରେ ମୋ ପଡ଼ୋଶୀ ଏବଂ ସମ୍ପର୍କୀୟଙ୍କଠାରୁ ମିଶ୍ରିତ ପ୍ରତିକ୍ରିୟା ମିଳିଥିଲା। ସମସ୍ତେ ଯେ ଏହାକୁ ବିରୋଧ କରିଥିଲେ ତା' ନୁହେଁ, କେତେଜଣ ମୋତେ ସମର୍ଥନ କରିଥିଲେ ଏବଂ ଆଉ କେତେଜଣ ଫୁଟବଲଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏହି ପରିସ୍ଥିତିରେ ମୋ ଫୁଟବଲ ଯାତ୍ରାକୁ ଜେଜେମା ଏବଂ ଖୁଡ଼ୀ ପୂର୍ଣ୍ଣ ସମର୍ଥନ କରିଥିଲେ। ସେମାନେ କେବେହେଲେ ମୋତେ ହତୋତ୍ସାହିତ କରି ନ ଥିଲେ। ସେମାନେ ସର୍ବଦା ମୋ ସହିତ ଅଛନ୍ତି ଏବଂ ଯେତେ ଖର୍ଚ୍ଚ ହେବ ଦେବାକୁ ପ୍ରସ୍ତୁତ ଥିବା କଥା କହିଥିଲେ"। ନିଜର ନିଷ୍ଠା ଓ ପରିଶ୍ରମ ଯୋଗୁ ମନୀଷା ପ୍ରଥମେ ୧୭ ବର୍ଷରୁ କମ୍ ଏବଂ ପରେ ୧୯ ବର୍ଷରୁ କମ୍ ଭାରତୀୟ ଦଳରେ ସାମିଲ ହେଲେ। ଏହାପରେ ୨୦୧୫ରେ ଜାତୀୟ ସିନିୟର ଦଳକୁ ଡାକରା ପାଇବା ଦ୍ୱାରା ତାଙ୍କ ମୁଣ୍ଡରେ ଥିବା ବୋଝ ହାଲୁକା ହୋଇ ଯାଇଥିଲା। "ମୁଁ ଜୁନିୟର ଓ ସିନିୟର ଜାତୀୟ ଦଳରେ ସୁଯୋଗ ପାଇବା ପରେ ଲୋକମାନେ ମୋର ନାଁ ଖବରକାଗଜରୁ ଦେଖିବାକୁ ପାଇଲେ। ମୁଁ ମୋ ଗାଁକୁ ଗର୍ବିତ କରିଛି ବୋଲି କେତେକ ଲୋକଆସି ମୋତେ କହିଥିଲେ। ସେତେବେଳେ ମୋତେ ବହୁତ ଆନନ୍ଦ ଲାଗିଥିଲା। ବିଶେଷ କରି ପ୍ରାରମ୍ଭିକ ଅବସ୍ଥାରେ ମୋତେ ଯେଉଁମାନେ ହତୋତ୍ସାହିତ କରିଥିଲେ ସେମାନଙ୍କ ମୁହଁରୁ ପ୍ରଶଂସା ଶୁଣି ବହୁତ ଖୁସି ଲାଗିଥିଲା" ବୋଲି ମନୀଷା ପ୍ରକାଶ କରିଛନ୍ତି। କ୍ୟାରିୟର ଆରମ୍ଭରେ ଜଣେ ବ୍ୟକ୍ତି ମନୀଷାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ। ସେ ହେଉଛନ୍ତି ତାଙ୍କ ଜେଜେମା। ସେ ମନୀଷା ଏବଂ ତାଙ୍କ ଭାଇଙ୍କୁ ଆଗକୁ ଆଣିବାରେ ବଡ଼ ଦାୟିତ୍ୱ ନେଇଥିଲେ। "ମୋ ଜେଜେମା ସବୁଠାରୁ ବଡ଼ ପ୍ରେରଣା। ସେ ସେତେବେଳେ ସର୍ବଦା ନିଜକୁ ବ୍ୟସ୍ତ ରଖି ଆମକୁ ଦିନକୁ ତିନିବେଳା ଖୁଆଉଥିଲେ। ସେ ଆମର ଯତ୍ନନେବାକୁ ଦୃଢ଼ ସଂକଳ୍ପ ଥିଲେ ଏବଂ ଆମେ ସମର୍ଥନ ପାଇଲେ ଯେପରି ଏପରି ଏକ ସ୍ତରରେ ପହଞ୍ଚିବାପରେ ନିଜେ ନିଜର ଦାୟିତ୍ୱ ନେଇପାରିବୁ ସେ ସମ୍ପର୍କରେ ସଚେତନ ଥିଲେ। କଷ୍ଟସାଧ୍ୟ ସମୟରେ ସେ ଯେପରି ସମର୍ଥନ ଦେଇଛନ୍ତି ସେଥିପାଇଁ ମୁଁ ଚିର କୃତଜ୍ଞ। ଏବେ ମୁଁ ତାଙ୍କପାଇଁ କିଛି ବି କରିବାକୁ ପ୍ରସ୍ତୁତ" ବୋଲି ୩୦ ବର୍ଷୀୟା ମନୀଷା କହିଛନ୍ତି। ୨୦୧୬ରେ ପଶ୍ଚିମବଙ୍ଗର ସିଲିଗୁଡ଼ିଠାରେ ସାଫ୍ ମହିଳା ଚାମ୍ପିୟନଶିପ୍ ଟାଇଟଲ ଜିତିବା ମନୀଷାଙ୍କ ଫୁଟବଲ କ୍ୟାରିୟରର ଏକ ବଡ଼ ମାଇଲଖୁଣ୍ଟ। ଆଗାମୀ ଦିନରେ ଆସିବାକୁଥିବା ଚ୍ୟାଲେଞ୍ଜର ମୁକାବିଲା ପାଇଁ ସେ ପ୍ରସ୍ତୁତ। "ଏଏଫ୍‌ସି ମହିଳା ଏସିଆନ କପ୍ ପାଇଁ ଆମେ ସମସ୍ତେ ପ୍ରସ୍ତୁତ ହେଉଛୁ। ଭାରତ ଏହାକୁ ଆୟୋଜନ କରିବାକୁ ଯାଉଥିବାରୁ ଆମ ପାଇଁ ଏହାର ଗୁରୁତ୍ୱ ବଢ଼ିଛି। ଖେଳାଳିଙ୍କ ମନରେ ଆତ୍ମବିଶ୍ୱାସ ରହିଛି। ନୂଆ କୋଚ୍ ଥୋମାସ ଡେନର୍ବିଙ୍କ ଅଧୀନରେ ଟ୍ରେନିଂକୁ ଆମେ ଉପଭୋଗ କରୁଛୁ। ଆମ ଦଳ ପୂରା ପ୍ରସ୍ତୁତ ଏବଂ ଭଲ ପ୍ରଦର୍ଶନ ପାଇଁ ଭୋକିଲା ଅଛି ବୋଲି ମନୀଷା କହିଛନ୍ତି। ଏସିଆନ୍ କପ୍‌ରେ ଭାରତ ଗ୍ରୁପ୍ 'ଏ'ରେ ଇରାନ, ଚାଇନିଜ ତାଇପେ ଏବଂ ଚାଇନା ସହିତ ସ୍ଥାନ ପାଇଛି। ଜାନୁୟାରୀ ୨୦ରେ ଦଳ ଇରାନ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିବ।

# ପଲ୍‌ଟନ, ଦିଲ୍ଲୀ ବିଜୟୀ

**ବେଙ୍ଗାଲୁରୁ,୫।୧**

**ପ୍ରୋ କବାଡ଼ି ଲିଗ୍**

ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ପୁନେରୀ ପଲଟନ ୩୩-୨୬ ପଏଣ୍ଟ ବ୍ୟବଧାନରେ ଗୁଜରାଟ ଜ୍ୟାଣ୍ଟସ୍‌କୁ ପରାସ୍ତ କରିଛି। ଯୁବ ଖେଳାଳିଙ୍କୁ ନେଇ ଗଠିତ ପୁନେରୀ ଦଳ ପରିପକ୍ୱ ପ୍ରଦର୍ଶନ କରି ଅଭିଜ୍ଞତାସମ୍ପନ୍ନ ଗୁଜରାଟକୁ ହରାଇଛି। ପଲଟନ ତରଫରୁ ମୋହିତ ଗୋୟାତ୍ ୧୦ରୁ ୧୦ ପଏଣ୍ଟ ପାଇଥିଲେ। ପିକେଏଲ୍‌ରେ ସେ ପ୍ରଥମଥର ପାଇଁ ଏଭଳି ପ୍ରଦର୍ଶନ କରିଛନ୍ତି। ତାଙ୍କୁ ଅଲରାଉଣ୍ଡର ଅସଲାମ ଇନାମଦାର (୮ ପଏଣ୍ଟ) ସହାୟତା ପ୍ରଦାନ କରିଥିଲେ। ସେହିପରି ଗୁଜରାଟ ପାଇଁ ଅଜୟ କୁମାର ୧୦ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଏହା ବିଜୟ ପାଇଁ ଯଥେଷ୍ଟ ନ ଥିଲା। ଅନ୍ୟ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଦବଙ୍ଗ ଦିଲ୍ଲୀ ୩୬-୩୫ ପଏଣ୍ଟ ବ୍ୟବଧାନରେ ତେଲୁଗୁ ଟାଇଟାନ୍ସକୁ ହରାଇଛି। ଦିଲ୍ଲୀ ତରଫରୁ ନବୀନ କୁମାର ସର୍ବାଧିକ ୨୫ ପଏଣ୍ଟ ହାସଲ କରିଥିଲେ। ସେହିପରି ଟାଇଟାନ୍ସ ପକ୍ଷରୁ ରଜନୀଶ ଦଲାଲ ସର୍ବାଧିକ ୨୦ ପଏଣ୍ଟ ପାଇଥିଲେ। ରେଡ୍ ପଏଣ୍ଟ, ଟ୍ୟାକଲ ପଏଣ୍ଟରେ ଦିଲ୍ଲୀ ଆଗରେ ରହିଥିବା ବେଳେ ଟାଇଟାନ୍ସ ସୁପର ରେଡ, ଅଲ ଆଉଟ ପଏଣ୍ଟରେ ଆଗରେ ରହିଥିଲା। ଉଭୟ ଦଳ ୨ ଲେଖାଏ ଏକ୍ସଟ୍ରା ପଏଣ୍ଟ ପାଇଥିଲେ।

# ଫାଇନାଲରେ ରାଞ୍ଚି ରେଲ୍‌ୱେ

**ଯାଜପୁର ଟାଉନ,୫।୧(ଡି.ଏନ୍.ଏ.)**

ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ମ୍ୟାଚ୍‌ରେ ୟୁନିୟନ ସ୍ପୋର୍ଟିଂକୁ ହରାଇ ରାଞ୍ଚି ରେଲୱେ ଫାଇନାଲରେ ପ୍ରବେଶ କରିଛି। ୟୁନିୟନ୍ ସ୍ପୋର୍ଟିଂ ୨୮.୧ ଓଭରରେ ୧୨୪ ରନ୍‌କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ରାଞ୍ଚି ରେଲୱେ ୧୬.୨ ଓଭର ଖେଳି ୫ ଉଇକେଟ ହରାଇ ୧୨୫ରନ ସଂଗ୍ରହ କରି ନେଇଥିଲା। ସୁପ୍ରିୟ ଚକ୍ରବର୍ତ୍ତୀ ୨ ଉଇକେଟ ନେବାସହ ଓ ୨୨ରନ କରିଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଯୁବନେତା ମନୋଜ ସାହୁ ଅତିଥିଭାବେ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ବିତରଣ କରିଥିଲେ। ମ୍ୟାଚ୍‌କୁ ଅମ୍ପାୟର ଭାବେ ଲଲାଟ କେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିଜେତାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଯୁବ ଟେନିସ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



ଅତିଥିମାନଙ୍କ ଉପସ୍ଥିତିରେ ସୋହିନୀ ସଞ୍ଜୟ ମହାନ୍ତିଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର,୫।୧**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବୁଧବାର ଦୁଇ ପ୍ରତିଭାସମ୍ପନ୍ନ ଯୁବ ଟେନିସ ଖେଳାଳିଙ୍କୁ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ତରଫରୁ ସମ୍ମାନିତ କରାଯାଇଛି। ଏହି ଦୁଇ ଖେଳାଳି ହେଲେ ଦେବାଶିଷ ସାହୁ ଓ ସୋହିନୀ ସଞ୍ଜୟ ମହାନ୍ତି। ଦେବାଶିଷ ଏବେ ଓଡ଼ିଶାର ୧୬ ଓ ୧୮ ବର୍ଷରୁ କମ୍ ଖେଳାଳିଙ୍କ ର୍‍ୟାଙ୍କିଙ୍ଗରେ ୧ ନମ୍ବର ସ୍ଥାନରେ ରହିଛନ୍ତି। ଜାତୀୟସ୍ତରରେ ମଧ୍ୟ ସେ ଜଣେ ପ୍ରତିଭାସମ୍ପନ୍ନ ଖେଳାଳି ଭାବେ ପରିଚିତ। ରାଜ୍ୟର ପ୍ରଥମ ଖେଳାଳି ଭାବେ ସେ ୨୦୧୯ରେ ୧୪ ବର୍ଷରୁ କମ୍ ବର୍ଗ ୱିମ୍ବେଲଡନ ମାଷ୍ଟର କ୍ୱାଲିଫାଇଙ୍ଗ୍ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏବେ ସେ ଜୁନିୟର ଡେଭିସ କପ୍ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ୨୦୨୨ରେ ଯଦି ସେ ଜୁନିୟର ଡେଭିସ କପ୍ ଖେଳିବେ ତେବେ ରାଜ୍ୟ ପାଇଁ ଗୌରବ ଆଣିଦେବେ। ସେହିପରି ସୋହିନୀ ୧୪ ବର୍ଷରୁ କମ୍ ବର୍ଗରେ ରାଜ୍ୟରେ ୧ ନମ୍ବର ଓ ଭାରତର ୭ ନମ୍ବର ଖେଳାଳି ବିବେଚିତ ହେଉଛନ୍ତି। ଆଇଟିଏଫ୍ ଭଳି ବଡ଼ ଲିଗ୍ ଖେଳିବାକୁ ସେ ଯାତ୍ରା ଆରମ୍ଭ କରିଛନ୍ତି। ରାଜ୍ୟର ସର୍ବକନିଷ୍ଠ ଖେଳାଳିଭାବେ ସେ ୬ଟି ଟାଇଟଲ ଜିତିଛନ୍ତି। ସେ ୨୦୧୯ରେ ସ୍ପେନର ରାଫାଲ ନାଡାଲ ଏକାଡେମୀରେ ୧୧ ବର୍ଷରୁ କମ୍ ଟେନ୍ ପ୍ରୋରେ ଭାରତ ତରଫରୁ ପ୍ରତିନିଧିତ୍ୱ କରି ତୃତୀୟ ସ୍ଥାନରେ ରହିଥିଲେ। ଏ ନେଇ ଆୟୋଜିତ ଏକ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଯୁବ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା, ଓଟିଏ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ପ୍ରଶାସକ ଅସିତ ତ୍ରିପାଠୀ, ଓଟିଏ ସମ୍ପାଦକ ଅବସରପ୍ରାପ୍ତ ଆଇପିଏସ୍ ସତ୍ୟଜିତ୍ ମହାନ୍ତି, ଓଟିଏ ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଲଞ୍ଚ୍ ହେଲା ଓଟିଏର ନୂଆ ଆପ୍, କାର୍ଯ୍ୟାଳୟ

ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ଓଡ଼ିଶା ଟେନିସ ଏକାଡେମୀର ମୋବାଇଲ ଆପ୍ଲିକେଶନ ଲଞ୍ଚ କରିଥିଲେ। ଏହି ଆପ୍ ମାଧ୍ୟମରେ କୋଚିଂ ପାଇଁ ଖେଳାଳିମାନଙ୍କର ଅନ୍‌ଲାଇନ ରେଜିଷ୍ଟ୍ରେଶନ ହୋଇପାରିବ। ଏହି ଆପ୍ ମାଧ୍ୟମରେ କୋଚ୍‌ମାନଙ୍କୁ ବିଭିନ୍ନ ଦାୟିତ୍ୱ, ଖେଳାଳିମାନଙ୍କୁ ଆଇକାର୍ଡ ଦିଆଯିବା ସହିତ କୋର୍ଟ ବୁକିଂ ହୋଇପାରିବ। ଏବେ କଳିଙ୍ଗ ଷ୍ଟାଡିୟମରେ ୫ ଜଣ କୋଚ୍‌ଙ୍କୁ ନିୟୋଜିତ କରାଯାଇଛି ଓ ୧୦୦ରୁ ଊର୍ଦ୍ଧ୍ୱ ଯୁବ ଖେଳାଳି ପ୍ରଶିକ୍ଷଣ ନେଉଛନ୍ତି। କ୍ରୀଡ଼ାମନ୍ତ୍ରୀ ଓଟିଏର ନୂଆ ଅଫିସ ମଧ୍ୟ ଲଞ୍ଚ୍ କରିଛନ୍ତି। ଓଟିଏ ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମାନନ୍ଦ ମିଶ୍ର, ଅସିତ ପ୍ରଧାନ, ଡି.କେ. ଟୁଙ୍ଗା, ବିବେକ ପଟ୍ଟନାୟକ, ସତ୍ୟଜିତ ମହାନ୍ତି, ମୁଖ୍ୟ କୋଚ୍ ବିନୋଦ ସେଠଙ୍କ ସମେତ ଓଟିଏ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଅଫିସିଆଲମାନେ ଉପସ୍ଥିତ ଥିଲେ। ଓଟିଏରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖେଳାଳି ସୃଷ୍ଟି ହେବେ ବୋଲି ଅସିତ ତ୍ରିପାଠୀ କହିଥିଲେ। ସେହିପରି ଓଟିଏର ଭବିଷ୍ୟତ ଯୋଜନା ସମ୍ପର୍କରେ ଓଟିଏ ସମ୍ପାଦକ ସତ୍ୟଜିତ ମହାନ୍ତି ସୂଚନା ଦେବା ସହ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗକୁ କୃତଜ୍ଞତା ଜଣାଇଥିଲେ।

# ପାରାମାଉଣ୍ଟ-ପ୍ରଗତି ଫାଇନାଲ

**ଭୁବନେଶ୍ୱର, ୫।୧(କ୍ରୀଡ଼ା ପ୍ରତିନିଧି)**

୧୩ ବର୍ଷରୁ କମ୍ ସିଦ୍ଧାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଆୟୋଜକ ପାରାମାଉଣ୍ଟ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ। ଏହି ମ୍ୟାଚ ୯ ତାରିଖରେ ଅନୁଷ୍ଠିତ ହେବ। ଉଭୟ ଦଳ ଲିଗ୍ ପର୍ଯ୍ୟାୟରେ ୩ଟି ଲେଖାଏ ମ୍ୟାଚ ଜିତି ଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ମ୍ୟାଚରେ ପ୍ରଗତି ୫ ଉଇକେଟରେ ରାଇଜିଂ ଷ୍ଟୁଡେଣ୍ଟକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଇଜିଂ ଷ୍ଟୁଡେଣ୍ଟ ୩୫ ଓଭରରେ ୪ ଉଇକେଟ ହରାଇ ୧୧୬ ରନ କରିଥିଲା। ଦଳ ପକ୍ଷରୁ ଅଭିଷେକ ସେନାପତି ସର୍ବାଧିକ ୩୮ ଓ ଶୁଭମ୍ ସାହିଲ ସାମଲ ୨୮* ରନ ସ୍କୋର କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୨୪.୧ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଅସିମ ବରଦ ସର୍ବାଧିକ ୩୮ ରନକରି ଅପରାଜିତ ରହିଥିଲେ। ରାଇଜିଂ ଷ୍ଟୁଡେଣ୍ଟର ମୟଙ୍କ ପଟ୍ଟନାୟକ ୩ଟି ଉଇକେଟ ନେଇଥିଲେ। ପାରାମାଉଣ୍ଟ କ୍ଲବ ସଭାପତି ପ୍ରତାପ ଜେନା ଅତିଥିଭାବେ ଯୋଗଦେଇ ଅସିମ ବରଦଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ଜୁନିୟର ଫୁଟ୍‌ବଲରଙ୍କ ପାଇଁ ଟିକାକରଣ ଅଭିଯାନ

**ଭୁବନେଶ୍ୱର,୫।୧:** ୧୭ ବର୍ଷରୁ କମ୍ ଫୁଟ୍‌ବଲରଙ୍କ ପାଇଁ ଓଡ଼ିଶା ସରକାର କୋଭିଡ୍-୧୯ ଟିକାକରଣ ଅଭିଯାନ ଆରମ୍ଭ କରିଛନ୍ତି। ରାଜ୍ୟରେ ବର୍ଦ୍ଧିତ ପଜିଟିଭ କେସ୍‌ଗୁଡ଼ିକୁ ଦୃଷ୍ଟିରେ ରଖି ଖେଳାଳିମାନଙ୍କ ସୁରକ୍ଷା ପାଇଁ ସରକାର ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍)କୁ ସହାୟତା ହାତ ବଢାଇଛି। ଭୁବନେଶ୍ୱରରେ ରହୁଥିବା ସବୁ ଖେଳାଳିଙ୍କ ପାଇଁ ଟିକାକରଣର ବ୍ୟବସ୍ଥା କରାଯାଇଛି। ଭାରତୀୟ ଫୁଟବଲ ସହ ଓଡ଼ିଶା ସରକାରଙ୍କ ସହଭାଗିତାକୁ ଏଆଇଏଫ୍ଏଫ୍ ଡେପୁଟି ଜେନେରାଲ ସେକ୍ରେଟାରି ଅଭିଷେକ ଯାଦବ ପ୍ରଶଂସା କରିଛନ୍ତି। କ୍ରୀଡ଼ାକୁ ଓଡ଼ିଶା ସରକାର ସବୁବେଳେ ପ୍ରାଧାନ୍ୟ ଦେବା ସହ ଖେଳାଳି ଓ ଅଫିସିଆଲମାନଙ୍କ ମଙ୍ଗଳ ଚିନ୍ତା କରି ଆସିଛନ୍ତି। ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବା ସହ ୧୭ ବର୍ଷରୁ କମ୍ ଫୁଟ୍‌ବଲରଙ୍କ ପାଇଁ ଟିକାକରଣ ଅଭିଯାନ ଆରମ୍ଭ କରି ଓଡ଼ିଶା ସରକାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପ୍ରତି ଥିବା ତାଙ୍କର ସମର୍ଥନକୁ ଦର୍ଶାଇଛନ୍ତି ବୋଲି ଅଭିଷେକ କହିଛନ୍ତି। ଓଡ଼ିଶା ଭାରତୀୟ ଫୁଟ୍‌ବଲର ଦ୍ୱିତୀୟ ଗୃହ ଭାବେ ପରିଗଣିତ ହେଉଛି। ଇଣ୍ଡିଆନ ଏରୋଜ ଓ ସିନିୟର ଭାରତୀୟ ମହିଳା ଦଳର ହୋମ ଗ୍ରାଉଣ୍ଡ ଭାବେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ମାନ୍ୟତା ହାସଲ କରିଛି। ହିରୋ ଗୋଲ୍ଡ କପ୍, ସୁପର କପ୍ ଓ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ମ୍ୟାଚ୍‌ଗୁଡ଼ିକ ଏଠାରେ ଆୟୋଜନ ହୋଇଛି।

# ଦେବୀ ପ୍ରସନ୍ନ ନୂଆ ସମ୍ପାଦକ



ବୁଧବାର ଓସ୍‌ଜାର ବାର୍ଷିକ ସାଧାରଣ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ଭୁବନେଶ୍ୱର, ୫।୧(କ୍ରୀଡ଼ା ପ୍ରତିନିଧି)**

**ଓସ୍‌ଜାର ବାର୍ଷିକ ସାଧାରଣ ବୈଠକ**

ଓଡ଼ିଶାରେ କ୍ରୀଡ଼ାର ପ୍ରସାର ଦିଗରେ କ୍ରୀଡ଼ା ଖବରଦାତାମାନଙ୍କର ବିଶେଷ ଯୋଗଦାନ ରହିଆସିଛି। ପ୍ରତିଭାଙ୍କ ବିକାଶ ହେଉ କିମ୍ବା ସରକାରୀ ଓ ବେସରକାରୀ କ୍ରୀଡ଼ା ଆୟୋଜନ ସବୁକିଛିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ବଡ଼ ଦାୟିତ୍ୱ କ୍ରୀଡ଼ା ଖବରଦାତାମାନେ ନିର୍ବାହ କରୁଛନ୍ତି। ତେଣୁ ଏହି ବିଶେଷ ପେସାଧାରାର ଗୁଣାତ୍ମକ ବିକାଶ ସାଙ୍ଗକୁ କିପରି କାର୍ଯ୍ୟ ସମ୍ପାଦନ ସକାଶେ ଉପଯୁକ୍ତ ପରିବେଶ ତିଆରି ହୋଇପାରିବ ସେ ଦିଗରେ ପ୍ରୟାସ କରାଯିବା ପାଇଁ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ବାର୍ଷିକ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ) ଓ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ସଂଘ ସହ ଅନୁବନ୍ଧିତ ସଂଘ ହେଉଛି ଓସ୍‌ଜା। ଭୁବନେଶ୍ୱର ସହିଦ ସ୍ପୋର୍ଟିଂ ସଭାଗୃହରେ ସଭାପତି ସନ୍ଦୀପ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକାରୀ ସଭାପତି କେ. ରବି ଓ ବରିଷ୍ଠ ସଦସ୍ୟ ସୁଶାନ୍ତ ମହାନ୍ତିଙ୍କ ଉପସ୍ଥିତିରେ ଆୟୋଜିତ ବୁଧବାର ବୈଠକରେ କାର୍ଯ୍ୟ ସମ୍ପାଦନ ସମୟରେ କ୍ରୀଡ଼ା ଖବରଦାତାମାନେ ସମ୍ମୁଖୀନ ହେଉଥିବା ଅସୁବିଧା ଉପରେ ବିଶଦ ଆଲୋଚନା ହୋଇଥିଲା। ମାର୍ଚ୍ଚ ୨୧ରେ ଓସ୍‌ଜାର ପ୍ରତିଷ୍ଠା ଦିବସ ଓ ପୁରସ୍କାର ପ୍ରଦାନ ଉତ୍ସବ କରାଯିବାକୁ ଏହି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏସ୍‌ଜେଏଫ୍‌ଆଇର ଉପସଭାପତି ଭାବେ ନିକଟରେ ନିର୍ବାଚିତ ହୋଇଥିବା ସମ୍ମିତ ମହାପାତ୍ରଙ୍କୁ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କୋଭିଡ୍ ମହାମାରୀ ସକାଶେ ୨୦୨୦-୨୨ ମେମ୍ବର ଫି' ଛାଡ, ନୂଆ କ୍ରୀଡ଼ା ଖବରଦାତାମାନଙ୍କୁ ସଂଘରେ ନିଆଯିବା ସମ୍ପର୍କରେ ପ୍ରସ୍ତାବ ପାରିତ ହୋଇଥିଲା। ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ ଓସ୍‌ଜାର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଦେବୀ ପ୍ରସନ୍ନ ମହାନ୍ତି ଓସ୍‌ଜାର ନୂଆ ସାଧାରଣ ସମ୍ପାଦକ, ଦେବାଶିଷ ସୁନ୍ଦରାୟ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଅନ୍ୟ ପଦାଧିକାରୀମାନେ ହେଲେ ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି କେ. ରବି, ଉପସଭାପତି ସଞ୍ଜୀବ ବିଶ୍ୱାଳ, ସମୀକ୍ଷା ପଟ୍ଟନାୟକ, ହିମାଂଶୁପତି ମିଶ୍ର, ଯୁଗ୍ମ ସମ୍ପାଦକ ସୁରେଶ ସ୍ୱାଇଁ, ଜ୍ଞାନରଞ୍ଜନ ମିଶ୍ର, ତପନ କୁମାର ସ୍ୱାଇଁ, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ସୁଶାନ୍ତ ମହାନ୍ତି, ସନାତନ ପାଣି, ସମ୍ମିତ ମହାପାତ୍ର, ତନ୍ମୟ ଦାସ, ସମୀର ରାଉତ, ସୁକେଶ ବେହେରା ଓ ଦୀପ୍ତି ରଞ୍ଜନ ସାମଲ। ବୁଧବାର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିମଳ କୁମାର, ପ୍ରତାପ ପ୍ରଧାନ, ଦେବୀ ପ୍ରସନ୍ନ ପାଣିଗ୍ରାହୀ, ଚକ୍ରଧର ମାଝି, ମନୋରଞ୍ଜନ ଦାସ, ରଞ୍ଜନ ରାୟ, ସୁଜିତ ଦାସ, ବେଣୁଧର ଦାସ, ମହେନ୍ଦ୍ର ସାହୁ, ଉମାକାନ୍ତ ମିଶ୍ର, ମନମୋହନ ସ୍ୱାଇଁ, ତୁଷାର ସେନାପତି ଏବଂ କୁମାରଶ୍ରୀ ସାହୁ ଉପସ୍ଥିତ ଥିଲେ।

# ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଆରମ୍ଭ

**ଭୁବନେଶ୍ୱର, ୫।୧(କ୍ରୀଡ଼ା ପ୍ରତିନିଧି)**

ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ୪ର୍ଥ ଅମରେନ୍ଦ୍ର ପ୍ରସାଦ ବଳ ସ୍ମାରକୀ ରାମେଶ୍ୱର କପ୍ (୧୫ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲ ପଡ଼ିଆରେ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚରେ ଓସ୍କାର ସ୍ପୋର୍ଟିଂକୁ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ୪୦ ଓଭରରେ ୨ ଉଇକେଟ ହରାଇ ୩୩୭ ରନ କରିଥିଲା। ଶୁଭାଶିଷ ମଲିକ ୧୦୯ ବଲ୍‌ରୁ ୧୫୪ (୨୪ ଚୌକା, ୩ ଛକା) ଓ ସ୍ୱୟମ ପଣ୍ଡା ୮୯ ବଲ୍‌ରୁ ୧୧୮(୨୦ ଚୌକା, ୧ ଛକା) ରନର ଶତକୀୟ ଇନିଂସ ଖେଳିଥିଲେ। ଜବାବରେ ଓସ୍କାର ସ୍ପୋର୍ଟିଂ ୧୩୭ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଆୟାନ ନାୟକ ସର୍ବାଧିକ ୫୦ ରନ କରିଥିଲେ। ରାମେଶ୍ୱର ବୋଲରଙ୍କ ମଧ୍ୟରେ ଜଗଦୀଶ ମହାପାତ୍ର, ସ୍ୱୟମ ପଣ୍ଡା, ଶୁଭ୍ରକାନ୍ତ ପରିଡ଼ା ଓ ଶୁଭାଶିଷ ମଲିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଶୁଭାଶିଷ ଓ ସ୍ୱୟମଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥି ଅରବିନ୍ଦ ପ୍ରସାଦ ବଳ ଓ ନିର୍ମଳ ବିଶ୍ୱାଳ ପୁରସ୍କାର ପ୍ରଦାନ କରିଥିଲେ। ରାମେଶ୍ୱର ସ୍ପୋର୍ଟିଂ କ୍ଲବ ସଭାପତି ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ରାମେଶ୍ୱର କ୍ଲବ ପରାମର୍ଶଦାତା ରାଧାନାଥ ମହାପାତ୍ର, ପୂର୍ବତନ ଖେଳାଳି ରାଜେଶ ମହାପାତ୍ର, ଚନ୍ଦନ ନାୟକ, ତନ୍ମୟ ମହାପାତ୍ର, ସଂଗ୍ରାମ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।



ରାମେଶ୍ୱର କପ୍ ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ତଦନ୍ତ ନିର୍ଦ୍ଦେଶ ଦେଇ ଚୁପ୍

**ଖୋର୍ଦ୍ଧା ଅଫିସ, ୫।୧**

■ ଟ୍ରେନ ଧକ୍କାରେ ୨ ହାତୀ ମୃତ୍ୟୁ ଘଟଣା
■ ବନ ଓ ରେଳ ବିଭାଗ ଦୋଷ ଖସାଇଲେ

ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ଭୁଷଣ୍ଡପୁର ନିକଟରେ ଗତ ଡିସେମ୍ବର ୨୫ରେ ଏକ ହାତୀପଲ ରେଳଲାଇନ୍ ପାର ହେଉଥିବାବେଳେ ଟ୍ରେନ ଧକ୍କାରେ ୨ ହାତୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବନ ବିଭାଗ ଓ ପୂର୍ବତଟ ରେଳପଥ ନିଜ ମୁଣ୍ଡରୁ ଦୋଷ ଖସାଇ ଦେଇଛନ୍ତି। ଘଟଣା ପରେ ପିସିସିଏଫ୍ ଏବଂ ରେଳବିଭାଗ ମଧ୍ୟରେ ଏକ ବୈଠକ ବସି ଯୁଗ୍ମ ତଦନ୍ତ କରାଯିବ ବୋଲି କୁହାଯାଇଥିଲା। ତେବେ ଇତିମଧ୍ୟରେ ୧୦ଦିନ ପରେ ବି କୌଣସି ତଦନ୍ତ କରାଯାଇନାହିଁ। ପରିବେଶବିତ୍ ଧନେଶ୍ୱର ବିଧାର କହିଛନ୍ତି, ଜଙ୍ଗଲ ଦେଇ ଯାଇଥିବା ରେଳଧାରଣାରେ ହାତୀଙ୍କ ଗତିବିଧି ଉପରେ ନଜର ରଖିବା ଦାୟିତ୍ୱ ଉଭୟ ବନ ବିଭାଗ ଓ ରେଳ ବିଭାଗର। ଭୁଷଣ୍ଡପୁର ରେଳଧାରଣାରେ ହାତୀ ମୃତ୍ୟୁ ଘଟଣାର ଆଗୁଆ ସତର୍କତା ଅବଲମ୍ବନ କରାଯାଇଥିଲେ ଦୁଇଟି ଜୀବନ ବର୍ତ୍ତିଯାଇଥାନ୍ତା। ଭାଜପା ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି, ୨୦୧୨ରେ ଗଞ୍ଜାମ ରମ୍ଭା ନିକଟରେ ଟ୍ରେନ ଧକ୍କାରେ ୫ଟି ହାତୀଙ୍କ ଜୀବନ ଯାଇଥିଲା। ସେତେବେଳେ ଘଟଣାକୁ ନେଇ ଉଭୟ ବନ ବିଭାଗ ଏବଂ ରେଳପଥ ପରସ୍ପରକୁ ଦୋଷ ଦେଇଥିଲେ। କମିଟି ଗଠନ କରାଯାଇ ତଦନ୍ତ ହେଲା। ମାତ୍ର ଏଯାଏ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଭୁଷଣ୍ଡପୁର ଘଟଣାରେ ସେମିତି ଦେଖିବାକୁ ମିଳୁଛି। ଟାଙ୍ଗୀ ବନାଞ୍ଚଳରେ ବର୍ଷକରେ ୩ଟି ହାତୀ ସମେତ ୫ଜଣଙ୍କ ଜୀବନ ଗଲାଣି। ସରକାର ହାତୀଙ୍କ ସୁରକ୍ଷା ପାଇଁ 'ଅପରେଶନ ଗଜରାଜ' ଯୋଜନା କରିଛନ୍ତି। ଖାଲି ଅର୍ଥ ଶ୍ରାଦ୍ଧ ହେଉଛି। ହାତୀ ନିୟନ୍ତ୍ରଣରେ ଖୋର୍ଦ୍ଧା ବନଖଣ୍ଡ ବିଫଳ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଟାଙ୍ଗୀ ବନ ବିଭାଗ ଅଧିକାରୀ ରବୀନ୍ଦ୍ରନାଥ ପଣ୍ଡା ଅବହେଳାକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ହାତୀ ପାରି ହେବା ସମ୍ପର୍କରେ ପୂର୍ବତଟ ରେଳପଥକୁ ଅବଗତ କରାଯାଉଛି। କିନ୍ତୁ ରେଳପଥ ପକ୍ଷରୁ ଗୁରୁତ୍ୱ ଦିଆଯାଉନାହିଁ। ସେହିପରି ପୂର୍ବତଟ ରେଳପଥ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଶ୍ୱଜିତ ସାହୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ହାତୀଙ୍କ ଉପରେ ନଜର ରଖିବା ଲାଗି ରେଳପଥ ବିଭାଗର ଏକ କଣ୍ଟ୍ରୋଲ ରୁମ୍ ରହିଛି। ଖବର ଆସିବା ମାତ୍ରକେ ସଂପୃକ୍ତ ଲୋକୋ ପାଇଲଟଙ୍କୁ ଜଣାଇ ଦିଆଯାଉଛି।

## 'ରୋକିବା ପାଇଁ ନୂତନ କୌଶଳ ହେଉ'

ଓଡ଼ିଶା ପରିବେଶ ସମିତି ସମ୍ପାଦକ ତଥା ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ହାତୀ ଚଳପ୍ରଚଳ କରୁଥିବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିକାଶ ଦୃଷ୍ଟିରୁ ରାସ୍ତା ବିଭାଜନ କରାଯାଇଛି। ଜଙ୍ଗଲ ରାସ୍ତାରେ ହାତୀ ଚଳପ୍ରଚଳ କରିବା ସ୍ୱାଭାବିକ କରିବା କଥା। ଯେପରି ହାତୀଙ୍କ ଚଳପ୍ରଚଳରେ କୌଣସି ବାଧା ନ ପୁଜିବ, ସେଥିଲାଗି ଟ୍ରେନ ଲାଇନ ଯାଇଥିବା ଅଞ୍ଚଳରେ ଅଣ୍ଡରପାସ୍ ଅଥବା ଫ୍ଲାଇଓଭର ନିର୍ମାଣ କରାଯାଉ। ଅନେକ ସମୟରେ ଜଙ୍ଗଲରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ହାତୀ ମୃତ୍ୟୁବରଣ କରୁଥିବା ଖବର ସାମ୍ନାକୁ ଆସୁଛି। ଏଣୁ ବନ ବିଭାଗ, ରେଳବିଭାଗ ଏବଂ ବିଦ୍ୟୁତ ବିଭାଗ ମଧ୍ୟରେ ଉତ୍ତମ ବୁଝାମଣା ଓ ସମନ୍ୱୟ ରହିବା ଆବଶ୍ୟକ। ଅତୀତର ଘଟଣାକୁ ଗୁରୁତ୍ୱର ସହିତ ନିଆଯାଉ ନାହିଁ। ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଅଭାବରୁ ହାତୀଙ୍କ ଜୀବନ ଯାଉଛି। ହାତୀ ଗତିବିଧି ଉପରେ ତୀକ୍ଷ୍ଣ ନଜର ରହିବା ଆବଶ୍ୟକ। ପରୀକ୍ଷାମୂଳକ ଭାବେ ହାଇଟେକ୍ନୋଲୋଜି ସେନ୍ସର ବ୍ୟବସ୍ଥା କରାଗଲେ ଅଘଟଣକୁ ଏଡ଼ାଯାଇପାରିବ।

## ସଂକ୍ଷେପରେ

### ୧୧ କିଲୋ ଗଞ୍ଜେଇ ଜବତ, ଦମ୍ପତି ଗିରଫ

ଜଟଣୀ,୫।୧(ଡି.ଏନ୍.ଏ.): ଗଞ୍ଜେଇ ଚାଲାଣ କରିବା ଅଭିଯୋଗରେ ଖୋର୍ଦ୍ଧାରୋଡ ଜିଆରପି ବୁଧବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଚିକିଟି ହାଡ଼ିସାହି ଅଞ୍ଚଳର ସୀମାଞ୍ଚଳ ପ୍ରଧାନ ଓ ତାଙ୍କ ସ୍ତ୍ରୀ ସଞ୍ଜୁ। ପୋଲିସ ସେମାନଙ୍କଠାରୁ ୧୧କିଲୋ ୨୦୦ଗ୍ରାମ ଗଞ୍ଜେଇ ଜବତ କରିଛି। ଏ ନେଇ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରିଛି। ସୂଚନା ମୁତାବକ, ସୀମାଞ୍ଚଳ ଓ ତାଙ୍କ ସ୍ତ୍ରୀ ଗଞ୍ଜେଇ ନେଇ ପ୍ରଥମେ ବସ୍ ଯୋଗେ ବ୍ରହ୍ମପୁରରୁ ଆସି ଖୋର୍ଦ୍ଧାରୋଡ(ଜଟଣୀ)ରେ ପହଞ୍ଚିଥିଲେ। ଉକ୍ତ ଗଞ୍ଜେଇକୁ ଟ୍ରେନ୍ ଯୋଗେ ପଶ୍ଚିମବଙ୍ଗ ହାଓଡାକୁ ଚାଲାଣ କରିବା ପାଇଁ ରେଳ ଷ୍ଟେଶନରେ ଅପେକ୍ଷା କରିଥିଲେ। ଏହି ସମୟରେ ଜିଆର୍‌ପିର ଅଧିକାରୀମାନେ ପଇଁତରା ମାରୁଥିଲେ। ସନ୍ଦେହଜନକ ଅବସ୍ଥାରେ ଦମ୍ପତି ବସିଥିବାରୁ ଅଧିକାରୀମାନେ ଯାଞ୍ଚ କରିଥିଲେ। ଫଳରେ ସେମାନଙ୍କଠାରୁ ଗଞ୍ଜେଇ ମିଳିବା ସହ ଚାଲାଣ କରୁଥିବା ସ୍ୱୀକାର କରିଥିଲେ।

### ବେଗୁନିଆ କଲେଜର ଜଣେ ଅଧ୍ୟାପକ ସଂକ୍ରମିତ

ବେଗୁନିଆ,୫।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ମହାବିଦ୍ୟାଳୟର ଜଣେ ଅଧ୍ୟାପକ କରୋନା ପଜିଟିଭ ଚିହ୍ନଟ ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଏହାକୁ ନେଇ ଗୋଟିଏ ଦିନ ପାଇଁ ମହାବିଦ୍ୟାଳୟକୁ ବନ୍ଦ କରିଦିଆଯାଇଛି। ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା କରି ମହାବିଦ୍ୟାଳୟର ଚତୁଃପାର୍ଶ୍ୱକୁ ପ୍ରଶାସନ ପକ୍ଷରୁ ସାନିଟାଇଜେଶନ କରାଯାଇଛି। ସୂଚନାଥାଉ କି, ଉକ୍ତ ମହାବିଦ୍ୟାଳୟର ଭୋକେଶନାଲ ବିଭାଗର ଜଣେ ଅଧ୍ୟାପକ ଦୈନିକ ଭୁବନେଶ୍ୱରରୁ ଏଠାକୁ କାର୍ଯ୍ୟରେ ଯୋଗଦେବାକୁ ଆସୁଥିଲେ। ମଙ୍ଗଳବାର ଶ୍ରେଣୀଗୃହ ମଧ୍ୟରେ ଶିକ୍ଷାଦାନ ଦେବା ସମୟରେ ଅସୁସ୍ଥ ଅନୁଭବ କରିଥିଲେ। ପରେ ସେ ଭୁବନେଶ୍ୱର ନିଜ ଘରକୁ ଫେରିଯାଇ ଏକ ଘରୋଇ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ରିପୋର୍ଟରେ କରୋନା ପଜିଟିଭ ଚିହ୍ନଟ ପରେ ମହାବିଦ୍ୟାଳୟର ଅଧକ୍ଷଙ୍କୁ ଅବଗତ କରାଇଥିଲେ। ଏ ନେଇ ଅଧକ୍ଷ ଦିଲୀପ କୁମାର ମିଶ୍ର ବୁଧବାର ଗୋଟିଏ ଦିନ ପାଇଁ ନୋଟିସ୍ ଜରିଆରେ ମହାବିଦ୍ୟାଳୟକୁ ବନ୍ଦ କରିଥିଲେ। ଏଥିସହିତ ଖୋର୍ଦ୍ଧା ଉପଜିଲାପାଳ, ବେଗୁନିଆ ତହସିଲଦାର, ବିଡିଓଙ୍କୁ ଅବଗତ କରାଇଥିଲେ। ଏହାପରେ ବେଗୁନିଆ ଅଗ୍ନିଶମ ବିଭାଗ ପକ୍ଷରୁ ମହାବିଦ୍ୟାଳୟର ହତା, ଚତୁଃପାର୍ଶ୍ୱ, କର୍ମଚାରୀ ବିଶ୍ରାମ କକ୍ଷ, ଶ୍ରେଣୀଗୃହ ଆଦି ଅଞ୍ଚଳକୁ ସାନିଟାଇଜେଶନ କରାଯାଇଛି। ସେହିପରି ଆକ୍ରାନ୍ତ ହୋଇଥିବା ଅଧ୍ୟାପକଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତ ସହକର୍ମ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ଅଧ୍ୟାପକ ମିଶ୍ର ନିବେଦନ କରିଛନ୍ତି।

### ଆଜି ଯୁକ୍ତ ୨ ବର୍ଷର ଛାତ୍ରୀଛାତ୍ରଙ୍କୁ ଟିକା ବ୍ୟବସ୍ଥା

ବେଗୁନିଆ,୫।୧(ଡି.ଏନ୍.ଏ.): ବେଗୁନିଆ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୁକ୍ତ ଦୁଇ ବର୍ଷର ଛାତ୍ରୀଛାତ୍ରମାନଙ୍କ ପାଇଁ ଟିକାକରଣର ବ୍ୟବସ୍ଥା କରାଯାଇଛି। ଦୁଇଟି ପର୍ଯ୍ୟାୟରେ ବ୍ଲକର ୫ଟି ମହାବିଦ୍ୟାଳୟ ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି ବୋଲି ପିଏଚ୍‌ଇଓ ପ୍ରଭାସିନୀ ପଣ୍ଡା ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଗୁରୁବାର ବେଗୁନିଆ ମହାବିଦ୍ୟାଳୟରେ ୫୦୦, କଣ୍ଟାବାଡ ମହାବିଦ୍ୟାଳୟରେ ୩୦୦ ଓ ବାଘମାରୀ ମହିଳା ମହାବିଦ୍ୟାଳୟରେ ୧୦୦ଜଣ ଛାତ୍ରୀଛାତ୍ରଙ୍କୁ ଟିକାକରଣ କରାଯିବ। ସେହିପରି ଶୁକ୍ରବାର ୨ୟ ପର୍ଯ୍ୟାୟରେ ସିକୋ ଏବଂ ଗଡମାଣତୀର ମହାବିଦ୍ୟାଳୟରେ ଟିକାକରଣ କରାଯିବ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି। ଟିକା ପ୍ରଦାନ ପାଇଁ ୩ଟି ସ୍ୱାସ୍ଥ୍ୟ ଦଳ ନିଯୁକ୍ତ କରାଯାଇଛି।



ମନନ ନାଟ୍ୟ ସଂସ୍ଥା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ ମହୋତ୍ସବରେ ବୁଧବାର ପରିବେଷିତ ନାଟକ 'ଅଳିଆ ଭିତରେ କାଳିଆ'ର ଏକ ଦୃଶ୍ୟ।

# ହାତୀପଲଙ୍କ ଉତ୍ପାତ, ଫସଲ ନଷ୍ଟ

**ବେଗୁନିଆ,୫।୧(ଡି.ଏନ.ଏ)**

ବେଗୁନିଆ ବ୍ଲକର କେତେକ ଗ୍ରାମରେ ମଙ୍ଗଳବାର ରାତିରେ ହାତୀପଲ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଡିଙ୍ଗର ପଞ୍ଚାୟତର ଲେହେଙ୍ଗ, ଭୁଆଶୁଣୀ ପାଟଣା, କୁଞ୍ଜୁରୀ ପଞ୍ଚାୟତର ଡାଳତୋଳା, ନିଆମୁହାଁ, ଦେଉଳି ପଞ୍ଚାୟତର ଗୋଡା, ଦଳକ ଆଦି ଅନେକ ଗ୍ରାମର ଚାଷୀମାନଙ୍କର ଫସଲ ନଷ୍ଟ କରିଛନ୍ତି। ରବି ଓ ପରିବା ଫସଲକୁ କୁଦି ଦଳି ନଷ୍ଟ କରିବା ସହ ଅଧିକାଂଶ ଚାଷୀଙ୍କ ବାଡ଼ିରେ ପଶି ଅମଳ ଧାନକୁ ଖାଇ ନଷ୍ଟ କରିଦେଇଛନ୍ତି। ଭୁଆଶୁଣୀପାଟଣା ଗ୍ରାମର ଚାଷୀ ହାଡିଆ ନାୟକଙ୍କ ଜମିରେ ଥିବା ଅମଳ ଧାନକୁ ଅଧିକ କ୍ଷତି କରିଥିବା କହିଛନ୍ତି। ବୁଧବାର ସକାଳୁ ହାତୀପଲ ଲେଢେଙ୍ଗ ଗ୍ରାମ୍ୟ ଜଙ୍ଗଲରେ ବୁଲୁଥିବା ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ହେଲେ ବନ ବିଭାଗ କର୍ମଚାରୀ ରାତି ହେଲେ ଯାଇ ହାତୀପଲକୁ ଘଉଡ଼ାଇବେ ବୋଲି ପାଲଟା ଉତ୍ତର ଦେଇଥିବା ଗ୍ରାମବାସୀ କହିଛନ୍ତି। ସୂଚନାଥାଉ କି, ଦୀର୍ଘବର୍ଷ ହେଲା ଚନ୍ଦକାରୁ ହାତୀପଲ ଆସି ଡଙ୍ଗରପଡାସ୍ଥିତ ପୂର୍ଣ୍ଣମାସୀ ଜଙ୍ଗଲରେ ବଂଶ ବୃଦ୍ଧି କରିବାରେ ଲାଗିଛନ୍ତି। ବ୍ଲକର ୭ଟି ପଞ୍ଚାୟତ ଅଞ୍ଚଳର ୬୦ଟି ଗ୍ରାମର ଚାଷୀକୁଳ ହାତୀ ଦାଉରୁ ଅଧିକାଂଶ କ୍ଷତି ସହୁଛନ୍ତି। ଏହାସହିତ ହାତୀ ଆକ୍ରମଣରେ ଗତ ୫ବର୍ଷ ମଧ୍ୟରେ ୫ଜଣ ମୃତ୍ୟୁବରଣ କରିଥିବାବେଳେ ୧୩ଜଣ ଆହତ ହୋଇଛନ୍ତି। କିନ୍ତୁ ବନ ବିଭାଗ ହାତୀ ଘଉଡାଇବାରେ ସେଭଳି କଡ଼ା ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଚାଷୀ ଓ ଚାଷୀକୁଳଙ୍କ ସୁରକ୍ଷା ଦିଗରେ ଯଥାଶୀଘ୍ର ପଦକ୍ଷେପ ନେଉ ବୋଲି ଚାଷୀମାନେ ଦାବି କରିଛନ୍ତି।



ହାତୀପଲ ନଷ୍ଟ କରିଥିବା ଧାନ।

## ୬.୫ କେଜି ଗଞ୍ଜେଇ ଜବତ, ୨ଗିରଫ

**ଖୋର୍ଦ୍ଧା ଅଫିସ,୫।୧**

ଖୋର୍ଦ୍ଧାରେ ଧଳାଜହର ପରେ ଚୋରା ଗଞ୍ଜେଇ କାରବାର ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ଆଦର୍ଶ ଥାନା ପୋଲିସ ସ୍ଥାନୀୟ ଟିଏଲ୍‌ସି ରୋଡ୍‌ରୁ ସାଢ଼େ ୬କେଜି ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ ବୌଦ୍ଧ ଜିଲା ଗୁଣ୍ଡୁରି ସାହିର ଅଜିତ୍ ପ୍ରଧାନ ଏବଂ ଅଶାନ୍ତ ଜଗଦ୍ଦଳ। ସେମାନଙ୍କଠାରୁ ଏକ ବାଇକ୍ ଓ ମୋବାଇଲ ଫୋନ୍ ଜବତ ହୋଇଛି। ଜବତ ଗଞ୍ଜେଇର ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ପୋଲିସ ଆକଳନ କରିଛି। ସୂଚନା ଅନୁଯାୟୀ, ବୌଦ୍ଧରୁ ଅଭିଯୁକ୍ତଦ୍ୱୟ ଏକ ବାଇକ୍ (ନଂ. ଓଡି୧୨ ଡି୫୮୦୬)ରେ ଗଞ୍ଜେଇ ଧରି ଖୋର୍ଦ୍ଧା ଆସୁଥିବା ପୋଲିସ ଖବର ପାଇଥିଲା। ଏସ୍‌ପି ରାଜକିଶୋର ଦୋରାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ସୁଶୀଲ ମିଶ୍ର ଓ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଟିଏଲ୍‌ସି ରୋଡ୍‌ରେ ବାଇକ୍ ଅଟକାଇ ଯାଞ୍ଚ କରିଥିଲେ। ପରେ ସେମାନଙ୍କଠାରୁ ଗଞ୍ଜେଇ ମିଳିଥିଲା। ଏ ନେଇ କେସ୍ ନଂ.୭/୨୨ ରୁଜୁ ହୋଇଛି।

## ବ୍ୟାଙ୍କର ୨ କର୍ମଚାରୀ କରୋନା ସଂକ୍ରମିତ

**ଜଟଣୀ,୫।୧(ଡି.ଏନ୍.ଏ.)**

ଜଟଣୀ ଅଞ୍ଚଳର ରାମଚନ୍ଦ୍ରପୁର ବଜାରରେ ଅବସ୍ଥିତ ବ୍ୟାଙ୍କ ଅଫ୍ ବରୋଦା ଶାଖାରୁ ୨ଜଣ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। କର୍ମଚାରୀଦ୍ୱୟଙ୍କ ଦେହ ଅସୁସ୍ଥ ଥିବାରୁ କରୋନା ପରୀକ୍ଷା କରିବାରୁ ରିପୋର୍ଟ ପଜିଟିଭ ଆସିଥିଲା। କର୍ମଚାରୀ ସଂକ୍ରମିତ ହେବା ଖବରପାଇ ପୌର ପ୍ରଶାସନ ପକ୍ଷରୁ ବ୍ୟାଙ୍କ ପରିସରକୁ ସାନିଟାଇଜ କରାଯାଇଛି। ଏଥିସହ ବ୍ୟାଙ୍କ କର୍ତ୍ତୃପକ୍ଷ ୪୮ ଘଣ୍ଟା ପାଇଁ ବ୍ୟାଙ୍କକୁ ବନ୍ଦ କରିବା ସହ ବ୍ୟାଙ୍କର ସମସ୍ତ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସନାତନ



@ ଓମ୍‌ପ୍ରକାଶ



@ ରଶ୍ମିରେଖା



@ ସମୀକ୍ଷା



@ ସାଗର



@ ରୂପେଶ

# ଭାରତ ଇତିହାସରେ ପାଇକଙ୍କ ବୀରତ୍ୱ ଗର୍ବିତ

**ଜଟଣୀ,୫।୧(ଡି.ଏନ୍.ଏ.)**

### ରାଜ୍ୟସ୍ତରୀୟ ପାଇକ ଗୁରୁ ସମ୍ମାନ ଉତ୍ସବ

ଖୋର୍ଦ୍ଧା ଜିଲା ଜଟଣୀ କୁମାରଖାଡିଆ ଗ୍ରାମରେ ରାଜ୍ୟସ୍ତରୀୟ ପୂଜ୍ୟପୂଜା ଗୁରୁ ସମ୍ମାନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନିଖିଳ ଓଡ଼ିଆ ପାଇକ ମହାସଂଘ ଏବଂ ଖଣ୍ଡାୟତ କ୍ଷେତ୍ରୀୟ କଳ୍କୀ ସେନା ଓଡ଼ିଶା ସହାୟତାରେ ମା' ଖୁଣ୍ଟୁଆଳ ପାଇକ ସଂଘ କୁମାରଖାଡିଆ ଜଟଣୀ ଦ୍ୱାରା ଉକ୍ତ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା, ବିଜେଡି ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଏବଂ ରଞ୍ଜନ ମଙ୍ଗରାଜ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ଲଢୁଆ ବୀର ପାଇକମାନଙ୍କ ଉପରେ ନିଜ ନିଜ ବକ୍ତବ୍ୟରେ ଓଡ଼ିଶା ଓ ଭାରତ ଇତିହାସ ବୀର ପାଇକଙ୍କ ବୀରତ୍ୱ ପାଇଁ ଗର୍ବିତ ବୋଲି ଅତିଥିମାନେ କହିଥିଲେ। ଗର୍ବ ଓ ଗୌରବର ପ୍ରତୀକ ଆମ ପାଇକମାନଙ୍କ ସମ୍ମାନାର୍ଥେ ଆୟୋଜିତ କାର୍ଯ୍ୟକ୍ରମ ବେଶ୍ ଉଚ୍ଚକୋଟିର ଓ ଏଥିପାଇଁ ଆୟୋଜକ ସଦସ୍ୟ ପ୍ରଶଂସାର ପାତ୍ର ବୋଲି କହିଥିଲେ। ଏହି ଅବସରରେ ୨୪ଜଣ ପାଇକ ଗୁରୁଙ୍କୁ ପୂଜ୍ୟପୂଜା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଉତ୍ସବରେ ଜିଲାର ବିଭିନ୍ନ ଅଞ୍ଚଳରୁ ୮ଟି ପାଇକ ଦଳ ଭାଗନେଇ ନିଜ କଳା ପ୍ରଦର୍ଶନ କରିଥିଲେ। ଓଡ଼ିଆ ପାଇକ ପୁଅଙ୍କ ସମରକଳା ଓ ଆଖଡା ପ୍ରଦର୍ଶନ ଚିତ୍ତାକର୍ଷକ ଥିଲା। କାର୍ଯ୍ୟକ୍ରମକୁ ମା' ଖୁଣ୍ଟୁଆଳ ପାଇକ ସଂଘର ଗୁରୁ କାଶୀନାଥ ନାୟକ, ହିଜେନ୍ଦ୍ର ସୁନ୍ଦରାୟ, ପରମାନନ୍ଦ ପାଟଶାଣୀ, ମନୋରଞ୍ଜନ ହରିଚନ୍ଦନ, ରାକେଶ ପାଟଶାଣୀ, ରାଘବ ପାଇକରାୟ, ସଂକେତ ପାଟଶାଣୀ ଓ ଦେବାଶିଷ ହରିଚନ୍ଦନ ପ୍ରମୁଖ ସହଯୋଗ କରିଥିଲେ।

# ଟାଟା ଏସିଇରୁ ୬୦ହଜାର ଟଙ୍କା ଚୋରି

**ଖୋର୍ଦ୍ଧା ଅଫିସ,୫।୧**

ଖୋର୍ଦ୍ଧା ନୟାଗଡ ୫୭ ନଂ ଜାତୀୟ ରାଜପଥ ଜାଗୁଳାଇପାଟଣା ଛକରେ ବୁଧବାର ଏକ ଟାଟା ଏସିଇ ଗାଡି ମଧ୍ୟରୁ ଦୁର୍ବୃତ୍ତ ମାନେ ୬୦ ହଜାର ଲୁଟି ନେଇଛନ୍ତି। ସୂଚନା ଅନୁସାରେ, ଭାଲିଆବାଡିର ଜଣେ ବ୍ୟକ୍ତି ଏକ ଘରୋଇ କମ୍ପାନୀରେ କାମ କରନ୍ତି। ସାମଗ୍ରୀ ଯୋଗାଇ ବାକି ଟଙ୍କା ଦୋକାନଗୁଡିକରୁ ଆଦାୟ କରନ୍ତି। ବୁଧବାର ମଧ୍ୟ ସବୁ ସ୍ଥାନରୁ ଆଦାୟ କରିଥିବା ପ୍ରାୟ ୬୦ହଜାର ଟଙ୍କା ତାଙ୍କ ଟାଟା ଏସିଇ ଗାଡିରେ ଧରି ଫେରୁଥିଲେ। ସାଥିରେ ଅନ୍ୟଜଣେ ସହଯୋଗୀ ମଧ୍ୟ ଥିଲେ। ଜାଗୁଳାଇପାଟଣା ଛକ ଉପରେ ଥିବା ଏକ ଦୋକାନରୁ ଟଙ୍କା କଲେକ୍ସନ ପାଇଁ ଯାଇଥିଲେ। ଫେରିବା ବେଳେ ଗାଡିରେ ୬୦ହଜାର ଟଙ୍କା ଭର୍ତ୍ତି ଥିବା ବ୍ୟାଗଟିକୁ କେହି ଚୋରି କରି ନେଇଥିଲେ। ଘଟଣା ସମ୍ପର୍କରେ କର୍ମଚାରୀମାନେ ମାଲିକଙ୍କ ଅବଗତ କରାଇଥିଲେ। କିନ୍ତୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ସ୍ଥାନୀୟ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।



ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ପରିସରରେ ବୁଧବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଧାନମଣ୍ଡିକୁ ଉଦ୍‌ଘାଟନ କରୁଛନ୍ତି।



ଜଟଣୀସ୍ଥିତ କୁମାରଖାଡିଆ ଗ୍ରାମରେ ବୁଧବାର ରାଜ୍ୟସ୍ତରୀୟ ପୂଜ୍ୟପୂଜା ଗୁରୁ ସମ୍ମାନ ଉତ୍ସବ ଅବସରରେ ପାଇକ ପୁଅମାନେ ଆଖଡା ପ୍ରଦର୍ଶନ କରୁଛନ୍ତି।




ପୁରୀ ଚକ୍ରତୀର୍ଥ ବେଳାଭୂମିରେ ପ୍ରସ୍ତାବିତ ବ୍ଲୁ ଫ୍ଲାଗ୍ ବିକ୍ରିକୁ ବୁଧବାର ବେଳାଭୂମି ସୁରକ୍ଷା ସମିତି ପକ୍ଷରୁ ବିରୋଧ କରାଯାଉଛି।

# ରାଜଧାନୀରେ ଅଢ଼େଇ ଗୁଣ ବଢ଼ିଲା ସଂକ୍ରମଣ

## ସଂକ୍ଷେପରେ

### ପୁରୀ ବନଖଣ୍ଡ ପକ୍ଷରୁ ପକ୍ଷୀ ଗଣନା ଶେଷ

**ଅସ୍ତରଙ୍ଗ/ବ୍ରହ୍ମଗିରି,୫।୧(ଡି.ଏନ୍.ଏ.):** ପୁରୀ ଜିଲା ବନ୍ୟପ୍ରାଣୀ ବନଖଣ୍ଡର ଅସ୍ତରଙ୍ଗ ରେଞ୍ଜ ତରଫରୁ ବୁଧବାର ପକ୍ଷୀ ଗଣନା ହୋଇଛି। ୨୦ଜଣ ବନ ବିଭାଗ କର୍ମଚାରୀ ୫ଟି ଦଳରେ ବିଭକ୍ତ ହୋଇ ଗଣନା କାମରେ ନିୟୋଜିତ ହୋଇଥିଲେ। ସ୍ଥଳ ଭାଗର ଶିଖରଘାଟ ବ୍ରିଜଠାରୁ ପାଟସୁନ୍ଦରପୁର ଓ ଜାହାନିଆଠାରୁ କେଉଟଜଙ୍ଗା, କେଲୁଣୀମୁହାଁଣ ପର୍ଯ୍ୟନ୍ତ ଗଣନା କରିଥିଲେ। ଜଳଭାଗରେ ଗଙ୍ଗାଦବୀଠାରୁ ପାଟସୁନ୍ଦରପୁର, ଗଙ୍ଗାଦେବୀଠାରୁ କଣମଣ ଓ ଗଙ୍ଗାଦେବୀଠାରୁ ଦେବୀନାସି ପର୍ଯ୍ୟନ୍ତ ପକ୍ଷୀ ଗଣନା କରିଥିଲେ। ବାଇନକୁଲାର, ବାର୍ଡ୍ସ ଗାଇଡ୍ ବୁକ ଓ ପକ୍ଷୀ ବିଶାରଦଙ୍କ ସାହାଯ୍ୟରେ ପକ୍ଷୀ ଗଣନା ହୋଇଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷ ୩ ହଜାର ପକ୍ଷୀ କମ୍ ଆସିଛନ୍ତି ଓ ଚଳିତଥର ଅସ୍ତରଙ୍ଗ ବନାଞ୍ଚଳକୁ ସର୍ବମୋଟ ୧୦ ହଜାରରୁ କମ୍ ପକ୍ଷୀ ଆସିଥିବା ଅଧିକାରୀମାନେ ଅନୁମାନ କରିଛନ୍ତି। ସେହିପରି ଗତବର୍ଷ ୨୭ ପ୍ରଜାତିର ପକ୍ଷୀ ଅସ୍ତରଙ୍ଗ ବନାଞ୍ଚଳକୁ ଆସିଥିଲେ କିନ୍ତୁ ଚଳିତବର୍ଷ ୨୩ପ୍ରଜାତିର ପକ୍ଷୀ ଆସିଥିବା ସୂଚନା ମିଳିଛି। ଏହି ପକ୍ଷୀ ଗଣନା କାର୍ଯ୍ୟକ୍ରମରେ ରେଞ୍ଜର ହିମନ ନାୟକ, ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୋଭାକର ବେହେରା, ବନ୍ୟ ବିଶେଷଜ୍ଞ ମାଇକେଲ ପିଟର ପକ୍ଷୀ ବିଶାରଦ ଯୋଗଦେଇଥିଲେ। ମୁହାଣ ମୁହଁ ଫରେଷ୍ଟର ସବିର ସାହୁ, ଫରେଷ୍ଟ ଗାର୍ଡ ଭାବଗ୍ରାହୀ ସେଠି, କାଳୀଚରଣ ମହାନ୍ତି ଓ ଦିଲୀପ ନାୟକ ପ୍ରମୁଖ ସାମିଲ ଥିଲେ। ସେହିଭଳି ବ୍ରହ୍ମଗିରି ଅଧୀନ ବାହ୍ୟ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ଗଣନା କାର୍ଯ୍ୟ ଶେଷ ହୋଇଛି। ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ଜଳାଶୟରେ ବସବାସ କରୁଥିବା ପକ୍ଷୀଙ୍କୁ ବ୍ରହ୍ମଗିରି ବନ ବିଭାଗ ଗଣନା କରିଛି। ଏ ନେଇ ପୁରୀ ଜିଲା ଡିଏଫ୍‌ଓଙ୍କ ତତ୍ତ୍ୱାବଧାନରେ ୧୬ ଜଣ ସଦସ୍ୟ ଏହି ଗଣନା କାର୍ଯ୍ୟରେ ସାମିଲି ହୋଇ ସୁନାମୁହିଁଠାରୁ ବରକୁଦୀ, ବ୍ରହ୍ମଗିରି ଢାବାଛକଠାରୁ ହରିଦାସ ଓ କାଠୁଆଆରେଡି ଛକଠାରୁ ଘଟକୁଡି, ଜଗନ୍ନାଥ ସଡକ ଅଞ୍ଚଳ ପର୍ଯ୍ୟନ୍ତ ଗଣନା କରିଥିଲେ।

### ଅନ୍ୟ ଜାଗାରେ ଜବରଦସ୍ତ ରାସ୍ତା କରି ୩ ଗିରଫ

ବାରଙ୍ଗ,୫।୧(ଡି.ଏନ୍.ଏ.)- ଗତ୨୭ ତାରିଖରେ ଏକ ଜମିରେ ଜବରଦସ୍ତ ମୋରମ ପକାଇ ଦଖଲ ଉଦ୍ୟମ କରିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ବୁଧବାର ତିନିଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ମଧୁବନ ଗ୍ରାମର ଜଗନ୍ନାଥ ରାଉଳ, ଜିତେନ୍ଦ୍ର ମାଝୀ, ବୁଲୁ ପ୍ରଧାନ। ୩ଜଣଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨୮୮/୨୧) ରୁଜୁ କରିଛି। ଏହି ତିନିଜଣ ଏହି ଗ୍ରାମର କୁନ୍ତି ଦାସଙ୍କ ଚାଷଜମିରେ ଏକ ବିଲ୍ଡରକୁ ଦେବା ଉଦ୍ଦେଶ୍ୟରେ ଜବରଦସ୍ତ ମୋରମ ପକାଇ ରାସ୍ତାକରି ଦଖଲ ପାଇଁ ଉଦ୍ୟମ କରିଥିଲେ। ଏହାକୁ କୁନ୍ତି ବିରୋଧ କରିବାପରେ ତାଙ୍କୁ ମାରିଦେବାକୁ ଧମକ ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରି ୩ଜଣଙ୍କୁ ଧରିଥିଲା।

### ଜାଲରେ ବିରଳ ମାଛ

**ବାରଙ୍ଗ,୫।୧(ଡି.ଏନ୍.ଏ.)-** ବାରଙ୍ଗ ଥାନା ଅନ୍ତର୍ଗତ ସାନ ମୁଣ୍ଡଳୀ ଗ୍ରାମ ନିକଟରେ ଥିବା ପୁରୀ ମେନ କେନାଲରୁ ବୁଧବାର ଏକ ବିରଳ ମାଛ ଜାଲରେ ପଡିଛି । ବୁଧବାର ଅପରାହ୍ନରେ ସାନ ମୁଣ୍ଡଳୀ ଗ୍ରାମର ମା' ବନ୍ଧ ବାସେଲୀ ଦଳେଇ ସାହିର ମାଛ ଧରାଳି ରବି ଦଳେଇ ପୁରୀ ମେନ କେନାଲରୁ ମାଛ ଧରୁ ଥିଲେ। ଏହି ସମୟରେ ଏକ ୫ କେଜି ଓଜନର ଗୋଲଡେନ ରଙ୍ଗର ମାଛ ଜାଲରେ ପଡିଥିଲା।

**ଭୁବନେଶ୍ୱର, ୫।୧ (ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ଏଥିସହ ରାଜଧାନୀ ଭୁବନେଶ୍ୱରରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ସହରରେ ଗତ ସପ୍ତାହେ ହେବ ଆକ୍ରାନ୍ତଙ୍କ ସଂଖ୍ୟା ହୁହୁ ବଢ଼ି ଚାଲିଥିବାବେଳେ ଏବେ ହଠାତ୍ ଅଢ଼େଇ ଗୁଣ ବଢ଼ିଚାଲିଛି। ଗତ ୨୪ ଘଣ୍ଟାରେ ରାଜ୍ୟରୁ ୧୨୧୬ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୫୬ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରୁ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ଅର୍ଦ୍ଧାଧିକ ରାଜଧାନୀ ଭୁବନେଶ୍ୱରର ଅଛନ୍ତି। କେବଳ ଏଥର ନୁହେଁ, ପୂର୍ବରୁ ମଧ୍ୟ ଭୁବନେଶ୍ୱରରେ ସଂକ୍ରମଣ ସମସ୍ତଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଗତ କିଛିଦିନ ହେବ ସହରରେ ସଂକ୍ରମଣ ହାର ୧ଶହ ମଧ୍ୟରେ ରହୁଥିଲାବେଳେ ବୁଧବାର ୩ଶହ ପାର୍ କରିଛି। ମଙ୍ଗଳବାର ୧୪୨ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଗୋଟିଏ ଦିନରେ ସଂକ୍ରମଣ ଦୁଇଗୁଣାରୁ ଅଧିକ ବଢ଼ିଛି। ଗତ ୨୪ଘଣ୍ଟାରେ ମହାନଗର ନିଗମରୁ ୩୪୧ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କ୍ୱାରାଣ୍ଟାଇନ୍‌ରୁ ୩୧ଜଣ ଥିବାବେଳେ ୩୧୦ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସେହିପରି ପଟିଆ ଅଞ୍ଚଳରୁ ସର୍ବାଧିକ ୨୩ଜଣ ଆକ୍ରାନ୍ତ ଚିହ୍ନଟ

### ୨୪ ଘଣ୍ଟାରେ ୩୪୧ ଆକ୍ରାନ୍ତ



ହୋଇଥିବାବେଳେ ଚନ୍ଦ୍ରଶେଖରପୁରରୁ ୧୫ଜଣ, ନୟାପଲ୍ଲୀରୁ ୨୦ଜଣ, ପୁରୁଣା ଭୁବନେଶ୍ୱରରୁ ୧୩ଜଣ, ରସୁଲଗଡରୁ ୧୪ଜଣ, ପୋଖରୀପୁଟ, ଶୈଳଶ୍ରୀବିହାରରୁ ୧୦ଜଣ ଲେଖାଏ, ଝାରପଡା, ପାହାଲରୁ ୯ଜଣ ଲେଖାଏ, ଖଣ୍ଡଗିରି, ନୀଳାଦ୍ରିବିହାର, ଜୟଦେବ ବିହାର, ଟଙ୍କପାଣି ରୋଡ୍, ୟୁନିଟ୍-୬ରୁ ୬ଜଣ ଲେଖାଏ, ୟୁନିଟ୍-୯, ଶହୀଦନଗରରୁ ୮ଜଣ ଲେଖାଏ, ଲକ୍ଷ୍ମୀସାଗର, ବଡ଼ଗଡ଼, ଆଇଆର୍‌ସି ଭିଲେଜରୁ ୫ଜଣ ଲେଖାଏ, ଡୁମୁଡୁମା, ବରମୁଣ୍ଡା, କଳ୍ପନା, ୟୁନିଟ୍-୩, ଭିଏସ୍‌ଏସ୍‌ନଗରରୁ ୩ଜଣ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅପରପକ୍ଷେ ଗୋଟିଏ ଦିନରେ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୯୮ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ଭୁବନେଶ୍ୱରର ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୨ଲକ୍ଷ ୪ହଜାର ୪୫୪କୁ ବୃଦ୍ଧି ପାଇଛି। ତେବେ ସେମାନଙ୍କ ମଧ୍ୟରୁ ୧୨ଲକ୍ଷ ୨ହଜାର ୨୯୪ଜଣ ସୁସ୍ଥ ହୋଇଥିବାବେଳେ ଏବେସୁଦ୍ଧା ହଜାରେ ୩୭ଜଣ ଆକ୍ରାନ୍ତ ସକ୍ରିୟ ଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

### ଜରିମାନା ଆଦାୟ କଡ଼ାକଡ଼ି ନିର୍ଦ୍ଦେଶ

ବର୍ଦ୍ଧିତ ସଂକ୍ରମଣକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ କଟକଣାକୁ ଆହୁରି କଡାକଡି କରାଯାଇଛି। ଜନସାଧାରଣ କୋଭିଡ୍ ଗାଇଡ୍‌ଲାଇନକୁ ଅନୁପାଳନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଘରୁ ବାହାରକୁ ଗଲେ ମୁହଁରେ ଠିକ୍ ଭାବେ ମାସ୍କ ପିନ୍ଧିବା, ପରସ୍ପର ମଧ୍ୟରେ ଅତି କମ୍‌ରେ ୨ ମିଟର ଦୂରତା ବଜାୟ ରଖିବା ସହ ଗହଳିରୁ ଦୂରେଇ ରହିବାକୁ କୁହାଯାଇଛି। କଟକଣା ନ ମାନିଲେ ୫ଶହ ଟଙ୍କା ଜରିମାନା ଆଦାୟ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ୫ କଣ୍ଟେନମେଣ୍ଟ, ୫ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ହେଲା

**ଭୁବନେଶ୍ୱର, ୫।୧ (ବ୍ୟୁରୋ)**

ରାଜଧାନୀରେ କରୋନା ସଂକ୍ରମଣ ପୁଣି ଉପରମୁହାଁ ହୋଇଛି। ଗୋଟିଏ ଗୋଟିଏ ଅଞ୍ଚଳରୁ ଏକାଧିକ ସଂକ୍ରମିତ ବାହାରୁଥିବାରୁ ସହରରେ କଣ୍ଟେନ୍‌ମେଣ୍ଟ ଜୋନ୍ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ବୁଧବାର ଦକ୍ଷିଣ-ପୂର୍ବ ଜୋନ୍‌ର ୫ ସ୍ଥାନକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କଣ୍ଟେନ୍‌ମେଣ୍ଟ ଓ ଉତ୍ତର ଜୋନ୍‌ର ୫ ସ୍ଥାନକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯାଇଛି। କଣ୍ଟେନମେଣ୍ଟ ଅଞ୍ଚଳଗୁଡ଼ିକ ହେଲା ଦକ୍ଷିଣ-ପୂର୍ବ ଜୋନ୍‌ର ୱାର୍ଡ ନଂ.୨୮ ଅନ୍ତର୍ଗତ ଆଚାର୍ଯ୍ୟ ବିହାରର ସାଇ ମନ୍ଦିର ନିକଟ ପ୍ଲଟ୍ ନଂ. ୧୪୯୯/ଏ, ପାଣି ଟାଙ୍କି ନିକଟ ପ୍ଲଟ୍ ନଂ.୧୩/୬୫, ୱାର୍ଡ ନଂ. ୩୪ ଅନ୍ତର୍ଗତ ସତ୍ୟନଗର ଅଞ୍ଚଳର ପ୍ଲଟ୍ ନଂ.୧୨୦-ବି, ୱାର୍ଡ ନଂ. ୫୩ ଅନ୍ତର୍ଗତ ବାପୁଜୀନଗରସ୍ଥିତ ପ୍ଲଟ୍ ନଂ. ୬୦ ଏବଂ ୱାର୍ଡ ନଂ. ୫୭ ଅନ୍ତର୍ଗତ ଟଙ୍କପାଣି ରୋଡ୍ ବିଷ୍ଣୁନଗରସ୍ଥିତ ପ୍ଲଟ୍ ନଂ. ୧୧୪୭। ତେବେ ସଂକ୍ରମିତ କୌଣସି ବ୍ୟକ୍ତିଙ୍କର ବିଦେଶ ଫେରନ୍ତାଙ୍କ ସହ ଲିଙ୍କ୍ ନ ଥିବା ଜୋନାଲ ଡେପୁଟି କମିଶନର ମହେନ୍ଦ୍ର କୁମାର ବଢେଇ ସୂଚନା ଦେଇଛନ୍ତି। ସେହିପରି ମାଇକ୍ରୋ କଣ୍ଟେନମେଣ୍ଟ ଅଞ୍ଚଳ ହେଲା ଉତ୍ତର ଜୋନ୍‌ର ୱାର୍ଡ ନଂ.୧୨ ଅନ୍ତର୍ଗତ ସୈନିକ ସ୍କୁଲ ନିକଟ କ୍ୱାର୍ଟରେ ନଂ.୩ଆର୍୪, ୱାର୍ଡ ନଂ.୪ ଅନ୍ତର୍ଗତ ଇଣ୍ଡିଆନ୍ ଅଏଲ୍ ହାଉସିଂ ସୋସାଇଟିର ତୃତୀୟ ଫ୍ଲୋର୍ ଏ-୩୦୪, ୱାର୍ଡ ନଂ.୧୮ ଅନ୍ତର୍ଗତ ପାଣ୍ଡରାର ପ୍ଲଟ୍ ନଂ.୪୦୪୪/୪, ୱାର୍ଡ ନଂ. ୧୬ ଅନ୍ତର୍ଗତ ଏକ୍ସଆଇଏମ୍‌ବିର ବ୍ଲକ୍ ୨ର କ୍ୱାର୍ଟର ନଂ.୧୨ ଏବଂ ୱାର୍ଡ ନଂ.୭ ଅନ୍ତର୍ଗତ ଶୈଳଶ୍ରୀବିହାର ଲେନ୍-୬ ଓ ଏଚ୍‌ଆଇଜି-୫୬। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। ଏହି ସମୟରେ ସମ୍ପୃକ୍ତ ଅଞ୍ଚଳକୁ ବାହାର ଲୋକଙ୍କ ଯିବାଆସିବା ଉପରେ ରୋକ ଲଗାଯାଇଛି। ସଂକ୍ରମିତ ବ୍ୟକ୍ତି ଓ ସେମାନଙ୍କ ପରିବାରର ଅନ୍ୟ ବ୍ୟକ୍ତିଙ୍କୁ ହୋମ୍ ଆଇସୋଲେଶନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି। ସେହିପରି କଟକଣା ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଓ ମେଡିକାଲ ସହାୟତା ପ୍ରଦାନ ପାଇଁ ବିଏମ୍‌ସି ପକ୍ଷରୁ ବ୍ୟବସ୍ଥା ହୋଇଛି। ୮ ନଂ. ୱାର୍ଡ ପାଇଁ ୱାର୍ଡ ଅଫିସର ରୋହିତ ଚନ୍ଦ୍ର ଦାସ ଓ ଡା. ଶିଳ୍ପା ସୁମନ ଦାୟିତ୍ୱରେ ଥିବାବେଳେ ୩୪ ନଂ. ୱାର୍ଡ ପାଇଁ ୱାର୍ଡ ଅଫିସର ବିଭୂତି ପ୍ରଧାନ ଓ ଡା. ସୁମନ, ୱାର୍ଡ ନଂ. ୫୩ ପାଇଁ ୱାର୍ଡ ଅଫିସର ସୁନୀଲ କୁମାର ବେହେରା ଓ ଡା. ରଜନୀକାନ୍ତ ସାହୁ ଏବଂ ୱାର୍ଡ ନଂ.୫୭ ପାଇଁ ୱାର୍ଡ ଅଫିସର ନେତ୍ରାନନ୍ଦ ରଥ ଓ ଡା. ସାହୁଙ୍କୁ ନିୟୋଜିତ କରାଯାଇଛି। ୱାର୍ଡ ନଂ.୧୨ ପାଇଁ ୱାର୍ଡ ଅଫିସର ଆର୍‌ଏନ୍ ମିଶ୍ର, ମେଡିକାଲ ସହାୟତା ପାଇଁ ଡା. କୁସୁମାଞ୍ଜଳି, ସାନିଟେଶନ ପାଇଁ ପୌମେନ୍ଦ୍ର ପ୍ରଧାନ ଏବଂ ସମସ୍ତ ତଦାରଖ ପାଇଁ ବିଏମ୍‌ସି ସହକାରୀ ଯନ୍ତ୍ରୀ ସୁରଥ କୁମାର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ୪ନଂ. ୱାର୍ଡ ପାଇଁ ୱାର୍ଡ ଅଫିସର ଏ.କେ. ସ୍ୱାଇଁ, ଡା. ଲିଜା, ସହକାରୀ ଯନ୍ତ୍ରୀ ପତିତପାବନ ପଟ୍ଟନାୟକ ଏବଂ ଅନ୍ୟ ୱାର୍ଡ ପାଇଁ ଅନୁରୂପ ଭାବେ ୱାର୍ଡ ଅଫିସର, ଡାକ୍ତର ଏବଂ ସହକାରୀ ଯନ୍ତ୍ରୀଙ୍କୁ ଦୟିତ୍ୱ ଦିଆଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।



ଭୁବନେଶ୍ୱରଠାରେ ବୁଧବାର କମିଶନରେଟ ପୋଲିସର ୧୪ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ପୁରସ୍କୃତ ଶ୍ରେଷ୍ଠ ପୋଲିସ ଅଧିକାରୀ।

### ମହାପ୍ରଭୁଙ୍କୁ ଦର୍ଶନ କଲେ ୧୭ ଆଇଏଏସ୍ ଶିକ୍ଷା ନବିସ

**ପୁରୀ ଅଫିସ, ୫।୧**

■ଉନ୍ନୟନମୂଳକ ପ୍ରକଳ୍ପ ବିଷୟରେ ବୁଝିଲେ

ଭାରତୀୟ ପ୍ରଶାସନିକ ସେବାରେ ନବନିଯୁକ୍ତ ୧୭ଜଣ ଶିକ୍ଷା ନବିସ 'ଭାରତ ଦର୍ଶନ' କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ବୁଧବାର ପୁରୀ ପରିଦର୍ଶନରେ ଆସିଛନ୍ତି। ସେମାନଙ୍କୁ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଶୁଭେଚ୍ଛା ଜଣାଇ ଥିଲେ। ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷରେ ସେମାନଙ୍କୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ସୁମନ୍ତ କୁମାର କର, ୱାଟ୍‌କୋ ଜେନେରାଲ ମ୍ୟାନେଜର ଶରତ ମିଶ୍ର ପ୍ରମୁଖ ହେରିଟେଜ କରିଡର, ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଏବଂ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇଥିଲେ। ସେମାନେ ତାଳବଣିଆ ଯାଇ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ବ୍ଲୁ ଫ୍ଲାଗ୍ ବିଚ୍ ବୁଲି ସାରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ସେମାନେ କୋଣାର୍କ ଯାଇ ସୂର୍ଯ୍ୟମନ୍ଦିର ବୁଲି ଦେଖିଥିଲେ। ଏହି ଅବସରରେ ଜିଲା ବନଖଣ୍ଡ ଅଧିକାରୀ ପି.ରାମାସ୍ୱାମୀ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତି ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଡେପୁଟି କଲେକ୍ଟର ଗୋପୀନାଥ ମିଶ୍ର, ଓଡ଼ିଶା ସେତୁ ନିର୍ମାଣ ନିଗମ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାତ ପାଣିଗ୍ରାହୀ ଏବଂ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବି. ଆଶିଷ କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ପରିଦର୍ଶନରେ ଆସିଥିବା ଆଇଏଏସ୍ ଶିକ୍ଷା ନବିସମାନେ।

### ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ସଂଶୋଧନ ପ୍ରସ୍ତାବ ପାରିତ

**ଜଟଣୀ,୫।୧(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅଧୀନ କୁଦିଆରୀ ଗ୍ରାମରେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବା ଉଦ୍ଦେଶ୍ୟରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଥିଲା। ରାଜ୍ୟ ସରକାର ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ୧୯୫୪କୁ ସଂଶୋଧନ କରିବା ପାଇଁ ଅଧ୍ୟାଦେଶ ଜାରି ପ୍ରସ୍ତାବ ଦେବା ପରେ ଜଟଣୀ ଅଞ୍ଚଳରେ ଖୁସି ଖେଳିଯାଇଛି। ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଗିରହିଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ସମସ୍ୟା ଏକପ୍ରକାର ସମାଧାନ ହୋଇଛି। ରାଜ୍ୟ କ୍ୟାବିନେଟର ନିଷ୍ପତ୍ତି ଫଳରେ ଶ୍ରୀଜଗନ୍ନାଥ ମନ୍ଦିର ତଥା ମନ୍ଦିର ପରିଚାଳନା କମିଟି ଅଧୀନରେ ରହିଥିବା ସ୍ଥାବର ଅସ୍ଥାବର ଜମିବାଡ଼ିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରି ରୟତମାନଙ୍କୁ ସେମାନଙ୍କର ଅଧିକାର ଦେବା ସହିତ ସମ୍ପୃକ୍ତ ମାମଲାଗୁଡିକର ତ୍ୱରିତ ସମାଧାନ କରି ସମସ୍ତ କଟକଣାକୁ ହଟାଇବା ଲାଗି ଅଧ୍ୟାଦେଶ ଜାରି ପାଇଁ ପ୍ରସ୍ତାବ ଦେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ଯୁଗାନ୍ତକାରୀ ପଦକ୍ଷେପ ବୋଲି ପୂର୍ବତନ ଏଖାରଜାତ ମାହାଲ ରୟତ ସୁରକ୍ଷା କମିଟି ସଭାପତି କୈଳାସ ଚନ୍ଦ୍ର ମହାପାତ୍ର ଏବଂ ଆଞ୍ଚଳିକ ଭିଟାମାଟି ସୁରକ୍ଷା ମଞ୍ଚ ଜଟଣୀ, ଡେଲାଙ୍ଗ ସଭାପତି କହିଛନ୍ତି। ତେଣୁ ରାଜ୍ୟ ସରକାରଙ୍କୁ ଉଭୟ ମଞ୍ଚ ପକ୍ଷରୁ କୃତଜ୍ଞତା ଜଣାଇ ଦିଆଯାଇଛି।

### ଉତ୍ସାହର ସହ ସମେଟିଭ ପରୀକ୍ଷା ଦେଲେ ଛାତ୍ରୀଛାତ୍ର



ଖୋର୍ଦ୍ଧା ଅଞ୍ଚଳର ଏକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ପରୀକ୍ଷା ପାଇଁ ବସିଛନ୍ତି।

**ଯାଁଳା/ନିରାକାରପୁର,୫।୧ (ଡି.ଏନ୍.ଏ.)**

ରାଜ୍ୟରେ ବୁଧବାରଠାରୁ ଦଶମ ଶ୍ରେଣୀର ସମେଟିଭ ପରୀକ୍ଷା ଆରମ୍ଭ ହୋଇଛି। ଜଟଣୀ ବ୍ଲକରେ ମୋଟ ୯ଟି ବିଦ୍ୟାଳୟରେ ଦଶମ ଶ୍ରେଣୀ ସମେଟିଭ ପରୀକ୍ଷା-୧ ଆରମ୍ଭ ହୋଇଛି। ସେଥିମଧ୍ୟରୁ ଯାଁଳା ସରକାରୀ କୃଷ୍ଣଚନ୍ଦ୍ର ବିଦ୍ୟାପୀଠରେ ମୋଟ ୪ଟି ବିଦ୍ୟାଳୟର ୧୫୩ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ପରୀକ୍ଷା ହୋଇଥିଲା। ପ୍ରଥମ ଦିନି ପରୀକ୍ଷାରେ ୫ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ଗୋଟିଏ ରୁମରେ ସରକାରଙ୍କ ନିୟମ ଅନୁଯାୟୀ ୨୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଏହି କେନ୍ଦ୍ରରେ ବ୍ଲକର ଗଙ୍ଗପଡା, ଅରିସଲ, ଓଗାଳପଡା ଓ ଭୁବନେଶ୍ୱର ବ୍ଲକର ନଁପୁଟ ବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୫୦ ମାର୍କର ପରୀକ୍ଷା ହୋଇଥିବାରୁ ପିଲାମାନେ ବେଶ ଖୁସି ଥିବାର ଜଣାପଡୁଥିଲା। ପରୀକ୍ଷା ପରିଚାଳନା ଦାୟିତ୍ୱରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଥିଲେ। ସେହିଭଳି ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ନୂଆଗଡ଼ ପଞ୍ଚାୟତର ହରିପୁରରେ ଥିବା ଉଗ୍ରତାରା ନୋଡାଲ ହାଇସ୍କୁଲରେ ଦୁଇଟି ସ୍କୁଲର ସେଣ୍ଟର ପଡ଼ିଥିଲା। ବଳଦେବ ଜୀଉ ହାଇସ୍କୁଲ ଭୁଷଣ୍ଡପୁର ଓ ବାଲିପାଟପୁର ରିଫ୍ୟୁଜ୍ ହାଇସ୍କୁଲର ମୋଟ ୨୨୭ଜଣ ଛାତ୍ରୀଛାତ୍ର କରୋନା ଗାଇଡ୍‌ଲାଇନ ମାନି ପରୀକ୍ଷା ଦେଇଥିଲେ। ଦୀର୍ଘଦିନ ପରେ ପରୀକ୍ଷା ହୋଇଥିବାରୁ ପିଲାମାନେ ବେଶ୍ ଉତ୍ସାହ ରହିଥିଲେ। ଅନ୍ୟପଟେ କରୋନା ଏବଂ ଓମିକ୍ରନ ଭୟଙ୍କର ରୂପ ଧାରଣ କରୁଥିବାରୁ କାଳେ ପରୀକ୍ଷା ବନ୍ଦ ହୋଇଯିବ ସେଥିପାଇଁ ସରକାର ଗାଇଡ୍‌ଲାଇନ ଅନୁସାରେ ଯେଉଁ ପଦକ୍ଷେପ ଆଗରୁ ନିଆଗଲା ତାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଉଗ୍ରତାରା ନୋଡାଲ ସ୍କୁଲ ପରିଚାଳନା କମିଟି ସଭାପତି ଅଜୟ ଛୋଟରାୟ ସୂଚନା ଦେଇଛନ୍ତି ।

### ବାଲୁଗାଁ ଅଗ୍ନିଶମ ଦଳ ଚାମ୍ପିୟନ

**ବାଲୁଗାଁ,୫।୧(ଡି.ଏନ୍.ଏ.)**

ଆନ୍ତଃଜିଲା ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ

ବାଲୁଗାଁ ଅଗ୍ନିଶମ ବିଭାଗ ଆନୁକୂଲ୍ୟରେ କାର୍ଯ୍ୟାଳୟ ପରିସରରେ ଦୁଇଦିନ ବ୍ୟାପୀ ଆନ୍ତଃଜିଲା ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କୁମ୍ଭୀରପଡ଼ା ଗ୍ରାମର ସୁକାନ୍ତ ବିଶ୍ୱାଳ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମଙ୍ଗଳବାର ପ୍ରଥମ ଦିବସରେ ୧୬ଟି ଟିମ୍ ଖେଳରେ ଅଂଶଗ୍ରହଣ କରିଥିଲେ। ହେଲେ ବୁଧବାର ଫାଇନାଲ ମ୍ୟାଚ୍ ଫୁଲବାଣୀ ଏବଂ ବାଲୁଗାଁ ଅଗ୍ନିଶମ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦୁଇ ଦଳ ମଧ୍ୟରେ ୨-୧ ସେଟରେ ପରାସ୍ତ କରି ବାଲୁଗାଁ ଅଗ୍ନିଶମ ଟିମ୍ ଚାମ୍ପିୟନ ହୋଇଥିଲା। ଅତିଥି ଭାବେ ଚିଲିକା ପ୍ରେସ୍ କ୍ଲବର ସଭାପତି ପ୍ରକାଶ ପ୍ରଧାନ ଓ ଖବରଦାତା ସଂଗ୍ରାମ କେଶରୀ ପାଇକରାୟ ଯୋଗଦେଇ ଚାମ୍ପିୟନ ଟିମ୍‌ର ଏସ୍.କେ. ସାଜିଦ୍ ଓ ବିନୋଦ ସେଠୀଙ୍କୁ ଟ୍ରଫି ସହ ୨ହଜାର ୫ଶହ ଟଙ୍କା ଏବଂ ରନର୍ସ ଟିମ୍‌କୁ ଟ୍ରଫି, ମାନପତ୍ର ସହ ୧ହଜାର ୫ଶହ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଦମକଳ ଅଧିକାରୀ ନିତ୍ୟାନନ୍ଦ ଜେନାଙ୍କ ଦ୍ୱାରା ଖେଳ ଅନୁଷ୍ଠିତ ହୋଇଥିଲା। ଶାହାଜାହନ ଏବଂ ବିଶ୍ୱଜିତ ଶତପଥୀ ମ୍ୟାଚ୍ ପରିଚାଳନା କରିଥିଲେ।




୭ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ଆଶା ସାଥୀ ସଂଘ ପକ୍ଷରୁ ଆଶା ସାଥୀମାନେ ବୁଧବାର ଭୁବନେଶ୍ୱରସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।




ଉଠାଦୋକାନୀଙ୍କୁ ଥଇଥାନ ଦାବିରେ କଟକ ଉଠାଦୋକାନୀ ସଂଘ ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ।



ଜାତୀୟ ସାଧାରଣତନ୍ତ୍ର ଦିବସ ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ବାଦ୍ ପଡିବା ପ୍ରସଙ୍ଗରେ ଉତ୍କଳ ସମ୍ମିଳନୀ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୬ ଜାନୁୟାରୀ, ୨୦୨୨

**ରାସ୍ତା କଡ଼କୁ ଓଲଟିଲା କାର୍, ଜଣେ ଗୁରୁତର**

ଆଠଗଡ (ସ୍ୱ.ପ୍ର.): ଆଠଗଡ ଥାନା ରାଧାଦର୍ଶନପୁରଠାରେ ଏକ କାର୍ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଜଣେ ଗୁରୁତର ହୋଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ କାର୍ (ନଂ. ଓଡି୦୨ ଏଆର ୪୦୮୨) ଆଠଗଡରୁ ଟିଗିରିଆ ଆଡ଼କୁ ଯାଉଥିଲା। ରାସ୍ତାରେ କାର୍ ଚକା ଫାଟି ଯିବାରୁ ଭାରସାମ୍ୟ ହରାଇ କଡ଼କୁ ଓଲଟି ପଡ଼ିଥିଲା। ଏଥିରେ ଗାଡି ଚାଳକ ରୁଦ୍ର ପ୍ରତାପ ସାହୁ ଗୁରୁତର ଆହତ ହୋଇଛନ୍ତି। ରାତି ଡ୍ୟୁଟିରେ ଥିବା ସ୍ଥାନୀୟ ବିଦ୍ୟୁତ୍ ବିଭାଗର କର୍ମଚାରୀ ଆହତ ରୁଦ୍ରଙ୍କୁ ଆମ୍ବୁଲାନ୍ସ ଯୋଗେ ଆଠଗଡ ଡାକ୍ତରଖାନା ପଠାଇଥିଲେ।



## ଆଜି କ'ଣ କେଉଁଠି

କଟକ

- ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- କଟକ ନଗର ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ,ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଫେସର ଗଙ୍ଗାଧର ବଳ ସ୍ମୃତିସନ୍ଧ୍ୟା ଓ ସ୍ମାରକୀ ବକ୍ତୃତା, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।
- କଟକ ମହୋତ୍ସବର ୪ର୍ଥ ସନ୍ଧ୍ୟା, ଶାରଳା ଭବନ, ସନ୍ଧ୍ୟା ୬ଟା।

# ଭିନ୍ନକ୍ଷମଙ୍କୁ ହତ୍ୟା ଅଭିଯୋଗ

- କ୍ଷତିପୂରଣ, ହତ୍ୟାକାରୀଙ୍କୁ ଗିରଫ ଦାବିରେ ରାସ୍ତାରୋକୋ
- ୨ ଅଭିଯୁକ୍ତ ଗିରଫ

ଚୌଦ୍ୱାର,୫।୧(ଡି.ଏନ୍.ଏ.)



ଉତ୍ୟକ୍ତ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ସଫା ପଞ୍ଚାୟତର ସଫା ବଜାରରେ ଭିନ୍ନକ୍ଷମ ଯୁବକ ପର୍ଶୁରାମ ଧଳଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ବୁଧବାର ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ହତ୍ୟାକାରୀଙ୍କୁ ଗିରଫ ଦାବିରେ ଗ୍ରାମବାସୀ ପୂର୍ବାହ୍ନ ୧୦ଟାରେ ଟାଙ୍ଗୀ-ହରିପୁର ରାସ୍ତା ଅବରୋଧ କରିଥିଲେ। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେଇଥିଲା। ଏଥିସହ ଘଟଣାରେ ସମ୍ପୃକ୍ତ ସ୍ଥାନୀୟ ଅଞ୍ଚଳର ଚିନ୍ମୟ ଧଳ ଓ ଚିନ୍ମୟ ସାହୁଙ୍କୁ ଗିରଫ କରିବା ପରେ ମଧ୍ୟାହ୍ନ ୧୨ଟାରେ ରାସ୍ତାରୋକୋ ହଟିଥିଲା।

ଆଇଆଇସି ସୁଚିତ୍ରବୀର୍ଯ୍ୟ ଦାସଙ୍କ ସୂଚନା ଅନୁଯାୟୀ, ଗତ ରବିବାର ସନ୍ଧ୍ୟାରେ ସଫା ବଜାରରେ ପର୍ଶୁରାମ ବସିଥିବାବେଳେ କୌଣସି କାରଣକୁ ନେଇ ଧଳ ଓ ସାହୁଙ୍କ ସହିତ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉଭୟ ଉତ୍‌କ୍ଷିପ୍ତ ହୋଇ ପର୍ଶୁରାମଙ୍କୁ ମାଡ଼ ସହିତ ଧକ୍କା ମାରିଥିଲେ। ଫଳରେ ସେ ପଡିଯିବାରୁ ତଳେ ଥିବା ପଥରରେ ତାଙ୍କ ମୁଣ୍ଡ ମାଡ ହୋଇ ଗଭୀର ଆଘାତ ଲାଗିଥିଲା। ଏହାପରେ ଅଭିଯୁକ୍ତ ଦ୍ୱୟ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ପର୍ଶୁରାମଙ୍କୁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଆଇସିୟୁରେ ରହି ଚିକିତ୍ସିତ ହେଉଥିବାବେଳେ ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଯୁକ୍ତ ଦ୍ୱୟ ପର୍ଶୁରାମଙ୍କୁ ହତ୍ୟା କରିଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ଦଫା ୩୦୨/୩୪ ଆଇପିସି ଅନୁଯାୟୀ ପୋଲିସ ଏକ ମାମଲା(ନଂ.୧/୨୨) ରୁଜୁ କରିଛି।

## ସଂକ୍ଷେପରେ

### କନ୍ଦରପୁର-କିଶନନଗର ଖବରଦାତା ସଂଘର କର୍ମକର୍ତ୍ତା ମନୋନୟନ

**କଟକ ସଦର,୫।୧(ଡି.ଏନ.ଏ.):** କଟକ ସଦର ବ୍ଲକ ଅଧୀନ ଅର୍ଚ୍ଛିଲ ଗ୍ରାମରେ ରବିବାର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କନ୍ଦରପୁର-କିଶନନଗର ଖବରଦାତା, ବିତରକ, ହକର ସଂଘର କର୍ମକର୍ତ୍ତା ମନୋନୟନ ହୋଇଥିଲା। ଏଥିରେ ସଂଘ ସଭାପତି ଭାବେ ସର୍ବେଶ୍ୱର ମିଶ୍ର, କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟ ନାରାୟଣ ଦାସ, ଉପ ସଭାପତି ସୁକାନ୍ତ କୁମାର ବେଉରା ଓ ବିଭୁ ପ୍ରସାଦ ସ୍ୱାଇଁ, ସମ୍ପାଦକ ତାପସ ରାଉତରାୟ, ସହ ସମ୍ପାଦକ ଚିତ୍ତରଞ୍ଜନ ବେହେରା ଓ ଚକ୍ରବର୍ତ୍ତୀ ଓତା, କୋଷାଧକ୍ଷ ଉଦୟନାଥ କୁଣ୍ଡୁ ଏବଂ ଉପଦେଷ୍ଟା ବିଷ୍ଣୁଚରଣ ବେହେରାଙ୍କୁ ମନୋନୀତ କରାଯାଇଛି। ଖବରଦାତା ଭୈରବ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନୃସିଂହ ନାଥ, ଅମିର ସାହୁ, ସୁକାନ୍ତ ବେହେରା, ସନ୍ତୋଷ କୁଣ୍ଡୁ, ରଜନୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଖଟବିନ ସାହି ଫାଣ୍ଡି କୋଠା ଉଦ୍‌ଘାଟିତ

**କଟକ ଅଫିସ,୫।୧:** ଲାଲବାଗ ଥାନା ଅଧୀନ ଖଟବିନସାହି ଫାଣ୍ଡିର ନୂତନ କୋଠା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ଘାଟନ କରିଥିଲେ। ଫଳରେ ଖଟବିନସାହି, ଦେୱାନ ବଜାର ଓ ରୋଭର ଷ୍ଟ୍ରିଟ ଅଞ୍ଚଳରେ ପାଟ୍ରୋଲିଂ କଡାକଡି ହୋଇପାରିବ। ଏଥିସହ ପୋଲିସ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇପାରିବ। ପୂର୍ବରୁ ଫାଣ୍ଡି ଲାଲବାଗ ଥାନା ଅଧୀନରେ କାର୍ଯ୍ୟ କରୁଥିଲା। ଏବେ ସ୍ୱାଧୀନଭାବେ କାର୍ଯ୍ୟ କରିବ। ଏଠାରେ ଜଣେ ଏଏସ୍‌ଆଇଙ୍କ ସମେତ ୫ଜଣ କନଷ୍ଟେବଲ ରହିବେ। ଏହି କାର୍ଯ୍ୟକ୍ରମରେ ଡିସିପି ପ୍ରତୀକ୍ ସିଂ, ଏସିପି ତାପସ ପ୍ରଧାନ ଓ ଆଇଆଇସି ରବିନାରାୟଣ ଭଞ୍ଜ ଉପସ୍ଥିତ ଥିଲେ।

### ବିଦ୍ୟାଳୟ ଉନ୍ନତିମୂଳକ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ

**କଟକ ଅଫିସ,୫।୧:** କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ଅନନ୍ୟା ଦାସ ବୁଧବାର ଯୋବ୍ରା ହାଇସ୍କୁଲ ପରିଦର୍ଶନରେ କରି ଉନ୍ନତିମୂଳକ କାର୍ଯ୍ୟଗୁଡିକର ସମୀକ୍ଷା କରିଥିଲେ। ତୁରନ୍ତ ଏହି କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସ୍କୁଲ ପରିସରରୁ ଜବରଦଖଲ ଉଚ୍ଛେଦ ପରେ ପାଚେରି ନିର୍ମାଣ ସହିତ ଶ୍ରେଣୀ ଗୃହଗୁଡିକର ନବୀକରଣ କରିବାକୁ ଅଧିକାରୀମାନଙ୍କୁ କହିଥିଲେ। ଏହି ସମୟରେ ପ୍ରଧାନ ଶିକ୍ଷକ ଅମରେଶ କୁମାର ମହଲା, ପୁରାତନ ବିଦ୍ୟାର୍ଥୀ ପରିଷଦ ସମ୍ପାଦକ ଶୁଭେନ୍ଦୁ ମହାନ୍ତି, ଡେପୁଟି କମିଶନର ସଞ୍ଜିବିତା ରାୟ, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।



ମନନ ନାଟ୍ୟ ସଂସ୍ଥା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ ମହୋତ୍ସବରେ ବୁଧବାର ପରିବେଷିତ ନାଟକ 'ଅଳିଆ ଭିତରେ କାଳିଆ'ର ଏକ ଦୃଶ୍ୟ।

## ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

କଟକ ଅଫିସ,୫।୧

କଟକ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟରେ ରେଳପଥ ମାଲଗୋଦାମ ଶ୍ରମିକ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜାତୀୟ ସଂଘର ସଭାପତି ପରିମଳକାନ୍ତି ମଣ୍ଡଳ ଉଦ୍‌ଘାଟନ କରିଥିଲେ। ସଂଘର ରାଜ୍ୟ ସଭାପତି ବଳରାମ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଗୋଦାମଗୁଡ଼ିକରେ କାର୍ଯ୍ୟରତ ଶ୍ରମିକଙ୍କୁ ପୋଷାକ ପ୍ରଦାନ, ସେମାନଙ୍କ ପିଲା ମାଗଣାରେ ପାଠ ପଢିବା, କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁରେ ପରିବାରର ଜଣଙ୍କୁ ନିଯୁକ୍ତି, ପାନୀୟଜଳ, ଶୌଚାଳୟ, ଉପଯୁକ୍ତ ପାରିଶ୍ରମିକ, ପରିଚୟପତ୍ର, ପେନ୍‌ସନ, ରେଲ୍‌ୱେ ପାସ୍ ଓ ରେଲ୍‌ୱେ ହସ୍ପିଟାଲରେ ମାଗଣା ଚିକିତ୍ସା ଯୋଗାଇ ଦେବା ଭଳି ଦାବି ଉପରେ ଆଲୋଚନା ହୋଇଥିଲା। ଗତ ୧୧ ବର୍ଷ ହେବ କେନ୍ଦ୍ର ସରକାରଙ୍କ ନିକଟରେ ଏହି ଦାବିଗୁଡ଼ିକ ଉପସ୍ଥାପନ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପୂରଣ କରାଯାଇନାହିଁ। ଏନେଇ ପୁଣିଥରେ କେନ୍ଦ୍ର ଶ୍ରମମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଏହି ଦାବିଗୁଡ଼ିକ ପୂରଣ ନ କରାଗଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସମ୍ମିଳନୀରେ ଘୋଷଣା କରାଯାଇଥିଲା। ଏଥିରେ ସଂଘ ସାଧାରଣ ସମ୍ପାଦକ ଅକ୍ଷୟ ରାଉତ, ସମ୍ପାଦକ ବିଦ୍ୟାଧର ମଲ୍ଲିକ, ଇନ୍ଦୁଶେଖର ଚକ୍ରବର୍ତ୍ତୀ, ପଙ୍କଜ କୁମାର ରାଉତ ପ୍ରମୁଖ ଯୋଗଦେଇ ଶ୍ରମିକମାନଙ୍କ ସମସ୍ୟା ସମାଧାନ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମରେନ୍ଦ୍ର ପଟ୍ଟନାୟକ, ବିଶ୍ୱନାଥ ମହାରଣା, ପଦ୍ମନାଭ ବେହେରା, ଶଶିକାନ୍ତ ନାୟକ, ବିଭୁଦାନନ୍ଦ ପଟ୍ଟନାୟକ, ପ୍ରକାଶ ରାଉତ ଉପସ୍ଥିତ ଥିଲେ।

# '୨୪ ସୁଦ୍ଧା ଷ୍ଟାଟ୍‌ସ ରିପୋର୍ଟ ଦାଖଲ କର'

**ବେଆଇନ କଲ୍ୟାଣ ମଣ୍ଡପ ମାମଲା**

କଟକ ଅଫିସ,୫।୧

କଟକରେ ଥିବା ବେଆଇନ କଲ୍ୟାଣ ମଣ୍ଡପ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଆର.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ଆସନ୍ତା ୨୪ ତାରିଖ ସୁଦ୍ଧା କଲ୍ୟାଣ ମଣ୍ଡପଗୁଡ଼ିକର ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ କଟକ ମହାନଗର ନିଗମ(ସିଏମ୍‌ସି)କୁ ନିର୍ଦ୍ଦେଶ ଦେଇଛନ୍ତି। ଫେବୃୟାରୀ ୮ରେ ଏହାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୫ ମସିହାରେ ଆବେଦନକାରୀ ଇ ଭେଙ୍କଟ ରାଓ ହାଇକୋର୍ଟରେ ବେଆଇନ କଲ୍ୟାଣ ମଣ୍ଡପ ନେଇ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ପରେ ସିଏମ୍‌ସି ପକ୍ଷରୁ ସତ୍ୟପାଠ ଜରିଆରେ ଦର୍ଶାଯାଇଥିଲା, କଲ୍ୟାଣ ମଣ୍ଡପ ସଂଘ ପ୍ରଦତ୍ତ ତଥ୍ୟ ଅନୁସାରେ କଟକରେ ୭୪ଟି ମଣ୍ଡପ ରହିଛି। ସେଥିରୁ ୧୩ଟିରେ ତାଲା ପଡିଥିବାବେଳେ ଗୋଟିଏ ସ୍ଥାୟୀ ଭାବେ ବନ୍ଦ ହୋଇଛି। ବାକି ୬୦ଟି କଲ୍ୟାଣ ମଣ୍ଡପ କଟକ ଉନ୍ନୟନ କର୍ତ୍ତୃପକ୍ଷ (ପ୍ଲାନିଂ ଓ ବିଲ୍ଡିଂ ଷ୍ଟାଣ୍ଡାର୍ଡ) ରେଗୁଲେଶନ, ୨୦୧୭କୁ ପାଳନ କରି ନ ଥିବା ସିଏମ୍‌ସି ପକ୍ଷରୁ ଯାଞ୍ଚବେଳେ ଜଣାପଡିଥିଲା। ତେଣୁ ଏହି ୬୦ଟି କଲ୍ୟାଣ ମଣ୍ଡପକୁ କାହିଁକି ବନ୍ଦ କରା ନ ଯିବ ବୋଲି କାରଣ ଦର୍ଶାଇବାକୁ ସିଏମ୍‌ସି ପକ୍ଷରୁ ମଣ୍ଡପ ମାଲିକଙ୍କୁ ନୋଟିସ ଜାରି କରାଯାଇଥିଲା। ପରେ ମଣ୍ଡପର ସ୍ଥିତି ସମ୍ପର୍କରେ ସତ୍ୟପାଠ ଦେବାକୁ କଲ୍ୟାଣ ମଣ୍ଡପ ସଂଘକୁ କୁହାଯାଇଥିଲା। ଏହି ଘଟଣାରେ ସଂଘ ସତ୍ୟପାଠ ଦାଖଲ କରିଥିବା କୁହାଯାଉଛି। କିନ୍ତୁ ଏହି ମାମଲାର କପି ଆମିକସକ୍ୟୁରିଙ୍କୁ ପ୍ରଦାନ କରାଯାଇ ନ ଥିବାରୁ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଆମିକସକ୍ୟୁରି ଅରୁଣ ବୁଦ୍ଧିଆଙ୍କୁ ସତ୍ୟପାଠର କପି ଯୋଗାଇ ଦେବାକୁ କଲ୍ୟାଣ ମଣ୍ଡପ ସଂଘକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

# ୧୦୦ ହକରଙ୍କୁ ମିଳିଲା ପରିଚୟ ପତ୍ର

କଟକ ଅଫିସ, ୫।୧



ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ଓଡ଼ିଶାର ଖବରକାଗଜ ହକରମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରି ମୁଖ୍ୟମନ୍ତ୍ରୀ ଇତିହାସ ରଚନା କରିଛନ୍ତି। ଏହି ପଦକ୍ଷେପ ସର୍ବଭାରତୀୟ ସ୍ତରରେ ପ୍ରଥମ ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗର ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ କହିଛନ୍ତି। କଟକ ଶହୀଦ ଭବନରେ ଖବରକାଗଜ ହକରମାନଙ୍କୁ ପରିଚୟପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଙ୍ଗରାଜ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ହକରମାନଙ୍କୁ ସ୍ୱତନ୍ତ୍ର କୋଭିଡ୍ ସହାୟତା ସହ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି। ଓଡ଼ିଶା ଖବରକାଗଜ ବିକ୍ରେତା ସଂଘ ସଭାପତି ବିଜୟ କୁମାର ପଢିହାରୀ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏଭଳି ପଦକ୍ଷେପ ଯୋଗୁ ହକର ଭାଇମାନେ ବର୍ତ୍ତମାନ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି। ସେମାନଙ୍କ ପାଇଁ ସ୍ଥାୟୀ କଲ୍ୟାଣ ପାଣ୍ଠି ସୃଷ୍ଟି କରିବାକୁ ପଢିହାରୀ ଦାବି କରିଥିଲେ। ଏହି ଅବସରରେ କଟକ ଜିଲାର ବିଭିନ୍ନ ଅଞ୍ଚଳର ୧୦୦ ଖବରକାଗଜ ହକରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ସିଏମ୍‌ସି କମିଶନର ଅନନ୍ୟା ଦାସ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଓ ସୂଚନା ଓ ଲୋକସମ୍ପର୍କ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଅଶୋକ କୁମାର ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସନାତନ



@ ଓମ୍‌ପ୍ରକାଶ



@ ରଶ୍ମିରେଖା



@ ସମୀକ୍ଷା



@ ସାଗର



@ ରୂପେଶ

## ଉଠାଦୋକାନୀଙ୍କୁ ଥଇଥାନ କରାଯିବ

କଟକ ଅଫିସ,୫।୧

ସହରର ଉଠାଦୋକାନୀଙ୍କ ସମସ୍ୟା ସମାଧାନ ପାଇଁ ବୁଧବାର ସିଏମ୍‌ସି କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ଅନନ୍ୟା ଦାସ, ଉଠାଦୋକାନୀ ମହାସଂଘର ସାଧାରଣ ସମ୍ପାଦକ ମନୋଜ ବେହେରା, ଜିତେନ୍ଦ୍ର ସାହୁ, ଜିତେନ୍ଦ୍ର ବେହେରା, ପ୍ରକାଶ ସାହୁ ଓ ହରେକୃଷ୍ଣ ସାହୁ ଉପସ୍ଥିତ ରହିଥିଲେ। ବୈଠକରେ କମିଶନର ଦାସ କହିଥିଲେ, ସହରରେ ଥିବା ଉଠାଦୋକାନୀଙ୍କ ତାଲିକା ପ୍ରସ୍ତୁତ ହେବ। ଏବେ ସହରର ମୁଖ୍ୟରାସ୍ତା ଓ ମେଡିକାଲ ରାସ୍ତାକୁ ବାଦ୍ ଦେଇ ଅନ୍ୟ ସ୍ଥାନରେ ଉଠାଦୋକାନୀ ବ୍ୟବସାୟ କରିପାରିବେ। ସହରର ୫ଟି ସ୍ଥାନ ଚୟନ କରି ସିଏମ୍‌ସିର ଅଧିକାରୀଙ୍କୁ ଜଣାଇଲେ ସେଠାରେ ଭେଣ୍ଡିଂଜୋନ୍ ନିର୍ମାଣ ହୋଇ ଉଠାଦୋକାନୀଙ୍କୁ ଥଇଥାନ କରାଯିବ। ସହରରେ ଏବେ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯିବ ନାହିଁ ବୋଲି ସିଏମସି କମିଶନର କହିଥିବା ମହାସଂଘ ସଭାପତି ସୁରେଶ ମହାନ୍ତି ଜଣାଇଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ଦାବି ନେଇ ଉଠାଦୋକାନୀ ମହାସଂଘ ପକ୍ଷରୁ ମଙ୍ଗଳବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା।



ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ପରିସରରେ ବୁଧବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଧାନମଣ୍ଡିକୁ ଉଦ୍‌ଘାଟନ କରୁଛନ୍ତି।



ଜଟଣୀସ୍ଥିତ କୁମାରଖାଡିଆ ଗ୍ରାମରେ ବୁଧବାର ରାଜ୍ୟସ୍ତରୀୟ ପୂଜ୍ୟପୂଜା ଗୁରୁ ସମ୍ମାନ ଉତ୍ସବ ଅବସରରେ ପାଇକ ପୁଅମାନେ ଆଖଡା ପ୍ରଦର୍ଶନ କରୁଛନ୍ତି।




ପୁରୀ ଚକ୍ରତୀର୍ଥ ବେଳାଭୂମିରେ ପ୍ରସ୍ତାବିତ ବ୍ଲୁ ଫ୍ଲାଗ୍ ବିକ୍‌କୁ ବୁଧବାର ବେଳାଭୂମି ସୁରକ୍ଷା ସମିତି ପକ୍ଷରୁ ବିରୋଧ କରାଯାଉଛି।

## ଉପଜିଲାପାଳଙ୍କ ବିଭିନ୍ନ ଡାକ୍ତରଖାନା ପରିଦର୍ଶନ

ଆଠଗଡ,(ସ୍ୱ.ପ୍ର.): ଆଠଗଡ଼ ଉପଜିଲାପାଳ ହେମନ୍ତ ସ୍ୱାଇଁ ବୁଧବାର ସ୍ଥାନୀୟ ଅଞ୍ଚଳରେ ଥିବା ସରକାରୀ ଓ ବେସରକାରୀ ଡାକ୍ତରଖାନା ପରିଦର୍ଶନ କରିଥିଲେ। ସେ ରୋଗୀମାନଙ୍କ ଠାରୁ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡର ସଦୁପଯୋଗ କରିବା ସହ ରୋଗୀମାନଙ୍କୁ ସାହାଯ୍ୟ ପାଇଁ ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ବିଭିନ୍ନ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସେବା ସମ୍ବନ୍ଧୀୟ ତାଗିଦ୍ କରିଥିଲେ। ବଡମ୍ବା, ନରସିଂହପୁରର ତହସିଲଦାର, ଆଠଗଡ, ବଡମ୍ବା, ନରସିଂହପୁର ଥାନାର ଆଇଆଇସି ଓ ସହକାରୀ ଯୋଗାଣ ଅଧିକାରୀ ଏହି ଟିମ୍‌ରେ ସାମିଲ ହୋଇଥିଲେ।

### ସଂକ୍ଷେପରେ

## ବାର୍‌ହା ଆକ୍ରମଣରେ ୩ ଆହତ

ଆଠଗଡ,୫।୧(ସ୍ୱ.ପ୍ର.): ଆଠଗଡ ଥାନା ଅନ୍ତର୍ଗତ ରାଧାବଲ୍ଲଭପୁର (ଷୋଳଘରିଆ) ଗ୍ରାମରେ ବାର୍‌ହା ଆକ୍ରମଣରେ ବୁଧବାର ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ କାଳିଆ ଗୋଛାୟତ, ଚିତ୍ତରଞ୍ଜନ ରାଉତ ଓ ତ୍ରିଜାତା ରାଉତ। ଅପରାହ୍ନରେ ଚିତ୍ତରଞ୍ଜନ ଘରୁ ବାହାରକୁ ଆସୁଥିବାବେଳେ ହଠାତ୍ ଏକ ବାର୍‌ହା ତାଙ୍କୁ ଆକ୍ରମଣ କରିଥିଲା। ସେ ପାଟି କରିବାରୁ ତାଙ୍କ ସ୍ତ୍ରୀ ତ୍ରିଜାତା ଓ ପଡୋଶୀ କାଳିଆ ଆସି ବାର୍‌ହା କବଳରୁ ତାଙ୍କୁ ଛଡେଇବାକୁ ଉଦ୍ୟମ କରିଥିଲେ। ସେମାନେ ମଧ ବାର୍‌ହା ଆକ୍ରମଣର ଶିକାର ହୋଇଛନ୍ତି। ୩ ଜଣଙ୍କୁ ଗ୍ରାମବାସୀ ଆଠଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ବୃଦ୍ଧାଙ୍କ ବେକରୁ ସୁନାଚେନ ଲୁଟ୍

ଆଠଗଡ଼,୫।୧(ସ୍ୱ.ପ୍ର.): ଆଠଗଡ ଥାନା ୬୫୫ ନମ୍ବର ଜାତୀୟ ରାଜପଥ ହେମାମାଳପୁର ଗ୍ରାମ ରାସ୍ତାକଡରେ ସ୍ୱର୍ଗତ ପ୍ରହ୍ଲାଦ ସାହୁଙ୍କ ଘର। ତାଙ୍କ ସ୍ତ୍ରୀ ଧୋବୀ ବୁଧବାର ଅପରାହ୍ନରେ ଘର ପାଖ ବାରିରେ ହାତ ଧୋଉଥିବା ବେଳେ ଜଣେ ଯୁବକ ପାଣି ପିଇବା ପାଇଁ କହି ଧୋବୀ(୮୬)ଙ୍କୁ ଧକ୍କା ମାରି ତାଙ୍କ ବେକରେ ଥିବା ୨ ଭରି ଓଜନର ସୁନାଚେନ ଲୁଟି ଫେରାର ହୋଇଯାଇଥିଲେ। ସୁନାଚେନ ଲୁଟିବା ସମୟରେ ବୃଦ୍ଧାଙ୍କ ବେକରେ ଆଘାତ ଲାଗିଥିବା ବେଳେ ତାଙ୍କୁ ଦୁର୍ବୃତ୍ତମାନେ ଏକ ଗାତ ମଧକୁ ଠେଲି ଦେଇଥିଲେ। ସେ ଗାତରେ ପଡି ପାଟି କରିବାରୁ ଲୋକେ ଆସି ତାଙ୍କୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ପରିବାର ଲୋକେ ଆଠଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ପଦକ୍ଷେପ ନେବାକୁ ଡିସିପିଙ୍କୁ ନିର୍ଦ୍ଦେଶ

### ବାର୍ ଭିତରୁ ହେଲମେଟ୍ ଚୋରି ମାମଲା

କଟକ ଅଫିସ,୫।୧: ଓଡ଼ିଶା ହାଇକୋର୍ଟ ବାର୍ ଭିତରୁ ହେଲମେଟ୍ ଚୋରି ମାମଲାରେ ବୁଧବାର ହାଇକୋର୍ଟଙ୍କ ରାୟ ପ୍ରକାଶ ପାଇଛି। ଆଇନ ଅନୁଯାୟୀ ୨ ଦିନ ମଧରେ ଅଦାଲତଙ୍କୁ ଜଣାଇବାକୁ ଜଷ୍ଟିସ୍ ବିଶ୍ୱଜିତ୍ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କ'ଣ ପଦକ୍ଷେପ ନେଲେ, ଆବେଦନକାରୀଙ୍କୁ ଜଣାଇବା ପାଇଁ ମଧ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୭ ତାରିଖରେ ମାମଲାର ପୁନଃ ବିଚାର ପାଇଁ ଦିନ ଧାର୍ଯ୍ୟ ହୋଇଛି। ମାମଲାର ବିବରଣୀରୁ ପ୍ରକାଶ, ହାଇକୋର୍ଟର ଯୁବ ଆଇନଜୀବୀ ସୌମେନ୍ଦ୍ର ରଥ ସବୁଦିନ ପରି ଗତ ଡିସେମ୍ବର ୧୫ ତାରିଖରେ ବାର୍‌ରେ ହେଲମେଟ୍ ଥୋଇ କୋର୍ଟ କାର୍ଯ୍ୟରେ ବାହାରିଥିଲେ। ଅପରାହ୍ନ ସାଢେ ୨ଟାରେ ଫେରିବା ପରେ ହେଲମେଟ୍ ନ ଥିବା ଦେଖିବାକୁ ପାଇଥିଲେ। ଜଣେ ଲୋକ ପ୍ରାୟ ୨ଟାରେ ଆସି ହେଲମେଟ୍ ନେଇ ଯାଇଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡିଥିଲା। ଏନେଇ ସେ ଲାଲବାଗ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗ ପଞ୍ଜୀକରଣ ନ ହେବାରୁ ଲାଲବାଗ ଆଇଆଇସିଙ୍କୁ ଗତ ଡିସେମ୍ବର ୨୧ରେ ପୋଷ୍ଟାଲ ମାଧମରେ ଜଣାଗଲା। କିଛି ସୁଫଳ ନ ମିଳିବାରୁ ଡିସେମ୍ବର ୨୨ରେ କଟକ ଡିସିପିଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। କିନ୍ତୁ ଘଟଣାକୁ ସମସ୍ତେ ହାଲୁକା ଭାବରେ ନେଇଥିଲେ। କୌଣସି ସ୍ଥାନରୁ ନ୍ୟାୟ ନ ମିଳିବାରୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀଙ୍କ ମାଧମରେ ହାଇକୋର୍ଟରେ ମାମଲା (ନଂ.ସିଆରଏଲଏମପି-୨୪୦୯) ଦାଏର କରାଯାଇଥିଲା। ଏହି ମାମଲାର ବିଚାର କରି ଖଣ୍ଡପୀଠ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ରାଜଧାନୀରେ ଅଢ଼େଇ ଗୁଣ ବଢ଼ିଲା ସଂକ୍ରମଣ

## ୨୪ ଘଣ୍ଟାରେ ୩୪୧ ଆକ୍ରାନ୍ତ

ଭୁବନେଶ୍ୱର, ୫।୧ (ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ଏଥିସହ ରାଜଧାନୀ ଭୁବନେଶ୍ୱରରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ସହରରେ ଗତ ସପ୍ତାହେ ହେବ ଆକ୍ରାନ୍ତଙ୍କ ସଂଖ୍ୟା ହୁହୁ ବଢ଼ି ଚାଲିଥିବାବେଳେ ଏବେ ହଠାତ୍ ଅଢ଼େଇ ଗୁଣ ବଢ଼ିଚାଲିଛି। ଗତ ୨୪ ଘଣ୍ଟାରେ ରାଜ୍ୟରୁ ୧୨୧୬ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୫୬ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରୁ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ଅର୍ଦ୍ଧାଧିକ ରାଜଧାନୀ ଭୁବନେଶ୍ୱରର ଅଛନ୍ତି। କେବଳ ଏଥର ନୁହେଁ, ପୂର୍ବରୁ ମଧ ଭୁବନେଶ୍ୱରରେ ସଂକ୍ରମଣ ସମସ୍ତଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଗତ କିଛିଦିନ ହେବ ସହରରେ ସଂକ୍ରମଣ ହାର ୧ଶହ ମଧ୍ୟରେ ରହୁଥିଲାବେଳେ ବୁଧବାର ୩ଶହ ପାର୍ କରିଛି। ମଙ୍ଗଳବାର ୧୪୨ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଗୋଟିଏ ଦିନରେ ସଂକ୍ରମଣ ଦୁଇଗୁଣାରୁ ଅଧିକ ବଢ଼ିଛି। ଗତ ୨୪ଘଣ୍ଟାରେ ମହାନଗର ନିଗମରୁ ୩୪୧ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କ୍ୱାରାଣ୍ଟାଇନ୍‌ରୁ ୩୧ଜଣ ଥିବାବେଳେ ୩୧୦ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସେହିପରି ପଟିଆ ଅଞ୍ଚଳରୁ ସର୍ବାଧିକ ୨୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଚନ୍ଦ୍ରଶେଖରପୁରରୁ ୧୫ଜଣ, ନୟାପଲ୍ଲୀରୁ ୨୦ଜଣ, ପୁରୁଣା ଭୁବନେଶ୍ୱରରୁ ୧୩ଜଣ, ରସୁଲଗଡରୁ ୧୪ଜଣ, ପୋଖରୀପୁଟ, ଶୈଳଶ୍ରୀବିହାରରୁ ୧୦ଜଣ ଲେଖାଏ, ଝାରପଡା, ପାହାଳରୁ ୯ଜଣ ଲେଖାଏ, ଖଣ୍ଡଗିରି, ନୀଳାଦ୍ରିବିହାର, ଜୟଦେବ ବିହାର, ଟଙ୍କପାଣି ରୋଡ୍, ୟୁନିଟ୍-୬ରୁ ୬ଜଣ ଲେଖାଏ, ୟୁନିଟ୍-୯, ଶହୀଦନଗରରୁ ୮ଜଣ ଲେଖାଏ, ଲକ୍ଷ୍ମୀସାଗର, ବଡ଼ଗଡ଼, ଆଇଆର୍‌ସି ଭିଲେଜରୁ ୫ଜଣ ଲେଖାଏ, ଡୁମୁଡୁମା, ବରମୁଣ୍ଡା, କଳ୍ପନା, ୟୁନିଟ୍-୩, ଭିଏସ୍‌ଏସ୍‌ନଗରରୁ ୩ଜଣ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅପରପକ୍ଷେ ଗୋଟିଏ ଦିନରେ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୯୮ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ଭୁବନେଶ୍ୱରର ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୨ଲକ୍ଷ ୪ହଜାର ୪୫୪କୁ ବୃଦ୍ଧି ପାଇଛି। ତେବେ ସେମାନଙ୍କ ମଧ୍ୟରୁ ୧୨ଲକ୍ଷ ୨ହଜାର ୨୯୪ଜଣ ସୁସ୍ଥ ହୋଇଥିବାବେଳେ ଏବେସୁଦ୍ଧା ହଜାରେ ୩୭ଜଣ ଆକ୍ରାନ୍ତ ସକ୍ରିୟ ଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।



### ଜରିମାନା ଆଦାୟ କଡ଼ାକଡ଼ି ନିର୍ଦ୍ଦେଶ

ବର୍ଦ୍ଧିତ ସଂକ୍ରମଣକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ କଟକଣାକୁ ଆହୁରି କଡାକଡି କରାଯାଇଛି। ଜନସାଧାରଣ କୋଭିଡ୍ ଗାଇଡ୍‌ଲାଇନକୁ ଅନୁପାଳନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଘରୁ ବାହାରକୁ ଗଲେ ମୁହଁରେ ଠିକ୍ ଭାବେ ମାସ୍କ ପିନ୍ଧିବା, ପରସ୍ପର ମଧରେ ଅତି କମ୍‌ରେ ୨ ମିଟର ଦୂରତା ବଜାୟ ରଖିବା ସହ ଗହଳିରୁ ଦୂରେଇ ରହିବାକୁ କୁହାଯାଇଛି। କଟକଣା ନ ମାନିଲେ ୫ଶହ ଟଙ୍କା ଜରିମାନା ଆଦାୟ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ୫ କଣ୍ଟେନମେଣ୍ଟ, ୫ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ହେଲା

ଭୁବନେଶ୍ୱର, ୫।୧ (ବ୍ୟୁରୋ)

ରାଜଧାନୀରେ କରୋନା ସଂକ୍ରମଣ ପୁଣି ଉପରମୁହାଁ ହୋଇଛି। ଗୋଟିଏ ଗୋଟିଏ ଅଞ୍ଚଳରୁ ଏକାଧିକ ସଂକ୍ରମିତ ବାହାରୁଥିବାରୁ ସହରରେ କଣ୍ଟେନ୍‌ମେଣ୍ଟ ଜୋନ୍ ସଂଖ୍ୟା ମଧ ବଢ଼ି ଚାଲିଛି। ବୁଧବାର ଦକ୍ଷିଣ-ପୂର୍ବ ଜୋନ୍‌ର ୫ ସ୍ଥାନକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କଣ୍ଟେନ୍‌ମେଣ୍ଟ ଓ ଉତ୍ତର ଜୋନ୍‌ର ୫ ସ୍ଥାନକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯାଇଛି। କଣ୍ଟେନମେଣ୍ଟ ଅଞ୍ଚଳଗୁଡ଼ିକ ହେଲା ଦକ୍ଷିଣ-ପୂର୍ବ ଜୋନ୍‌ର ୱାର୍ଡ ନଂ.୨୮ ଅନ୍ତର୍ଗତ ଆଚାର୍ଯ୍ୟ ବିହାରର ସାଇ ମନ୍ଦିର ନିକଟ ପ୍ଲଟ୍ ନଂ. ୧୪୯୯/ଏ, ପାଣି ଟାଙ୍କି ନିକଟ ପ୍ଲଟ୍ ନଂ.୧୩/୬୫, ୱାର୍ଡ ନଂ. ୩୪ ଅନ୍ତର୍ଗତ ସତ୍ୟନଗର ଅଞ୍ଚଳର ପ୍ଲଟ୍ ନଂ.୧୨୦-ବି, ୱାର୍ଡ ନଂ. ୫୩ ଅନ୍ତର୍ଗତ ବାପୁଜୀନଗରସ୍ଥିତ ପ୍ଲଟ୍ ନଂ. ୬୦ ଏବଂ ୱାର୍ଡ ନଂ. ୫୭ ଅନ୍ତର୍ଗତ ଟଙ୍କପାଣି ରୋଡ୍ ବିଷ୍ଣୁନଗରସ୍ଥିତ ପ୍ଲଟ୍ ନଂ. ୧୧୪୭। ତେବେ ସଂକ୍ରମିତ କୌଣସି ବ୍ୟକ୍ତିଙ୍କର ବିଦେଶ ଫେରନ୍ତାଙ୍କ ସହ ଲିଙ୍କ୍ ନ ଥିବା ଜୋନାଲ ଡେପୁଟି କମିଶନର ମହେନ୍ଦ୍ର କୁମାର ବଡେଇ ସୂଚନା ଦେଇଛନ୍ତି। ସେହିପରି ମାଇକ୍ରୋ କଣ୍ଟେନମେଣ୍ଟ ଅଞ୍ଚଳ ହେଲା ଉତ୍ତର ଜୋନ୍‌ର ୱାର୍ଡ ନଂ.୧୨ ଅନ୍ତର୍ଗତ ସୈନିକ ସ୍କୁଲ ନିକଟ କ୍ୱାର୍ଟର ନଂ.୩ଆର୍‌୪, ୱାର୍ଡ ନଂ.୪ ଅନ୍ତର୍ଗତ ଇଣ୍ଡିଆନ୍ ଅଏଲ୍ ହାଉସିଂ ସୋସାଇଟିର ତୃତୀୟ ଫ୍ଲୋର୍ ଏ-୩୦୪, ୱାର୍ଡ ନଂ.୧୮ ଅନ୍ତର୍ଗତ ପାଣ୍ଡରାର ପ୍ଲଟ୍ ନଂ.୪୦୪୪/୪, ୱାର୍ଡ ନଂ. ୧୬ ଅନ୍ତର୍ଗତ ଏକ୍ସଆଇଏମ୍‌ବିର ବ୍ଲକ୍ ୨ର କ୍ୱାର୍ଟର ନଂ.୧୨ ଏବଂ ୱାର୍ଡ ନଂ.୭ ଅନ୍ତର୍ଗତ ଶୈଳଶ୍ରୀବିହାର ଲେନ୍-୬ ଓ ଏଚ୍‌ଆଇଜି-୫୬। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। ଏହି ସମୟରେ ସମ୍ପୃକ୍ତ ଅଞ୍ଚଳକୁ ବାହାର ଲୋକଙ୍କ ଯିବାଆସିବା ଉପରେ ରୋକ ଲଗାଯାଇଛି। ସଂକ୍ରମିତ ବ୍ୟକ୍ତି ଓ ସେମାନଙ୍କ ପରିବାରର ଅନ୍ୟ ବ୍ୟକ୍ତିଙ୍କୁ ହୋମ୍ ଆଇସୋଲେଶନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି। ସେହିପରି କଟକଣା ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଓ ମେଡିକାଲ ସହାୟତା ପ୍ରଦାନ ପାଇଁ ବିଏମ୍‌ସି ପକ୍ଷରୁ ବ୍ୟବସ୍ଥା ହୋଇଛି। ୮ ନଂ. ୱାର୍ଡ ପାଇଁ ୱାର୍ଡ ଅଫିସର ରୋହିତ ଚନ୍ଦ୍ର ଦାସ ଓ ଡା. ଶିଳ୍ପା ସୁମନ ଦାୟିତ୍ୱରେ ଥିବାବେଳେ ୩୪ ନଂ. ୱାର୍ଡ ପାଇଁ ୱାର୍ଡ ଅଫିସର ବିଭୂତି ପ୍ରଧାନ ଓ ଡା. ସୁମନ, ୱାର୍ଡ ନଂ. ୫୩ ପାଇଁ ୱାର୍ଡ ଅଫିସର ସୁନୀଲ କୁମାର ବେହେରା ଓ ଡା. ରଜନୀକାନ୍ତ ସାହୁ ଏବଂ ୱାର୍ଡ ନଂ.୫୭ ପାଇଁ ୱାର୍ଡ ଅଫିସର ନେତ୍ରାନନ୍ଦ ରଥ ଓ ଡା. ସାହୁଙ୍କୁ ନିୟୋଜିତ କରାଯାଇଛି। ୱାର୍ଡ ନଂ.୧୨ ପାଇଁ ୱାର୍ଡ ଅଫିସର ଆର୍‌ଏନ୍ ମିଶ୍ର, ମେଡିକାଲ ସହାୟତା ପାଇଁ ଡା. କୁସୁମାଞ୍ଜଳି, ସାନିଟେଶନ ପାଇଁ ପୌମେନ୍ଦ୍ର ପ୍ରଧାନ ଏବଂ ସମସ୍ତ ତଦାରଖ ପାଇଁ ବିଏମ୍‌ସି ସହକାରୀ ଯନ୍ତ୍ରୀ ସୁରଥ କୁମାର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ୪ନଂ. ୱାର୍ଡ ପାଇଁ ୱାର୍ଡ ଅଫିସର ଏ.କେ. ସ୍ୱାଇଁ, ଡା. ଲିଜା, ସହକାରୀ ଯନ୍ତ୍ରୀ ପତିତପାବନ ପଟ୍ଟନାୟକ ଏବଂ ଅନ୍ୟ ୱାର୍ଡ ପାଇଁ ଅନୁରୂପ ଭାବେ ୱାର୍ଡ ଅଫିସର, ଡାକ୍ତର ଏବଂ ସହକାରୀ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।



ଭୁବନେଶ୍ୱରଠାରେ ବୁଧବାର କମିଶନରେଟ ପୋଲିସର ୧୪ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ପୁରସ୍କୃତ ଶ୍ରେଷ୍ଠ ପୋଲିସ ଅଧିକାରୀ।

## ୧୫ ବର୍ଷରେ କମିଶନରେଟ ପୋଲିସ

### ପ୍ରତିଷ୍ଠା ଦିବସ ପାଳିଲା

ଭୁବନେଶ୍ୱର,୫।୧(ବ୍ୟୁରୋ)

ଟ୍ୱିନ୍ ସିଟିରେ ପୋଲିସ କମିଶନରେଟ ବ୍ୟବସ୍ଥାକୁ ୧୪ବର୍ଷ ପୂରି ୧୫ବର୍ଷ ଚାଲିଛି। ଏହି ଅବସରରେ ପୋଲିସ ସେବା ଭବନରେ ବୁଧବାର କମିଶନରେଟ ପୋଲିସର ୧୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଭର୍ଚୁଆଲ୍ ମୋଡରେ ଯୋଗଦେଇ ସଂଗଠିତ ଅପରାଧ, ବ୍ରାଉନ୍‌ସୁଗାର ଜବତ ଓ ଅସ୍ତ୍ରଶସ୍ତ୍ର ଜବତ କରିବାରେ ନିକଟ ଅତୀତରେ କମିଶନରେଟ୍ ପୋଲିସ ଅନେକ ସଫଳତା ପାଇଛି। ଟ୍ୱିନ୍ ସିଟିରେ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଥିସହ ସାଇବର କ୍ରାଇମ୍ ମଧ ଏକ ଚ୍ୟାଲେଞ୍ଜିଂ ପାଲଟିଛି। ଏହିସବୁ ଦିଗରେ କମିଶନରେଟ୍ ପୋଲିସ ସଫଳତାର ସହ କାର୍ଯ୍ୟ କରିଥିବାରୁ ବଂଶଲ ପ୍ରଶଂସା କରିଛନ୍ତି।

ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଥିଲେ, ଟ୍ୱିନ୍ ସିଟିର ପୋଲିସ ଅଧିକାରୀଙ୍କ ସାମୂହିକ




ବିକାଶ ପାଇଁ ନିକଟ ଅତୀତରେ ୪ଟି ଲେକ୍ଚର ସିରିଜ୍ କରାଯାଇଛି। ଟ୍ୱିନ୍ ସିଟିରେ ଏବେ ଜନସଂଖ୍ୟା ୨୫ଲକ୍ଷରେ ପହଞ୍ଚିଥିବାବେଳେ ଦ୍ରୁତଗତିରେ ବିକାଶ ହେଉଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ଇକୋନୋମିକ୍ ଜୋନ୍ ଆଦି ଗଢ଼ି ଉଠିଛି। ଭୁବନେଶ୍ୱର ସମଗ୍ର ଦେଶରେ ହକିର ହବ୍ ପାଲଟିଥିବାରୁ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ମିଳିଛି। ଏହାବାଦ୍ ୩ଟି ଥାନା ସହ ୨ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଖୋଲାଯାଇଛି। କିପରି ଜନସାଧାରଣଙ୍କ ପାଖେ ଉନ୍ନତ ପୋଲିସ ସେବା ପହଞ୍ଚିପାରିବ ସେନେଇ ଆମେ କାମ କରୁଛୁ ବୋଲି କମିଶନର କହିଛନ୍ତି।

ଏହି ଅବସରରେ କମିଶନରେଟ୍ ପୋଲିସରେ ଶ୍ରେଷ୍ଠ ଏସିପି ଭାବେ ମାନସ ରଞ୍ଜନ ଗଡ଼ନାୟକ, ଶ୍ରେଷ୍ଠ ସଶସ୍ତ୍ର ଅଫିସର(ବାଟାଲିଅନ) ଲୋଲା ଭିଜୟ ରତ୍ନମ୍, ଶ୍ରେଷ୍ଠ ମିନିଷ୍ଟ୍ରିଆଲ୍ ଅଫିସର ନିରଞ୍ଜନ ପ୍ରଧାନ(ଷ୍ଟେନୋ), ଶ୍ରେଷ୍ଠ ଟ୍ରାଫିକ୍ କର୍ମଚାରୀ କନ୍‌ଷ୍ଟେବଳ ଶୁଭ୍ରାଂଶୁ ଶେଖର ସାହୁ, ଶ୍ରେଷ୍ଠ ଏପିଆର୍ କନ୍‌ଷ୍ଟେବଳ ସୁରଥ ଚନ୍ଦ୍ର ବାହୁବଳେନ୍ଦ୍ର, ଶ୍ରେଷ୍ଠ ହୋମଗାର୍ଡ଼ ସନ୍ତୋଷ କୁମାର ପ୍ରଧାନ, ଶ୍ରେଷ୍ଠ ସ୍ପେଶାଲ ପୋଲିସ ଅଫିସର ଭାବେ ବିକ୍ରମ କିଶୋର ମହାନ୍ତିଙ୍କୁ ପୁରସ୍କୃତ କରାଯାଇ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସମେତ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ, କଟକ ଡିସିପି ପ୍ରତୀକ ସିଂ, ଟ୍ରାଫିକ ଡିସିପି ଏସ୍. ସୁଶ୍ରୀ, କ୍ରାଇମ୍ ଡିସିପି ମାୟାଧର ସେଠୀ, ଅତିରିକ୍ତ କମିଶନର ନୀତି ଶେଖରଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ୧୭ ଆଇଏଏସ୍ ଶିକ୍ଷା ନବିସ

### ଉନ୍ନୟନମୂଳକ ପ୍ରକଳ୍ପ ବିଷୟରେ ବୁଝିଲେ

ପୁରୀ ଅଫିସ, ୫।୧

ଭାରତୀୟ ପ୍ରଶାସନିକ ସେବାରେ ନବନିଯୁକ୍ତ ୧୭ଜଣ ଶିକ୍ଷା ନବିସ 'ଭାରତ ଦର୍ଶନ' କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ବୁଧବାର ପୁରୀ ପରିଦର୍ଶନରେ ଆସିଛନ୍ତି। ସେମାନଙ୍କୁ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଶୁଭେଚ୍ଛା ଜଣାଇ ଥିଲେ। ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷରେ ସେମାନଙ୍କୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ସୁମନ୍ତ କୁମାର କର, ୱାଟ୍‌କୋ ଜେନେରାଲ ମ୍ୟାନେଜର ଶରତ ମିଶ୍ର ପ୍ରମୁଖ ହେରିଟେଜ କରିଡର, ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଏବଂ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇଥିଲେ। ସେମାନେ ତାଳବଣିଆ ଯାଇ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ବ୍ଲୁ ଫ୍ଲାଗ୍ ବିଚ୍ ବୁଲି ସାରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ସେମାନେ କୋଣାର୍କ ଯାଇ ସୂର୍ଯ୍ୟମନ୍ଦିର ବୁଲି ଦେଖିଥିଲେ। ଏହି ଅବସରରେ ଜିଲା ବନଖଣ୍ଡ ଅଧିକାରୀ ପି.ରାମାସ୍ୱାମୀ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତି ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଡେପୁଟି କଲେକ୍ଟର ଗୋପୀନାଥ ମିଶ୍ର, ଓଡ଼ିଶା ସେତୁ ନିର୍ମାଣ ନିଗମ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାତ ପାଣିଗ୍ରାହୀ ଏବଂ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବି. ଆଶିଷ କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ପରିଦର୍ଶନରେ ଆସିଥିବା ଆଇଏଏସ୍ ଶିକ୍ଷା ନବିସମାନେ।

## ଫୁଟବଲ: ଫାଇନାଲରେ ଚାନ୍ଦ କ୍ଲବ

ଟିଗିରିଆ,୫।୧ (ଡି.ଏନ.ଏ.)

ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ସ୍ଥିତ ମିନି ଷ୍ଟାଡିୟମଠାରେ ଆସୋସିଏଶନ ଦିବ୍ୟଜ୍ୟୋତି ଦ୍ୱାରା ଆୟୋଜିତ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଯୁବଜ୍ୟୋତି କ୍ଲବ ପଙ୍କାଳ ସହ ଚାନ୍ଦ କ୍ଲବ କେନ୍ଦ୍ରାପଡ଼ାର ମ୍ୟାଚ ହୋଇଥିଲା। ମ୍ୟାଚର ପ୍ରଥମରୁ ଉଭୟ ଦଳ କୌଣସି ଗୋଲ ସ୍କୋର କରି ପାରି ନ ଥିଲେ। ଟାଇବ୍ରେକର ମାଧ୍ୟମରେ ଚାନ୍ଦ କ୍ଲବ ୪-୩ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଖେଳରେ ମୁଖ୍ୟଅତିଥି ରୂପେ ଟିଗିରିଆ ବ୍ଲକ ଉପାଧ୍ୟକ୍ଷ ଗୌରହରି ପରିଡା ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ସଞ୍ଜୀବ ଦାଶ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ପ୍ରଦୀପ ଦାସ ଓ ସେକ ହୟକ୍ଷତ ସହଯୋଗ କରିଥିଲେ। ୪ର୍ଥ ରେଫରି ଭାବେ ପ୍ରତାପ ଦାଶ ଓ ସତ୍ୟଜିତ ଦାଶ କାର୍ଯ୍ୟ ସମ୍ପାଦନ କରିଥିଲେ।

## ବ୍ୟାଙ୍କରୁ ଚୋରି ଉଦ୍ୟମ

- ତାଲା ଭାଙ୍ଗିଲେ, କାନ୍ଥ ତାଡ଼ିଲେ
- କମ୍ପ୍ୟୁଟର, ସିସିଟିଭି କ୍ୟାମେରା ନେଇଗଲେ

ଖୁଣ୍ଟୁଣୀ, ୫।୧(ଡି.ଏନ.ଏ.)

୫୫ ନଂ. ଜାତୀୟ ରାଜପଥର ଖୁଣ୍ଟୁଣୀ ଶାନ୍ତିବଜାରରେ ଥିବା ୟୁକୋ ବ୍ୟାଙ୍କ ଓରନ୍ଦା ଶାଖାରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ୪ କମ୍ପ୍ୟୁଟର ଓ ୪ଟି ସିସିଟିଭ କ୍ୟାମେରା ଚୋରିକରି ନେଇଛନ୍ତି। ମାତ୍ର ବ୍ୟାଙ୍କ ଲକର ଭାଙ୍ଗି ନ ପାରିବାରୁ ଏକ ବଡଧରଣର ଚୋରି ବିଫଳ ହୋଇଥିବା ଜଣାପଡିଛି। ବୁଧବାର ପୂର୍ବାହ୍ନରେ ଖୁଣ୍ଟୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନେ ପ୍ରଥମେ ବ୍ୟାଙ୍କ ପଛପଟ ଗେଟ୍ ତାଲା ଭାଙ୍ଗିବା ସହ ପଶ୍ଚିମ ପାର୍ଶ୍ୱ କାନ୍ଥକୁ ତାଡି ଭିତରେ ପଶିଥିଲେ। ଆଲାର୍ମ ସିଷ୍ଟମକୁ ଉପାଡିବା ସହ କ୍ୟାସ୍ କାଉଣ୍ଟର, ମ୍ୟାନେଜର ଓ ଆସିଷ୍ଟାଣ୍ଟ ମ୍ୟାନେଜରଙ୍କ କାଉଣ୍ଟରରେ ଥିବା ଡ୍ର ଖୋଲି ଖୋଜାଖୋଜି କରିଥିଲେ। ମାତ୍ର ସେଠାରୁ କିଛି ମିଳି ନ ଥିଲା। ପରେ ଷ୍ଟ୍ରଙ୍ଗରୁମ ଭିତର କଂକ୍ରିଟ କାନ୍ଥ ଖୋଲି ଭିତକୁ ପଶିଥିଲେ। ସେଠାରେ ଲକର୍ ଖୋଲି ନ ପାରିବାରୁ ନିରାଶ ହୋଇ ପଳାଇ ଯାଇଥିଲେ। ବୁଧବାର ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଗୁରୁବାର ସନ୍ଧାନୀ କୁକୁର ସହାୟତାରେ ଅଧିକ ତଦନ୍ତ କରାଯିବ ବୋଲି ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି। ଏ ସମ୍ପର୍କରେ ବ୍ୟାଙ୍କ ଶାଖା ପରିଚାଳକ ରୋହିତ କୁମାର ମହାନ୍ତି ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ. ୫/୨୨) ରୁଜୁ କରିଛି। ତେବେ ଉକ୍ତ ବ୍ୟାଙ୍କରେ ସିକ୍ୟୁରିଟି ନ ଥିବାରୁ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏଭଳି କରିଥିବା ସାଧାରଣରେ ଆଲୋଚନା ହେଉଛି।




୭ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ଆଶା ସାଥୀ ସଂଘ ପକ୍ଷରୁ ଆଶା ସାଥୀମାନେ ବୁଧବାର ଭୁବନେଶ୍ୱରସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।




ଉଠାଦୋକାନୀଙ୍କୁ ଥଇଥାନ ଦାବିରେ କଟକ ଉଠାଦୋକାନୀ ସଂଘ ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ।



ଜାତୀୟ ସାଧାରଣତନ୍ତ୍ର ଦିବସ ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ବାଦ୍ ପଡିବା ପ୍ରସଙ୍ଗରେ ଉତ୍କଳ ସମ୍ମିଳନୀ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ପରୀକ୍ଷାର୍ଥୀଙ୍କୁ ଅପହରଣ ଅଭିଯୋଗ**

ଗୋପ,(ଡି.ଏନ୍.ଏ.)- ମାଟ୍ରିକ ସମେଟିଭ ପରୀକ୍ଷା ଦେବାକୁ ଆସି ଗଣେଶ୍ୱରପୁର ବାଳିକ ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ କେହି ଅପହରଣ କରି ନେଇଥିବା ଗୋପ ଥାନାରେ ପରୀକ୍ଷାର୍ଥୀଙ୍କ ମାଆ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ମାମଲା (ନଂ. ୨/୨୨) ରୁଜୁ କରି ତଦନ୍ତ କରୁଛି। ବୁଧବାର ଗୋପ ନିଗମାନନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ସମେଟିଭ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଏହି ସ୍କୁଲରେ ୨୪୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ଥିଲା। କୌଣସି କାରଣକୁ ନେଇ ୮ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଗଣେଶ୍ୱରପୁର ବାଳିକା ସ୍କୁଲର ସେଣ୍ଟର ଏହି ନୋଡାଲ ଉଚ୍ଚ ବିଦ୍ୟାଳୟରେ ପଡ଼ିଥିଲା। ଏହି ସ୍କୁଲର ୧୦ ମ ଶ୍ରେଣୀ ର ଛାତ୍ରୀ ପରୀକ୍ଷା ଦେବାକୁ ଘରୁ ଆସିଥିଲେ ମଧ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ନ ଥିଲା। ପରେ ପରିବାର ସଦସ୍ୟ ଜାଣିବା ପରେ ଝିଅକୁ କେହି ଅପହରଣ କରିଥିବା ନେଇ ଥାନାର ଦ୍ୱାରସ୍ଥ ହେଇଥିଲେ ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୧।୨୦୨୨

| | |
|---|---|
| ୩,୫୮,୪୫୧ ଟଙ୍କା | |
| ସୁନା | ୩୦୦ ମିଲି ଗ୍ରାମ |
| ରୁପା | ୧୩.୫୦୦ ଗ୍ରାମ |

## ସଂକ୍ଷେପରେ

### ୫ ଯୁବତୀଙ୍କ ଉନ୍ମତ୍ତକାଣ୍ଡ

ବ୍ରହ୍ମଗିରି,୫।୧(ଡି.ଏନ୍.ଏ.)- ବ୍ରହ୍ମଗିରି ବଜାରରେ ବୁଧବାର ୫ଜଣ ଯୁବତୀ ମଦ୍ୟପାନ କରି ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ଏହି ସମୟରେ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀମାନଙ୍କୁ ନେଇ ଥାନାରେ ଅଟକ ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ଚିଲିକାକୁ ଅପରାହ୍ନରେ ୫ଜଣ ଯୁବତୀ ବୁଲିବାକୁ ଆସିଥିଲେ। ଫେରିବାବେଳେ ସେମାନଙ୍କ ଗାଡ଼ି ଅନ୍ୟ ଏକ ଗାଡ଼ି ସହିତ ବ୍ରହ୍ମଗିରି ବଜାରରେ ଧକ୍କା ହୋଇଥିଲା। ଫଳରେ ଯୁବତୀମାନେ ଉତ୍ତ୍ୟକ୍ତ ହୋଇ ବଜାର ମଧରେ ହଙ୍ଗାମା କରିଥିଲେ। ସେମାନଙ୍କ ଅବସ୍ଥାରୁ ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ପରେ ପୋଲିସ ଆସି ସେମାନଙ୍କୁ ଥାନାକୁ ନେଇଯାଇଥିଲା।

### 'ବ୍ୟଙ୍ଗ ସାହିତ୍ୟ ସମାଜକୁ ଭଲ ବାଟକୁ ଆଣେ'

ପୁରୀ ଅଫିସ, ୫।୧: ବ୍ୟଙ୍ଗ ସାହିତ୍ୟ ପଥଭ୍ରଷ୍ଟ ସମାଜକୁ ଭଲ ବାଟକୁ ଆଣେ। କଳୁଷିତ ସମାଜ ଶୁଦ୍ଧ ହୁଏ। ଏଭଳି ବ୍ୟଙ୍ଗ ସାହିତ୍ୟ ସ୍ରଷ୍ଟା ଫକିରମୋହନ ସେନାପତିଙ୍କଠାରୁ ଆରମ୍ଭକରି ଫତୁରାନନ୍ଦ, ନୀଳାମଣି ସାହୁ, ବିଜୟାନନ୍ଦ ସିଂହ ପ୍ରମୁଖ ସ୍ମରଣୀୟ ବୋଲି ବ୍ୟଙ୍ଗ ସାହିତ୍ୟିକ ବଦ୍ରି ମିଶ୍ର କହିଛନ୍ତି। ପୁରୀ ସୁଭାଷ ବୋଷ ଛକସ୍ଥିତ ପାନ୍ଥ ନିବାସରେ ବ୍ୟଙ୍ଗ ଯୁବ ସାହିତ୍ୟିକଙ୍କର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୫ ଜଣ ହାସ୍ୟ ବ୍ୟଙ୍ଗ ସାହିତ୍ୟିକ ଯୋଗଦେଇଥିଲେ। ସାହିତ୍ୟିକ ମୃଣାଳ ଚାଟାର୍ଜୀ, ରାଉରକେଲାର କବି ରାଧୁ ମିଶ୍ର, ବଲାଙ୍ଗିରର କବି ମନ ମାଷ୍ଟ୍ରେ, ବ୍ୟଙ୍ଗ କବି କୁଳାଙ୍ଗାର ଏବଂ କଥାକାର ବଦ୍ରି ମିଶ୍ର ପ୍ରମୁଖ ଯୋଗଦାନ କରି ହାସ୍ୟ ଓ ବ୍ୟଙ୍ଗ ମଧରେ ଥିବା ପାର୍ଥକ୍ୟ, ଗୁଟିକର ହାସ୍ୟ ଓ ଶାଣିତ ବ୍ୟଙ୍ଗ ଉପରେ ମତ ରଖିଥିଲେ। ଏହି ଅବସରରେ ଯୁବଗୋଷ୍ଠୀ ଏବଂ ପେନ୍ ଇନ୍ ପକ୍ଷରୁ କଥାକାର ଶୁଭ୍ରାଂଶୁ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା।

### 'ତିନି ଅକଥା' ପୁସ୍ତକ ଲୋକାର୍ପଣ

କଣାସ, ୫।୧(ସ୍ୱ.ପ୍ର.)- କଣାସ ବ୍ଲକ ବୈଦ୍ୟନାଥ ପାଟଣା ବୈଦ୍ୟନାଥସ୍ଥିତ ମହାଦେବଙ୍କ ପରିସରରେ ହାଡିବନ୍ଧୁ ପାଢୀଙ୍କ ଲିଖିତ ପୁସ୍ତକ 'ତିନି ଅକଥା'ର ଲୋକାର୍ପଣ ହୋଇଛି। କଣାସ ବଡମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ ଏଥିରେ ଅଧକ୍ଷତା କରିଥିଲେ। ଉତ୍ସବରେ କଣାସ ସାନ ମଠର ମହନ୍ତ ବିଶ୍ୱମ୍ଭର ଦାସ ମହାରାଜ, ବିଶିଷ୍ଟ ସାହିତ୍ୟିକ ଅନିଲ ଧୀର, ଭାଜପା ନେତା କାଳୁଚରଣ ଖଣ୍ଡୟତରାୟ, ଅରବିନ୍ଦ କାନୁନଗୋ, ଡ. ରଘୁନାଥ ମିଶ୍ର, ଖବରଦାତା କୃପାସିନ୍ଧୁ ବିଶ୍ୱାଳ, ନୀଳାଚଳ ସେବା ପ୍ରତିଷ୍ଠାନର ସମ୍ପାଦକ ସୁବାସ ଚନ୍ଦ୍ର ଗଜେନ୍ଦ୍ର, ସୁବର୍ଣ୍ଣ କେଶରୀ ବଳିୟାରସିଂହ, ନାଟ୍ୟକାର ବିଭୂତି ଭୂଷଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରବୀନ୍ଦ୍ରନାଥ ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଲେଖକ ହାଡିବନ୍ଧୁ ପାଢୀଙ୍କ ସାହିତ୍ୟ ସାଧନା ସମ୍ପର୍କରେ ଉପସ୍ଥିତ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିବା ସହ ଲେଖକଙ୍କ ପୁସ୍ତକ ଲୋକାର୍ପିତ କରାଯାଇଥିଲା। ସୁଶାନ୍ତ କୁମାର ନରେନ୍ଦ୍ର ମଞ୍ଚ ପରିଚାଳନା କରିଥିବାବେଳେ ଲମ୍ବୋଦର ବେହେରା ଧନ୍ୟବାଦ ଦେଇଥିଲେ।

# ୨୪ ଘଣ୍ଟାରେ ୩୦ ଆକ୍ରାନ୍ତ ଚିହ୍ନଟ

## ସଂକ୍ରମିତଙ୍କ ସଂଖ୍ୟା ୨ଗୁଣ ବୃଦ୍ଧି

ପୁରୀ ଅଫିସ, ୫।୧:

ପୁରୀ ଜିଲାରେ ଦିନକୁ ଦିନ ମହାମାରୀ କରୋନା ଏବଂ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କିଛି ମାସର ବ୍ୟବଧାନ ପରେ ହଠାତ ଗତ କିଛି ଦିନ ହେବ ଜିଲାରେ କରୋନା ଗ୍ରାଫ୍ ଉପରମୁହାଁ ହେବାରେ ଲାଗିଛି। ଗତ ୨୪ ଘଣ୍ଟା ମଧରେ ଜିଲାରୁ ୩୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ଆକ୍ରାନ୍ତଙ୍କ ମଧ୍ୟରେ ପୁରୀ ସହରରୁ ସର୍ବାଧିକ ୨୨ଜଣ ରହିଛନ୍ତି। ସେହିପରି ନିମାପଡ଼ାରୁ ୨, ସତ୍ୟବାଦୀରୁ ୩, କୃଷ୍ଣପ୍ରସାଦରୁ ଜଣେ ଏବଂ ପିପିଲିରୁ ୨ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀ ସହରରୁ ଚିହ୍ନଟ ହୋଇଥିବା ୨୨ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୪, ୨୨, ୨, ୨୫, ୨୬, ୨୭, ୨୯ ଏବଂ ୩୧ ନଂ ୱାର୍ଡରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ସେହିପରି ୬, ୧୬, ୨୪, ୨୮ ନମ୍ବର ୱାର୍ଡରୁ ୨ ଜଣ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୧୩ ଓ ୧୪ ନଂ ୱାର୍ଡରୁ ୩ ଜଣ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ପୁରୀ ଜିଲାରୁ ୧୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଦିନକୁ ଦିନ ପୁରୀ ସହରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପ୍ରଶାସନ ଚିନ୍ତାରେ ପଡ଼ିଛି। ପୁରୀକୁ ବାହାର ରାଜ୍ୟରୁ ଭକ୍ତ ଓ ପର୍ଯ୍ୟଟକ ଆସୁଥିବାରୁ ସଂକ୍ରମଣ ବଢ଼ୁଥିବା ଆଶଙ୍କା କରାଯାଉଛି।

## ସେବାୟତ ପରିବାରଙ୍କ ପିଲା ନେଲେ ଟିକା

ପୁରୀ ଅଫିସ, ୫।୧:



ମହାମାରୀ କରୋନାକୁ ପ୍ରତିହତ କରିବା ପାଇଁ ରାଜ୍ୟରେ ୧୫ରୁ ୧୮ ବର୍ଷ ବୟସର ପିଲାଙ୍କ ଟିକାକରଣ ଚାଲିଛି। ଏହି ପରିପ୍ରେକ୍ଷୀରେ ବୁଧବାରଠାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତ ପରିବାର ଓ ଶ୍ରୀମନ୍ଦିର କାର୍ଯ୍ୟାଳୟର କର୍ମଚାରୀଙ୍କ ପରିବାରରେ ଥିବା ୧୫ରୁ ୧୮ ବର୍ଷ ବୟସର ପିଲାଙ୍କ ଟିକାକରଣ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଶ୍ରୀମନ୍ଦିର ସେବାୟତ ପରିବାରର ୨୩ଜଣ ପିଲା ଟିକା ନେଇଛନ୍ତି। ଏମାନଙ୍କ ମଧ୍ୟରେ ୧୫ ପୁଅ ଓ ୮ ଜଣ ଝିଅ ରହିଛନ୍ତି। ଗୁରୁବାରଠାରୁ ଟିକାକରଣକୁ ଯୋରଦାର କରାଯିବ। ଜିଲାପାଳ ସମର୍ଥ ବର୍ମା ଟିକାକେନ୍ଦ୍ରକୁ ଆସି ବ୍ୟବସ୍ଥା ତଦାରଖ କରିଥିଲେ।



ମନନ ନାଟ୍ୟ ସଂସ୍ଥା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ ମହୋତ୍ସବରେ ବୁଧବାର ପରିବେଷିତ ନାଟକ 'ଅଳିଆ ଭିତରେ କାଳିଆ'ର ଏକ ଦୃଶ୍ୟ।

# ପୁରୀ ବନଖଣ୍ଡ ପକ୍ଷରୁ ପକ୍ଷୀ ଗଣନା ଶେଷ

ଅସ୍ତରଙ୍ଗ/ବ୍ରହ୍ମଗିରି,୫।୧(ଡି.ଏନ୍.ଏ.)

ପୁରୀ ଜିଲା ବନ୍ୟପ୍ରାଣୀ ବନଖଣ୍ଡର ଅସ୍ତରଙ୍ଗ ରେଞ୍ଜ ତରଫରୁ ବୁଧବାର ପକ୍ଷୀ ଗଣନା ହୋଇଛି। ୨୦ଜଣ ବନ ବିଭାଗ କର୍ମଚାରୀ ୫ଟି ଦଳରେ ବିଭକ୍ତ ହୋଇ ଗଣନା କାମରେ ନିୟୋଜିତ ହୋଇଥିଲେ। ସ୍ଥଳ ଭାଗର ଶିଖରଘାଟ ବ୍ରିଜଠାରୁ ପାଟସୁନ୍ଦରପୁର ଓ ଜାହାନିଆଠାରୁ କେଉଟଜଙ୍ଗା, କେଲୁଣୀମୁହାଁଣ ପର୍ଯ୍ୟନ୍ତ ଗଣନା କରିଥିଲେ। ଜଳଭାଗରେ ଗଙ୍ଗାଦେବୀଠାରୁ ପାଟସୁନ୍ଦରପୁର, ଗଙ୍ଗାଦେବୀଠାରୁ କଣମଣ ଓ ଗଙ୍ଗାଦେବୀଠାରୁ ଦେବୀନାସି ପର୍ଯ୍ୟନ୍ତ ପକ୍ଷୀ ଗଣନା କରିଥିଲେ। ବାଇନକୁଲାର, ବାର୍ଡ୍ସ ଗାଇଡ୍ ବୁକ ଓ ପକ୍ଷୀ ବିଶାରଦଙ୍କ ସାହାଯ୍ୟରେ ପକ୍ଷୀ ଗଣନା ହୋଇଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷ ୩ ହଜାର ପକ୍ଷୀ କମ୍ ଆସିଛନ୍ତି ଓ ଚଳିତଥର ଅସ୍ତରଙ୍ଗ ବନାଞ୍ଚଳକୁ ସର୍ବମୋଟ ୧୦ ହଜାରରୁ କମ୍ ପକ୍ଷୀ ଆସିଥିବା ଅଧିକାରୀମାନେ ଅନୁମାନ କରିଛନ୍ତି। ସେହିପରି ଗତବର୍ଷ ୨୭ ପ୍ରଜାତିର ପକ୍ଷୀ ଅସ୍ତରଙ୍ଗ ବନାଞ୍ଚଳକୁ ଆସିଥିଲେ କିନ୍ତୁ ଚଳିତବର୍ଷ ୨୩ପ୍ରଜାତିର ପକ୍ଷୀ ଆସିଥିବା ସୂଚନା ମିଳିଛି। ଏହି ପକ୍ଷୀ ଗଣନା କାର୍ଯ୍ୟକ୍ରମରେ ରେଞ୍ଜର ହିମନ ନାୟକ, ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୋଭାକର ବେହେରା, ବନ୍ୟ ବିଶେଷଜ୍ଞ ମାଇକେଲ ପିଟର ପକ୍ଷୀ ବିଶାରଦ ଯୋଗଦେଇଥିଲେ। ମୁହାଣ ମୁହଁ ଫରେଷ୍ଟର ସବିର ସାହୁ, ଫରେଷ୍ଟ ଗାର୍ଡ ଭାବଗ୍ରାହୀ ସେଠି, କାଳୀଚରଣ ମହାନ୍ତି ଓ ଦିଲୀପ ନାୟକ ପ୍ରମୁଖ ସାମିଲ ଥିଲେ। ସେହିଭଳି ବ୍ରହ୍ମଗିରି ଅଧୀନ ବାହ୍ୟ ଚିଲିକାରେ ବୁଧବାର ବିଦେଶାଗତ ପକ୍ଷୀଙ୍କ ଗଣନା କାର୍ଯ୍ୟ ଶେଷ ହୋଇଥିବା ସମୟରେ ଫଳାଫଳ ଅପ୍ରକାଶିତ ରହିଛି। ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ଜଳାଶୟରେ ବସବାସ କରୁଥିବା ପକ୍ଷୀଙ୍କୁ ବ୍ରହ୍ମଗିରି ବନ ବିଭାଗ ଗଣନା କରିଛି। ଏ ନେଇ ପୁରୀ ଜିଲା ଡିଏଫ୍‌ଓଙ୍କ ତତ୍ତ୍ୱାବଧାନରେ ୧୬ ଜଣ ସଦସ୍ୟ ଏହି ଗଣନା କାର୍ଯ୍ୟରେ ସାମିଲି ହୋଇ ସୁନାମୁହିଁଠାରୁ ବରକୁଦୀ, ବ୍ରହ୍ମଗିରି ଡାବାଛକଠାରୁ ହରିଦାସ ଓ କାଠୁଆଆରେଡି ଛକଠାରୁ ଘଟକୁଡି, ଜଗନ୍ନାଥ ସଡକ ଅଞ୍ଚଳ ପର୍ଯ୍ୟନ୍ତ ଗଣନା କରିଥିଲେ।

# ମିଲର, ଅଧିକାରୀଙ୍କ ବିବାଦରୁ ଉଠିଲାନି ଧାନ

## ମନ୍ତ୍ରୀଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ

ନିମାପଡ଼ା,୫।୧(ଡି.ଏନ୍.ଏ.)

ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ପରିସରରେ ପ୍ରଥମ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୋଅପରେଟିଭ ସୋସାଇଟି ପୁରୀ ଡିଭିଜନର ଡେପୁଟି ରେଜିଷ୍ଟ୍ରାର ଭୀମସେନ ସାହୁ, ସମବାୟ ସମିତି ସମୂହ ପୁରୀର ଉପସହକାରୀ ନିବନ୍ଧକ ପ୍ରକାଶ ଚନ୍ଦ୍ର ସେଠୀ, ସମବାୟ ସମିତି ପୁରୀ ସର୍କଲର ଇନ୍ସପେକ୍ଟର ସତ୍ୟବ୍ରତ ସ୍ୱାଇଁ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ(ସିଏସ୍‌ଓ) ସୁବୋଧ ହୋତା, ଏସିଏସ୍‌ଓ ପ୍ରଦୀପ୍ତ ମହାପାତ୍ର ଜାନକୀଭୂଷଣ ହାଓ୍ୱଡ଼ା ସିଂ, ଏମ୍‌ପି ପ୍ରତିନିଧି ସୁଧୀର ରଞ୍ଜନ ଦାଶ, ଆର୍‌ଏସ୍ ସମ୍ପାଦକ ସନାତନ ବେହେରା, ବିଷ୍ଣୁପୁର ସେବା ସମବାୟ ସମିତି ସମ୍ପାଦକ ପ୍ରଶାନ୍ତ ରାଉତ, ଅଂଶାଲୋ ସମିତି ସମ୍ପାଦକ ତ୍ରିନାଥ ରାଉତ ପ୍ରମୁଖ ଯୋଗଦେଇଥିଲେ। ଚାଷୀମାନେ ସରକାରୀ ଧାର୍ଯ୍ୟ ମୂଲ୍ୟ କୁଇଣ୍ଟାଲ ପିଛା ଏଫଏକ୍ୟୁ ମାନର ଧାନ ୧୯୪୦ଟଙ୍କା ମୂଲ୍ୟରେ ଧାନମଣ୍ଡିକୁ ବିକ୍ରି କରିପାରିବେ ବୋଲି ଅତିଥିମାନେ କହିଥିଲେ। ଏହି ମଣ୍ଡିରେ ପ୍ରଥମ ଦିବସରେ ୧୦ଜଣ ଚାଷୀଙ୍କଠାରୁ ୪ଶହ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ସମବାୟ ବିଭାଗର ଅଧିକାରୀ ଓ ବିଷ୍ଣୁପୁର, ଅଂଶାଲୋ ଉଭୟ ସମିତି ସମ୍ପାଦକଙ୍କଠାରୁ ସୂଚନା ମିଳିଛି। ଅନ୍ୟପକ୍ଷେ ମିଲରମାନେ ଧାନ ଉଠାଇବାକୁ ଆସିଥିବା ବେଳେ ସମବାୟ ବିଭାଗ ଅଧିକାରୀମାନଙ୍କ ମଧ୍ୟରେ କୌଣସି କଥାକୁ ନେଇ ବିବାଦ ଲାଗିଥିଲା। ଫଳରେ ମିଲରମାନେ ମଣ୍ଡିରେ ଧାନ ନ ଉଠାଇବାରୁ ଚାଷୀଙ୍କ ଧାନ ସେଭଳି ମଣ୍ଡିରେ ଗଦା ହୋଇ ପଡ଼ିରହିଛି। ଏ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସନାତନ ବେହେରା କହିଛନ୍ତି, ମିଲର ଓ ବିଭାଗୀୟ ଅଧିକାରୀଙ୍କ ବିବାଦ ଯୋଗୁ ମିଲରମାନେ ଧାନ ନ ଉଠାଇବାରୁ ପ୍ରାୟ ୪ଶହ କୁଇଣ୍ଟାଲ ଧାନ ମଣ୍ଡିରେ ପଡ଼ିଛି। ଏହି କଥା ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି।

# ଏମ୍‌ପିଙ୍କ ଅଭିଯୋଗରୁ କଣାସରେ ତଦନ୍ତ ଅଧିକାରୀ

କଣାସ, ୫।୧(ସ୍ୱ.ପ୍ର)

୨୦୦୯ ଠାରୁ ୨୦୨୧ ମସିହା ପର୍ଯ୍ୟନ୍ତ ପୁରୀ ଏମ୍‌ପି ପିନାକୀ ମିଶ୍ର କଣାସ ପଞ୍ଚାୟତ ଓ ତ୍ରିଲୋଚନପୁର ପଞ୍ଚାୟତକୁ ଅନୁଦାନ ଦେଇଥିଲେ। ସେହି ଅନୁଦାନ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବା ନେଇ କିଛିଦିନ ତଳେ ଏମ୍‌ପି ମିଶ୍ର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ବିଧିବଦ୍ଧ ତଦନ୍ତ ପାଇଁ ଦାବି କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ପୁରୀ ଜିଲା ପ୍ରଶାସନ ଏପିଡି ରଶ୍ମିରେଖା ଦାସ, ଏପିଡି ଟେକ୍ନିକାଲ୍ ବିମଳ ଚନ୍ଦ୍ର ତିରିଆ, ଏପିଡି ଫାଇନାନ୍ସ ବାଣୀଭୂଷଣ ଦାସ କଣାସ ବ୍ଲକ୍‌ରେ ପହଞ୍ଚିଥିଲେ। ଅଧିକାରୀମାନେ କଣାସ ପଞ୍ଚାୟତର ଡିମିରି, ବିଶ୍ୱାଳିପଡା, ଗାଣ୍ଡପଡା, ଜଳିଆପଡା, କଣାସ ଓ ସହନା ଗ୍ରାମକୁ ଯାଇ ଏମ୍‌ପିଙ୍କ ଅର୍ଥରେ କରାଯାଇଥିବା ବିଭିନ୍ନ କାର୍ଯ୍ୟ ତଦାରଖ କରିଥିଲେ। ବାକି ଥିବା ଚାନ୍ଦପଡା ପୋତାଘର ଏବଂ କୃଷ୍ଣ ନଗରରେ ଅନୁଧ୍ୟାନ କରି ତ୍ରିଲୋଚନପୁର ପଞ୍ଚାୟତରେ ଅନ୍ୟଦିନ ଅନୁଧ୍ୟାନ କରିବେ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।

## ଅବକାରୀ ଚଢ଼ାଉ: ୫ ଗିରଫ

ପୁରୀ ଅଫିସ, ୫।୧:

ଅବକାରୀ ବିଭାଗ ଓ ମୋବାଇଲ ଟିମ୍ ପକ୍ଷରୁ ପୁରୀର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରାଯିବା ସହ ୫ ଜଣଙ୍କୁ ଗିରଫ କରାଯାଇଛି। ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା କନକଦୁର୍ଗା ସାହିରେ ଚଢ଼ାଉ କରାଯାଇ ଭାଙ୍ଗ ବିକ୍ରୀ ଅଭିଯୋଗରେ ରାମଚନ୍ଦ୍ର ସାହୁଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟଚାଲାଣ କରାଯାଇଛି। ତାଙ୍କ ନିକଟରୁ ୧୫ କେଜି ଭାଙ୍ଗ ଜବତ ହୋଇଛି। ଏ ନେଇ କେସ୍ ନଂ. ୫୪/୨୦୨୨ ରୁଜୁ ହୋଇଛି। ସେହିପରି ଅବକାରୀ ମୋବାଇଲ ଟିମ୍ ପକ୍ଷରୁ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣ ଅଞ୍ଚଳରେ ଚଢାଉ କରି ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନରେନ୍ଦ୍ର କୋଣ ବିଶେଶ୍ୱର ଲେନର ଶାନ୍ତି ଭୋଇ, ସରୋଜିନୀ ଦାସ, ସଞ୍ଜୁ ଦାସ ଓ ମଙ୍ଗଳା ସାହିର ରେବା ଭୋଇ। ଏମାନଙ୍କଠାରୁ ମୋଟ ୩୬ ଲିଟର ଦେଶୀ ମଦ ଜବତ ହୋଇଛି। ଏ ନେଇ ଅବକାରୀ ପୋଲିସ ପୃଥକ୍ ମାମଲା ରୁଜୁ କରିଛି।

## ତେଇଶିପୁର ସମିତିରେ ଖୋଲିଲା ଧାନମଣ୍ଡି

ପିପିଲି, ୫।୧(ସ୍ୱ.ପ୍ର./ଡି.ଏନ୍.ଏ.)

ପିପିଲି ବ୍ଲକ ତେଇଶିପୁର ସେବା ସମବାୟ ସମିତି ପରିସରରେ ପ୍ରଥମ ଧାନମଣ୍ଡି ଖୋଲିଛି। ମୁଖ୍ୟ ଅତିଥି ଭାବେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ମଣ୍ଡିର ଉଦ୍‌ଘାଟନ କରିଛନ୍ତି। ଆମ୍ବାର ଅଧକ୍ଷ ତଥା ସମିତିସଭ୍ୟ ଧରଣୀଧର ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରଥମ ଦିନରେ ୨୦କୁଇଣ୍ଟାଲ ଧାନ କିଣା ଯାଇଥିବାବେଳେ ତେଇଶିପୁରସ୍ଥିତ ସାଇକୃପା ରାଇସ ମିଲ୍ ଏହାକୁ ଉଠାଇଛି। ବ୍ଲକରେ ୧୭ଟି ସେବା ସମବାୟ ସମିତି ଅଧୀନରେ ପ୍ରାୟ ୫ହଜାରରୁ ଅଧିକ ଚାଷୀ ଖରିଫ ଧାନ ବିକ୍ରୟ କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ତେଇଶିପୁର ସେବା ସମବାୟ ସମିତିରେ ୩୧୭ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଏମ୍‌ପି ପ୍ରତିନିଧି ଅତିଥି ପ୍ରଫୁଲ୍ଲ ସ୍ୱାଇଁ, ବ୍ଲକ ଅଧକ୍ଷା କଳ୍ପନା ସାମନ୍ତରାୟ, ଉପାଧକ୍ଷ ଯୁଧିଷ୍ଠିର ସ୍ୱାଇଁ, ଜିଲା ପରିଷଦ ସଭ୍ୟା ରାଧାମଣୀ ପ୍ରଧାନ, ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ସ୍ୱାଇଁ, ଗଦାଧର ଦାଶ, ଈଶ୍ୱର ପ୍ରସାଦ ଦାସ ମହତାବ, ତେଇଶିପୁର ସେବା ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ପଣ୍ଡା, ସରପଞ୍ଚ ନରେନ୍ଦ୍ର ଦାସ, କିଶୋର ଛୋଟରାୟ, ଜ୍ୟୋସ୍ନା ପୃଷ୍ଟି, ଡିଆର୍‌ସିଏସ୍ ଭୀମସେନ ସାହୁ, ସ୍ୱରୁପ କର, ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା, ସୁରେନ୍ଦ୍ର ଦତ୍ତ, ବ୍ଲକର ସମବାୟ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମବାୟବିତ୍ ସଦାଶିବ ଦାଶ ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସନାତନ



@ ଓମ୍‌ପ୍ରକାଶ



@ ରଶ୍ମିରେଖା



@ ସମୀକ୍ଷା



@ ସାଗର



@ ରୁପେଶ

# ବ୍ଲୁ ଫ୍ଲାଗ୍ ବିଚ୍‌କୁ ବିରୋଧ: ୨୦ ଦିନରେ ଆନ୍ଦୋଳନ

ପୁରୀ ଅଫିସ, ୫।୧:

ବେଳାଭୂମି ସୁରକ୍ଷା ସମିତି ପକ୍ଷରୁ ପୁରୀ ଚକ୍ରତୀର୍ଥ ବେଳାଭୂମିରେ ପ୍ରସ୍ତାବିତ ବ୍ଲୁ ଫ୍ଲାଗ୍ ବିଚ୍‌କୁ ବିରୋଧ କରି ଚାଲିଥିବା ଆନ୍ଦୋଳନ ବୁଧବାର ୨୦ ଦିନରେ ପହଞ୍ଚିଛି। ସରକାର ନିଜ ଜିଦ୍‌ରେ ଅଟଳ ଥିବାବେଳେ ଆନ୍ଦୋଳନକାରୀମାନେ ମରିବେ ପଛେ ବେଳାଭୂମି ଛାଡ଼ିବେ ନାହିଁ ବୋଲି ରୋକଠୋକ୍ ଶୁଣାଇଛନ୍ତି। ପୁରୀରେ ଆଉ ବ୍ଲୁଫାଗ୍ ବିଚ୍ କରାଇ ଦିଆଯିବ ନାହିଁ ବୋଲି ବେଳାଭୂମି ସୁରକ୍ଷା ସମିତିର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି। ପଟ୍ଟନାୟକ କହିଛନ୍ତି, କୃଷି ବିଲକୁ ବିରୋଧ କରି କୃଷକମାନେ ଯେପରି ଆନ୍ଦୋଳନ କରିଥିଲେ ଆମେ ସେଭଳି ଆନ୍ଦୋଳନ ଜାରି ରଖିଛୁ। ସରକାର ନିଜ ନିଷ୍ପତ୍ତି ନ ବଦଳାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ। ବେଳାଭୂମିରେ ବ୍ଲୁ ଫ୍ଲାଗ ବିଚ୍ ହେଲେ ଗରିବ ବ୍ୟବସାୟୀ ଜୀବିକା ହରାଇବେ। ତେଣୁ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ପୁରୀ ସମୁଦ୍ର କୂଳ ବ୍ୟବସାୟୀ ମହାସଂଘ ଗଠନ କରାଯାଇଛି। ଦରକାର ପଡ଼ିଲେ ନବୀନ ନିବାସ ଘେରାଉ କରାଯିବା ସହ ଦିଲ୍ଲୀରେ ଆନ୍ଦୋଳନ କରାଯିବ।



ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ପରିସରରେ ବୁଧବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଧାନମଣ୍ଡିକୁ ଉଦ୍‌ଘାଟନ କରୁଛନ୍ତି।



ଜଟଣୀସ୍ଥିତ କୁମାରଖାଡିଆ ଗ୍ରାମରେ ବୁଧବାର ରାଜ୍ୟସ୍ତରୀୟ ପୂଜ୍ୟପୂଜା ଗୁରୁ ସମ୍ମାନ ଉତ୍ସବ ଅବସରରେ ପାଇକ ପୁଅମାନେ ଆଖଡା ପ୍ରଦର୍ଶନ କରୁଛନ୍ତି।




ପୁରୀ ଚକ୍ରତୀର୍ଥ ବେଳାଭୂମିରେ ପ୍ରସ୍ତାବିତ ବ୍ଲୁ ଫ୍ଲାଗ୍ ବିଚ୍‌କୁ ବୁଧବାର ବେଳାଭୂମି ସୁରକ୍ଷା ସମିତି ପକ୍ଷରୁ ବିରୋଧ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୬ ଜାନୁୟାରୀ ୨୦୨୨

**୧୨ କେନ୍ଦ୍ରରେ ପରୀକ୍ଷା ଦେଲେ ୨୪୩୫ ଛାତ୍ରୀଛାତ୍ର**

କଣାସ, (ସ୍ୱ.ପ୍ର)- କଣାସ ବ୍ଲକର ୧୨ଟି ସ୍କୁଲ କେନ୍ଦ୍ରରେ ମାଟ୍ରିକ ସମେଟିଭ ପରୀକ୍ଷା ଅନୁଷ୍ଠିତ ହୋଇଛି। ପରୀକ୍ଷା ଦେବା ପାଇଁ ୨୫୨୨ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବାବେଳେ ୨୪୩୫ଜଣ ଉପସ୍ଥିତ ଥିଲେ। ପରୀକ୍ଷା ଆଞ୍ଚଳିକ ଗୌରଚନ୍ଦ୍ର ସ୍କୁଲ, କଣାସ ସରକାରୀ ସ୍କୁଲ, ମହନ୍ତ ବନମାଳୀଦାଶ ବାଳିକା ସ୍କୁଲ, କଲ୍ୟାଣପୁର ସ୍କୁଲ, ଗଡସାନପୁଟ ସ୍କୁଲ, ଦୁର୍ଗାଦେବୀ ସ୍କୁଲ, ଜଙ୍କିଆଗଡସାହି ବିଦ୍ୟାନିକେତନ, ଅଭିରାମ ବିଦ୍ୟାପୀଠ, ଭିକାରୀଚରଣ ବିଦ୍ୟାନିକେତନ, ଗ୍ରାମେଶ୍ୱର ଉଚ୍ଚ ବିଦ୍ୟାଳୟ, କୁଳମଣି ବିଦ୍ୟାପୀଠ, ଗୋପୀନାଥ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ପରୀକ୍ଷା ହୋଇଥିଲା। କଣାସ ସରକାରୀ ଉଚ୍ଚବିଦ୍ୟାଳୟ ନୋଡାଲ କେନ୍ଦ୍ର ଥିବାବେଳେ ବିଡିଓ ଲୋଚନ ଦାସ ଉପସ୍ଥିତ ଥିଲେ। ତହସିଲଦାର ଲକ୍ଷ୍ମୀଧର ମହାରଣା, ଶିକ୍ଷାଧିକାରୀ ମୀନକେତନ ସାମନ୍ତରାୟ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।



# ରାଜଧାନୀରେ ଅଢ଼େଇ ଗୁଣ ବଢ଼ିଲା ସଂକ୍ରମଣ

ଭୁବନେଶ୍ୱର, ୫।୧ (ବ୍ୟୁରୋ)

## ୨୪ ଘଣ୍ଟାରେ ୩୪୧ ଆକ୍ରାନ୍ତ



ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ଏଥିସହ ରାଜଧାନୀ ଭୁବନେଶ୍ୱରରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ସହରରେ ଗତ ସପ୍ତାହେ ହେବ ଆକ୍ରାନ୍ତଙ୍କ ସଂଖ୍ୟା ହୁହୁ ବଢ଼ି ଚାଲିଥିବାବେଳେ ଏବେ ହଠାତ୍ ଅଢ଼େଇ ଗୁଣ ବଢ଼ିଚାଲିଛି। ଗତ ୨୪ ଘଣ୍ଟାରେ ରାଜ୍ୟରୁ ୧୨୧୬ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୫୬ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରୁ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ଅର୍ଦ୍ଧାଧିକ ରାଜଧାନୀ ଭୁବନେଶ୍ୱରର ଅଛନ୍ତି। କେବଳ ଏଥର ନୁହେଁ, ପୂର୍ବରୁ ମଧ୍ୟ ଭୁବନେଶ୍ୱରରେ ସଂକ୍ରମଣ ସମସ୍ତଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଗତ କିଛିଦିନ ହେବ ସହରରେ ସଂକ୍ରମଣ ହାର ୧ଶହ ମଧ୍ୟରେ ରହୁଥିଲାବେଳେ ବୁଧବାର ୩ଶହ ପାର୍ କରିଛି। ମଙ୍ଗଳବାର ୧୪୨ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଗୋଟିଏ ଦିନରେ ସଂକ୍ରମଣ ଦୁଇଗୁଣାରୁ ଅଧିକ ବଢ଼ିଛି। ଗତ ୨୪ଘଣ୍ଟାରେ ମହାନଗର ନିଗମରୁ ୩୪୧ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କ୍ୱାରାଣ୍ଟାଇନରୁ ୩୧ଜଣ ଥିବାବେଳେ ୩୧୦ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସେହିପରି ପଟିଆ ଅଞ୍ଚଳରୁ ସର୍ବାଧିକ ୨୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଚନ୍ଦ୍ରଶେଖରପୁରରୁ ୧୫ଜଣ, ନୟାପଲ୍ଲୀରୁ ୨୦ଜଣ, ପୁରୁଣା ଭୁବନେଶ୍ୱରରୁ ୧୩ଜଣ, ରସୁଲଗଡରୁ ୧୪ଜଣ, ପୋଖରୀପୁଟ, ଶୈଳଶ୍ରୀବିହାରରୁ ୧୦ଜଣ ଲେଖାଏ, ଝାରପଡା, ପାହାଲରୁ ୯ଜଣ ଲେଖାଏ, ଖଣ୍ଡଗିରି, ନୀଳାଦ୍ରିବିହାର, ଜୟଦେବ ବିହାର, ଟଙ୍କପାଣି ରୋଡ୍, ୟୁନିଟ୍-୬ରୁ ୬ଜଣ ଲେଖାଏ, ୟୁନିଟ୍-୯, ଶହୀଦନଗରରୁ ୮ଜଣ ଲେଖାଏ, ଲକ୍ଷ୍ମୀସାଗର, ବଡ଼ଗଡ଼, ଆଇଆର୍‌ସି ଭିଲେଜରୁ ୫ଜଣ ଲେଖାଏ, ଡୁମୁଡୁମା, ବରମୁଣ୍ଡା, କଳ୍ପନା, ୟୁନିଟ୍-୩, ଭିଏସ୍ଏସ୍‌ନଗରରୁ ୩ଜଣ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅପରପକ୍ଷେ ଗୋଟିଏ ଦିନରେ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୯୮ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ଭୁବନେଶ୍ୱରର ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୨ଲକ୍ଷ ୪ହଜାର ୪୫୪କୁ ବୃଦ୍ଧି ପାଇଛି। ତେବେ ସେମାନଙ୍କ ମଧ୍ୟରୁ ୧୨ଲକ୍ଷ ୨ହଜାର ୨୯୪ଜଣ ସୁସ୍ଥ ହୋଇଥିବାବେଳେ ଏବେସୁଦ୍ଧା ହଜାରେ ୩୬ଜଣ ଆକ୍ରାନ୍ତ ସକ୍ରିୟ ଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

### ଜରିମାନା ଆଦାୟ କଡ଼ାକଡ଼ି ନିର୍ଦ୍ଦେଶ

ବର୍ଦ୍ଧିତ ସଂକ୍ରମଣକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ କଟକଣାକୁ ଆହୁରି କଡାକଡି କରାଯାଇଛି। ଜନସାଧାରଣ କୋଭିଡ୍ ଗାଇଡ୍‌ଲାଇନକୁ ଅନୁପାଳନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଘରୁ ବାହାରକୁ ଗଲେ ମୁହଁରେ ଠିକ୍ ଭାବେ ମାସ୍କ ପିନ୍ଧିବା, ପରସ୍ପର ମଧ୍ୟରେ ଅତି କମ୍‌ରେ ୨ ମିଟର ଦୂରତା ବଜାୟ ରଖିବା ସହ ଗହଳିରୁ ଦୂରେଇ ରହିବାକୁ କୁହାଯାଇଛି। କଟକଣା ନ ମାନିଲେ ୫ଶହ ଟଙ୍କା ଜରିମାନା ଆଦାୟ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ୫ କଣ୍ଟେନମେଣ୍ଟ, ୫ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ହେଲା

ଭୁବନେଶ୍ୱର, ୫।୧ (ବ୍ୟୁରୋ)

ରାଜଧାନୀରେ କରୋନା ସଂକ୍ରମଣ ପୁଣି ଉପରମୁହାଁ ହୋଇଛି। ଗୋଟିଏ ଗୋଟିଏ ଅଞ୍ଚଳରୁ ଏକାଧିକ ସଂକ୍ରମିତ ବାହାରୁଥିବାରୁ ସହରରେ କଣ୍ଟେନ୍‌ମେଣ୍ଟ ଜୋନ୍ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ବୁଧବାର ଦକ୍ଷିଣ-ପୂର୍ବ ଜୋନ୍‌ର ୫ ସ୍ଥାନକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କଣ୍ଟେନ୍‌ମେଣ୍ଟ ଓ ଉତ୍ତର ଜୋନ୍‌ର ୫ ସ୍ଥାନକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯାଇଛି। କଣ୍ଟେନମେଣ୍ଟ ଅଞ୍ଚଳଗୁଡ଼ିକ ହେଲା ଦକ୍ଷିଣ-ପୂର୍ବ ଜୋନ୍‌ର ୱାର୍ଡ ନଂ.୨୮ ଅନ୍ତର୍ଗତ ଆଚାର୍ଯ୍ୟ ବିହାରର ସାଇ ମନ୍ଦିର ନିକଟ ପ୍ଲଟ୍ ନଂ. ୧୪୯୯/ଏ, ପାଣି ଟାଙ୍କି ନିକଟ ପ୍ଲଟ୍ ନଂ.୧୩/୬୫, ୱାର୍ଡ ନଂ. ୩୪ ଅନ୍ତର୍ଗତ ସତ୍ୟନଗର ଅଞ୍ଚଳର ପ୍ଲଟ୍ ନଂ.୧୨୦-ବି, ୱାର୍ଡ ନଂ. ୫୩ ଅନ୍ତର୍ଗତ ବାପୁଜୀନଗରସ୍ଥିତ ପ୍ଲଟ୍ ନଂ. ୬୦ ଏବଂ ୱାର୍ଡ ନଂ. ୫୭ ଅନ୍ତର୍ଗତ ଟଙ୍କପାଣି ରୋଡ୍ ବିଷ୍ଣୁନଗରସ୍ଥିତ ପ୍ଲଟ୍ ନଂ. ୧୧୪୭। ତେବେ ସଂକ୍ରମିତ କୌଣସି ବ୍ୟକ୍ତିଙ୍କର ବିଦେଶ ଫେରନ୍ତାଙ୍କ ସହ ଲିଙ୍କ୍ ନ ଥିବା ଜୋନାଲ ଡେପୁଟି କମିଶନର ମହେନ୍ଦ୍ର କୁମାର ବଡେଇ ସୂଚନା ଦେଇଛନ୍ତି। ସେହିପରି ମାଇକ୍ରୋ କଣ୍ଟେନମେଣ୍ଟ ଅଞ୍ଚଳ ହେଲା ଉତ୍ତର ଜୋନ୍‌ର ୱାର୍ଡ ନଂ.୧୨ ଅନ୍ତର୍ଗତ ସୈନିକ ସ୍କୁଲ ନିକଟ କ୍ୱାର୍ଟର ନଂ.୩ଆର୍/୪, ୱାର୍ଡ ନଂ.୪ ଅନ୍ତର୍ଗତ ଇଣ୍ଡିଆନ୍ ଅଏଲ୍ ହାଉସିଂ ସୋସାଇଟିର ତୃତୀୟ ଫ୍ଲୋର୍ ଏ-୩୦୪, ୱାର୍ଡ ନଂ.୧୮ ଅନ୍ତର୍ଗତ ପାଣ୍ଡରାର ପ୍ଲଟ୍ ନଂ.୪୦୪୪/୪, ୱାର୍ଡ ନଂ. ୧୬ ଅନ୍ତର୍ଗତ ଏକ୍ସଆଇଏମ୍‌ବିର ବ୍ଲକ୍ ୨ର କ୍ୱାର୍ଟର ନଂ.୧୨ ଏବଂ ୱାର୍ଡ ନଂ.୭ ଅନ୍ତର୍ଗତ ଶୈଳଶ୍ରୀବିହାର ଲେନ୍-୬ ଓ ଏଚ୍‌ଆଇଜି-୫୬। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। ଏହି ସମୟରେ ସମ୍ପୃକ୍ତ ଅଞ୍ଚଳକୁ ବାହାର ଲୋକଙ୍କ ଯିବାଆସିବା ଉପରେ ରୋକ ଲଗାଯାଇଛି। ସଂକ୍ରମିତ ବ୍ୟକ୍ତି ଓ ସେମାନଙ୍କ ପରିବାରର ଅନ୍ୟ ବ୍ୟକ୍ତିଙ୍କୁ ହୋମ୍ ଆଇସୋଲେଶନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି। ସେହିପରି କଟକଣା ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଓ ମେଡିକାଲ ସହାୟତା ପ୍ରଦାନ ପାଇଁ ବିଏମ୍‌ସି ପକ୍ଷରୁ ବ୍ୟବସ୍ଥା ହୋଇଛି। ୮ ନଂ. ୱାର୍ଡ ପାଇଁ ୱାର୍ଡ ଅଫିସର ରୋହିତ ଚନ୍ଦ୍ର ଦାସ ଓ ଡା. ଶିଳ୍ପା ସୁମନ ଦାୟିତ୍ୱରେ ଥିବାବେଳେ ୩୪ ନଂ. ୱାର୍ଡ ପାଇଁ ୱାର୍ଡ ଅଫିସର ବିଭୂତି ପ୍ରଧାନ ଓ ଡା. ସୁମନ, ୱାର୍ଡ ନଂ. ୫୩ ପାଇଁ ୱାର୍ଡ ଅଫିସର ସୁନୀଲ କୁମାର ବେହେରା ଓ ଡା. ରଜନୀକାନ୍ତ ସାହୁ ଏବଂ ୱାର୍ଡ ନଂ.୫୭ ପାଇଁ ୱାର୍ଡ ଅଫିସର ନେତ୍ରାନନ୍ଦ ରଥ ଓ ଡା. ସାହୁଙ୍କୁ ନିୟୋଜିତ କରାଯାଇଛି। ୱାର୍ଡ ନଂ.୧୨ ପାଇଁ ୱାର୍ଡ ଅଫିସର ଆର୍‌ଏନ୍ ମିଶ୍ର, ମେଡିକାଲ ସହାୟତା ପାଇଁ ଡା. କୁସୁମାଞ୍ଜଳି, ସାନିଟେଶନ ପାଇଁ ପୌମେନ୍ଦ୍ର ପ୍ରଧାନ ଏବଂ ସମସ୍ତ ତଦାରଖ ପାଇଁ ବିଏମ୍‌ସି ସହକାରୀ ଯନ୍ତ୍ରୀ ସୁରଥ କୁମାର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ୪ନଂ. ୱାର୍ଡ ପାଇଁ ୱାର୍ଡ ଅଫିସର ଏ.କେ. ସ୍ୱାଇଁ, ଡା. ଲିଜା, ସହକାରୀ ଯନ୍ତ୍ରୀ ପତିତପାବନ ପଟ୍ଟନାୟକ ଏବଂ ଅନ୍ୟ ୱାର୍ଡ ପାଇଁ ଅନୁରୂପ ଭାବେ ୱାର୍ଡ ଅଫିସର, ଡାକ୍ତର ଏବଂ ସହକାରୀ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ପଦଯାତ୍ରାରେ ଅଯୋଧ୍ୟାରୁ ପୁରୀ ଆସିଲେ ସନ୍ଥ



ପୁରୀ ଅଫିସ, ୫।୧: ଭଗବାନ ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟାରୁ ଚାଲି ଚାଲି ଆସି ସନ୍ଥ ଅମିତ୍ ଯୋଗୀ ବୁଧବାର ଶ୍ରୀକ୍ଷେତ୍ର ପୁରୀରେ ପହଞ୍ଚିଛନ୍ତି। ସେ ୧୮ଶହ କିଲୋମିଟର ପଦଯାତ୍ରା କରିଛନ୍ତି। ଗତ ନଭେମ୍ବର ୨୮ରେ ଅଯୋଧ୍ୟାରୁ ବାହାରିଥିଲେ। ଦୀର୍ଘ ଦେଢ଼ ମାସ ପରେ ପୁରୀରେ ପହଞ୍ଚିଛନ୍ତି ସନ୍ଥ ଅମିତ ଯୋଗୀ ଅଠରନଳାଠାରେ ପହଞ୍ଚିଥିବା ପରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତିର ସଦସ୍ୟମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ସେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଜଗତର କଲ୍ୟାଣ ପାଇଁ ସମର୍ପିତ ସାଧୁସନ୍ଥଙ୍କ ତ୍ୟାଗ ଓ ସନାତନ ଧର୍ମ, ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ ହୋଇ ଜଗନ୍ନାଥ ଧାମକୁ ଆସିଥିବା ସେ କହିଛନ୍ତି। ସେ ବହୁ ତୀର୍ଥକ୍ଷେତ୍ରକୁ ପଦଯାତ୍ରା କରିଥିବା କହିଛନ୍ତି। ମହାପ୍ରଭୁଙ୍କ ଦର୍ଶନ କରିବା ପରେ ସେ ଗୋବର୍ଦ୍ଧନ ପୀଠ ଓ ମହୋଦଧି ଯାଇଥିଲେ।

### ପରୀକ୍ଷା କେନ୍ଦ୍ର ପରିଦର୍ଶନ କଲେ ମନ୍ତ୍ରୀ

ପିପିଲି,୫।୧(ଡି.ଏନ୍.ଏ./ସ୍ୱ.ପ୍ର.)- ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସମେଟିଭ୍ ପରୀକ୍ଷା ବୁଧବାର ଆରମ୍ଭ ହୋଇଯାଇଛି। ପିପିଲି ପୌରାଞ୍ଚଳର ପିପିଲି ନୋଡାଲ ହାଇସ୍କୁଲରେ ଚାଲିଥିବା ଏହି ପରୀକ୍ଷାକୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଅଚାନକ ଗସ୍ତ କରି ପରୀକ୍ଷା ପରିଚାଳନା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। କରୋନା କଟକଣାକୁ ସମ୍ପୂର୍ଣ୍ଣ ଅନୁପାଳନ କରି ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଉଥିବାର ଦେଖି ମନ୍ତ୍ରୀ ଖୁସି ହେବା ସହ ଏହି ପରୀକ୍ଷା ପିଲାମାନଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି ଆଶା ପ୍ରକାଶ କରିଥିଲେ। ପିପିଲି ବ୍ଲକର ୧୩ଟି ପରୀକ୍ଷା କେନ୍ଦ୍ରରେ ୨୨୭୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧୯୨ଜଣ ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ୮୬ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ନେଇ ପିପିଲି ନୋଡାଲ କେନ୍ଦ୍ରର ଇନ୍‌ଚାର୍ଜ ତଥା ପିପିଲି ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ମହାନ୍ତି ସୂଚନା ଦେଇଛନ୍ତି। ଏହି ପରୀକ୍ଷା ପାଇଁ ବ୍ଲକର ସମସ୍ତ ପରୀକ୍ଷା କେନ୍ଦ୍ରକୁ ବିଶୋଧନ କରାଯାଇଥିବା ସୂଚନା ମିଳିଛି।

### ପୁନର୍ନିର୍ମିତ ଛାତ୍ରୀନିବାସ ଗୃହ ଉଦ୍‌ଘାଟନ

ନିମାପଡ଼ା,୫।୧(ଡି.ଏନ୍.ଏ.)- ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଫନୀ ସହାୟତା ପାଣ୍ଠି ୨୩ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନରେ ପୁନଃନିର୍ମିତ ଛାତ୍ରୀନିବାସ ଗୃହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସମାରୋହରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି ଗୃହକୁ ଉଦ୍‌ଘାଟନ କରିଥିଲେ। ଏହି କଲେଜ ଓ ଛାତ୍ରୀନିବାସର ବିକାଶ ପାଇଁ ୧୦ଲକ୍ଷ ଟଙ୍କା ଆର୍ଥିକ ସହାୟତା ଖୁବଶୀଘ୍ର ପ୍ରଦାନ କରିବେ ବୋଲି ମନ୍ତ୍ରୀ ଦାଶ କହିଥିଲେ। ସମ୍ମାନିତ ଅତିଥି ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର କଲ୍ୟାଣ ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷ ପ୍ରଭାତ ମିଶ୍ର, ଶିକ୍ଷାବିତ ସନ୍ତୋଷ ମିତ୍ର ପ୍ରମୁଖ ଯୋଗଦେଇ କଲେଜର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକମାନେ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିସହ ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟରେ କୃତୀ ହୋଇଥିବା ୧୯ଜଣ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ପରେ ମହାବିଦ୍ୟାଳୟ ପରିସରରେ ସମ୍ପ୍ରସାରିତ ପାଠାଗାର ପ୍ରକଳ୍ପକୁ ମନ୍ତ୍ରୀ ଦାଶ ଉଦ୍‌ଘାଟନ କରିଥିଲେ।



ଭୁବନେଶ୍ୱରଠାରେ ବୁଧବାର କମିଶନରେଟ ପୋଲିସର ୧୪ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ପୁରସ୍କୃତ ଶ୍ରେଷ୍ଠ ପୋଲିସ ଅଧିକାରୀ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ୧୭ ଆଇଏଏସ୍ ଶିକ୍ଷା ନବିସ

ପୁରୀ ଅଫିସ, ୫।୧

**■ଉନ୍ନୟନମୂଳକ ପ୍ରକଳ୍ପ ବିଷୟରେ ବୁଝିଲେ**

ଭାରତୀୟ ପ୍ରଶାସନିକ ସେବାରେ ନବନିଯୁକ୍ତ ୧୭ଜଣ ଶିକ୍ଷା ନବିସ 'ଭାରତ ଦର୍ଶନ' କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ବୁଧବାର ପୁରୀ ପରିଦର୍ଶନରେ ଆସିଛନ୍ତି। ସେମାନଙ୍କୁ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଶୁଭେଚ୍ଛା ଜଣାଇ ଥିଲେ। ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷରେ ସେମାନଙ୍କୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ସୁମନ୍ତ କୁମାର କର, ୱାଟ୍‌କୋ ଜେନେରାଲ ମ୍ୟାନେଜର ଶରତ ମିଶ୍ର ପ୍ରମୁଖ ହେରିଟେଜ କରିଡର, ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଏବଂ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇଥିଲେ। ସେମାନେ ତାଳବଣିଆ ଯାଇ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ବ୍ଲୁ ଫ୍ଲାଗ୍ ବିଚ୍ ବୁଲି ସାରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ସେମାନେ କୋଣାର୍କ ଯାଇ ସୂର୍ଯ୍ୟମନ୍ଦିର ବୁଲି ଦେଖିଥିଲେ। ଏହି ଅବସରରେ ଜିଲା ବନଖଣ୍ଡ ଅଧିକାରୀ ପି.ରାମାସ୍ୱାମୀ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତି ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଡେପୁଟି କଲେକ୍ଟର ଗୋପୀନାଥ ମିଶ୍ର, ଓଡ଼ିଶା ସେତୁ ନିର୍ମାଣ ନିଗମ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାତ ପାଣିଗ୍ରାହୀ ଏବଂ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବି. ଆଶିଷ କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ପରିଦର୍ଶନରେ ଆସିଥିବା ଆଇଏଏସ୍ ଶିକ୍ଷା ନବିସମାନେ।

## ଅସହାୟ ବ୍ୟକ୍ତିଙ୍କୁ ହାତ ବଢ଼ାଇଲେ ସ୍ୱେଚ୍ଛାସେବୀ

ପୁରୀ ଅଫିସ, ୫।୧:

ମାର୍କେଟ ଛକଠାରେ ରୋଗାକ୍ରାନ୍ତ ହୋଇ ପଡ଼ିଥିବା ଜଣେ ବ୍ୟକ୍ତିଙ୍କୁ ବୁଧବାର ଦୁଇଜଣ ସ୍ୱେଚ୍ଛାସେବୀ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତେବେ ବ୍ୟକ୍ତି ଜଣକ ନିଜର ପରିଚୟ ଠିକ ରୂପେ ଦେଇ ପାରୁ ନ ଥିବା ବେଳେ କେବଳ ତାଙ୍କ ନାମ ଚରଣ କାଣ୍ଡି ଓ ଘର ଭୁବନେଶ୍ୱର ଧଉଳିରେ ବୋଲି କହୁଥିବା ଜଣାଯାଇଛି। ବ୍ୟକ୍ତି ଜଣକ ୧୦ ଦିନ ହେବ ମାର୍କେଟ ଛକ ନିକଟରେ ପଡ଼ିଥିବା ଖବର ପାଇବା ପରେ ସ୍ୱେଚ୍ଛାସେବୀ ଅବିନାଶ ମିଶ୍ର ଓ ବିଷ୍ଣୁ ପ୍ରସାଦ ସାହୁ ପହଞ୍ଚି ତାଙ୍କୁ ଉଦ୍ଧାର କରିଛନ୍ତି। ତାଙ୍କ ଗୋଡ଼ରେ ବଡ଼ ଘା' ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଚିକିତ୍ସା ପରେ ସେ ସୁସ୍ଥ ଥିବା ସୂଚନା ମିଳିଛି।

## ବଟି ମାଗି ଯୁବକ ଗିରଫ

ପୁରୀ ଅଫିସ, ୫।୧:

ବଟି ମାଗିବା ସହ ଗାଳିଗୁଲଜ କରି ଧମକ ଦେବା ଏବଂ ଜିନିଷପତ୍ର ଭଙ୍ଗାରୁଜା କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ବୁଧବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବାସେଳି ସାହି ଥାନା ଅନ୍ତର୍ଗତ ମିଶ୍ର ସାହିର ମନିଷ ସମୀର ମିଶ୍ର (୨୬)। ପୋଲିସ ତାଙ୍କଠାରୁ ଭଙ୍ଗା ପ୍ରିଷ୍ଟର ଜବତ କରିଛି । ଏ ନେଇ କେସ୍ ନଂ ୨/୨୨ ରୁଜୁ ହୋଇଛି। ଟାଉନଥାନା ଅନ୍ତର୍ଗତ ମାର୍କେଣ୍ଡେଶ୍ୱର ସାହି ରାମଜୀ ମଠ ଅଞ୍ଚଳର ଅରୁଣ ସାହୁଙ୍କୁ ସେ ଧମକ ଦେଇ ବଟି ମାଗିଥିବା ଅଭିଯୋଗ ହୋଇଥିଲା।

## ଦର ନିର୍ଦ୍ଧାରଣ ବିନା ସରଳୀକରଣ ମୂଲ୍ୟହୀନ

ପୁରୀ ଅଫିସ,୫।୧:

**ମୁଖ୍ୟ ପ୍ରସଙ୍ଗ ହଜିଗଲା, ସାଧାରଣରେ ଅସନ୍ତୋଷ**

ରାଜ୍ୟ କ୍ୟାବିନେଟ୍‌ରେ ବୁଧବାର ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ-୧୯୫୪ ସଂଶୋଧନ ଅନୁମୋଦିତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିର ବିକ୍ରି, ଲିଜ୍ ଓ ହସ୍ତାନ୍ତର ପ୍ରକ୍ରିୟାକୁ ରାଜ୍ୟ ସରକାର ସରଳୀକରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିକ୍ରି, ଲିଜ ଓ ହସ୍ତାନ୍ତର ପାଇଁ ଶ୍ରୀମନ୍ଦିର ପ୍ରଶାସନ ରାଜ୍ୟ ସରକାରଙ୍କ ଅନୁମତି ବିନା ତୁରନ୍ତ ଫଇସଲା କରିପାରିବେ। ଶ୍ରୀମନ୍ଦିର ପ୍ରଶାସନ ସହ ଜଡ଼ିତ ଅଧିକାରୀମାନେ ଏହି ନିଷ୍ପତ୍ତି ନେଇପାରିବେ। ଯାହା ଫଳରେ ପ୍ରକ୍ରିୟା ତ୍ୱରିତ ହେବା ସହ ଜନସାଧାରଣ ଉପକୃତ ହେବେ। ମାତ୍ର ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ନେଇ ପୁରୀ ଜିଲାରେ ଅସନ୍ତୋଷ ଦେଖିବାକୁ ମିଳିଛି। ଦୀର୍ଘବର୍ଷ ଧରି ଜମିରୁ ଉପକୃତ ହୋଇପାରୁ ନ ଥିବା ଲୋକେ କ୍ୟାବିନେଟ୍‌ର ଏହି ନିଷ୍ପତ୍ତିକୁ ନିର୍ବାଚନ ପୂର୍ବବର୍ତ୍ତୀ ଏକ ଚାଲ୍ ବୋଲି କହିଛନ୍ତି।

ଭିଟାମାଟି ଅଧିକାର ମଞ୍ଚର ଆବାହକ ଶ୍ରୀକାନ୍ତ ପରିଜା କହିଛନ୍ତି, ରାଜ୍ୟ ସରକାର ମୁଖ୍ୟ ପ୍ରସଙ୍ଗକୁ ହଜାଇଦେଲେ। ଜମି ହସ୍ତାନ୍ତର ପାଇଁ ଏକ ସରଳୀକରଣ ବ୍ୟବସ୍ଥା ସ୍ୱାଗତ ଯୋଗ୍ୟ। ମାତ୍ର ଏହା ମୁଖ୍ୟ ପ୍ରସଙ୍ଗ ନୁହେଁ। ୩୦ରୁ ୪୦ ବର୍ଷ ଧରି ହଜାର ହଜାର ପରିବାର ପୁରୀ ସହରରେ ବିଭିନ୍ନ ମଠଠାରୁ ଜମି କିଣି ଘର କରିଛନ୍ତି। ସେହିଭଳି ଗ୍ରାମାଞ୍ଚଳରେ ମଧ୍ୟ ଲୋକେ ଜଗନ୍ନାଥଙ୍କ ଜମିରେ ଚାଷବାସ କରୁଛନ୍ତି। ୨୦୦୩ ମସିହାରେ ୟୁନିଫର୍ମ ପଲିସିରେ ଶ୍ରୀମନ୍ଦିର ପ୍ରଶାସନ ଡିସିମିଲ ପିଛା ୩ହଜାର ଟଙ୍କା ପର୍ଯ୍ୟନ୍ତ ନେଇ ଜମି ଦେଉଥିଲେ। ପରେ ୨୦୧୮ ୟୁନିଫାଏଡ୍ ପଲିସିରେ ଏହାକୁ ବଜାର ଦରରେ ବିକ୍ରି କରାଯିବ ବୋଲି କୁହାଗଲା। ବଜାର ଦର ଅନୁଯାୟୀ ଡିସିମିଲ ପିଛା ଲୋକେ ଲକ୍ଷ ଲକ୍ଷ ଟଙ୍କା ଦେଇ ଜମି କିଣିବାରେ ଅସମର୍ଥ। ଏଭଳି ସ୍ଥଳେ ଆମେ ସରକାରଙ୍କ ନିକଟରେ ଏକ ନୂଆ ୟୁନିଫର୍ମ ପଲିସି ପାଇଁ ଦାବି କରିଥିଲୁ। ଲୋକେ ୩୦ ବର୍ଷ ତଳେ ବଜାର ଦରରେ ଥରେ ଜମି କିଣିସାରିଛନ୍ତି। ପୁଣି ଥରେ ବଜାର ଦରରେ ଜମି କିଣିବାକୁ ବାଧ କରିବା ଏକଚାଟିଆ ଓ ଜନବିରୋଧୀ ନିଷ୍ପତ୍ତି। ସରକାର ଏସମ୍ପର୍କରେ ମୁହଁ ଖୋଲିଲେ ନାହିଁ, କେବଳ ସରଳୀକରଣ କଥା କହିଲେ। ଜମି ସ୍ଥାନାନ୍ତରଣ ଦେଇ ଠିକ ଦର ଠିକ୍ ନ ହୋଇପାରିଲେ ପ୍ରକ୍ରିୟା ସରଳୀକରଣ ହେବା ଦ୍ୱାରା ଲୋକଙ୍କର କୌଣସି ଲାଭ ହେବ ନାହିଁ ବୋଲି ଶ୍ରୀକାନ୍ତ କହିଛନ୍ତି। ସେହିପରି ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି, ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଅର୍ଥ ଯୋଗାଡ଼ ଆଶାରେ ଏଭଳି କରିଛନ୍ତି। ସରକାର ୟୁନିଫର୍ମ ପଲିସି ସମ୍ପର୍କରେ ସ୍ପଷ୍ଟ ମତ ନ ରଖି ଲିଜ୍ ଓ ବିକ୍ରି ଭଳି ଦାୟିତ୍ୱ ଶ୍ରୀମନ୍ଦିର ପ୍ରଶାସନକୁ ଦେଲେ। ଫଳରେ ଜଗନ୍ନାଥଙ୍କ ଜମି ମୁଷ୍ଟିମେୟ ଲୋକଙ୍କ ହାତକୁ ଯିବ। ଅର୍ଥ ଲୋଭରେ ଅଧିକାରୀମାନେ ମହାପ୍ରଭୁଙ୍କ ଜମିକୁ ବନ୍ଧକ ଓ ଲିଜ୍‌ରେ ଦେଇପାରିବେ। ଜମିମାଫିଆ ଜମି ଲିଜ୍‌ରେ ନେବେ ଓ ପ୍ରଶାସନିକ ଅଧିକାରୀ ଦର ନିର୍ଦ୍ଧାରଣ କରିବେ। ଉଭୟଙ୍କ ମଧୁଚନ୍ଦ୍ରିକାରେ ଜମି ଭୂଲୁଣ୍ଠିତ ହେବ । ମଠଠାରୁ ମହାପ୍ରଭୁଙ୍କ ଜମି କିଣିଥିବା ଲୋକେ ବିକ୍ରି, ବନ୍ଧକ ଓ ସ୍ଥାନାନ୍ତରଣ ଇତ୍ୟାଦି କରିପାରୁନାହାନ୍ତି। ସରକାର ପ୍ରଥମେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦର ନିର୍ଦ୍ଧାରଣ କରିବା ଉଚିତ।

## ସ୍ମାର୍ଟ ସ୍କୁଲରେ ଶୌଚାଳୟ ନାହିଁ, ପରୀକ୍ଷାର୍ଥୀ ଅସନ୍ତୁଷ୍ଟ

ଗୋପ,୫।୧(ଡି.ଏନ୍.ଏ.)

ରାଜ୍ୟ ସରକାର ଶିକ୍ଷାକୁ ଅଧିକ ମାତ୍ରାରେ ଗୁରୁତ୍ୱ ଦେବା ସହ ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି କରିବା ନିମନ୍ତେ ଗୋପ ବ୍ଲକରେ ୪ଟି ସ୍ମାର୍ଟସ୍କୁଲକୁ ମୁଖ୍ୟମନ୍ତ୍ରୀ ନଭେମ୍ବର ୨୦ରେ ଭର୍ଚୁଆଲରେ ଉଦ୍‌ଘାଟନ କରିଥିଲେ। କିନ୍ତୁ ତରବରିଆ ଭାବେ ଅଧାପନ୍ତରିଆ ସ୍କୁଲଗୁଡ଼ିକୁ ବ୍ଲକ ପ୍ରଶାସନ ମିଥ୍ୟା ଦର୍ଶାଇ ଉଦ୍‌ଘାଟନ କରିଥିଲେ। ଉକ୍ତ ସ୍କୁଲ ମଧ୍ୟରେ ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲରେ ଶୌଚାଳୟ ନାହିଁ। ଫଳରେ ବୁଧବାର ଉକ୍ତ ସ୍କୁଲରେ ପରୀକ୍ଷା ଦେବାକୁ ଆସିଥିବା ମାଟ୍ରିକ ସମେଟିଭ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ପ୍ରକାଶ ଯେ, ପୂର୍ବରୁ ଉକ୍ତ ସ୍କୁଲର ପୁରୁଣା ଶୌଚାଳୟ ଥିଲା। ହେଲେ ଅଧ୍ୟୟନରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅବହେଳା ଯୋଗୁ ମରାମତି ହୋଇପାରିଲା ନାହିଁ। ଫଳରେ ସ୍କୁଲ ସ୍ମାର୍ଟସ୍କୁଲରେ ପରିଣତ ହେବା ପରେ ମଧ୍ୟ ଏପର୍ଯ୍ୟନ୍ତ ଶୌଚାଳୟ କରିବା ପ୍ରତି କେହି ଗୁରୁତ୍ୱ ଦେଲେ ନାହିଁ। ବୁଧବାର ଏହି ସ୍ମାର୍ଟ ସ୍କୁଲରେ ମାଟ୍ରିକ ସମେଟିଭ ପରୀକ୍ଷା ସେଣ୍ଟରରେ ୨୩୪ ପରୀକ୍ଷାର୍ଥୀ ଆସିଥିଲେ। ହେଲେ ଶୌଚାଳୟଟିଏ ନ ଥିବାରୁ ବହୁ ହଇରାଣ ହୋଇଥିବା ନେଇ ସ୍କୁଲ କର୍ତ୍ତୃପକ୍ଷକୁ ଜଣାଇଥିଲେ। ଏ ନେଇ ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି, ଖୁବଶୀଘ୍ର ସ୍ମାର୍ଟ ଶୌଚାଳୟ ନିର୍ମାଣ କରାଯିବ ବୋଲି କହି ଅନ୍ୟ ପ୍ରଶ୍ନକୁ ଏଡ଼ାଇ ଦେଇଥିଲେ।




୭ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ଆଶା ସାଥୀ ସଂଘ ପକ୍ଷରୁ ଆଶା ସାଥୀମାନେ ବୁଧବାର ଭୁବନେଶ୍ୱରସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।




ଉଠାଦୋକାନୀଙ୍କୁ ଥଇଥାନ ଦାବିରେ କଟକ ଉଠାଦୋକାନୀ ସଂଘ ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ।



ଜାତୀୟ ସାଧାରଣତନ୍ତ୍ର ଦିବସ ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ବାଦ୍ ପଡିବା ପ୍ରସଙ୍ଗରେ ଉତ୍କଳ ସମ୍ମିଳନୀ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।